DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୮/୨୦୨୫ (୧୨ ପୃଷ୍ଠା) Bhubaneswar, Monday, September 8/2025 Page 12 ₹ 7.00
୫୧ଶ ଭାଗ ୨୮୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 284 ମୂଲ୍ୟ ₹୭/-



## ସାବାଲେଙ୍କାଙ୍କୁ ୟୁଏସ୍ ଓପନ ଟାଇଟଲ

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୨

୦୨

## ଅଲ୍ଲୁ ଶ୍ରେଷ୍ଠ ଅଭିନେତା, ରଶ୍ମିକା ଶ୍ରେଷ୍ଠ ଅଭିନେତ୍ରୀ

'ଏସ୍ଆଇଆଇଏମ୍ଏ ୨୦୨୫'ରେ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତା ଭାବେ ଅଲ୍ଲୁ ଅର୍ଜୁନଙ୍କୁ ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରଶ୍ମିକା ମନ୍ଦାନାଙ୍କୁ ସମ୍ମାନିତ କରାଯାଇଛି।





ଧରିତ୍ରୀର ପ୍ରାଣପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ସାର ପାଇଁ ରାସ୍ତାରେ ଚାଷୀ

ରାଜ୍ୟର ବିଭିନ୍ନ ଜିଲାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ସାର ପାଇଁ କେଉଁଠି ଚାଷୀମାନେ ଗୋଦାମ ଆଗରେ ଅନିଦ୍ରା ହୋଇ ରାତିରୁ ଲମ୍ବା ଲାଇନ୍ ଲଗାଇଲେଣି ତ କେଉଁଠି ରାସ୍ତା ଅବରୋଧ କଲେଣି। ଶନିବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଏବଂ ଭବାନୀପାଟଣା ସରକାରୀ ସାର ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀମାନେ ଲମ୍ବା ଧାଡ଼ି ଲଗାଇଥିବାବେଳେ ବରଗଡ଼ ଜିଲା ଘେଁସଠାରେ ଏକ ୟୁରିଆ ସାର ବୋଝେଇ ଟ୍ରକ୍‌କୁ ଚାଷୀମାନେ ଅଟକାଇବା ସହ ଯୋଗାଣ କେନ୍ଦ୍ରକୁ ଘେରିଥିଲେ। ଅନୁରୂପ ଭାବେ ରବିବାର ମଧ୍ୟ ଦେବଗଡ଼ ଜିଲା ରିଆମାଳ ବ୍ଲକରେ ସାର ଅଭାବ ଏବଂ କଳାବଜାରକୁ ବିରୋଧ କରି ଶତାଧିକ ଚାଷୀ ରାସ୍ତାରୋକୋ କରିଥିବାବେଳେ ମାଲକାନାଗିରି ଜିଲା ଏମ୍‌ଭି -୭୯ରେ ସମାନ ଅଭିଯୋଗ ଆଣି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ ବୋଲି ସରକାରୀସ୍ତରରେ କୁହାଯାଉଥିବାବେଳେ ବାସ୍ତବକ୍ଷେତ୍ରରେ ତାହା ଭିନ୍ନ ବୋଲି ଉପରୋକ୍ତ ଘଟଣାରୁ ମନେହେଉଛି। ସାର କଳାବଜାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାଷୀଙ୍କୁ ଠିକ୍‌ଭାବେ ସାର ଯୋଗାଇବାକୁ ଦାବି ହୋଇଛି।



ଚାଷୀମାନେ ସାର ନ ପାଇ ମାଲକାନାଗିରି ଜିଲା କାଲିମେଲା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥ ରବିବାର ଅବରୋଧ କରିଛନ୍ତି।

**▪ କଳାବଜାର ବିରୋଧରେ ଦେବଗଡ଼ରେ ଶତାଧିକ ଚାଷୀଙ୍କ ବିକ୍ଷୋଭ**

**▪ ମାଲକାନଗିରିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ**

ଦେବଗଡ଼/କାଲିମେଲା/ଏମ୍‌ଭି- ୭୯, ୭।୯( ଶଶାଙ୍କ ଶେଖର ଝାଙ୍କର/ଜୀବନ କୃଷ୍ଣ ଦାସ/ଭିକି ବାରିକ)

ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଚାଷ ପାଇଁ ରୁଆ, ବେଉଷଣ କାର୍ଯ୍ୟ ଜାରି ରହିଛି। ଏପରିସ୍ଥଳେ ଚାଷୀଙ୍କୁ ୟୁରିଆ ସାରର ଆବଶ୍ୟକତା ରହିଛି। ସରକାର ୟୁରିଆ ସାର ବସ୍ତା ପ୍ରତି ୨୬୮ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ହେଲେ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ଯଥେଷ୍ଟ ପରିମାଣର ସାର ଯୋଗାଇ ଦିଆଯାଉନାହିଁ। ଏହାର ଫାଇଦା ଉଠାଇ ଘରୋଇ ଡିଲର ୟୁରିଆ ସାର ବସ୍ତା ୩୫୦ରୁ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଠିକ୍ ସମୟରେ ୟୁରିଆ ସାର ନ ପାଇଲେ ଭଲ ଧାନ ଅମଳ କରିବାର ଆଶା ହରାଉଛନ୍ତି ଚାଷୀ। ଫଳରେ ସେମାନେ ଅନ୍ୟ ଉପାୟ ନ ପାଇ ଚଢ଼ାଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ରାତିବେଳା ☞ପୃଷ୍ଠା-୪

## ହକି ଏସିଆ କପ୍: ଭାରତ ଚାମ୍ପିୟନ

ରାଜଗିର(ବିହାର),୭।୯

ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକି ଏସିଆ କପ୍‌ର ୧୨ତମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଛି। ପୂରା ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ଆୟୋଜକ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚତୁର୍ଥ ଥର ପାଇଁ ଚାମ୍ପିୟନ ହୋଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତା ବର୍ଷ ହେବାକୁ ଥିବା ଏଫ୍ଆଇଏଚ୍ ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। (ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

## କାଠଗୁଡ଼ା ଗଡ଼ିଗଲା

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

**▪ ନାଳରୁ ମିଳିଲା କ୍ଷତବିକ୍ଷତ ମୃତଦେହ**

**▪ ଦୋଷୀଙ୍କୁ ଧରିବା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ**

ବନ୍ତଲା, ୭।୯(ସୁଶିତ ସାହୁ)

ଖେଳିବା ପାଇଁ ଘରୁ ବାହାରକୁ ଯାଇଥିବା ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏନେଇ ନାବାଳିକାଙ୍କ ବାପା ରବିବାର ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଘଟିଛି ଅନୁଗୋଳ ବ୍ଲକ ବାଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗାଁରେ। ନାବାଳିକାଙ୍କ ଭାଇଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ୩ଟା ବେଳେ ସମ୍ପୃକ୍ତ ନାବାଳିକା ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇପଡ଼ିଥିଲେ। ଏନେଇ ରାତି ୧୦ଟାରେ ପରିବାର ଲୋକେ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ପୁନର୍ବାର ଖୋଜିବାକୁ ଯାଇ ନାବାଳିକାଙ୍କ ☞ପୃଷ୍ଠା-୪

# ରୁଷିଆର କ୍ୟାନ୍‌ସର ଟିକା ବ୍ୟବହାର ପାଇଁ ପ୍ରସ୍ତୁତ

ମସ୍କୋ,୭।୯

ରୁଷୀୟ ବୈଜ୍ଞାନିକମାନେ ବିକଶିତ କରିଥିବା ନୂଆ କ୍ୟାନ୍‌ସର ଟିକାର ସଫଳ କ୍ଲିନିକାଲ ପରୀକ୍ଷା ପରେ ତାହା ଏବେ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଥିବା ଫେଡେରାଲ ମେଡିକାଲ ଆଣ୍ଡ ବାୟୋଲୋଜିକାଲ ଏଜେନ୍ସି (ଏଫ୍ଏମ୍‌ବିଏ) ପକ୍ଷରୁ କୁହାଯାଇଛି। ଇଷ୍ଟର୍ନ ଇକୋନୋମିକ୍ ଫୋରମ୍‌ରେ ଏଫ୍ଏମ୍‌ବିଏ ମୁଖ୍ୟ ଭେରୋନିକା ସ୍କୋର୍ଟସୋଭା ଏହା ଘୋଷଣା କରିଛନ୍ତି। କୋଭିଡ୍-୧୯ ଭାକ୍ସିନ୍‌ରେ ବ୍ୟବହୃତ ଦୃଷ୍ଟିକୋଣ ଏମ୍ଆର୍ଏନ୍ଏ ଟେକ୍ନୋଲୋଜି ଆଧାରରେ ଇଣ୍ଟେରୋମିକ୍ସ ନାମକ କ୍ୟାନ୍‌ସର ଟିକା ପ୍ରସ୍ତୁତ ହୋଇଛି। ଦୁର୍ବଳ ଭୂତାଣୁ ବ୍ୟବହାର କରିବା ପରିବର୍ତ୍ତେ ଏମ୍ଆର୍ଏନ୍ଏ ଭାକ୍ସିନ୍ ଶରୀରର କୋଷଗୁଡ଼ିକୁ ପ୍ରୋଟିନ୍ ଉତ୍ପନ୍ନ କରିବାକୁ ଶିଖାଇଥାଏ, ଯାହା କ୍ୟାନ୍‌ସର ସେଲ୍ ବିରୋଧରେ ପ୍ରତିରୋଧ କ୍ଷମତା ବଢ଼ାଇଥାଏ।

DSPL-248

ଓମ୍‌ଫେଡ୍
କ୍ଷୀର ଓଡ଼ିଶାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ ଓ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କୁ
ଆନ୍ତରିକ ଧନ୍ୟବାଦ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପନିର ଓ ୟୁଏଚଟି ମିଲ୍କରୁ ଜିଏସଟି ଛାଡ ଏବଂ ବଟର, ଘିଅ, ଆଇସକ୍ରିମ୍ ପରି ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସଟି ହ୍ରାସ ପାଇଁ ଓମଫେଡ଼ ସହ ଜଡ଼ିତ ଓଡ଼ିଶାର ଅଗଣିତ ଗୋପାଳକ, ଦୁଗ୍ଧଉତ୍ପାଦକ ଓ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବହାରକାରୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକତାର ସହ ଧନ୍ୟବାଦ ଅର୍ପଣ କରୁଛୁ।

ସରକାରଙ୍କ ଏପରି ଯୁଗାନ୍ତକାରୀ ପଦକ୍ଷେପ ଓମ୍‌ଫେଡ୍ ସହ ଜଡ଼ିତ ପ୍ରାୟ ଚାରି ହଜାର ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ଅଢେଇ ଲକ୍ଷ ଗୋପାଳକଙ୍କୁ ଲାଭବାନ କରିବ । ଓମ୍‌ଫେଡ୍ ପ୍ରସ୍ତୁତ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବହାର କରୁଥିବା ରାଜ୍ୟର ପ୍ରାୟ ଦୁଇ କୋଟିରୁ ଊର୍ଦ୍ଧ୍ୱ ଗ୍ରାହକ ଏହି ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ଉପକୃତ ହେବେ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନରେ ଓମଫେଡ଼ ସର୍ବଦା ଗୁଣାତ୍ମକ ମାନ ବଜାୟ ରଖିଆସିଛି। ଉଚ୍ଚ ଗୁଣବତ୍ତା ଓ ଶୁଦ୍ଧତା ପାଇଁ ଏହା ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ଓଡ଼ିଆ ଅସ୍ମିତାର ଉପଯୁକ୍ତ ଉଦାହରଣ ସାଜିଛି।

ଜିଏସଟି ହ୍ରାସ ମାଧ୍ୟମରେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଓମଫେଡ଼ ସହ ସଂଲଗ୍ନ ଦୁଗ୍ଧଉତ୍ପାଦକ ଓ ଗ୍ରାହକଙ୍କ ମୁହଁରେ ହସ ଫୁଟାଇବା ସାଙ୍ଗକୁ ସରକାରଙ୍କ ପ୍ରତି ଗଭୀର ବିଶ୍ୱାସର ବାତାବରଣ ସୃଷ୍ଟି କରିବ।

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧଉତ୍ପାଦକ ମହାସଂଘ ଲିମିଟେଡ୍










OIPR-06063/13/0222/2526

**ନଦୀକୁ ଖସିଲା କାର୍, ୩ ପୋଲିସ ଭାସିଗଲେ**

ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଏକ ପୋଲିସ କାର୍ ଶନିବାର ରାତିରେ ଶିପ୍ରା ନଦୀ ବ୍ରିଜ୍ ଉପରୁ ଖସିପଡ଼ିଥିଲା। ଫଳରେ କାର୍‌ରେ ଥିବା ୩ ଜଣ ପୋଲିସ ନଦୀରେ ଭାସିଯାଇଥିଲେ। ରବିବାର ଘଟଣାସ୍ଥଳରୁ ଉଦ୍ଧାରକାରୀ ଦଳ ଉନ୍‌ହେଲ ଥାନା ଇନ୍‌ଚାର୍ଜ ଅଶୋକ ଶର୍ମାଙ୍କ ମୃତଦେହକୁ ଜବତ କରିଥିବା ବେଳେ ସବ୍ ଇନ୍‌ସପେକ୍ଟର ମଦନଲାଲ ନିନାମା ଏବଂ କନ୍‌ଷ୍ଟେବଲ ଆରତୀ ପାଲ୍ ନିଖୋଜ ରହିଛନ୍ତି।

## ଆମେରିକା ସାମଗ୍ରୀ ଉପରେ ୭୫% ଟାରିଫ୍ ଲଗାଅ

**ପ୍ରଧାନମନ୍ତ୍ରୀଙ୍କୁ କେଜ୍‌ରିୱାଲଙ୍କ ଆହ୍ୱାନ**

ରାଜକୋଟ,୭।୯

ଭାରତରୁ ରପ୍ତାନି ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସାହସ ଥିଲେ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୭୫ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର ଆହ୍ୱାନ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି, ଆମେରିକାରୁ ଆମଦାନୀ ତୁଳା ଉପରେ ଭାରତ ଡିସେମ୍ବର ୩୧ ପର୍ଯ୍ୟନ୍ତ ୧୧ ପ୍ରତିଶତ ଶୁଳ୍କ ଛାଡ଼ କରିଥିବାରୁ ଏହା ଭାରତୀୟ କପାଚାଷୀଙ୍କୁ କ୍ଷତିଗ୍ରସ୍ତ କରିଛି। ଏହା ଆମେରିକା ଚାଷୀଙ୍କୁ ଧନୀ କରିବା ସହ ଗୁଜରାଟ ଚାଷୀଙ୍କୁ ଗରିବ କରିଦେବ ବୋଲି ସେ କହିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ସାହସ ଦେଖାନ୍ତୁ, ତାଙ୍କ ପଛରେ ସାରା ଦେଶ ଛିଡ଼ା ହୋଇଛି। ଆମେରିକାର ୫୦% ଟାରିଫ୍ ଜବାବରେ ଭାରତ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ୭୫% ଶୁଳ୍କ ଲଗାଉ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଥିରେ ନଇଁଛନ୍ତି କି ନାହିଁ ଦେଖାଯାଉ ବୋଲି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ରବିବାର କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ବିଜେୱାଇଏମ୍ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟ ଏବଂ ଅଭିନେତା ତଥା ମଡେଲ ମିଳିନ୍ଦ ସୋମନ 'ନମୋ ଯୁବ ରନ୍ ଫର୍ ନଶାମୁକ୍ତ ଭାରତ'ର ଶୁଭାରମ୍ଭ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ୧୧ ମୃତ

ମୁମ୍ବାଇ/ଭୋପାଳ, ୭।୯

ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ରବିବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଘଟଣ ଘଟି ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ମହାରାଷ୍ଟ୍ରର ଠାଣେ, ପୁଣେ, ନାନ୍ଦେଡ଼, ଜଲଗାଓଁ, ପାଲଘର, ଅମରାବତୀ ଆଦି ଜିଲାର ବିଭିନ୍ନ ସ୍ଥାନରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ଦୁର୍ଘଟଣାସ୍ଥଳଗୁଡ଼ିକରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେଶନ ଜାରି ରହିଛି। ପୁଣେ ଜିଲାର ୩ ବିଭିନ୍ନ ନଦୀରେ ୫ ଜଣ ଭାସିଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତଦେହ ମିଳିଛି। ନାନ୍ଦେଡ଼ ଜିଲାର ଗୋଡଗାଓଁରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ୩ ଜଣ ଭାସିଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତଦେହ ମିଳିଛି। ସେହିପରି ନାସିକରେ ୫ ଜଣ ଭାସିଯାଇଥିବା ବେଳେ ସେଥିମଧ୍ୟରୁ ୨ ଜଣଙ୍କର ମୃତଦେହ ମିଳିଛି। ମଧ୍ୟପ୍ରଦେଶର ରାଇସେନ୍ ଜିଲାରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ନଦୀରେ ଭାସିଯାଇ ୨ ଜଣ ନାବାଳକଙ୍କର ମୃତ୍ୟୁ ଘଟିଛି।

## ଜାପାନ ପ୍ରଧାନମନ୍ତ୍ରୀ ଇଶିବାଙ୍କ ଇସ୍ତଫା



ଟୋକିଓ,୭।୯

ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ନିଜ ପଦରୁ ଇସ୍ତଫା ଦେବାକୁ ରବିବାର ଘୋଷଣା କରିଛନ୍ତି। ଜୁଲାଇରେ ହୋଇଥିବା ସଂସଦୀୟ ନିର୍ବାଚନରେ ପରାଜୟ ପାଇଁ ନିଜକୁ ଦାୟୀ କରିବାକୁ ଇଶିବାଙ୍କ ଉପରେ ତାଙ୍କ ଦଳ ଚାପ ପକାଇ ଆସୁଥିଲା। ଜାପାନ ଅନେକ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବାବେଳେ ଏଭଳି ସମୟରେ ଇସ୍ତଫା ଦେବା ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ସେ କହୁଥିଲେ। ତେବେ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ଆଗୁଆ ନେତା ନିର୍ବାଚନ ପାଇଁ ସୋମବାର ନିଷ୍ପତ୍ତି ନେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଇଶିବା ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଦଳର ପରବର୍ତ୍ତୀ ନେତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ। ଜୁଲାଇରେ ଇଶିବାଙ୍କ ଶାସକ ମେଣ୍ଟ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ସଂଖ୍ୟାଗରିଷ୍ଠତା ହରାଇଥିଲା। ପୂର୍ବରୁ ନିମ୍ନ ସଦନ ନିର୍ବାଚନରେ ମଧ୍ୟ ତାଙ୍କ ନେତୃତ୍ୱାଧୀନ ମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇଥିଲା।

# ୟୁକ୍ରେନ୍ କ୍ୟାବିନେଟ୍ ବିଲ୍ଡିଂରେ ରୁଷିଆର ଆକ୍ରମଣ

କିଭ୍,୭।୯

ୟୁକ୍ରେନ୍ ରାଜଧାନୀ କିଭ୍‌ରେ ରୁଷିଆ ରବିବାର ସବୁଠୁ ବଡ଼ ଆକ୍ରମଣ କରିଛି। ଯୁଦ୍ଧ ଆରମ୍ଭ ଦିନରୁ ଏଭଳି ବଡ଼ ଏୟାରଷ୍ଟ୍ରାଇକ୍ କେବେ ହୋଇ ନ ଥିଲା। ଏଥିରେ ଜଣେ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୮ ଜଣ ଆହତ ହୋଇଛନ୍ତି। କେନ୍ଦ୍ରୀୟ କିଭ୍‌ରେ ୟୁକ୍ରେନ୍ କ୍ୟାବିନେଟ ଥିବା ସରକାରୀ ବିଲ୍ଡିଂ ଉପରେ ରୁଷିଆ ସୈନ୍ୟ ଆକ୍ରମଣ କରିବାରୁ ସେଠାରେ ନିଆଁ ଲାଗିଯାଇଛି। କ୍ୟାବିନେଟ୍ ବିଲ୍ଡିଂର ଉପର ମହଲାରୁ ଘନ କଳାଧୂଆଁର କୁଣ୍ଡଳୀ ଉଠୁଥିବା ଦେଖିବାକୁ ମିଳିଛି। ଏହାର ଜବାବରେ ୟୁକ୍ରେନ୍ ବ୍ରାନ୍‌ସ୍କ ଅଞ୍ଚଳରେ ଥିବା ରୁଷିଆର ଡ୍ରୁଝ୍‌ବା ତୈଳ ପାଇପ୍ ଲାଇନ ଉପରେ ଆକ୍ରମଣ କରିଛି।

କିଭ୍‌କୁ ଲକ୍ଷ୍ୟ କରି ରୁଷିଆ ୮୦୫ଟି ଡ୍ରୋନ୍ ଏବଂ ୧୩ଟି ମିଶାଇଲ୍ ଛାଡ଼ିଥିବାବେଳେ ୟୁକ୍ରେନ୍ ସେଥିରୁ ୭୪୭ଟି ଡ୍ରୋନ୍ ଏବଂ ୪ଟି ମିଶାଇଲ୍‌କୁ ଖସାଇଦେଇଛି। ଅବଶିଷ୍ଟ ୫୬ଟି ଡ୍ରୋନ୍ ଏବଂ ୯ଟି ମିଶାଇଲ୍ ୟୁକ୍ରେନ୍‌ର ୩୭ଟି ସ୍ଥାନରେ ମାଡ଼ ହୋଇଛି। ସୂଚନାଯୋଗ୍ୟ, ମସ୍କୋ ଏପର୍ଯ୍ୟନ୍ତ କେବେ କିଭ୍‌ର ସରକାରୀ ବିଲ୍ଡିଂକୁ ଟାର୍ଗେଟ କରି ନ ଥିବାବେଳେ ପ୍ରଥମ ଥର ଏଭଳି ଆକ୍ରମଣ କରିଛି। କ୍ୟାବିନେଟ୍ ବିଲ୍ଡିଂରେ ୟୁକ୍ରେନ୍ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ରହିଛି। ନିଆଁ ଲିଭାଇବା ଓ ଆହତମାନଙ୍କୁ ନେବା ପାଇଁ ଦମକଳ ଗାଡ଼ି ଓ ଆମ୍ବୁଲାନ୍ସ ଉକ୍ତ ବିଲ୍ଡିଂ ନିକଟରେ ପହଞ୍ଚିଥିବାବେଳେ ବାହାର ଲୋକଙ୍କ ପ୍ରବେଶକୁ ରୋକାଯାଇଛି।

**୮୦୫ ଡ୍ରୋନ୍, ୧୩ ମିଶାଇଲ୍ ଛାଡ଼ିଲା ମସ୍କୋ**



ପ୍ରଥମ ଥର ପାଇଁ ଶତ୍ରୁପକ୍ଷର ଆକ୍ରମଣରେ ସରକାରୀ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ କହିଛନ୍ତି। ଏଭଳି ଧ୍ୱଂସର ଜବାବ ବିଶ୍ୱ କଥାରେ ନୁହେଁ କାମରେ ଦେବା ଜରୁରୀ। ରୁଷିଆ ତୈଳ ଓ ଗ୍ୟାସ୍ ବିରୋଧରେ କଟକଣାକୁ ଆହୁରି ବଢ଼ାଇବା ଆବଶ୍ୟକ ବୋଲି ସ୍ୱିରିଡେଙ୍କୋ କହିଛନ୍ତି।

ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନାହିଁ। ଶାନ୍ତି ଆଲୋଚନା ଆଶା ମଧ୍ୟ ମଉଳିବାରେ ଲାଗିଛି। ୨ ସପ୍ତାହ ମଧ୍ୟରେ କିଭ୍‌କୁ ଟାର୍ଗେଟ କରି ରୁଷିଆ ଦୁଇଥର ବଡ଼ ଆକ୍ରମଣ କଲାଣି। ଯୁଦ୍ଧ ବନ୍ଦ ହେବା ପରେ କ୍ଷତିଗ୍ରସ୍ତ ଅଞ୍ଚଳରେ 'ରିଆସୁରାନ୍ସ ଫୋର୍ସ' ଭାବେ ୟୁକ୍ରେନ୍‌ର ୨୬ ସହଯୋଗୀ ଦେଶ ସୈନ୍ୟ ମୁତୟନ କରିବେ ବୋଲି କିଛିଦିନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ଯୁଦ୍ଧ ବନ୍ଦ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ସେମାନେ ଚାପ ପକାଇଥିଲେ।

## ପଞ୍ଜାବ ବନ୍ୟାରେ ୧୩,୨୮୯ କୋଟି କ୍ଷତି

**୯ରେ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ ପ୍ରଧାନମନ୍ତ୍ରୀ**

ଚଣ୍ଡିଗଡ଼,୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୯ରେ ପଞ୍ଜାବ ଗସ୍ତ କରି ବନ୍ୟା ସ୍ଥିତିର ସମୀକ୍ଷା କରିବେ। ସେ ଆକାଶ ମାର୍ଗରୁ ପଞ୍ଜାବର ସୀମାନ୍ତ ଜିଲାଗୁଡ଼ିକ ସମେତ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ସର୍ଭେ କରିବେ। ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ନେଇ ସରକାରୀ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି ଏବଂ ଏହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ନେଇ ପଞ୍ଜାବ ଭାଜପା ସଭାପତି ସୁନୀଲ ଝାକର ସୂଚନା ଦେଇଛନ୍ତି। ଏହାସହ ସେ ପଡ଼ୋଶୀ ହିମାଚଳ ପ୍ରଦେଶକୁ ମଧ୍ୟ ଗସ୍ତ କରିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ତେବେ ବନ୍ୟା ଯୋଗୁ ପଞ୍ଜାବକୁ ୧୩ ହଜାର ୨୮୯ କୋଟି ଟଙ୍କାର କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତ ବିଭାଗ ସହ ଜଡ଼ିତ ଭିତ୍ତିଭୂମି କ୍ଷେତ୍ରରେ ସର୍ବାଧିକ ୫,୦୪୩ କୋଟି ଟଙ୍କାର କ୍ଷତି ହୋଇଥିବାବେଳେ ୧,୮୫୮ କୋଟି ଟଙ୍କାର ଫସଲ ନଷ୍ଟ, ଏବଂ ୧,୫୨୦ କୋଟି ଟଙ୍କାର ଜଳ ଯୋଗାଣ କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ରାଜ୍ୟର ମଣ୍ଡି ବୋର୍ଡ ଗୁଡ଼ିକୁ ୧,୦୨୨ କୋଟି ଟଙ୍କା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ୭୮୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିବା ନେଇ ଆକଳନ ହୋଇଛି। ସେହିପରି କୃଷି କ୍ଷେତ୍ରକୁ ୩୧୭ କୋଟି, ଶିକ୍ଷା କ୍ଷେତ୍ରକୁ ୫୪୨ କୋଟି ଏବଂ ଶକ୍ତି କ୍ଷେତ୍ରକୁ ୧୦୩ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏନେଇ ରାଜ୍ୟର ଅଧିକାରୀମାନେ କେନ୍ଦ୍ରୀୟ ଦଳଗୁଡ଼ିକୁ ରିପୋର୍ଟ ପ୍ରଦାନ କରିଛନ୍ତି। ତେଣୁ ଏହି କ୍ଷତିପୂରଣ ପାଇଁ ପଞ୍ଜାବ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଛି।

## ଅନୁପର୍ଣ୍ଣା ରଏ ଶ୍ରେଷ୍ଠ ନିର୍ଦ୍ଦେଶିକା

**ଭେନିସ୍ ଫିଲ୍ମ ଫେଷ୍ଟିଭାଲ**

ନୂଆଦିଲ୍ଲୀ, ୭।୯ (ପି.ଟି.)

ଭେନିସ୍ ଫିଲ୍ମ ଫେଷ୍ଟିଭାଲର ୮୨ତମ ସଂସ୍କରଣରେ ଭାରତୀୟ ଫିଲ୍ମ ନିର୍ମାତା ଅନୁପର୍ଣ୍ଣା ରଏ ଇତିହାସ ରଚିଛନ୍ତି। ସେ ତାଙ୍କ ଫିଲ୍ମ 'ସଙ୍ଗସ୍ ଅଫ୍ ଫରଗଟେନ୍ ଟ୍ରିସ୍' ପାଇଁ ଓରିଜୋଣ୍ଟି ସେକ୍ସନରେ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ପୁରସ୍କାର ଜିତିଛନ୍ତି। ସାଧାରଣତଃ ଯୁବ ପ୍ରତିଭା, ଡେବ୍ୟୁ କରୁଥିବା କଳାକାର, ସ୍ୱଦେଶୀ ଫିଚର, ନୂତନ ଟ୍ରେଣ୍ଡଙ୍କୁ ଦର୍ଶାଉଥିବା ଚଳଚ୍ଚିତ୍ରଗୁଡ଼ିକୁ ଓରିଜୋଣ୍ଟି ପ୍ରତିଯୋଗିତା ସେକ୍ସନରେ ସ୍ଥାନିତ କରାଯାଇଥାଏ। ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବେ ଏହି ବିଭାଗରେ ଅନୁପର୍ଣ୍ଣା ସମ୍ମାନିତ ହୋଇଛନ୍ତି।

ମୁମ୍ବାଇରେ ୨ ପ୍ରବାସୀ ମହିଳାଙ୍କ ଦୈନନ୍ଦିନ ଜୀବନକୁ ନେଇ 'ସଙ୍ଗସ୍ ଅଫ୍ ଫରଗଟେନ୍ ଟ୍ରିସ୍' ଫିଲ୍ମ ଆଧାରିତ। ଅନୁରାଗ କଶ୍ୟପ ଏହି ଫିଲ୍ମର ପ୍ରୋଯୋଜକ ଅଛନ୍ତି। ଶନିବାର ଆୟୋଜିତ ଉତ୍ସବରେ ଭେନିସ୍ ଫିଲ୍ମ ଫେଷ୍ଟିଭାଲ ଓରିଜୋଣ୍ଟି ଜୁରିର ଅଧ୍ୟକ୍ଷ ତଥା ଫରାସୀ ଫିଲ୍ମ ନିର୍ମାତା ଜୁଲିଆ ଡକ୍ୟୁର୍ନୁ ଅନୁପର୍ଣ୍ଣାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



## ଆଜି ବିରୋଧୀ ଏମ୍‌ପିଙ୍କ ମକ୍ ପୋଲ୍

**ଉପରାଷ୍ଟ୍ରପତି ନିର୍ବାଚନ**

ନୂଆଦିଲ୍ଲୀ,୭।୯

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ହେବାକୁ ଥିବାବେଳେ ଏଥିପାଇଁ ଶାସକ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଜୋର୍‌ଦାର ତତ୍ପରତା ଦେଖାଦେଇଛି। ବିରୋଧୀ ଏମ୍‌ପିମାନେ ସୋମବାର ମକ୍ ପୋଲ୍‌ରେ ଭାଗନେବେ। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବା ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବ। କଂଗ୍ରେସ ଅଧ୍ୟକ୍ଷ ସୋମବାର ସନ୍ଧ୍ୟାରେ ବିରୋଧୀ ଏମ୍‌ପିମାନଙ୍କ ପାଇଁ ଏକ ନୈଶଭୋଜିର ଆୟୋଜନ କରିଥିବା ଇଣ୍ଡିଆ ବ୍ଲକ୍ ସୂତ୍ରରୁ କୁହାଯାଇଛି। ସୋମବାର ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ମକ୍ ପୋଲ୍ ଅନୁଷ୍ଠିତ ହେବ।



ଭାଜପା କର୍ମଶାଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଛ ଧାଡ଼ିରେ ବସିଛନ୍ତି।

ନିର୍ବାଚନ ପୂର୍ବରୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଏମ୍‌ପିମାନେ ସୋମବାର କର୍ମଶାଳାରେ ଏକାଠି ହୋଇ ଭୋଟ ପ୍ରକ୍ରିୟା ସମ୍ପର୍କରେ ତାଲିମ ନେବେ। ପାର୍ଲାମେଣ୍ଟ କମ୍ପ୍ଲେକ୍ସର ଜିଏମ୍‌ସି ବାଲଯୋଗୀ ଅଡିଟୋରିୟମ୍‌ରେ ରବିବାର ଆୟୋଜିତ ଭାଜପା କର୍ମଶାଳାରେ ଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଛ ଧାଡ଼ିରେ ବସିଥିବା ଦେଖାଯାଇଥିଲା। କର୍ମଶାଳାରେ ଜିଏସ୍‌ଟି ସଂସ୍କାର ଉପରେ ସଂକଳ୍ପ ଗୃହୀତ ହୋଇଛି। ୯ ତାରିଖରେ ଶାସକ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଏବଂ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବାକୁ ଯାଉଛି। ଉଭୟ ପ୍ରାର୍ଥୀ ଦକ୍ଷିଣ ଭାରତୀୟ। ରାଧାକ୍ରିଷ୍ଣନ ତାମିଲନାଡୁର ହୋଇଥିବାବେଳେ ରେଡ୍ଡୀଙ୍କ ଘର ତେଲଙ୍ଗାନାରେ। ଶାସକ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ରହିଥିବାବେଳେ ଏହାକୁ ଏକ ଆଦର୍ଶଗତ ଲଢ଼େଇ ବୋଲି ବିରୋଧୀ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ।

**ଭାଜପା କର୍ମଶାଳାରେ ପଛ ଧାଡ଼ିରେ ମୋଦି**

## ଶରଣ ଆଶାୟୀ ୟୁକ୍ରେନୀୟ ମହିଳାଙ୍କୁ ଆମେରିକାରେ ହତ୍ୟା

ୱାଶିଂଟନ,୭।୯

ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌ରୁ ପଳାଇଆସି ଆମେରିକାରେ ଶରଣ ନେବାକୁ ଚାହୁଁଥିବା ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଟ୍ରେନ୍‌ରେ ଛୁରିଭୁସି ହତ୍ୟା କରାଯାଇଛି। ଇରିନା ଜାରୁଟ୍‌ସ୍କା ନାମ୍ନୀ ମହିଳା ଗତ ମାସ ୨୨ ତାରିଖରେ ଲିନ୍‌କ୍ସ ବ୍ଲୁଲାଇନ୍ ଟ୍ରେନ୍ ଧରିବା ବେଳେ ୟୁନିଫର୍ମରେ ଥିଲେ। ଚାର୍ଲୋଟ୍ଟେ ଏରିଆ ଟ୍ରାଞ୍ଜିଟ୍ ସିଷ୍ଟମ୍ ଦ୍ୱାରା ଜାରି ସର୍ଭିଲାନ୍ସ ଫୁଟେଜ୍‌ରୁ ମହିଳା ଜଣକ ଟ୍ରେନ୍‌ରେ ନିଜ ଫୋନ୍‌ରେ ବ୍ୟସ୍ତ ରହିଥିବା ଓ ବିପଦ ସମ୍ପର୍କରେ ଅବଗତ ନ ଥିବା ଜଣାପଡ଼ିଛି। ଏହାର ମାତ୍ର ୪ ମିନିଟ୍ ପରେ ଡେକାର୍ଲୋସ୍ ବ୍ରାଉନ୍ ଜୁନିୟର(୩୪) ନାମକ ଜଣେ ପୂର୍ବତନ ଅଭିଯୁକ୍ତ ଏକ ଫୋଲ୍ଡିଂ ଛୁରିରେ ତାଙ୍କୁ ୩ ଥର ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଜାରୁଟ୍‌ସ୍କାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ଷ୍ଟେଶନରେ ବ୍ରାଉନ୍ ଟ୍ରେନ୍‌ରୁ ଓହ୍ଲାଇଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। କୋର୍ଟ ରେକର୍ଡ ଅନୁଯାୟୀ ବ୍ରାଉନ୍‌ଙ୍କ ନାମରେ ୨୦୧୧ରୁ ଡକାୟତି, ବିପଜ୍ଜନକ ଅସ୍ତ୍ର ରଖିବା ଆଦି ବହୁ ଅପରାଧ ମାମଲା ରହିଛି।

**ଫୁର୍‌ସତ**

## ସମୁଦ୍ର ଭିତରେ ଗର୍ଲଫ୍ରେଣ୍ଡଙ୍କୁ ପ୍ରପୋଜ

**ମସ୍କୋ:** ରୁଷିଆର କ୍ରାସ୍‌ନୋୟାର୍ସ୍କ ବାସିନ୍ଦା ଯୁବ ଡାଇଭର ଡାନିଲ (୨୧) ତାଙ୍କ ଗର୍ଲଫ୍ରେଣ୍ଡ ନାସ୍ତ୍ୟା (୨୧)ଙ୍କୁ ଏକ ନିଆରା ଉପାୟରେ ପ୍ରପୋଜ୍ କରିଛନ୍ତି। ନିକଟରେ ପୂର୍ବ ୟୁରୋପର କ୍ରିମେଆ ଉପଦ୍ୱୀପସ୍ଥିତ ବ୍ଲାକ ସି'ର କେପ୍ ତାର୍ଖାନକୁଟ ଉପକୂଳରେ ଡାନିଲ ଗର୍ଲଫ୍ରେଣ୍ଡ ନାସ୍ତ୍ୟାଙ୍କ ସହ ମିଶି ଡାଇଭିଂ କରିଥିଲେ। ଏହି ଡାଇଭରେ ନାସ୍ତ୍ୟାଙ୍କୁ ପ୍ରପୋଜ କରି ଡାନିଲ ଏହାକୁ ଏକ ସ୍ମରଣୀୟ ଅଭିଜ୍ଞତାରେ ପରିଣତ କରିଛନ୍ତି।

ସମୁଦ୍ର ମଧ୍ୟରେ ନାସ୍ତ୍ୟା ପଥୁରିଆ ସମୁଦ୍ର ଭୂମିକୁ ଅନୁଧ୍ୟାନ କରୁଥିଲେ। ଏହି ସମୟରେ ପଛକୁ ଚାହିଁବା ମାତ୍ରେ ସେ ଡାନିଲଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଡାନିଲ୍ ତାଙ୍କ ନିକଟରେ ହାତରେ ଏକ ଖୋଲା ରିଙ୍ଗ୍ ବାକ୍ସ ଧରି ପହଁରୁଥିଲେ। ଡାନିଲ୍ ଧୀରେ ଧୀରେ ନାସ୍ତ୍ୟାଙ୍କ ଆଙ୍ଗୁଠିରେ ରିଙ୍ଗ୍‌ଟିକୁ ପିନ୍ଧାଇଥିଲେ ଓ ତାଙ୍କୁ ପ୍ରପୋଜ କରିଥିଲେ। ଡାନିଲଙ୍କ ପ୍ରପୋଜକୁ ନାସ୍ତ୍ୟା ସ୍ୱୀକାର କରିଥିଲେ ଓ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହା ତାଙ୍କ ଖୁସିର ସବୁ ସୀମାକୁ ପାର୍ କରିଥିଲା ବୋଲି ନାସ୍ତ୍ୟା କହିଛନ୍ତି। ସମୁଦ୍ରର ନୀରବତା ଏହି ମୁହୂର୍ତ୍ତକୁ ଆହୁରି ଯାଦୁକରୀ କରିଥିଲା।




## ଅଲ୍ଲୁ, ରଶ୍ମିକା ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀ

**ଏସ୍‌ଆଇଆଇଏମ୍‌ଏ ଆୱାର୍ଡ-୨୦୨୫**

**ଦୁବାଇ:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଶନିବାର ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ମୁଭି ଆୱାର୍ଡ୍ସ (ଏସ୍‌ଆଇଆଇଏମ୍‌ଏ) ୨୦୨୫ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ତେଲୁଗୁ, କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ 'ପୁଷ୍ପା ୨: ଦି ରୁଲ୍'ର ଜଲ୍‌ୱା ଦେଖିବାକୁ ମିଳିଛି। ଏହି ଫିଲ୍ମକୁ ଏକାଧିକ ଆୱାର୍ଡ ମିଳିଛି। ଫିଲ୍ମ ପାଇଁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଛି। ସେହିପରି ଏହି ଫିଲ୍ମ ପାଇଁ ନିର୍ଦ୍ଦେଶକ ସୁକୁମାର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି। 'କଲ୍‌କୀ ୨୮୯୮ ଏଡି' ଫିଲ୍ମକୁ ମଧ୍ୟ ଏକାଧିକ ଆୱାର୍ଡ ମିଳିଛି। ଶ୍ରେଷ୍ଠ ତେଲୁଗୁ ଫିଲ୍ମ ଭାବେ ଏହି ଫିଲ୍ମ ସମ୍ମାନିତ ହୋଇଛି। ସେହିପରି ଏହି ଫିଲ୍ମ ପାଇଁ ଅଭିନେତା କମଲ ହାସନଙ୍କୁ ଶ୍ରେଷ୍ଠ ଖଳନାୟକ ଓ ଅଭିନେତା ଅମିତାଭ ବଚ୍ଚନଙ୍କୁ ଶ୍ରେଷ୍ଠ ସହ ଅଭିନେତା ଭାବେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ ଶ୍ରେଣୀରେ ସମ୍ମାନିତ କରାଯାଇଛି।



# ସମାଲୋଚନାକୁ ଭୟ କଲେ ପରିବର୍ତ୍ତନ ଅସମ୍ଭବ: ତଥାଗତ

**ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍**

**ଛୋଟ ଗଛ ଲଗାଇବା ସହ ବଡ଼ ଗଛର ସୁରକ୍ଷା ଜରୁରୀ- ଆଦ୍ୟାଶା ସତପଥୀ**



କେନ୍ଦୁଝର ଜିଲା ଆନନ୍ଦପୁରସ୍ଥିତ ଫକୀରପୁର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍‌ରେ ଉପସ୍ଥିତ (ବାମରୁ) ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଏବଂ ପରିବେଶବିତ୍ ସରୋଜ କୁମାର ସାହୁ।

ଘସିପୁରା/ଆନନ୍ଦପୁର,୭।୯ (ନିରଞ୍ଜନ ସାହୁ/ସୁଶାନ୍ତ କୁମାର ସାହୁ)

ସମାଲୋଚନାକୁ ଭୟ କରି ପଦକ୍ଷେପ ଗ୍ରହଣ କରା ନ ଗଲେ ପରିବର୍ତ୍ତନ ଅସମ୍ଭବ। ଏହା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଜଣେ ଗଛଟିଏ ଲଗାଉଛି, ଅନ୍ୟ ଜଣେ କହୁଛି କାହିଁକି ଲଗାଉଛୁ, ତାହାକୁ ଅଣଦେଖା କରି ଆଗକୁ ବଢ଼ିବା ସମାଜ ପାଇଁ ମଙ୍ଗଳ। ଯେମିତି ସୁସ୍ଥ ପ୍ରଶାସନିକ ବ୍ୟବସ୍ଥାରେ ନିଆଯାଉଥିବା କୌଣସି ଉତ୍ତମ ପଦକ୍ଷେପକୁ ଯଦି କେହି ସମାଲୋଚନା କରେ ତାକୁ ଅଣଦେଖା କରି ଆଗକୁ ବଢ଼ିବା ବୁଦ୍ଧିମାନ୍‌ର କାମ ହେବା ଆବଶ୍ୟକ। ତା'ହେଲେ ସମାଜର ବିକାଶ ସମ୍ଭବ। କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁରର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସମବେତ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

ନିଜ ବକ୍ତବ୍ୟରେ ତଥାଗତ ଆହୁରି କହିଥିଲେ, ରାଜନୀତିଠାରୁ ଦୂରେଇ ରହି 'ଆନିମଲ୍-ମ୍ୟାନ୍' ଓ 'ମାଟି କଥା' ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖି କାମ କରୁଛନ୍ତି। ଏଥିସହ କଥା ଛଳରେ ତ୍ରୁଟିଗତ ପ୍ରଶାସନିକ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରି ରାସ୍ତା ନିର୍ମାଣ ଆଳରେ ଗଛ କଟା ଚାଲିଥିବ, ଶେଷରେ ରାସ୍ତା ରହିଥିବ ମଣିଷ ନ ଥିବ। ଏହିଭଳି ବ୍ୟବସ୍ଥାରେ ସୁଧାର ଆସିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ପରିବେଶର ସୁରକ୍ଷା ଦାୟିତ୍ୱ ଯୁବପିଢ଼ିଙ୍କ ଉପରେ ନିର୍ଭର କରୁଛି। ଛୋଟ ଛୋଟ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷ ବଡ଼ ବଡ଼ ଗଛର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଲେ ପରିବେଶର ସନ୍ତୁଳନ ସହଜରେ ହୋଇପାରନ୍ତା ବୋଲି ପ୍ରକାଶ କରିଥିଲେ। ଏପରିକି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା, ଜଙ୍ଗଲରୁ ଗଛ ଧ୍ୱଂସ ହେବାକୁ ଦିଆ ନ ଯିବା ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ସରୋଜ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଧରିତ୍ରୀର ସହଯୋଗରେ ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହିତ ଉପସ୍ଥିତ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେବା ସହିତ ପୃଥିବୀକୁ ବିପର୍ଯ୍ୟୟରୁ ମୁକ୍ତ କରିବାକୁ ଉଦ୍ୟମ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବର୍ତ୍ତମାନ ପରିବେଶର ଯେଉଁ ପ୍ରଭାବ ରହିଛି, ଏହା କ'ଣ ପାଇଁ ଏବଂ ଏହାର ନିରାକରଣ କିପରି କରାଯାଇପାରିବ ଏ ନେଇ ସଭାରେ ପରିବେଶବିତ୍ ନିରଞ୍ଜନ ସାହୁ, ଚନ୍ଦନ କୁମାର ପଣ୍ଡା, ସର୍ବେଶ୍ୱର ଦଳେଇ, ଶୁଭସ୍ମିତା ମିଶ୍ର, କାଉନ୍‌ସିଲର ସନତ କର, ସୁରେନ୍ଦ୍ର ଦାସ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ମହିଳା, ପୁରୁଷ ପରିବେଶବିତ୍ କିପରି ନିଜର ନିତିଦିନ କାର୍ଯ୍ୟରୁ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟ କରିପାରିବେ ଏହି ପ୍ରସଙ୍ଗରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ପରିବେଶବିତ୍ ତ୍ରିଲୋଚନ ସାହୁ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ସାମାଜିକକର୍ମୀ ଅନିଲ ସାହୁ ଅତିଥିଙ୍କୁ ସଭାକୁ ନିମନ୍ତ୍ରଣ କରିଥିଲେ। ମା' ତାରିଣୀଙ୍କ ଫଟୋଚିତ୍ର ନିକଟରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିବେଶବିତ୍ ବଳଦେବ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଯୁବପିଢ଼ି, ପରିବେଶବିତ୍, ସଚେତନ ନାଗରିକ ଯୋଗଦେଇଥିଲେ। ଶେଷରେ ଫକୀରପୁର ସିଟି ସ୍କୁଲ ପରିସରରେ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

## ଡିଜିଟାଲ ସାକ୍ଷରତା ପ୍ରୋତ୍ସାହିତ କରିବାକୁ ଆହ୍ୱାନ

ଭୁବନେଶ୍ୱର,୭।୯ (ସୁଚିସ୍ମିତା ସାହୁ)

**ଆଜି 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ'**



ଦେଶ ତଥା ରାଜ୍ୟର ଆର୍ଥିକ ପ୍ରଗତି ସହିତ ସାମାଜିକ ବିକାଶ ଏବଂ ବ୍ୟକ୍ତିଗତ ଉନ୍ନତି ପାଇଁ ଶିକ୍ଷା ଅତ୍ୟନ୍ତ ଜରୁରୀ। ଶିକ୍ଷା କେବଳ ଜଣେ ବ୍ୟକ୍ତିର ମୌଳିକ ଅଧିକାର ନୁହେଁ, ସମାଜରୁ ଦାରିଦ୍ର୍ୟ ଓ ଅସମାନତା ଦୂର କରିବାରେ ସହାୟକ ହୁଏ। ତେଣୁ ସାକ୍ଷରତା ହାର ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷା ପ୍ରତି ସମସ୍ତଙ୍କ ମନରେ ଆଗ୍ରହ ଓ ଉତ୍ସାହ ଜାଗ୍ରତ କରିବା ଏବଂ ଶିକ୍ଷାର ମହତ୍ତ୍ୱ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୮କୁ 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ' ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ପକ୍ଷରୁ ୭ ନଭେମ୍ବର ୧୯୬୫ରେ ଏହା ଘୋଷଣା କରାଯାଇଥିବାବେଳେ ୧୯୬୬ ମସିହାରୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇ ଆସୁଛି। ତେବେ ଚଳିତବର୍ଷର ଥିମ୍ ରହିଛି 'ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା'। ଡିଜିଟାଲ ମାଧ୍ୟମରେ ପାଠପଢ଼ିବା ବା ଡିଜିଟାଲି ଶିକ୍ଷିତ ହେଲେ ସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ ହେବା ସହ ଶାନ୍ତିପୂର୍ଣ୍ଣ, ନ୍ୟାୟ ଏବଂ ସ୍ଥାୟୀ ସମାଜ ଗଠନ ହେବ ବୋଲି ଆହ୍ୱାନ ଦିଆଯାଇଛି।

୨୦୧୧ ଜନଗଣନା ଅନୁଯାୟୀ, ଭାରତରେ ସାକ୍ଷରତା ହାର ୭୪.୦୪% ରହିଥିଲା। ହେଲେ ଏ କ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ବହୁ ପାର୍ଥକ୍ୟ ରହିଥିଲା। ମହିଳାଙ୍କ ସାକ୍ଷରତା ହାର ୬୫.୪୬ ରହିଥିବା ବେଳେ ପୁରୁଷଙ୍କ ହାର ୮୨.୧୪ ଥିଲା। ହେଲେ ସରକାରଙ୍କ ଦୀର୍ଘସ୍ଥାୟୀ ଯୋଜନା ଓ ପଦକ୍ଷେପ ଦ୍ୱାରା ଭାରତ ସମେତ ଓଡ଼ିଶାରେ ସାକ୍ଷରତା ହାର ବଢ଼ି ଚାଲିଛି। ଏଥିସହ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାର ବ୍ୟବଧାନ ମଧ୍ୟ କମିବାରେ ଲାଗିଛି। ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ ରିପୋର୍ଟ ଅନୁସାରେ, ଏବେ ଭାରତର ସାମଗ୍ରିକ ସାକ୍ଷରିତ ହାର ୮୦.୯%କୁ ବୃଦ୍ଧି ପାଇଛି। ତେବେ ସହରାଞ୍ଚଳରେ ୯୦% ରହିଥିବା ବେଳେ ଗ୍ରାମାଞ୍ଚଳରେ ୭୭% ରହିଛି। ସେହିପରି ପୁରୁଷଙ୍କ ସାକ୍ଷରତା ହାର ୮୮% ରହିଥିବା ବେଳେ ମହିଳାଙ୍କ ସାକ୍ଷରତା ହାର ୮୧% ରହିଛି।

# ଆକାଶରେ ଦେଖାଗଲା ଲାଲ୍ ଚନ୍ଦ୍ର

## ପୁଣି ୧୩୯ ବର୍ଷ ପରେ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର,୭।୯ (ସୁଚିସ୍ମିତା ସାହୁ)


ଚନ୍ଦ୍ର ଗ୍ରହଣର ବିଭିନ୍ନ ଦୃଶ୍ୟ। (ଫଟୋ: ବିକାଶ ନାୟକ)

ଚଳିତବର୍ଷର ଦ୍ୱିତୀୟ ତଥା ଶେଷ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ରବିବାର ଆକାଶରେ ଦୃଶ୍ୟମାନ ହୋଇଛି। ଭାରତ ସମେତ ଓଡ଼ିଶାରେ ଲୋକମାନେ ଏହି ମହାଜାଗତିକ ଦୃଶ୍ୟ ଦେଖିଛନ୍ତି। ରାତି ୯ଟା ୫୭ ମିନିଟ୍ ୫ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇଥିଲା। ରାତି ୧୧ଟା ୧ମିନିଟ ସମୟ ବେଳକୁ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଆରମ୍ଭ ହୋଇ ୧୨ଟା ୨୩ ମିନିଟ୍ ପର୍ଯ୍ୟନ୍ତ ଆକାଶରେ ଲାଲ ରଙ୍ଗର ଚନ୍ଦ୍ର ଦୃଶ୍ୟମାନ ହୋଇଥିଲା। ୮୨ ମିନିଟ ଧରି ଆକାଶରେ ବିରଳ ଲାଲ ରଙ୍ଗର ଜହ୍ନ ଦେଖିବାକୁ ମିଳିଥିଲା। ଏହି ଚନ୍ଦ୍ରଗ୍ରହଣ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ରହିଥିଲା। ଆକାଶରେ ୩ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିଥିଲା। ଚନ୍ଦ୍ର ଓ ସୂର୍ଯ୍ୟ ମଝିରେ ପୃଥିବୀ ସରଳରେଖାରେ ଆସିବାରୁ ଚନ୍ଦ୍ରଗ୍ରହଣ ହୋଇଥାଏ। ଭାରତ ସମେତ ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଆମେରିକା, ଫିଜିରେ ଗ୍ରହଣ ଦୃଶ୍ୟମାନ ହୋଇଛି। ପୁଣି ୧୩୯ ବର୍ଷ ପରେ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଭାରତରେ ଦୃଶ୍ୟମାନ ହେବ। ୨୧୬୪ ମସିହା ସେପ୍ଟେମ୍ବର ୩୦ ତାରିଖ (ରବିବାର) ଭାଦ୍ରବ ପୂର୍ଣ୍ଣିମାରେ ବିରଳ ସଂଯୋଗ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଆକଳନ କରିଛନ୍ତି।

## ଜଳିଗଲା ୧୦୮ ଆମ୍ବୁଲାନ୍ସ ଇଞ୍ଜିନ୍, ମୃତ୍ୟୁ ସହ ସଂଘର୍ଷ କଲେ ବୃଦ୍ଧା

ପରଜଙ୍ଗ,୭।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ଗ୍ରାମକୁ ରବିବାର ପୂର୍ବାହ୍ନରେ ରୋଗୀ ଆଣିବାକୁ ଯାଇଥିବା ୧୦୮ ଆମ୍ବୁଲାନ୍ସରେ ତ୍ରୁଟି ପରିଲକ୍ଷିତ ହୋଇ ଇଞ୍ଜିନ୍ ଜଳି ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ଗ୍ରାମର ବୃଦ୍ଧା ବାସନ୍ତୀ ବେହେରା(୮୦)ଙ୍କ ସ୍ୱାସ୍ଥ୍ୟ ବସ୍ଥାକୁ ନେଇ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସଟି ଅନୁଗୋଳ ଜିଲା ବଅଁରପାଳରୁ ଗେଙ୍ଗୁଟିଆ ଗାଁକୁ ଆସିଥିଲା। ମାତ୍ର ଗାଁରେ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ପ୍ରାୟ ୨ ଘଣ୍ଟା ଧରି କର୍ମଚାରୀ ଓ ଗ୍ରାମର କେତେଜଣ ଯୁବକ ମିଶି ଠେଲିଥିଲେ। ହେଲେ ଠେଲିଠେଲି ନୟାନ୍ତ ହୋଇଥିଲେ ମଧ୍ୟ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଏହାର କିଛି ସମୟ ପରେ ଆମ୍ବୁଲାନ୍ସ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଯୋଗୁ ରୋଗୀ ବାସନ୍ତୀ ମୃତ୍ୟୁ ସହ ଲଢେଇ କରୁଥିଲେ। ଗାଡ଼ିଗୁଡ଼ିକ ଠିକ୍ ସମୟରେ ମରାମତି କରାଯାଉ ନ ଥିବାରୁ ଏଭଳି ବାରମ୍ବାର ତ୍ରୁଟି ହେଉଥିବା କର୍ମଚାରୀ କହିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଲେ ରୋଗୀମାନେ ଉତ୍ତମ ସେବା ପାଇପାରିବେ ବୋଲି ସାଧାରଣରେ ଦାବି ହେଉଛି।

# ଲୋକସେବା ଭବନକୁ ଅନଧିକୃତ ଗସ୍ତ କରିପାରିବେନି ଓଏଏସ୍, ଓଆର୍‌ଏସ୍ ଅଫିସର

## ସବୁ ଜିଲାପାଳ, ଆର୍‌ଡିସିଙ୍କୁ ଦିଆଗଲା ଚିଠି

ଭୁବନେଶ୍ୱର,୭।୯ (ରବିନାରାୟଣ ଜେନା)

ରାଜ୍ୟର ବିଭିନ୍ନ ଜିଲା ଓ ଆର୍‌ଡିସି ସ୍ତରରେ କାର୍ଯ୍ୟରତ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଏବଂ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀଙ୍କୁ ଲୋକସେବା ଭବନ ପରିଦର୍ଶନ ଏଣିକି ମହଙ୍ଗା ସାବ୍ୟସ୍ତ ହେବ। ଯେଉଁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସମ୍ପୃକ୍ତ ଜିଲାପାଳ କିମ୍ବା ଆର୍‌ଡିସିଙ୍କ ବିନା ସ୍ୱୀକୃତିରେ ଲୋକସେବା ଭବନରେ ପ୍ରବେଶ କରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିଭଳି ଏକ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଜାରି କରାଯାଇଛି। ଏହାକୁ ନେଇ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି।

ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ପ୍ରଜ୍ଞାଧାରା ମିଶ୍ର ଏ ସଂକ୍ରାନ୍ତରେ ଶନିବାର ସବୁ ଜିଲାପାଳ ଓ ଆର୍‌ଡିସିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ରାଜ୍ୟର ବହୁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସରକାରୀ କାର୍ଯ୍ୟ ଛାଡ଼ି ଲୋକସେବା ଭବନ ଚଲାପଥରେ ଟହଲ ମାରୁଥିବା ଦେଖିବାକୁ ମିଳିଛି। ଏଭଳି କେତେକ ଘଟଣା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସିବା ପରେ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟାଳୟରେ ନିଜ କାର୍ଯ୍ୟ ଛାଡ଼ି ଲୋକସେବା ଭବନରେ ବାରମ୍ବାର ବୁଲିବା ଦ୍ୱାରା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ରାଜସ୍ୱ ସେବାରେ ବିଶେଷ ବ୍ୟାଘାତ ଉପୁଜୁଛି। କାର୍ଯ୍ୟଦିବସରେ ଏଣିକି ବିନା ଅନୁମତିରେ ଏହି ଦୁଇ ବର୍ଗର ଅଧିକାରୀ ଯେଭଳି ଲୋକସେବା ଭବନରେ ଦେଖା ନ ଯିବେ ସେଥିପ୍ରତି ଦୃଷ୍ଟିଦେବା ସହିତ ସମ୍ପୃକ୍ତ ଅଧିକାରୀଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଲୋକଙ୍କ ସେବାରେ ଯେଭଳି କୌଣସି ତ୍ରୁଟି ପରିଲକ୍ଷିତ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଚିଠିରେ ଦର୍ଶାଯାଇଛି। ଏପରି କି ସମ୍ପୃକ୍ତ ଅଧିକାରୀଙ୍କୁ 'ୱାର୍ନିଂ' ଦେବା ସହ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଜିଲାପାଳ ଓ ଆର୍‌ଡିସି ପରାମର୍ଶ ପ୍ରଦାନ କରନ୍ତୁ ବୋଲି କୁହାଯାଇଛି। ଏହାସତ୍ତ୍ୱେ ଯଦି ସମ୍ପୃକ୍ତ ବର୍ଗର ଅଧିକାରୀଙ୍କୁ ଲୋକସେବା ଭବନ ଓ ଅନ୍ୟାନ୍ୟ ରାଜ୍ୟ ମୁଖ୍ୟାଳୟରେ ଦେଖିବାକୁ ମିଳେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଲୋକସେବା ଭବନକୁ ବିଭିନ୍ନ ସମୟରେ ଦଲାଲମାନେ ପଶି ଆସୁଥିବା ନଜିର ରହିଛି। କେତେବେଳେ ନକଲି ପାସ୍ କରି ପ୍ରବେଶ କରୁଛନ୍ତି ତ ଆଉ କେତେବେଳେ ଅଧିକାରୀଙ୍କ ପରୋକ୍ଷ ନିର୍ଦ୍ଦେଶରେ ପଶୁଛନ୍ତି। ଏହିପରି ଭାବେ କିଛିଦିନ ପୂର୍ବରୁ ସମବାୟ ବିଭାଗର ଜଣେ କର୍ମଚାରୀ ନକଲି ପାସ୍ ଦେବା ଅଭିଯୋଗରେ ଜେଲ ଯାଇଥିବାବେଳେ ରାଜୀବ ଭବନରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଦେଇଥିଲା।




# ନବୀନଙ୍କ ୪ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୭।୯ (ରବିନାରାୟଣ ଜେନା)


ନବୀନ ପଟ୍ଟନାୟକ

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ବିମାନବନ୍ଦରଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ଉପରାଷ୍ଟ୍ରପତି ନିର୍ବାଚନ ନେଇ ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସମୟରେ ଦଳୀୟ ସାଂସଦଙ୍କ ସହିତ ସେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ ଯେ, ଶନିବାର ବିଜେଡି ପକ୍ଷରୁ ଅନୁଷ୍ଠିତ ପିଏସି ବୈଠକରେ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ଦଳର ବରିଷ୍ଠ ନେତାଙ୍କ ମତାମତ ଲୋଡାଯାଇଥିଲା। ନେତାମାନେ ନିଜ ନିଜର ମତ ପ୍ରକାଶ କରିଥିଲେ ହେଁ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିଲା। ଦିନକ ପରେ ଉପରାଷ୍ଟ୍ରପତି ନିର୍ବାଚନ। ମହାରାଷ୍ଟ୍ରର ରାଜ୍ୟପାଳ ଥିବା ସି ପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପ୍ରାର୍ଥୀ କରିଥିବା ବେଳେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ସୁଦର୍ଶନ ରେଡ୍ଡିଙ୍କୁ 'ଇଣ୍ଡିଆ' ମେଣ୍ଟ ପ୍ରାର୍ଥୀ କରିଛି । ହେଲେ ବିଜେଡି କାହାକୁ ସମର୍ଥନ ଦେବ କିମ୍ବା ନିର୍ବାଚନରୁ ଦୂରେଇ ରହିବ ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ସାପ କାମୁଡ଼ାରେ ମହିଳା ସରପଞ୍ଚ ମୃତ

ରାୟଗଡ଼ା,୭।୯ (ଆଶିଷ ରଞ୍ଜନ ପଣ୍ଡା)

ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳା ସରପଞ୍ଚଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତା ହେଲେ ରାୟଗଡ଼ା ବ୍ଲକ କୁଲି ପଞ୍ଚାୟତର ସରପଞ୍ଚ ମାଙ୍ଗା କାଦ୍ରାକା। ଶନିବାର ବିଳମ୍ବିତ ରାତିରେ ମାଙ୍ଗା ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ସେ ତାଙ୍କ ସ୍ୱାମୀ ସୁରୀ କାଦ୍ରାକାଙ୍କୁ କହିବାରୁ ଆମ୍ବୁଲାନ୍ସ ସାହାଯ୍ୟରେ ସେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସରପଞ୍ଚଙ୍କ ବିୟୋଗରେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ରାଜ୍ୟରେ ୧୩ ଯାଏ ବର୍ଷା

ଭୁବନେଶ୍ୱର,୭।୯ (ବନ୍ଦନା ସେଠୀ)

ରାଜ୍ୟରେ ପୁଣି ବଢିବ ବର୍ଷା। ଆଞ୍ଚଳିକ ପାଣିପାଗ ସୂଚନାନୁସାରେ, ସେପ୍ଟେମ୍ବର ୭ରୁ ୧୩ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି। ମୌସୁମୀ ଟ୍ରଫ୍ ବର୍ତ୍ତମାନ ପୂର୍ବ- ଦକ୍ଷିଣପୂର୍ବ ଦିଗରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରୁଛି। ଏଥିସହ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ଉପରେ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷାର ତୀବ୍ରତା ବଢ଼ିଛି। ଏହି କ୍ରମରେ ସୋମବାର ରାଜ୍ୟର ୪ଟି ଜିଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଗଜପତି ଜିଲାକୁ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମ ଜିଲାର କିଛି ସ୍ଥାନରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଏବେ ଘୂର୍ଣ୍ଣିବଳୟ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସମୁଦ୍ର ପତ୍ତନଠାରୁ ୩.୧ ଏବଂ ୫.୮ କି.ମି. ଉଚ୍ଚତାରେ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



**ଆଜିର ମନ୍ତବ୍ୟ**

"ରୁଷିଆରୁ ତୈଳ କିଣୁଥିବା ଦେଶଗୁଡ଼ିକ ଉପରେ ଆମେରିକା ଓ ୟୁରୋପୀୟ ସଂଘ ଅଧିକ କଟକଣା ଲଗାଇଲେ ମସ୍କୋ ଅର୍ଥନୀତି ଭୁଶୁଡ଼ିପଡ଼ିବ ଓ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଲୋଚନାକୁ ଆସିବାକୁ ବାଧ ହେବେ। -ସ୍କଟ୍ ବେସେଣ୍ଟ, ଆମେରିକା ଅର୍ଥ ସଚିବ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ ମଜଦୂର ସଂଘ ପକ୍ଷରୁ ଆପୋଲୋ ହସ୍ପିଟାଲ୍ ବିରୋଧରେ ଗଣ ଆନ୍ଦୋଳନ, ସ୍ଥାନ: ହସ୍ପିଟାଲ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା।
- ରତ୍ନଚିରା ପବ୍ଲିକେଶନ୍ ପକ୍ଷରୁ ଇନ୍ଦ୍ରମଣୀ ପାଣିଗ୍ରାହୀଙ୍କ ଜନ୍ମ ଶତବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କଟକ

- ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବାରଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ସିବି ମେଡିକାଲ କଲେଜ ପକ୍ଷରୁ ନୂତନ ଡାକ୍ତର ଛାତ୍ରୀଛାତ୍ରଙ୍କ ସ୍ୱାଗତୋତ୍ସବ, ସ୍ଥାନ: ନୂତନ ସମ୍ମିଳନୀ କକ୍ଷ, ମେଡିକାଲ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- କଟକ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ କଲ୍ୟାଣୀ ନଗର ଓ ରାଜେନ୍ଦ୍ରନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ଉତ୍ସଙ୍ଗ, ସ୍ଥାନ: ଗୋବିନ୍ଦ ମଣ୍ଡପ, କଲ୍ୟାଣୀନଗର, ସମୟ: ସନ୍ଧ୍ୟା ୭ଟା ୩୦ମି।

## ପୁରୀ

- ସାକ୍ଷୀଗୋପାଳ ମା'ଜାଗୁଳାଇଙ୍କ କାଠି ବିଜେ ଯାତ୍ରା, ସ୍ଥାନ: ଅଲଗୁମ, କାଠିପଡ଼ିଆ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସାଦ ସେବନ ଓ ବନ୍ଧୁମିଳନ, ସ୍ଥାନ: ପୁରୁଣାବଜାର ଟୋକା ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୮ଟା।

## ମୟୂରଭଞ୍ଜ

- ଅଲମ୍ପିଆଡ୍ ପୁରସ୍କାରପ୍ରାପ୍ତ ଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ:ଚିତ୍ରଡ଼ା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ମୋରଡ଼ା,ସମୟ: ପୂର୍ବାହ୍ନ ୯ଟା।
- ବାସ୍ତବ ବାରିପଦା ପକ୍ଷରୁ ନାଟକ 'ପାପୀ', ନାଟ୍ୟ ଚେତନା ଭୁବନେଶ୍ୱର ପକ୍ଷରୁ ନାଟକ 'ରେବତୀ, ସେବତୀ ଏଇବତୀ',ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ୮ଟା ୩୦

## ବ୍ରହ୍ମପୁର

- ଫ୍ରେଣ୍ଡସ ହେଲ୍‌ପିଂ କ୍ଲବର ସଚେତନତା ରାଲି, ସ୍ଥାନ: ମେଣ୍ଟୁ ଛକ ଆସିକା ରୋଡ, ସମୟ: ସକାଳ ୭.୧୫।
- ଜନଶୁଣାଣି ଶିବିର, ସ୍ଥାନ: ଲାଠି ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୦ଟା

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦.୩୦।
- ଜିଲାପାଳ ଓ ଆରକ୍ଷୀଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି, ସ୍ଥାନ: ଶେରଗଡ଼ ବ୍ଲକ୍ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ନିଃଶୁଳ୍କ ଫିଜିଓଥେରାପି ଶିବିର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ବଜ୍ରପାତକୁ ନେଇ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିରିଡ଼ି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷିତ ସପ୍ତାହ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୨ଟା।
- କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ଅଥରିଟିର ୫୪ତମ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ,ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ, ସ୍ଥାନ: ଦିବ୍ୟ ଜୀବନ ସଂଘ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଞ୍ଝାରପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ, ସ୍ଥାନ: ଗଣିଆ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨.୩୦ଟା

- ଚାନ୍ଦ ଓଷା ପର୍ବ, ସ୍ଥାନ: କଣ୍ଟିଲୋ ହାଟମୁଣ୍ଡପାଟଣା, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ: ୧୦ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ପଞ୍ଚାୟତ ସମିତି ପୁନର୍ଗଠନ ନିମନ୍ତେ ଆଲୋଚନା ବୈଠକ, ସ୍ଥାନ: ଧୋଡ୍ରା ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦୁଧାରୀ,ସେମିଳିଗୁଡ଼ା ବ୍ଲକ, ଉମୁରି ପଞ୍ଚାୟତ କାର୍ଯ୍ୟାଳୟ ପରିସର,ଉମୁରି ବ୍ଲକ,କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:କାଲିମେଲା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କେବିକେ ଦ୍ୱାରା ଚାଷୀଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ, ସ୍ଥାନ:ମାଲକାନଗିରି ବ୍ଲକ ବାଡ୍ରିଅଟାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଙ୍ଗ ଅଧିକାର ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ମହିଳା ମହାବିଦ୍ୟାଳୟ ସଭା କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୬ଟା ୩୦।
- ପାଣି ପାଇଁ ବସ୍ତିବାସୀଙ୍କ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ୱାଟକୋ କାର୍ଯ୍ୟାଳୟ, ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ୧୦ଟା୩୦।
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ ଟା।
- ପଞ୍ଚାୟତସ୍ତରୀୟ ଆଇଇସି ପ୍ରୋଗ୍ରାମ,ସ୍ଥାନ: ଡୁମେରଯୋର ପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ, ସମୟ: ଅପରାହ୍ନ ୨ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ୍. ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିନିକା ପାପକ୍ଷୟ ଘାଟରେ ମୁକ୍ତି ସ୍ନାନ, ସ୍ଥାନ: ମହାନଦୀର ପାପକ୍ଷୟ ଘାଟ, ସମୟ: ପ୍ରାତଃ ୫ଟା।
- ଜିଲାପାଳ, ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଗ୍ରାମପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୂଆପଡ଼ା

- ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଓଡିଶା ପ୍ରଦେଶ ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଜିଲା କାର୍ଯ୍ୟାଳୟ ନୂଆପଡା, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ପୂଜା, ସ୍ଥାନ: ବାଗଡ଼ିହି ମହାକାଳ ମନ୍ଦିର, ସମୟ: ସକାଳ ୮ଟା।
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।



ଦେବଗଡ଼ ରିଆମାଳ ମୁଖ୍ୟରାସ୍ତାର ଝାଡ଼େଶ୍ୱର ମନ୍ଦିର ଛକ ନିକଟରେ ଚାଷୀମାନେ ରାସ୍ତାରୋକୋ କରୁଛନ୍ତି।

## ସାର ପାଇଁ ...

ଡିଲର ଗୋଦାମ ଖୋଲି ଅଧିକ ଦାମ୍‌ରେ ସାର ବିକ୍ରି କରୁଥିବାବେଳେ ଦିନରେ ଗୋଦାମ ଖୋଲିବାରେ ବିଳମ୍ବ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଦେବଗଡ଼ ଜିଲା ପୁରୁଣାଗଡ଼ ହକିଛକ ନିକଟରେ ଥିବା ଘରୋଇ ଡିଲରଙ୍କ ଗୋଦାମରେ ସାର ଗଚ୍ଛିତ ଥିବା ସୂଚନାପାଇ ରବିବାର ସକାଳେ ଶତାଧିକ ଚାଷୀ ସେଠାରେ ପହଞ୍ଚିଥିଲେ। ହେଲେ କଳାବଜାର ଉଦ୍ଦେଶ୍ୟରେ ଡିଲର ଜାଣିଶୁଣି ଗୋଦାମ ଖୋଲିବାରେ ବିଳମ୍ବ କରିଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ସେମାନେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଫଳରେ ଡିଲର ଗୋଦାମ ଖୋଲିବାରୁ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ରାସ୍ତା ଅବରୋଧ ହଟିଥିଲା। ପରେ ଚାଷୀମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଛିଡା ହୋଇ ସାର କିଣୁଥିବା ଦେଖିବାକୁ ମିଳିଥିଲା। କୃଷି ବିଭାଗ ଓ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପଦକ୍ଷେପ ନେବା ସହ ତୁରନ୍ତ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଏନେଇ ଦେବଗଡ଼ ଜିଲା କୃଷକ ସଂଘ ସଭାପତି ବିଜୟ କୁମାର ପ୍ରଧାନ କହିଛନ୍ତି, ଜିଲାରେ ସାର ଅଭାବ ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଫଳରେ ଅନେକ ସମୟରେ ଚାଷୀମାନେ ଧର୍ମଘଟ, ରାସ୍ତାରୋକୋ କରିଛନ୍ତି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପ୍ରୟାସ କଲେ ଚାଷୀ ଉପକୃତ ହେବେ। ସେହିପରି ଜିଲା ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ କହିଛନ୍ତି, ଜିଲାରେ ରାସାୟନିକ ସାର ଯୋଗାଣରେ ଅବ୍ୟବସ୍ଥା ପାଇଁ କୃଷି ବିଭାଗ ଓ ପ୍ରଶାସନ ଦାୟୀ। କିଛିଦିନ ପୂର୍ବରୁ ଡିଏପି ଓ ଗ୍ରୋମୋର ସାର ଅଭାବ ଦେଖାଦେବାରୁ ଜିଲା କୃଷି କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ପରେ କୃଷି ବିଭାଗ ପକ୍ଷରୁ ସାର ଯୋଗାଇ ଦିଆଯାଇଥିଲା। ପ୍ରଶାସନର ଖାମଖିଆଲ ନୀତି ପାଇଁ ଏବେ ୟୁରିଆ ସାର ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ବିଭାଗ ପକ୍ଷରୁ ତୁରନ୍ତ ସାର ଯୋଗାଇ ଦିଆ ନଗଲେ କୃଷି ବିଭାଗ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ବାଧ ହେବୁ। ଅପରପକ୍ଷେ ଭାରପ୍ରାପ୍ତ ଜିଲା କୃଷି ଅଧିକାରୀ ମନୋଜ ମାରାଣ୍ଡିଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ କଲ୍ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ମାଲକାନାଗିରି ଜିଲା କାଲିମେଲା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥରେ ଶତାଧିକ ଚାଷୀ ରବିବାର ବସି ରହିଥିଲେ। ସକାଳ ୭ଟାରୁ ବିଜୟୱାଡା-ରାଞ୍ଚିକୁ ସଂଯୋଗ କରୁଥିବା ରାଜରାସ୍ତାରେ କାଠ ଓ ଟାୟାର ରଖି ପ୍ରତିବାଦ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ଏହି ଖବର ଜଣାପଡ଼ିବା ପରେ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପସ ଶାଖା ପରିଚାଳକ ଗୁରୁଚାନ୍ଦ ମଣ୍ଡଳ ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରି ମଙ୍ଗଳବାର ସୁଦ୍ଧା ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ମହାରାଜପଲ୍ଲୀ ପଞ୍ଚାୟତକୁ ଏପର୍ଯ୍ୟନ୍ତ ୟୁରିଆ ସାର ଆସିନାହିଁ। ଫଳରେ ଜମିରେ ସାର ପକାଇବା ସମୟ ଗଡ଼ି ଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପସ ଶାଖା ପରିଚାଳକ ଗୁରୁଚାନ୍ଦଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ୬୦୦ ରୁ ୬୫୦ ବ୍ୟାଗ ସାର ଆସିଲେ ଚାଷୀଙ୍କୁ ବଣ୍ଟାଯିବ । ତାଲିକା ପ୍ରସ୍ତୁତି କରି ରଖାଯାଇଛି, ଆସିବାମାତ୍ରେ ଦିଆଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ କାଲିମେଲା ବ୍ଲକ ପୁସୁଗୁଡା ପଞ୍ଚାୟତରେ ଚଢ଼ାଦରରେ ୟୁରିଆ ସାର ବିକ୍ରିକୁ ନେଇ ଚାଷୀଙ୍କ ପକ୍ଷରୁ ରାସ୍ତା ଅବରୋଧ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଚାଷୀ ସମସ୍ୟା, ସାର ବଣ୍ଟନର ସମୀକ୍ଷା କଲେ ମନ୍ତ୍ରୀ

### ସାର ହେରଫେର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ଅନୁରାଧା ମହାରଣା)/ ଗୋପାଳପୁର, ୭।୯ (ନବୀନ ରାଜ ଆଚାରୀ)

ରାଜ୍ୟରେ ସାର ଓ ଚାଷୀଙ୍କ ସମସ୍ୟା ଦୂର ପାଇଁ ରବିବାର ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୋପାଳପୁର ନିର୍ବାଚନମଣ୍ଡଳୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଗୋଲନ୍ଥରାସ୍ଥିତ ବନ୍ଦେ ମାତରଂ ଗୃହଠାରେ ମନ୍ତ୍ରୀ ଜେନାଙ୍କ ଅଧକ୍ଷତାରେ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ଚାଷୀଙ୍କ ସମସ୍ୟା ଓ ସାର ବିକ୍ରୟ ସଂକ୍ରାନ୍ତରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମବାୟ ସମିତି ସଭାପତି, ସମ୍ପାଦକମାନେ ନିଜ ସମବାୟ ସଂସ୍ଥାର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେତେକ ପାକ୍ସରେ ଜାଗା ନ ଥିବା ଯୋଗୁ ସ୍ଥାୟୀ କାର୍ଯ୍ୟାଳୟ ତଥା ଗୋଦାମ ଗୃହ ନିର୍ମାଣ ହୋଇପାରୁନାହିଁ ଏବଂ ପାକ୍ସ ସମ୍ପାଦକ ପଦ ଖାଲିଥିବାରୁ ସମସ୍ୟା ହେଉଥିବା ଜଣାଇଥିଲେ। ମନ୍ତ୍ରୀ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ଜାଗା ଜମି ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଅନ୍ୟାନ୍ୟ ସମସ୍ୟାର ସମାଧାନ ୭ଦିନ ଭିତରେ କରିବାକୁ ଉପସ୍ଥିତ ଥିବା ସହକାରୀ ସମବାୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପାକ୍ସୱାରି କେତେ ସାର ଆବଶ୍ୟକ ସେନେଇ ତାଲିକା ପ୍ରସ୍ତୁତ କରି ତୁରନ୍ତ ଯୋଗାଣ ନିମନ୍ତେ ଉପସ୍ଥିତ ଥିବା ଜିଲା କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୯୯୯ ମେଟ୍ରିକ ଟନ ସାର ୨୯ଟି ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚିସାରିଛି। ଯେଉଁ ବ୍ୟକ୍ତି କିମ୍ବା ଅଧିକାରୀ ସାରରେ ହେରଫେର୍ କରିବେ, ତାଙ୍କ ଉପରେ ସରକାରଙ୍କ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଜିଲା କୃଷି ଅଧିକାରୀ ଅଜୟ କୁମାର କର, ସହକାରୀ ସମବାୟ ଅଧିକାରୀ ଦେବାଶିଷ ସ୍ୱାଇଁ ଓ ରଙ୍ଗେଇଲୁଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀ କିଶୋର କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ନାବାଳିକାଙ୍କୁ ବଳାତ୍କାର ...

କ୍ଷତବିକ୍ଷତ ମୃତଦେହ ଗାଁ ନାଳରେ ମୁହଁ ମାଡ଼ି ପଡିଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ନାବାଳିକାଙ୍କ ତଣ୍ଟି, ହାତ, କାନ ପାଖରେ କଟାଦାଗ ରହିଛି। ତାଙ୍କୁ କେହି ବଳାତ୍କାର ପରେ ହତ୍ୟା କରିଥିବା ତାଙ୍କ ଭାଇ କହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଅନୁଗୋଳ ସଦର ଥାନା ପୋଲିସ, ବନ୍ତଳା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ହେଲେ ଦୋଷୀଙ୍କୁ ଧରିବା ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ଅନୁଗୋଳ-ବନ୍ତଳା ମୁଖ୍ୟରାସ୍ତାକୁ ଶାବଳଭଙ୍ଗାଠାରେ ଅବରୋଧ କରିବା ସହ ମୃତଦେହ ଘଟଣାସ୍ଥଳରୁ ଉଠାଇବାକୁ ଦେଇ ନ ଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଆସିବା ଦାବିରେ ସେମାନେ ଅଟଳ ରହିଥିଲେ। ଘଟଣାସ୍ଥଳରେ ସଦର ଆଇଆଇସି ମୃଣାଳ କାଲ, ଏସ୍‌ଡିପିଓ ରମାକାନ୍ତ ମହାଲିକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ଶେଷରେ ଲୋକଙ୍କ ଦାବି ଅନୁଯାୟୀ, ଅନୁଗୋଳରୁ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ନିଜେ ଦାୟିତ୍ୱ ନେଇ ତଦନ୍ତ କରିବା ସହ ୭ଦିନ ଭିତରେ ଦୋଷୀଙ୍କୁ ଧରି କଠୋର ଦଣ୍ଡବିଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୫ଘଣ୍ଟା ପରେ ଗ୍ରାମବାସୀ ରାସ୍ତା ଅବରୋଧ ହଟାଇଥିଲେ। ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ ପୀଡ଼ିତାଙ୍କୁ ପରିବାରଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ଅନୁଗୋଳ ଥାନା ଅଧିକାରୀ ଧୀରେଶ ଦାସ, ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ ରହି ତଦନ୍ତରେ ସହଯୋଗ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରଥମେ ହୋଇଥିବା ନିଖୋଜ ଅଭିଯୋଗ କ୍ରମେ ପୋଲିସ ୧୪/୨୫ ନମ୍ବରରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟରେ ବଳାତ୍କାର ହୋଇଥିବା ଜଣାପଡ଼ିଲେ ତଦନୁଯାୟୀ ଦଫା ଲଗାଯିବ ବୋଲି ଆଇଆଇସି କାଲ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଘର ମାଉସୀ ବିଲେଇ**
**ନିଆଁ ମାଗିଗଲା କେଉଟ ସାହି**
**ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ।**

ଶ୍ରଦ୍ଧାରେ ବିଲେଇକୁ ପୁଷି ମାଉସୀ ବୋଲି କୁହାଯାଇଥାଏ। ସାଧାରଣତଃ ବିଲେଇ ଆଇଁଷ ରଙ୍କୁଣା। ଯେଉଁଠି ମାଛ କି ଶୁଖୁଆର ଟିକିଏ ଗନ୍ଧ ପାଏ ସେ ସେଇଠି ନସର ପସର ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଆମିଷଲୋଭୀ ବ୍ୟକ୍ତିଙ୍କର ଏତାଦୃଶ ଲକ୍ଷଣ ଦେଖାଯାଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି**
**ବନ୍ଧେଇଲା ପାଣି ରହୁ ଏଣିକି।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହିଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ସକାଶେ ମନ ବଳାଇବେ। ଅଶ୍ୱିନୀ ନକ୍ଷତ୍ରର ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ ଆପଣଙ୍କୁ ଅଣଦେଖା କରି ସମାଲୋଚିତ ହୋଇପାରନ୍ତି।

**ବୃଷ** ଆଜି ରୋହିଣୀ ନକ୍ଷତ୍ର କାର୍ଯ୍ୟସିଦ୍ଧି ହେବା କାରଣରୁ ମାନସିକ ଶାନ୍ତି ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟାର ସମାଧାନ ହୋଇଯିବ। ସଭାସମିତି, ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ସମ୍ପର୍କୀୟଙ୍କ ସହାୟତାରେ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ । ଆର୍ଦ୍ରା ନକ୍ଷତ୍ର ବିବାଦୀୟ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନିଅନ୍ତୁ। ଫାଇଲପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାୟତାରେ କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ବ୍ୟବସାୟରେ ଲାଭବାନ ହେବେ ମାତ୍ର ଆଶାନୁରୂପ ନ ହୋଇପାରେ। ଆଲୋଚନା ପରିସରରେ ନ୍ୟାୟୋଚିତ ଏବଂ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ସିଂହ** ମଘା ନକ୍ଷତ୍ର ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ପାଇବା କଷ୍ଟକର ହେବ। ଉଚ୍ଚ ପଦାଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହେବେ। ପାରିବାରିକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ବ୍ୟସ୍ତତା ବଢ଼ିଯିବ। ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଅଯଥା ଦୋଷୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବାର ସମ୍ଭାବନା ରହିଛି।

**ତୁଳା** ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଲାଗିରହିଥିବା ସମସ୍ୟା ସମାଧାନ ହେବ। ଅବଶ୍ୟ ଏହି ଦିଗରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ବିଛା** ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ଅନୁରାଧା ନକ୍ଷତ୍ର ଆନୁଷ୍ଠାନିକ କାମରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଧାତ୍ମିକ କାର୍ଯ୍ୟକ୍ରମରେ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ପରିବାରର ଇଚ୍ଛା ବିରୁଦ୍ଧରେ କାମ କଲେ ସମାଲୋଚିତ ହେବାର ସୂଚନା ରହିଛି।

**ମକର** ଶ୍ରବଣା ନକ୍ଷତ୍ରର ସାମାନ୍ୟ ଅସୁସ୍ଥତାଜନିତ ମନଟା ଭଲ ରହି ନ ପାରେ। ବିଭିନ୍ନ ପ୍ରକାରର ସମସ୍ୟା ଜନିତ କଳା ସାହିତ୍ୟରେ ସମସ୍ୟା ବୃଦ୍ଧି ପାଇପାରେ। ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପୂର୍ବଶତ୍ରୁତାରେ ମନ ବିଚଳିତ ରହିପାରେ।

**କୁମ୍ଭ** କାମଗୁଡିକ ପୂର୍ଣ୍ଣାଙ୍ଗ କରିବାକୁ ଅନ୍ୟମାନଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବେ। ପୂର୍ବାଭାଦ୍ରପଦ ନକ୍ଷତ୍ର ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ବେଳେ ସ୍ୱର୍ଶକାତର କଥାରେ ଚିହ୍ନା ପଡିବା ଠିକ୍ ହେବନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ ବନ୍ଧୁଙ୍କ କାମରେ ବାହାରକୁ ଯିବାକୁ ପଡ଼ିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ସାମାଜିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆଗ୍ରହୀ ହେବେ।

ଆଜି ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଅପରପକ୍ଷ ଓ ପିତୃତର୍ପଣ ଆରମ୍ଭ, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ଜହ୍ନିଓଷା ଆରମ୍ଭ, ଶରଣ, ଆଶ୍ୱିନ କୃଷ୍ଣପ୍ରତିପଦା ସୋମବାର। ରାଶିନକ୍ଷତ୍ର- ପୂର୍ବାଭାଦ୍ରପଦ/କୁମ୍ଭ, ଦିବା ଘ. ୦୨.୨୮ ମି. ଗତେ ମୀନଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ (ମହାଳୟା ବିଧିରେ କରାଯିବ)। ସକାଳ ଘ.୦୫.୩୭ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ. ୧୦.୩୦ମି. ଗତେ ଘ. ୧୨.୫୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୮ ମି. ଗତେ ଘ. ୦୮.୪୦ମି. ମଧ୍ୟେ ରାହୁ କାଳ ।




ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବରେ ସମ୍ରାଟ୍ ଦତ୍ତ ଓ ସାନ୍ତନୁ ରାୟ ଭାରତନାଟ୍ୟମ୍ ଏବଂ ଚିନ୍ମୟୀ ଦ୍ୱାରକାନାଥ ଓ କୋଏମ୍ବାଟୁର ଲଳିତ କଳା ମନ୍ଦିରର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ରୋମାଞ୍ଚିତ କଲା ଗୁରୁ-ଶିଷ୍ୟଙ୍କ ଭାରତନାଟ୍ୟମ୍ ନୃତ୍ୟ

## ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର, ୭।୯ (ସୌମ୍ୟରଞ୍ଜନ ରାଉତ)

ସୃଜନ- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ଅତିଥି ଭାବେ ମର୍ଦ୍ଦଳବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସମ୍ପାଦିକା ପଦ୍ମଶ୍ରୀ ଗୁରୁ ଡ. ଅରୁଣା ମହାନ୍ତି, ସାମାଜିକ କର୍ମୀ ପ୍ରିୟ ରଞ୍ଜନ ଦାସ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଭାରତନାଟ୍ୟମ୍ ଗୁରୁ ସମ୍ରାଟ୍ ଦତ୍ତଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପ୍ରଖ୍ୟାତ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଭାରତନାଟ୍ୟମ୍ ନୃତ୍ୟଗୁରୁ ଓ ଶିଷ୍ୟ।

ଭାରତନାଟ୍ୟମ୍ ଗୁରୁ-ଶିଷ୍ୟ ଯୋଡ଼ି ସମ୍ରାଟ୍ ଦତ୍ତ ଓ ସାନ୍ତନୁ ରାୟଙ୍କ ଦ୍ୱାରା କୋଲକାତାର ସମୃଦ୍ଧ ଭାରତନାଟ୍ୟମ୍ ପରମ୍ପରାକୁ ଅନୁପ୍ରାଣିତ କରୁଥିବା ନୃତ୍ୟ ପରିବେଷଣ ହୋଇଥିଲା। ସେମାନଙ୍କର ଉପସ୍ଥାପନା ଦଶମହାବିଦ୍ୟା, ସମ୍ରାଟ୍ଙ୍କ ଦ୍ୱାରା ଗବେଷଣାତ୍ମକ ନୃତ୍ୟଶିଳ୍ପ, ତନ୍ତ୍ର ଅନୁସାରେ ପରାଶକ୍ତିର ୧୦ଟି ରୂପକୁ ଚିତ୍ରଣ କରିଥିଲା। କେ. ଜି. ପ୍ରସାଦଙ୍କ କଣ୍ଠସ୍ୱରରେ କୃଷ୍ଣଚନ୍ଦ୍ରଙ୍କ ଆକର୍ଷଣୀୟ ସଙ୍ଗୀତ ସଂଯୋଜନାରେ ସେମାନଙ୍କର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ପରବର୍ତ୍ତୀ ପରିବେଷଣରେ ଚିନ୍ମୟୀ ଦ୍ୱାରକାନାଥ ଏବଂ କୋଏମ୍ବାଟୁରର ଲଳିତ କଳା ମନ୍ଦିରର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେମାନେ ବିନାୟକ ସ୍ମରଣ ସହିତ ନୃତ୍ୟ ଆରମ୍ଭ କରିଥିଲେ, ଯାହା ଭଗବାନ୍ ଗଣେଶଙ୍କ ପ୍ରତି ଏକ ବିନମ୍ର ପ୍ରାର୍ଥନା ଥିଲା ଓ ବକ୍ରତୁଣ୍ଡରୁ ଗଜାନନ ପର୍ଯ୍ୟନ୍ତ ୧୨ଟି ପବିତ୍ର ନାମକୁ ନୃତ୍ୟ ମାଧ୍ୟମରେ ସ୍ମରଣ କରିଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ଓ ବିନୋଦ କୁମାର ପଣ୍ଡାଙ୍କ ସଙ୍ଗୀତ ରଚନା ସହ କଣ୍ଠସ୍ୱରରେ ପରିବେଷିତ ହୋଇଥିଲା। ଏହାପରେ ସେମାନେ ଶ୍ରୀ ରାମଚନ୍ଦ୍ର କୃପାଳୁ ଭଜମନରେ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ଓ ପ୍ରଦୀପ କୁମାର ଦାସଙ୍କ ସଙ୍ଗୀତ ସଂଯୋଜନାରେ ନୃତ୍ୟ କରିଥିଲେ। ସେମାନଙ୍କ ଅନ୍ତିମ ପ୍ରସ୍ତୁତିରେ ଥିଲା ଚିନ୍ମୟୀ ଦ୍ୱାରକନାଥଙ୍କ ଦ୍ୱାରା ନୃତ୍ୟ ସଂରଚିତ ମୃତ୍ୟୁଞ୍ଜୟ, ଯାହା ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଶାନ୍ତାନନ୍ଦ ସରସ୍ୱତୀଙ୍କ ଦିବ୍ୟ ପ୍ରବାହକୁ ଜୀବନ୍ତ କରିଥିଲା। ଗୁରୁ ରତିକାନ୍ତ ମହାପାତ୍ରଙ୍କ ପରିକଳ୍ପିତ ଏହି ଉତ୍ସବକୁ କାର୍ଯ୍ୟକାରୀ କରିଥିଲେ ଦେବୀପ୍ରସାଦ ମିଶ୍ର। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବର ମିଡିଆ ପାର୍ଟନର ରହିଛି 'ଧରିତ୍ରୀ' ଏବଂ ' ଓଡ଼ିଶା ପୋଷ୍ଟ'।

# ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଅତିଥିମାନେ ପରିଷଦର ସ୍ମରଣିକା 'ପ୍ରଜ୍ଞା' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୭।୯(ସୁଚିସ୍ମିତା ସାହୁ)

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ତମ ପ୍ରତିଷ୍ଠା ଦିବସ

ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ। ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ନିଜ ଭିତରେ ଲୁଚି ରହିଥିବା ଶକ୍ତିକୁ ଚିହ୍ନି ଆଗକୁ ବଢ଼ିବାକୁ ପଡିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ ରବିବାର ପରିଷଦ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ଶିକ୍ଷା ମନୁଷ୍ୟ ଚରିତ୍ର ଗଠନରେ ସହାୟକ ହୁଏ। କୌଣସି କାର୍ଯ୍ୟରେ ପିଲାମାନେ ଭୟଭୀତ ନ ହୋଇ ଦୃଢ଼ତାର ସହ କାର୍ଯ୍ୟ କରନ୍ତୁ। ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦୀର୍ଘ ୪୩ ବର୍ଷର ଯାତ୍ରା ଅତିକ୍ରମ କରି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣରେ ନିରନ୍ତର ସହଭାଗୀ ହୋଇଆସୁଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ କହିଲେ, ପିଲାମାନେ ନିଜ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ପାଠପଢ଼ାରେ ଧ୍ୟାନ ଦିଅନ୍ତୁ। ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ ସଭାପତି ଶ୍ରୀକାନ୍ତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଜୀବନରେ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ ପରିଷଦର ସ୍ମରଣିକା 'ପ୍ରଜ୍ଞା' ଏବଂ ଏନ୍ଏସ୍ଏସ୍ର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରିଥିଲେ। ଏସ୍‌ଜିଏଫ୍ଆଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରିଷଦ କର୍ମଚାରୀଙ୍କ ଦ୍ୱାରା ସାମାଜିକ ନାଟକ 'ଗୁରୁଦକ୍ଷିଣା' ପରିବେଷଣ କରାଯାଇଥିଲା। ପରିଷଦ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସଚିବ ଶୁଭ୍ରବାଳା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କେନ୍ଦ୍ରୀୟ ଶୈଳୀରେ ହେବ ସ୍ୱତନ୍ତ୍ର ଓଟିଇଟି

ଭୁବନେଶ୍ୱର,୭।୯(ସୁଚିସ୍ମିତା ସାହୁ)

ସିବିଏସ୍ଇ ଓ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଶୈଳୀରେ ସ୍ୱତନ୍ତ୍ର ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ(ଓଟିଇଟି) କରାଯିବ। ଓଟିଇଟି ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଓ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ଦୃଢ଼ ବିକଳ୍ପ ପଦକ୍ଷେପ ସ୍ୱରୂପ ଏହି ଦୁଇ ଅନୁଷ୍ଠାନର ପରୀକ୍ଷା ପରିଚାଳନା ଢାଞ୍ଚାକୁ ବୋର୍ଡ ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଆସନ୍ତା ୨୭ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟିରେ ଏହି ଟେକ୍ନିକ୍‌କୁ ବ୍ୟବହାର କରାଯିବ। ସେହିପରି ଡିଜି ଲକର ସହିତ ବକ୍ସ, ଟ୍ରଙ୍କ ମାଧ୍ୟମରେ ପ୍ରଶ୍ନପତ୍ର ପଠାଯିବ। ଏହି ପ୍ରଶ୍ନପତ୍ରକୁ ପୋଲିସ ସହାୟତାରେ ହିଁ ପରୀକ୍ଷା କେନ୍ଦ୍ରଗୁଡିକୁ ପଠାଯିବ। ଏଥିସହ ଜିଲାପାଳ, ଏସ୍‌ପି ଓ ଡିଇଓଙ୍କ ସହାୟତାରେ ପରୀକ୍ଷା ହେବ ବୋଲି ବିଏସ୍ଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ ୧୯୩ଟି କେନ୍ଦ୍ରରେ ପରୀକ୍ଷା କରାଯିବ। ପରୀକ୍ଷାର୍ଥୀଙ୍କ ପାଇଁ ୧୭ ତାରିଖରୁ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ www.bseodisha.ac.in ରେ ଉପଲବ୍ଧ ହେବ। ବିଦ୍ୟାର୍ଥୀମାନେ ୨୭ ତାରିଖ ସକାଳ ଯାଏ ଆଡ୍‌ମିଟ କାର୍ଡ ନେଇ ପାରିବେ। ସେହିପରି ଗୋଟିଏ ଦିନରେ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପ୍ରଥମ ସିଟିଂ ସକାଳ ୯ରୁ ଆରମ୍ଭ ହେବାକୁ ଥିବା ବେଳେ ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ୪ଟା ଯାଏ ଚାଲିବ। ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ ଯୋଗୁ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ବାତିଲ ହୋଇଥିଲା।

# ଆଜିଠୁ ପିତୃପକ୍ଷ ଆରମ୍ଭ

ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)

ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ତିଥି ସୋମବାରଠାରୁ ପିତୃପକ୍ଷ ଆରମ୍ଭ ହେବ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଏ। ପିତୃପକ୍ଷ ଅବସରରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ କରିବେ। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ କୁହାଯାଏ। ଏହି ପିତୃପକ୍ଷ ତିଥିରେ ତାଙ୍କ ଉତ୍ତରପୁରୁଷମାନେ ତୀର୍ଥ ପୁଷ୍କରିଣୀରେ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୀର୍ବାଦ



@ ବୁବୁ



@ ମହେଶ୍ୱେତା



@ ସୌମ୍ୟରଞ୍ଜନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସହରାଞ୍ଚଳ ପାର୍କିଂ ସମସ୍ୟା ଦୂର ପାଇଁ ଆସିବ ସ୍ୱତନ୍ତ୍ର ନୀତି

ଭୁବନେଶ୍ୱର, ୭।୯ (ବନ୍ଦନା ସେଠୀ)

ଓଡିଶାର ଦ୍ରୁତ ଅଭିବୃଦ୍ଧିଶୀଳ ସହରାଞ୍ଚଳରେ ଅନିୟନ୍ତ୍ରିତ ପାର୍କିଂ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ଆସିବ ସ୍ୱତନ୍ତ୍ର ନୀତି। ଇତିମଧ୍ୟରେ ଏକ ଡ୍ରାଫ୍ଟ ପାର୍କିଂ ନୀତି ଡିଜାଇନ୍ କରାଯାଇଛି। ଚୂଡ଼ାନ୍ତ ହେବା ପରେ ଏହା ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ପାଇଁ ଦକ୍ଷ, ସ୍ୱଚ୍ଛ ଏବଂ ସ୍ଥାୟୀ ପାର୍କିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଏକ ମାର୍ଗଦର୍ଶକ ଡକ୍ୟୁମେଣ୍ଟ ଭାବରେ କାର୍ଯ୍ୟ କରିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ଚୂଡ଼ାନ୍ତ ପାର୍କିଂ ନୀତି ପ୍ରସ୍ତୁତି ପରିପ୍ରେକ୍ଷୀରେ ବିଭାଗ ତତ୍ତ୍ୱାବଧାନରେ ଓଡ଼ିଶା ଅର୍ବାନ ଏକାଡେମୀ ସହରାଞ୍ଚଳ ପକ୍ଷରୁ ଗତ ୪ ତାରିଖରେ ଏକ ପରାମର୍ଶଦାତା କର୍ମଶାଳା ଆୟୋଜିତ ହୋଇଥିଲା। ପାର୍କିଂର ଉତ୍ତମ



କର୍ମଶାଳାରେ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲଙ୍କ ସହ ଅନ୍ୟମାନେ।

ପରିଚାଳନା, ଭିଡ଼ ହ୍ରାସ, ନିରାପଦ ଏବଂ ବାସଯୋଗ୍ୟ ସହରଗୁଡ଼ିକୁ ସମର୍ଥନ କରିବା ପାଇଁ ବ୍ୟାପକ ନୀତି ଢାଞ୍ଚା ସୃଷ୍ଟି କରିବା ଉପରେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟର ପ୍ରମୁଖ ଅଂଶୀଦାରମାନଙ୍କୁ ସହରାଞ୍ଚଳ ପାର୍କିଂର ବର୍ଦ୍ଧିତ ଚ୍ୟାଲେଞ୍ଜର ସ୍ଥାୟୀ ଏବଂ ବ୍ୟାବହାରିକ ସମାଧାନ ଉପରେ ବିଚାରବିମର୍ଶ କରିବା ପାଇଁ ଏକତ୍ର କରାଯାଇଥିଲା। ଏକ ସଂରଚିତ ବ୍ୟବସ୍ଥା ମାଧ୍ୟମରେ ଅନ୍ ଷ୍ଟ୍ରିଟ୍ ଏବଂ ଅଫ୍ ଷ୍ଟ୍ରିଟ୍ ପାର୍କିଂକୁ ନିୟନ୍ତ୍ରଣ କରିବା, ଅବାଧ ପାର୍କିଂକୁ ନିରୁତ୍ସାହିତ କରିବା ପାଇଁ ଚାହିଦାଭିତ୍ତିକ ପାର୍କିଂ ଶୁଳ୍କ ପ୍ରଚଳନ କରାଯିବା, ଚାଲିବା, ସାଇକେଲିଂ ଏବଂ ସାର୍ବଜନୀନ ପରିବହନ ସମନ୍ୱୟ ଭଳି ସ୍ଥାୟୀ ଗତିଶୀଳତା ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ ଡ୍ରାଫ୍ଟ ନୀତି ଓ ଟ୍ରାଫିକ୍ ପ୍ରବାହକୁ ଉନ୍ନତ କରିବା, ସୁରକ୍ଷା ବୃଦ୍ଧି ସହ ନାଗରିକ-ଅନୁକୂଳ ସହରାଞ୍ଚଳ ସ୍ଥାନ ସୃଷ୍ଟି କରିବା ଉପରେ ଆଲୋଚନା କରିଥିଲେ। ଏଥିସହ ସହରାଞ୍ଚଳ ଜମି ଏବଂ ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ନିଶ୍ଚିତ କରିବା, ଦକ୍ଷ ପାର୍କିଂ ପରିଚାଳନା ପାଇଁ ସ୍ମାର୍ଟ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯିବା ଦିଗରେ ଅଂଶଗ୍ରହଣକାରୀମାନେ ଆଧୁନିକ ଗତିଶୀଳତା ଧାରାଗୁଡ଼ିକୁ ସମନ୍ୱିତ କରିବା, ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶଗତ ସ୍ଥିରତା ଲକ୍ଷ୍ୟ ସହିତ ଢାଞ୍ଚାକୁ ସମନ୍ୱିତ କରିବା ଉପରେ ସେ ପରାମର୍ଶ ଦେଇଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ, ମ୍ୟୁନିସିପାଲ କମିଶନର, ଟ୍ରାଫିକ ଏବଂ ପରିବହନ ବିଶେଷଜ୍ଞ, ନଗର ଯୋଜନାକାରୀ, ସ୍ଥପତି, ନାଗରିକ ସମାଜ ପ୍ରତିନିଧି ଏବଂ ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଥିଲେ।

# ଅଭିଜିତ୍‌ଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର: ସ୍ୱାସ୍ଥ୍ୟମନ୍ତ୍ରୀ

## ଆବଶ୍ୟକ ପଡିଲେ ଦିଲ୍ଲୀ ଏମ୍‌ସ ସ୍ଥାନାନ୍ତର

ଭୁବନେଶ୍ୱର, ୭।୯ (ବନ୍ଦନା ସେଠୀ)

ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମ୍‌ଦାର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତରିତ ହୋଇପାରନ୍ତି। ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ରବିବାର ସନ୍ଧ୍ୟାରେ ଏମ୍‌ସ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବା ଅଭିଜିତଙ୍କୁ ଭେଟିବା ସହ ତାଙ୍କ ଚିକିତ୍ସା ସଂକ୍ରାନ୍ତରେ ଡାକ୍ତରୀ ଦଳ ସହ ଆଲୋଚନା କରିଥିଲେ। ପରେ ଏ ସଂକ୍ରାନ୍ତରେ ସୂଚନା ଦେଇ ମନ୍ତ୍ରୀ କହିଲେ, ପ୍ରୋଟୋକଲ୍ ଅନୁଯାୟୀ ଡାକ୍ତରୀ ଟିମ୍ ଆବଶ୍ୟକ ଚିକିତ୍ସା ଯୋଗାଇ ଦେଉଛନ୍ତି। ଅଭିଜିତ୍‌ଙ୍କ କିଡ୍‌ନୀ ଓ ଲିଭର ସମସ୍ୟା ଯାହା ରହିଥିଲା ବର୍ତ୍ତମାନ ସେଥିରେ ଧୀରେଧୀରେ ସୁଧାର ଆସୁଛି। ମାତ୍ର ସେ




ଅଭିଜିତ ମଜୁମ୍‌ଦାରଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

କଥାବାର୍ତ୍ତା କରିପାରୁ ନାହାନ୍ତି। ତେଣୁ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ପଡିଲେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତରିତ କରିବାକୁ ମଧ୍ୟ ପ୍ରସ୍ତୁତ ଅଛୁ। ଏନେଇ ଦିଲ୍ଲୀ ଏମ୍ସ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ଆଲୋଚନା କରାଯାଇଛି। ଉକ୍ତ ଟିମ୍ ଯାହା ପରାମର୍ଶ ଦେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରାଯିବ। ସୋମବାର ପୁନର୍ବାର ଭୁବନେଶ୍ୱର ଏମ୍‌ସର ଡାଇରେକ୍ଟର ଓ ଦିଲ୍ଲୀ ଏମ୍‌ସ ଡାଇରେକ୍ଟରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ସହ ଏକାମ୍ର ବିଧାୟକ ବାବୁ ସିଂ, ଅଭିନେତା ଶ୍ରୀତମ ଦାସ, ଡା. ଅମ୍ରିତ ପାଟ୍ଟଯୋଶୀ ପ୍ରମୁଖ ଏମ୍‌ସ ଯାଇଥିଲେ।

**ମହାନଦୀରେ ଜଳସ୍ତର ବୃଦ୍ଧି: ପଠାରେ ଫସିଲେ ଗୋରୁପଲ**

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର) : ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ କୁଶୁପଙ୍ଗୀ ପଞ୍ଚାୟତ ନିକଟ ବାଲି ପଠାରେ ରବିବାର ୩୦ରୁ ଊର୍ଦ୍ଧ୍ୱ ଗୋରୁ, ବାଛୁରୀ ଫସି ରହିଥିଲେ। ମହାନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ଖାଦ୍ୟ ଅନ୍ୱେଷଣରେ ବାଲିପଠାକୁ ଯାଇ ସେମାନେ ଆଉ ଫେରି ପାରି ନଥିଲେ। ଖବରପାଇ ଡମପଡା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୋରୁଗୁଡ଼ିକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଅଟକ

କଟକ ସଦର,୭।୯(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ନୟାଗଡ଼ ଜିଲା ରଣପୁର ଏନ୍‌ଏସିର ଜଣେ ରାଜନେତାଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ କିଶନନଗର ଥାନାରେ ପୋଲିସ ଏକ ମାମଲା (ନଂ ୨୨୩/୨୫) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସାମାଜିକ ଗଣମାଧ୍ୟମରେ ସମ୍ପୃକ୍ତ ନେତା ପୀଡିତାଙ୍କ ଅର୍ଦ୍ଧନଗ୍ନ ଫଟୋ ଅପଲୋଡ୍ କରିଥିଲେ। ନିଜର ଆତ୍ମସମ୍ମାନରେ ଆଞ୍ଚ ଆସିବାରୁ ପୀଡ଼ିତା ସେପ୍ଟେମ୍ବର ୧ରେ ଥାନାରେ ଅଭିଯୋଗ କରିଥିଲେ।

### ଭାଗବତ ଜନ୍ମ ଉତ୍ସବ

ବାଙ୍କୀ/ତିଗିରିଆ, ୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଜାଫର ଖାଁ): ବାଙ୍କୀର ବିଭିନ୍ନ ମଠ, ଆଶ୍ରମ ଓ ମନ୍ଦିରରେ ପବିତ୍ର ଭାଗବତ ଜନ୍ମ ଉତ୍ସବ ତଥା ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ରଣପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ଜଳେଶ୍ୱର ମନ୍ଦିର ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ଭାଗବତ ଜନ୍ମୋତ୍ସବ ଓ ଭାଗବତ ସପ୍ତାହ ଶୁଭାରମ୍ଭ କରାଯାଇଛି। ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତିର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଭାଗବତ ଜନ୍ମ ଉତ୍ସବର ମହିମା ସମ୍ପର୍କରେ ଆଲୋକପାତ କରିଥିଲେ। ଗଗନ ବିହାରୀ ସାମଲ, ବୀରବର ପ୍ରଧାନ, ଗୋପାଳ ମଙ୍ଗୁଆଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ। ସେହିପରି ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତର ଗୋଡିଝରିଆ ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ଭାଗବତ ଜନ୍ମ ଉତ୍ସବ ପାଳନ କରାଯାଇଛି। ଗ୍ରାମର ଭାଗବତ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚନ୍ଦ୍ର ଗ୍ରହଣ ଯୋଗୁ ସମସ୍ତ ନୀତି ପରମ୍ପରା ସକାଳ ସମୟରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସମସ୍ତ ଭକ୍ତ ଓ ଗ୍ରାମବାସୀ ଭାଗବତ ମଣ୍ଡପଠାରେ ଏକତ୍ରିତ ହୋଇ ଭାଗବତ ବାସୁଦେବଙ୍କ ପୂଜାର୍ଚ୍ଚନା କରିବା ସହ ନାମ ସଂକୀର୍ତ୍ତନ କରିଥିଲେ। ଗ୍ରାମର ଜିତେନ୍ଦ୍ର ସାହୁ, ଅଖିଳ ମୋହନ ସାହୁ ପରିଚାଳନା କରିଥିଲେ।

# ରାଜଧାନୀରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ରେଳଡବା କାରଖାନା ନିକଟ ପଡିଆରୁ ଗଳିତ ମୃତଦେହ ଜବତ**

- ଫୁଲ୍ ପ୍ୟାଣ୍ଟଶାର୍ଟ ସହ ଦାମୀ ଘଣ୍ଟା, ବୁଟ୍ ପିନ୍ଧିଛନ୍ତି
- ତଦନ୍ତ ଆରମ୍ଭ ସହ ପରିଚୟ ଖୋଜୁଛି ପୋଲିସ

ଭୁବନେଶ୍ୱର,୭।୯(ସତ୍ୟଜିତ୍ ରାଉତ):



ମୃତଦେହ ମିଳିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନା ନିକଟ ଖେଳ ପଡ଼ିଆ ପାଚେରି କଡରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହକୁ କମିଶନରେଟ୍ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମଞ୍ଚେଶ୍ୱର ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଟି ପଚିଯାଇ ଦୁର୍ଗନ୍ଧ ବାହାରୁ ଥିବାରୁ ଏହି ଘଟଣା ୩ରୁ ୪ଦିନ ତଳର ବୋଲି ପୋଲିସ ଅନୁମାନ କରୁଛି। ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମୃତଦେହକୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ଶବ ସଂରକ୍ଷଣ ଗୃହରେ ମୃତଦେହକୁ ରଖି ତାଙ୍କ ପରିଚୟ ପାଇବାକୁ ପୋଲିସ ଅଧିକ ଅନୁସନ୍ଧାନ ଚଳାଇଛି। ଯୁବକ ଜଣକ ଏକ ଫୁଲ ପ୍ୟାଣ୍ଟ ପିନ୍ଧିଥିବା ବେଳେ ହାତରେ ଦାମୀ ଘଣ୍ଟା ଓ ବୁଟ୍ ପିନ୍ଧିଛନ୍ତି। ଯୁବକଙ୍କ ବୟସ ୩୫ରୁ ୪୫ ବର୍ଷ ମଧ୍ୟ ହେବ ଓ ସେ ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତି ବୋଲି ଅନୁମାନ କରାଯାଉଛି। ତାଙ୍କ ମୁହଁଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ପୋକ ହୋଇଯାଇଥିବା ଦେଖିବାକୁ ମିଳୁଛି। ମୁହଁକୁ ପଥରରେ ଛେଚି ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତ ରହିଥିବା ପୋଲିସ ଆଶଙ୍କା କରୁଛି। ରାତି ହୋଇଯିବାରୁ ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ନମୁନା ସଂଗ୍ରହ ହୋଇପାରିନାହିଁ। ପଡିଆ ଗେଟକୁ ତାଲା ପକାଇ ପୋଲିସ କର୍ମୀ ଜଗି ରହିଛନ୍ତି। ସୋମବାର ସାଇଣ୍ଟିପିକ୍ ଟିମ୍ ଓ ପୋଲିସ ସେଠାକୁ ଯାଇ ତଦନ୍ତ କରି ଅଧିକ ଖୋଳତାଡ କରିବ ବୋଲି ସୂଚନା ଦିଆଯାଇଛି। ପଡିଆ ନିକଟରେ ଥିବା ଅସ୍ଥାୟୀ କ୍ୟାବିନ ଶୌଚାଳୟ ପାଖକୁ ଲାଗି ପାଚେରି କଡରେ ମୃତଦେହଟି ପଡି ରହିଥିଲା। ରେଲ୍‌ୱେ କଲୋନୀ ବାସିନ୍ଦା ଓ ପଡିଆରେ ଖେଳୁଥିବା ଯୁବକମାନେ କିଛି ଗନ୍ଧ ବାରିଥିଲେ। ଅତ୍ୟଧିକ ଗନ୍ଧ ହେବାରୁ ଅପରାହ୍ନ ପ୍ରାୟ ୫ଟା ୩୦ ବେଳେ ସିକ୍ୟୁରିଟି ସୁପରଭାଇଜର ପଡିଆ ଚତୁର୍ପାର୍ଶ୍ୱରେ ବୁଲାବୁଲି କରିବା ପରେ ମୃତଦେହଟି ତାଙ୍କ ନଜରକୁ ଆସିଥିଲା। ସେ ପୋଲିସକୁ ଖବର ଦେଇଥିଲେ। ମୃତଦେହର ମୁହଁରେ କଣ୍ଟାଲତା ଆଦି ଘୋଡାଯାଇଥିବା ଦେଖିବାରୁ ମିଳିଥିଲା। ତେବେ ମୃତଦେହଟି ସ୍ଥାନୀୟ ଅଞ୍ଚଳର ନୁହେଁ ବୋଲି ଲୋକମାନେ କହିଛନ୍ତି। ଅନ୍ୟଆଡୁ ହତ୍ୟା କରାଯାଇ ସେଠାରେ ଫିଙ୍ଗାଯାଇଥିବା ଚର୍ଚ୍ଚା ହେଉଛି। ଏନେଇ ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରୁଛୁ। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଧିକ ତଦନ୍ତ କରାଯାଉଛି। ହତ୍ୟାର ପ୍ରକୃତ କାରଣ ବର୍ତ୍ତମାନ କହିହେବ ନାହିଁ। ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ଏସିପି କହିଛନ୍ତି।




କଣ୍ଠଶିଳ୍ପୀ ଅଭିଜିତ୍ ମଜୁମ୍‌ଦାରଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

## ନଦୀକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ସାଲେପୁର,୭।୯(ଅରବିନ୍ଦ ଭୂୟାଁ):

ସାଲେପୁର ଥାନା ଜପକୁଦ ଫାଣ୍ଡି ଅନ୍ତର୍ଗତ ନରଦା ପଞ୍ଚାୟତର କୁକୁଡାଙ୍ଗ ଗ୍ରାମ ନିକଟ ବିରୂପା ନଦୀରେ ଭାସିଯାଇ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ କୁକୁଡ଼ାଙ୍ଗ ଗ୍ରାମର କଲ୍ୟାଣ କାନୁନଗୋଙ୍କ ପୁଅ ବିଭୁ ପ୍ରସାଦ କାନୁନଗୋ (୩୬)। ସେ ମଧ୍ୟାହ୍ନରେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ କୌଣସି କାରଣରୁ ତାଙ୍କର ଗୋଡ଼ ଖସି ଯିବାରୁ ସେ ନଦୀ ବୁଡି ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏହାଦେଖି ଅଗ୍ନିଶମ ବାହୀନିକୁ ଖବର ଦେଇଥିଲେ। ଖବରପାଇ ସାଲେପୁର ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ ଓ ଜପକୁଦ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୀର୍ବାଦ



@ ବୁଢୁ



@ ମହେଶ୍ୱେତା



@ ସୌମ୍ୟରଞ୍ଜନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଭିଜିତ୍‌ଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୯ (ବନ୍ଦନା ସେଠୀ) :

**ଆବଶ୍ୟକ ପଡିଲେ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର**

ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମ୍‌ଦାର ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତରିତ ହୋଇପାରନ୍ତି। ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ରବିବାର ସନ୍ଧ୍ୟାରେ ଏମ୍ସ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବା ଅଭିଜିତଙ୍କୁ ଭେଟିବା ସହ ତାଙ୍କ ଚିକିତ୍ସା ସଂକ୍ରାନ୍ତରେ ଡାକ୍ତରୀ ଦଳ ସହ ଆଲୋଚନା କରିଥିଲେ। ପରେ ଏ ସଂକ୍ରାନ୍ତରେ ସୂଚନା ଦେଇ ମନ୍ତ୍ରୀ କହିଲେ, ପ୍ରୋଟୋକଲ୍ ଅନୁଯାୟୀ ଡାକ୍ତରୀ ଟିମ୍ ଆବଶ୍ୟକ ଚିକିତ୍ସା ଯୋଗାଇ ଦେଉଛନ୍ତି। ଅଭିଜିତ୍‌ଙ୍କ କିଡ୍‌ନୀ ଓ ଲିଭର ସମସ୍ୟା ଯାହା ରହିଥିଲା ବର୍ତ୍ତମାନ ସେଥିରେ ଧୀରେଧୀରେ ସୁଧାର ଆସୁଛି। ମାତ୍ର ସେ କଥାବାର୍ତ୍ତା କରିପାରୁ ନାହାନ୍ତି। ତେଣୁ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ପଡିଲେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତରିତ କରିବାକୁ ମଧ ପ୍ରସ୍ତୁତ ଅଛୁ। ଏନେଇ ଦିଲ୍ଲୀ ଏମ୍ସ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ଆଲୋଚନା କରାଯାଇଛି। ଉକ୍ତ ଟିମ୍ ଯାହା ପରାମର୍ଶ ଦେବ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରାଯିବ। ସୋମବାର ପୁନର୍ବାର ଭୁବନେଶ୍ୱର ଏମ୍‌ସର ଡାଇରେକ୍ଟର ଓ ଦିଲ୍ଲୀ ଏମ୍ସ ଡାଇରେକ୍ଟରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ସହ ଏକାମ୍ର ବିଧାୟକ ବାବୁ ସିଂ, ଅଭିନେତା ଶ୍ରୀତମ ଦାସ, ଡା. ଅମ୍ରିତ ପାଟ୍ଟଯୋଶୀ ପ୍ରମୁଖ ଏମ୍ସ ଯାଇଥିଲେ।

## ମା'ଭଟ୍ଟାରିକା ମନ୍ଦିର ଛୁଇଁଲା ମହାନଦୀ ବନ୍ୟାଜଳ



ମାଣିଆବନ୍ଧ, ୭।୯(ଅଖିଳ କୁମାର ସାହୁ):

ମହାନଦୀରେ ଚଳିତବର୍ଷର ତୃତୀୟ ବନ୍ୟାଜଳ ପ୍ରବେଶ କରିଛି। ବନ୍ୟାଜଳ ବୃଦ୍ଧିପାଇ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ମନ୍ଦିରକୁ ସ୍ପର୍ଶ କରିଛି। ଜଳସ୍ତର ଅଧିକ ବୃଦ୍ଧି ପାଇ ମନ୍ଦିର ଭିତରକୁ ପ୍ରବେଶ କଲେ ମା'ଙ୍କୁ ନିକଟସ୍ଥ ରୋଷ ଘରକୁ ସ୍ଥାନାନ୍ତର କରାଯିବ ବୋଲି ମନ୍ଦିର ମୁଖ୍ୟ ପୂଜକ ଗିରିଶ କୁମାର ରଣା କହିଛନ୍ତି। ବଡ଼ମ୍ବା ଦେବୋତ୍ତର ବିଭାଗ ସଜାଗ ରହିଥିବା ବେଳେ ମା'ଙ୍କ ନୀତିକାନ୍ତି ତଥା ପୂଜା ଶାନ୍ତିଶୃଙ୍ଖଳା ସହ କିପରି କରାଯିବ ତାହା ଉପରେ ନଜର ରହିଛି। ସେହିପରି ଶ୍ରଦ୍ଧାଳୁ ତଥା ଜନସାଧାରଣ ବନ୍ୟା ସମୟରେ ନଦୀ ଭିତରକୁ ପ୍ରବେଶ ନ କରିବା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଲାଗି ପୀଠରେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ବଡ଼ମ୍ବା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ କହିଛନ୍ତି।

## ଜିଲା ସଭାପତି ଚୟନ ପାଇଁ କଂଗ୍ରେସ କର୍ମୀ ସମ୍ମିଳନୀ

ବାଙ୍କୀ,୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା କଂଗ୍ରେସ ସଭାପତି ଚୟନ ନିମନ୍ତେ ବାଙ୍କୀ କଂଗ୍ରେସ ପକ୍ଷରୁ ବାଙ୍କୀ ବଜାର ନିକଟ ଏକ କଲ୍ୟାଣୀ ମଣ୍ଡପରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ କଂଗ୍ରେସ ପର୍ଯ୍ୟବେକ୍ଷକ ସମ୍ପଦ କୁମାର ଯୋଗଦେଇ କର୍ମୀ ଓ ନେତୃମଣ୍ଡଳୀଙ୍କ ଦ୍ୱାରା କିପରି ଭାବେ ଜିଲା ସଭାପତି ନିରପେକ୍ଷ ଭାବେ ଚୟନ କରାଯିବ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ସର୍ବସମ୍ମତି କ୍ରମେ କଂଗ୍ରେସ ଜିଲା ସଭାପତି ଚୟନ ନିମନ୍ତେ ପ୍ରସ୍ତାବ ଗ୍ରହଣ କରାଯାଇ ସମ୍ପଦ କୁମାରଙ୍କୁ ଅର୍ପଣ କରାଯାଇଛି। ଏହି ସମ୍ମିଳନୀରେ ରାଜ୍ୟ କଂଗ୍ରେସ ତରଫରୁ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଓ ହିମାଂଶୁ କୁମାର ଲେଙ୍କା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ବାଙ୍କୀ ନଗର କଂଗ୍ରେସ ସଭାପତି କାଶିନାଥ ମହାପାତ୍ର, ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ ଚନ୍ଦ୍ର ସାହୁ, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସୀତ୍ ବରଣ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ପ୍ରତାପ ଚନ୍ଦ୍ର ମହାପାତ୍ର, କ୍ଷେତ୍ରବାସୀ ଦାସ, ବାବୁଲି ଦଳେଇ, ନକୁଳ ପ୍ରଧାନ, ସୁକାନ୍ତ କୁମାର ନାୟକ, ମୁରଲୀ ରାଉତ ଓ ମଣ୍ଟୁ ମାଝୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଯୁବନେତା ରମାକାନ୍ତ ସେଠୀ ଏ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ।




ଡ୍ରିମ୍ସ ନର୍ସିଂ ସ୍କୁଲରେ ଅନୁଷ୍ଠିତ ଗୁରୁ ପୂଜନ ଉତ୍ସବରେ ଉପସ୍ଥିତ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ଅନ୍ୟମାନେ।

## ରାଣୀ ଶୁକଦେଈ ଥିଲେ ଦୟା, କ୍ଷମା, ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ

ବାଙ୍କୀ,୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ରାଣୀ ଶୁକଦେଈ ସ୍ମୃତି ପରିଷଦ ଆନୁକୂଲ୍ୟରେ ବୀରାରାଣୀ ଶୁକଦେଈଙ୍କ ୩୩୯ତମ ଜୟନ୍ତୀ ରବିବାର ବାଙ୍କୀ କଲେଜ ପରିସରରେ ପାଳିତ ହୋଇଯାଇଛି। ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ରାଣୀ ଶୁକଦେଈ କେବଳ ଜଣେ ଯୋଦ୍ଧା ନଥିଲେ ସେ ଥିଲେ ଦୟା, କ୍ଷମା ଓ ସହନଶୀଳତାର ମୂର୍ତ୍ତିମନ୍ତ ପ୍ରତୀକ। ଏହି ଅବସରରେ ପରିସରରେ ସ୍ଥାପିତ ତାଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ କବି କୌଶିକ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଯୁବସଂଗଠକ ଶ୍ରୀନିବାସ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ



ବାଙ୍କୀ ସ୍ୱୟଂଶାସିତ କଲେଜରେ ରାଣୀ ଶୁକଦେଈଙ୍କ ପ୍ରତିମୂର୍ତ୍ତି ନିକଟରେ ଛାତ୍ରୀଛାତ୍ର ଓ ଅଧ୍ୟାପକ।

କୁମାର ପଣ୍ଡା, ବିଶ୍ୱରଞ୍ଜନ ସ୍ୱାଇଁ, ଅଧ୍ୟାପକ ନରେଶ ବେହେରା, କୁମର ପ୍ରଧାନ, କବି ଲଲାଟେନ୍ଦୁ ପଣ୍ଡା, ନିର୍ମଳ କୁମାର ଦାସ, ସୁବାସ ପ୍ରହରାଜ, କାଶିନାଥ ସେଠୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟ ପରିସରରେ ରାଣୀ ଶୁକଦେଈଙ୍କ ୩୩୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ରାଣୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କଲେଜ ସ୍ଥାପିତ ହେବା ସହ ପରିସରରେ ତାଙ୍କର ଏକ ପୂର୍ଣ୍ଣାୟବ ପ୍ରତମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଅବସରରେ ଅତିଥିମାନେ ରାଣୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଣୀ ଶୁକଦେଈ ମହିଳା କଲେଜ, ରାଣୀଶୁକଦେଈ ସ୍ମୃତି ପରିଷଦ ଓ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। କବି କୌଶିକ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଣୀ ଶୁକଦେଈ ସ୍ମୃତି ସଂସଦର ସମ୍ପାଦକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ସହ ସମ୍ପାଦକ ଶ୍ରୀନିବାସ ବେହେରା, ମହିଳା ମହାବିଦ୍ୟାଳୟର କ୍ରୀଡା ଅଧ୍ୟାପକ ନିରଞ୍ଜନ ସାହୁ, ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ଶ୍ରୀନିବାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ରୋଜାଲିନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର**

କୃଷ୍ଣପ୍ରସାଦ,(କୈଳାସ ଚନ୍ଦ୍ର ପଟ୍ଟନାୟକ): ଗୁରୁଦିବସ ଅବସରରେ ପୁରୀ ଜିଲା ସଦ୍‌ଭାବନା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜନତା ନୋଡାଲ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସାନବସନ୍ତପୁର ପ୍ରାଥମିକ ବିଦ୍ୟାଳୟ ଗମ୍ଭାରୀ ସହକାରୀ ଶିକ୍ଷୟିତ୍ରୀ ରୋଜାଲିନ ରଣଜିତ ସିଂହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ଏନେଇ ଉତ୍ତମ କୁମାର ତରେଇ, ହରିହର ଦାଶ, ପ୍ରଦୀପ୍ତ ବେହେରା, ଗମ୍ଭାରୀ ସରପଞ୍ଚ ସୁଶାନ୍ତ ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ଜନତା ନୋଡାଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦାଶରଥି ଶତପଥୀ ପ୍ରମୁଖ ରୋଜାଲିନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପାକ୍ସରେ ନାହିଁ ସାର, ଚାଷୀ ହଇରାଣ

■ ଚଢ଼ାଦରରେ ବିକ୍ରି ହେଉଛି ୟୁରିଆ
■ କଳାବଜାର ରୋକିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ଖୋର୍ଦ୍ଧା,୭।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ଜର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା, କଳାବଜାର ଏବଂ ବଜାରରେ ୟୁରିଆ ମିଳୁ ନ ଥିବାରୁ ଚାଷୀ ହଇରାଣ ହେଉଛନ୍ତି। ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)ରେ ସାର ନ ଥିବା ବେଳେ ଲାଭବାନ୍ ହେଉଛନ୍ତି କେତେଜଣ ଅସାଧୁ ବ୍ୟବସାୟୀ। ଜିଲାରେ ୧୫୭ଟି ପାକ୍ସ ରହିଛି। ତନ୍ମଧ୍ୟରୁ ୧୫୦ ପାକ୍ସରେ ସାର ନ ଥିବା ଜଣାପଡ଼ିଛି। ଫଳରେ ଚାଷୀମାନେ ବଜାରରୁ ଚଢ଼ାଦରରେ ସାର କିଣୁଥିବା କହିଛନ୍ତି। ଚାଷୀ ସାର ପାଇଁ ପାକ୍ସ ଉପରେ ନିର୍ଭର କରିଥାନ୍ତି। ତେଣୁ ଜୁନ୍‌ରୁ ଜୁଲାଇ ମାସରେ ସମସ୍ତ ପାକ୍ସକୁ ପର୍ଯ୍ୟାୟକ୍ରମେ ସାର ଆସିଥାଏ। ଚଳିତବର୍ଷ ଜିଲାର ସମସ୍ତ ପାକ୍ସକୁ ୩୦ରୁ ୪୦ ପ୍ରତିଶତ ସାର ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ଫଳରେ ଚାଷୀଙ୍କୁ ଆବଶ୍ୟକ ଅନୁସାରେ ସାର ଯୋଗାଇପାରୁନି ପାକ୍ସ। ସାର ଅଭାବ ଚାଷୀଙ୍କ ଦୁଃଖ ବଢ଼ାଇଛି। ଅନ୍ୟପଟେ କେତେଜଣ ଅସାଧୁ ବ୍ୟବସାୟୀ ଚଢ଼ାଦରରେ ସାର ବିକ୍ରି କରୁଛନ୍ତି। ସାର କଳାବଜାର ରୋକିବା ପାଇଁ ସମବାୟ ଏବଂ କୃଷି ବିଭାଗ ପକ୍ଷରୁ କୌଣସି ତଦାରଖ କରାଯାଉନାହିଁ। ଫଳରେ ଚାଷୀ ହଇରାଣ ହେଉଛନ୍ତି।

ଭଲ ଧାନ ଫସଲ ଅମଳ ପାଇଁ ସାରର ଆବଶ୍ୟକତା ରହିଛି। ସାର ପାଇଁ ଚାଷୀମାନେ ପାକ୍ସ କିମ୍ବା ରିଟେଲର ଉପରେ ନିର୍ଭର କରିଥାନ୍ତି। ତେବେ ପାକ୍ସରେ ସାର ନ ଥିବା ବେଳେ ବଜାରରେ କଳାବଜାର ଚାଲିଛି। କେତେଜଣ ଅସାଧୁ ବ୍ୟବସାୟୀ ୟୁରିଆ ସାର ନ ଥିବା କହି ଚାଷୀଙ୍କୁ ଫେରାଉଥିବା ବେଳେ ଦଲାଲଙ୍କ ଜରିଆରେ ଚଢ଼ାଦରରେ ବିକ୍ରି କରୁଥିବା ଚାଷୀମାନେ ଗଣମାଧ୍ୟମରେ କହିଛନ୍ତି। ଗ୍ରାମାଞ୍ଚଳରେ ସାରର ବ୍ୟାପକ କଳାବଜାର ଚାଲିଥିବା ଚାଷୀମାନେ କହିଛନ୍ତି। ୟୁରିଆ ଜଟଣୀ ବଜାରରେ ୪୦୦ରୁ ୪୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଖୋର୍ଦ୍ଧାରେ ୫୦୦ ଟଙ୍କା ଏବଂ ଗ୍ରାମାଞ୍ଚଳରେ ୫୦୦ରୁ ୭୦୦ ଟଙ୍କାରେ ବ୍ରିକି ହେଉଥିବା ଚାଷୀ କହିଛନ୍ତି। ବୋଲଗଡ଼, ବେଗୁନିଆ, ବାଲିଅନ୍ତା, ବାଲିପାଟଣା, ଚିଲିକା ଓ ବାଣପୁର ବ୍ଲକ ଅଞ୍ଚଳରେ ୬୦୦ ଟଙ୍କାରେ ବିକ୍ରି ହେଉଥିବା ଚାଷୀ କହିଛନ୍ତି। ତେବେ ସାର କଳାବଜାର ରୋକିବା ପାଇଁ କୃଷି ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି କହିଛନ୍ତି। ୩ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ୧୫୦ରୁ ଊର୍ଦ୍ଧ୍ୱ ସାର ଦୋକାନ ଯାଞ୍ଚ କରାଯାଇଛି। ତନ୍ମଧ୍ୟରୁ ୫୬ଟି ସାର ଦୋକାନକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୨ଜଣଙ୍କୁ ସାର ବିକ୍ରିରୁ ନିବୃତ୍ତ କରାଯାଇଛି। ୨ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ଜିଲାରେ ୭ ହଜାର ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫ ହଜାର ମେଟ୍ରିକ ଟନ୍ ୟୁରିଆ ଦିଆସରିଛି। ସମସ୍ତ ସାରକୁ ମିଶାଇ ମୋଟ ୧୮ ହଜାର ମେଟ୍ରିକ ଟନ୍ ସାର ଆବଶ୍ୟକ ରହିଥିବା ବେଳେ ୧୬୦୬୩.୩୮୫ ମେଟ୍ରିକ ଟନ୍ ମିଳିଛି। ଏ ସମ୍ପର୍କରେ ଏଆରସିଏ ଭଗବତ ମାରାଣ୍ଡି କହିଛନ୍ତି ଯେ, ସମସ୍ତ ପାକ୍ସକୁ ଆବଶ୍ୟକ ଅନୁସାରେ ସାର ଯୋଗାଇ ଦିଆଯିବ। ଚାଷୀ ଗୋପାଳ କୃଷ୍ଣ ପ୍ରଧାନ କହିଛନ୍ତି, ପ୍ରତିବର୍ଷ ଏହି ସମସ୍ୟା ଲାଗି ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ସରକାର ଗୁରୁତ୍ୱ ଦେଉନାହାନ୍ତି। ସାର କଳାବଜାର ପଛରେ ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଏବଂ ପ୍ରଶାସନର ଦାୟିତ୍ୱହୀନତା ଉତ୍ତରଦାୟୀ। ଚାଷୀଙ୍କୁ ଆବଶ୍ୟକତା ଅନୁଯାୟୀ ସାର ମିଳୁନାହିଁ। ସେହିପରି ଚାଷୀ ନେତା ମନୱର ଅଲ୍ଲୀ କୁହନ୍ତି, ପାକ୍ସରେ ସାର ନ ଥିବା ବେଳେ ବଜାରକୁ ଆସୁଛି କିପରି। ଏହି କଳାବଜାର ପାଇଁ ସରକାର ଦାୟୀ। ଚାଷୀଙ୍କୁ ଆବଶ୍ୟକତା ଅନୁଯାୟୀ ସାର ମିଳୁନାହିଁ। ଫଳରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାଇପଦର ଅଞ୍ଚଳର ଚାଷୀ ପ୍ରୀତିଶ ମାର୍ଥା କୁହନ୍ତି, ଗତ ଦୁଇ ମାସ ହେବ କାଇପଦର ସୋସାଇଟିରେ ସାର ନାହିଁ। ବଜାରରୁ ସାର ୫୦୦ ଟଙ୍କାରେ କିଣିବାକୁ ପଡୁଛି। ସରକାର ଏଥିପ୍ରତି ପଦକ୍ଷେପ ନିଅନ୍ତୁ। ଅନ୍ୟପକ୍ଷରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ କହିଛନ୍ତି, ରାଜ୍ୟରେ ସାରର ଅଭାବ ନାହିଁ। ଆବଶ୍ୟକତାଠାରୁ ଅଧିକ ସାର ମହଜୁଦ ରହିଛି। ସାର କଳାବଜାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

## 'ଭାଗବତ ହେଉଛି ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀ'



ଭାଗବତ ସପ୍ତାହ ଓ ପାରାୟଣ ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଶ୍ରଦ୍ଧାଳୁ।

ଖୋର୍ଦ୍ଧା,୭।୯(ପ୍ରଭାତ ପାଣିଗ୍ରାହୀ)

ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଶ୍ରୀରାଧାବଲ୍ଲଭ ମନ୍ଦିରରେ ଚାଲିଥିବା ଭାଗବତ ସପ୍ତାହ ଓ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଭକ୍ତି ବେଦାନ୍ତ ବୋଧାୟନ ମହାରାଜ ପ୍ରବକ୍ତାଭାବେ ଯୋଗଦେଇ ଭାଗବତ ସାରତତ୍ତ୍ୱ ବର୍ଣ୍ଣନା କରିଥିଲେ। ଶ୍ରୀମଦ୍ ଭାଗବତ ହେଉଛି ଏକ ପବିତ୍ର ଗ୍ରନ୍ଥ। ପ୍ରଭୁ ଶ୍ରୀ ନାରାୟଣଙ୍କ ମୁଖନିଃସୃତ ବାଣୀ। ବ୍ୟାସଦେବ ସଂସ୍କୃତରେ ଶ୍ରୀମଦ୍ ଭାଗବତ ଲେଖିଥିଲେ। ଏହାକୁ ପାଠ, ଶ୍ରବଣ ଦ୍ୱାରା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ବୋଲି ବିଶ୍ୱାସ ରହିଛି। ଶ୍ରୀମଦ୍ ଭାଗବତ ସଂସ୍କୃତରେ ଲେଖାଥିବାରୁ ସାଧାରଣ ଲୋକ ବୁଝିବା ଭଳି ଅତିବଡ଼ୀ ଜଗନ୍ନାଥ ଦାସ ମାଆଙ୍କ ପରାମର୍ଶକ୍ରମେ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ଭାଦ୍ରବ ମାସ ପୂର୍ଣ୍ଣମୀ ତିଥିରେ ଅତିବଡ଼ୀ ଭାଗବତ ଲେଖିବା ଆରମ୍ଭ କରିଥିଲେ। ଏହାର ଆଧ୍ୟାତ୍ମିକ ଦିଗର ଯେତିକି ଗୁରୁତ୍ୱପୂର୍ଣ୍ଣ ରହିଛି, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଓଡ଼ିଆ ଭାଷାରେ ଏହାର ବହୁଳ ପ୍ରସାର। ସେଥିପାଇଁ ପୂର୍ବକାଳରେ ପ୍ରତି ଗାଁରେ ଗଢ଼ି ଉଠିଥିଲା ଭାଗବତ ଟୁଙ୍ଗି। ପ୍ରତି ସନ୍ଧ୍ୟାରେ ଟୁଙ୍ଗିରେ ଭାଗବତ ପାଠ ହେଉଥିଲା। ଗ୍ରାମବାସୀ ଏକାଠି ହୋଇ ଏହାକୁ ଶ୍ରବଣ କରୁଥିଲେ। ଶୁକମୁନି ରାଜା ପରିକ୍ଷିତଙ୍କୁ ଜନ୍ମମୃତ୍ୟୁର ଚକ୍ରରୁ ଉଦ୍ଧାର କରିବା ପାଇଁ ସାତଦିନ ଭାଗବତ ଶୁଣାଇଥିଲେ। ଭାଗବତ ପୁରାଣ(ସଂସ୍କୃତ)ରେ ୧୮ ହଜାର ଶ୍ଳୋକ ବ୍ୟାସଦେବ ରଚନା କରିଥିଲେ। ଅତିବଡ଼ୀ ଜଗନ୍ନାଥ ଦାସ ଏହି ଟୀକାକୁ ସରଳ ନବାକ୍ଷରୀ ଛନ୍ଦରେ ଓଡ଼ିଆ ଅନୁବାଦ କରିଛନ୍ତି। ସମ୍ପୂର୍ଣ୍ଣ ଭାଗବତରେ ୧୨ଟି ସ୍କନ୍ଧ ରହିଛି। ଓଡ଼ିଆ ଭାଗବତ ମୁଖ୍ୟତଃ ମୂଳ ସଂସ୍କୃତ ଭାଗବତର ଓଡ଼ିଆ ମର୍ମାନୁବାଦ। ଓଡ଼ିଆ ସଂସ୍କୃତିରେ ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀକୁ ଭାଗବତ ଜନ୍ମ ଭାବେ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଗ୍ରାମାଞ୍ଚଳଠାରୁ ସହର ପର୍ଯ୍ୟନ୍ତ ସମସ୍ତ ଭାଗବତୀ ଟୁଙ୍ଗି, ବିଷ୍ଣୁ ମନ୍ଦିରରେ ଭାଗବତ ପାରାୟଣ ଆୟୋଜନ କରାଯାଇଥାଏ। ଏହା ଭାଗବତ ସପ୍ତାହ ଭାବେ ପରିଚିତ ବୋଲି ସେ କହିଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ଭାଗବତ ପ୍ରଚାର ସମିତିର ସଭାପତି ଅମୂଲ୍ୟ କୃଷ୍ଣ ମହାନ୍ତି, ଅଧ୍ୟାପକ ସୁଶାନ୍ତ ମିଶ୍ର, ରବିନାରାୟଣ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ହରିପ୍ରସାଦ ଦୋରା, ଲାଲା କାଶୀନାଥ ରାୟ, ଚିତ୍ତରଞ୍ଜନ ଦାସ, ସୂର୍ଯ୍ୟନାରାୟଣ ପାତ୍ର, ଅଧିବକ୍ତା ଅଜିତ କୁମାର ପଟ୍ଟନାୟକ, ମନ୍ଦିର ପୂଜକ ଅବନୀ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଖୋର୍ଦ୍ଧା ସହର ତଥା ଆଖପାଖ ଅଞ୍ଚଳର ଭଗବତ୍‌ପ୍ରେମୀ ଯୋଗଦେଇଥିଲେ।

## ଚିଲିକାରୁ ଚିଙ୍ଗୁଡ଼ିଘେରି ଉଚ୍ଛେଦ ପାଇଁ ଦାବି

ଟାଙ୍ଗୀ,୭।୯(ରଘୁନାଥ ସାହୁ)

ଚିଲିକାରେ ବେଆଇନ ଭାବେ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବାକୁ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଜିଲା ପ୍ରଶାସନକୁ ନିବେଦନ କରାଯାଇଛି। ଏହି ବେଆଇନ ଘେରିକୁ ଆସନ୍ତା ୧୫ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରା ନ ଗଲେ ମହାସଂଘ ପକ୍ଷରୁ ଘେରି ଉଚ୍ଛେଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଥାଉ କି, ୨୩ ନଭେମ୍ବର ୧୯୯୩ରେ ଉଚ୍ଚ ନ୍ୟାୟାଳୟ, ୧୧ ଡିସେମ୍ବର ୧୯୯୬ରେ ସର୍ବୋଚ୍ଚ ନ୍ୟାୟାଳୟ, ୧୯୯୯ ମସିହାରେ ଓଡ଼ିଶା ସରକାରଙ୍କ ହାଉସ୍ କମିଟି ଚିଲିକାରେ ବେଆଇନ ଚିଙ୍ଗୁଡ଼ି ଚାଷକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଯେଉଁମାନେ ଚିଲିକାରେ ଘେରି ନିର୍ମାଣ କରିବେ, ତାଙ୍କ ନାମରେ ମାମଲା ରୁଜୁ କରି ଗିରଫ କରିବାକୁ ନିର୍ଦ୍ଦେଶ ମଧ୍ୟ ରହିଛି। ଜିଲା ପ୍ରଶାସନର ଅବହେଳା ଯୋଗୁ ମାଫିଆମାନେ ବର୍ଷତମାମ ଚିଲିକାରେ ଚିଙ୍ଗୁଡିଘେରି କରି ଲାଭବାନ୍ ହେଉଥିବା ବେଳେ ମତ୍ସ୍ୟଜୀବୀମାନେ ଜୀବିକା ହରାଇ ଦାଦନମୁହାଁ ହେଉଛନ୍ତି। ବର୍ତ୍ତମାନ ଚିଲିକାର ବିଭିନ୍ନ ଅଞ୍ଚଳରେ ଡାଳତୋଳା ନାସି, କଣ୍ଟାବଣିଆ ନୂଆଗାଁ, ବୁଧିବର ନାସି, ବୋରିଆ କୁଦାନାସି, ପାନଖିଆ, ପାଣ୍ଡାନାସି, କୃଷ୍ଣପ୍ରସାଦ ଜେଟିପାଖ, ଚଢ଼େଇ କୋଣ, କଇବଲ, ବଳଙ୍ଗା, ଗୋରାସାହି, ଡାଳପହଣ୍ଡା, ଚିଖିଲି, ଚକ୍ରକୋଟ, ସିପିଆ, କୁରୁପାଳ, ନୂଆପଡ଼ା, ଗୁରୁବାଇରେ ଚିଙ୍ଗୁଡ଼ିଘେରି ରହିଛି। ଏହି ବେଆଇନ ଘେରିକୁ ଆସନ୍ତା ୧୫ଦିନ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରା ନ ଗଲେ ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଉଚ୍ଛେଦ କରାଯିବ। ଏଥିପାଇଁ ୫୦୦ ଡଙ୍ଗା ଓ ୩ ହଜାର ମତ୍ସ୍ୟଜୀବୀ ପ୍ରସ୍ତୁତ ଅଛନ୍ତି ବୋଲି ମହାସଂଘ ସଭାପତି ଶ୍ୟାମସୁନ୍ଦର ବେହେରା, ସମ୍ପାଦକ କାଳନ୍ଦୀ ବେହେରା, କେଦାର ନାଥ ଜେନା, ଦୁଃଖୀଶ୍ୟାମ ବେହେରା, ରଙ୍କନାଥ ବେହେରା, ଫାଲ୍‌ଗୁନ ଜାଲି, ରଙ୍କ ଜେନା, ସଦାଶିବ ଜେନା, ତପନ ବେହେରା, ଦଣ୍ଡପାଣି ବେହେରା, ବିରଞ୍ଚି ବେହେରା, ରତନ ବେହେରା, ଭୀମସେନ ବେହେରା ପ୍ରମୁଖ କହିଛନ୍ତି।

## ଉନ୍ନତ ରାଷ୍ଟ୍ର ନିର୍ମାଣରେ ବିଦ୍ୟାର୍ଥୀଙ୍କ ପ୍ରମୁଖ ଭୂମିକା ରହିଛି

ବେଗୁନିଆ,୭।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବେଗୁନିଆ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଖଣ୍ଡ କାର୍ଯ୍ୟବାହ ଡ. ଭାସ୍ୱର ବାଗମିତା ପରିଡ଼ାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୁରୀ ବିଭାଗ କାର୍ଯ୍ୟବାହ ପ୍ରସନ୍ନ କୁମାର ସେନାପତି ମୁଖ୍ୟ ଅତିଥି, ପୁରୀ ବିଭାଗ ମୁଖ୍ୟ ମାର୍ଗ ସଂଯୋଜକ ସୁଜାତ ନାରାୟଣ ଶାନ୍ତିକାମୀ ଅତିଥିଭାବେ ଯୋଗଦେଇ ଉନ୍ନତ ରାଷ୍ଟ୍ର ନିର୍ମାଣ କରିବା କ୍ଷେତ୍ରରେ ବିଦ୍ୟାର୍ଥୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ପ୍ରାରମ୍ଭରେ ଆଦର୍ଶ ଜୀବନଚର୍ଯ୍ୟାକୁ ପାଳନ କରିବା ପାଇଁ ଶପଥପାଠ କରାଯାଇଥିବା ବେଳେ ଜୟୀ ରାଜଗୁରୁ ଶାଖା ମୁଖ୍ୟ ଶିକ୍ଷକ ଶୁଭ୍ରଜିତ୍ ସାହୁ ଓ ବେଗୁନିଆ ଖଣ୍ଡ ଶତ୍ରୀରିକ ପ୍ରମୁଖ ଆଶୁତୋଷ ପଣ୍ଡା ପରିଚାଳନା କରିଥିଲେ। ଶେଷରେ ସ୍ୱୟଂସେବକ ଓ ଉପସ୍ଥିତ ବିଦ୍ୟାର୍ଥୀମାନେ ଧ୍ୱଜ ପ୍ରଣାମ ଓ ମାତୃଭୂମି ବନ୍ଦନା କରିଥିଲେ।

## ଗଣେଶ ଭସାଣିରେ ଫୁଟିଲା ଗୁଳି, ଜଣେ ଅଟକ

ଟାଙ୍ଗୀ,୭।୯(ରଘୁନାଥ ସାହୁ)

ଚିଲିକା କ୍ଲବଠାରେ ୟୁନିକ୍ ଷ୍ଟାର କ୍ଲବ ପକ୍ଷରୁ ଗଣେଶ ମୂର୍ତ୍ତିର ବିସର୍ଜନ ପାଇଁ ଶନିବାର ରାତିରେ ଭସାଣି ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରାରେ ଡିଜେ ସାଉଣ୍ଡର ତାଳେତାଳେ ପଚାଶରୁ ଊର୍ଦ୍ଧ୍ୱ ଯୁବକ ନାଚି ନାଚି ଯାଉଥିଲେ। ହଠାତ୍ ଜଣେ ଯୁବକ ଏକ ବନ୍ଧୁକ ଧରି ସର୍ବସମ୍ମୁଖରେ ଉପରକୁ ଗୁଳି ଫୁଟାଇବା ସହ ନାଚିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ବନ୍ଧୁକ ଜବତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ ଡିଜେ ବଜାଇବା ପାଇଁ କିଏ ଅନୁମତି ଦେଇଥିଲା ତାହା ତଦନ୍ତ ସାପେକ୍ଷ। ଆଗାମୀ ଦିନରେ ଟାଙ୍ଗୀ ଅଞ୍ଚଳରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ସାଧାରଣରେ ଦାବି ହେଉଛି।

## ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଓ ସାମଗ୍ରୀ ଜବତ, ୨ ଗିରଫ

ବେଗୁନିଆ,୭।୯(ସନ୍ଧ୍ୟାରାଣୀ ମିଶ୍ର)

ବେଆଇନ ଭାବେ ବାଣ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ ବାଘମାରୀ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲେଖନପୁର ଗ୍ରାମର ଶେଷଦେବ ମାର୍ଥା ଏବଂ ରବୀନ୍ଦ୍ର ସାହୁ। ଏମାନଙ୍କ ନିକଟରୁ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଓ ଆବଶ୍ୟକ ସରଞ୍ଜାମ ଜବତ କରାଯାଇଛି। ସୂଚନା ମୁତାବକ, ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଲାଇସେନ୍ସଧାରୀମାନେ କେବଳ ବାଣ ପ୍ରସ୍ତୁତି ଓ ବିକ୍ରି କରିବାକୁ ଅନୁମତିପତ୍ର ପାଇଛନ୍ତି। ତେବେ ବେଆଇନ ଭାବେ ବାଣ ପ୍ରସ୍ତୁତି ଓ ବିକ୍ରି ହେଉଥିବା ଖବରପାଇ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଲେଖନପୁର ଗ୍ରାମରେ ପହଞ୍ଚି ଶେଷଦେବ ଏବଂ ରବୀନ୍ଦ୍ରଙ୍କ ଘରେ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ ବାଣ ଓ ଆବଶ୍ୟକ ସରଞ୍ଜାମ ଜବତ କରିଥିଲେ।

## କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'

ଟାଙ୍ଗୀ,୭।୯(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ 'ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଟାଙ୍ଗୀ କଂଗ୍ରେସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜୀବ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଆଇସିସି ପର୍ଯ୍ୟବେକ୍ଷକ ଗୁଜରାଟର ପୂର୍ବତନ ମନ୍ତ୍ରୀ ବିମଳ ଶାହା ଯୋଗଦେଇ ସଂଗଠନ ସୃଜନ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲା ସଭାପତି ଚୟନ ପାଇଁ କର୍ମୀମାନଙ୍କ ମତାମତ ନେବା ସହ ସଙ୍ଗଠନକୁ ତୃଣମୂଳସ୍ତରରେ ଅଧିକ ସକ୍ରିୟ କରିବା ପାଇଁ ମନ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ, କଂଗ୍ରେସ ନେତା ଜାନକୀ ବଲ୍ଲଭ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ସଭାପତି ସୁକାନ୍ତ କୁମାର ରାଉତ, ଆଇନଜୀବୀ ବିଶ୍ୱଜିତ୍ ରାଉତରାୟ, ବିଶ୍ୱଭୂଷଣ ଛୋଟରାୟ, ଶେଖ୍ ସାଜିଦ, ପ୍ରଶାନ୍ତ ଶ୍ରୀଚନ୍ଦନ, ବାବୁଲି ଦାସ, ବାଲାଜୀ ଜେନା, ବାସୁଦେବ ବିଶ୍ୱାଳ, ସର୍ବେଶ୍ୱର ମଲିକଙ୍କ ସମେତ ୨୦ ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ମତାମତ ରଖିଥିଲେ।




'ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଶୀର୍ବାଦ



@ ବୁବୁ



@ ମହେଶ୍ୱେତା



@ ସୌମ୍ୟରଞ୍ଜନ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କେରଙ୍ଗ ଅହମଦିଆ କ୍ଲବ ଚାମ୍ପିୟନ

**ମୋବେଶର ଅହମ୍ମଦ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

ଖୋର୍ଦ୍ଧା,୭।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗଠାରେ ଚାଲିଥିବା ଦୁଇଦିନିଆ ମୋବେଶର ଅହମ୍ମଦ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ କେରଙ୍ଗ ଅହମଦିଆ (ଏ) କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ପାଇକତିଗିରିଆ ଏବଂ କେରଙ୍ଗ ଅହମଦିଆ(ଏ) କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟାଇବ୍ରେକରରେ କେରଙ୍ଗ ଅହମଦିଆ (ଏ) କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମୁଖ୍ୟ ରେଫରି ଭାବେ ସଖାଓ୍ୱତ ଅଲ୍ଲୀ ଖାଁ ପରିଚାଳନା କରିଥିବା ବେଳେ ଲାଇନ୍ସରେ ପ୍ରଫୁଲ୍ଲ କୁମାର ବେହେରା ଓ ସଗିର ଅହମଦ ସହଯୋଗ କରିଥିଲେ। ମ୍ୟାଚ କମିଶନର ଭାବେ ପ୍ରଶାନ୍ତ କୁମାର ବରାଳ ଦାୟିତ୍ୱ ତୁଲାଇଥିଲେ। କେରଙ୍ଗ ଅହମଦିଆ ମୁସଲିମ ସଙ୍ଗଠନର ସଭାପତି ଓସିମ ଅହମ୍ମଦ ମୁଖ୍ୟ ଅତିଥି, ସରପଞ୍ଚ ମବରୁର ହୁସେନ, ମଣ୍ଟୁ ନାୟକ, ରହିମ ଖାଁ, ପ୍ରଶାନ୍ତ କୁମାର ବାରିକ, ବାବୁଲା ବେହେରା, ହୃଷୀକେଶ ବେହେରା, ଇଦ୍ରିସ ଖାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମକୁ ୮ ହଜାର ଏବଂ ରନର୍ସଅପ୍ ଟିମକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଅମଜାଦ ଖାଁ, ନାସର ଖାଁ, ଦାଉଦ ଖାଁ, ହଜରତ ଅଲ୍ଲି ଖାଁ, ବେଶାରତ ଖାଁ, ଇମ୍ରାନ ଖାଁ, ମୋତାଲିବ ଖାଁ, ୟୁସୁଫ ଖାଁ, ମହମ୍ମଦ ନଇମ, ସେକ୍ ହୁସେନ, ମୋଜିବୁର ଅଲ୍ଲି ଖାଁ, ଅମିର ଅହମ୍ମଦ ପ୍ରମୁଖ ସହଯୋଗ କରିଥିଲେ।



# ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଭାଦ୍ରବ ପୂର୍ଣ୍ଣିମା ତିଥିରେ ରବିବାର ଶ୍ରୀମନ୍ଦିରରେ ଇନ୍ଦୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସହ ଇନ୍ଦ୍ରହାତୀ ପ୍ରସ୍ତାବ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ରତ୍ନସିଂହାନକୁ ବିଜେ କରାଇଥିଲେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଥିଲେ। ପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକମାନେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟ ବଡ଼ଛତା ମଠ ପାର୍ଶ୍ୱରେ ରଖିଥିଲେ। ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବରୁ ଐରାବତ ହସ୍ତୀ ସହ ଦେବରାଜ ଇନ୍ଦ୍ର ଉପସ୍ଥିତ ଥିଲେ। ଶୀତଳ ଭୋଗ ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତୀ ହସ୍ତୀ ଉପରେ ଇନ୍ଦ୍ର ଏବଂ ମାହୁନ୍ତ ବେଶରେ ଦୁଇଜଣ ବ୍ୟକ୍ତି ବସି ସିଂହଦ୍ୱାର ନିକଟକୁ ନୀତି ସମ୍ପାଦନ ପାଇଁ ଆସିଥିଲେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଚନ୍ଦ୍ରଗ୍ରହଣ କାରଣରୁ ନୀତି ସଅଳ ହୋଇ ଦିବା ୧୨ଟା ୩୦ ସୁଦ୍ଧା ଶ୍ରୀମନ୍ଦିରକୁ ଠାକୁର ବାହୁଡ଼ା ବିଜେ କରିଥିଲେ।



ଇନ୍ଦ୍ର-ହାତୀ ନୀତି ପାଇଁ ପୂଜାର୍ଚ୍ଚନା କରାଯାଉଛି।



ଶ୍ରୀମନ୍ଦିର ନିକଟରେ ଶ୍ରୀନାରାୟଣଙ୍କ ସମ୍ମୁଖରେ ଇନ୍ଦ୍ର-ହାତୀ ନୀତି ସମ୍ପନ୍ନ ହେଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିରରେ ହେଲା ସଅଳ ନୀତିକାନ୍ତି

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଚନ୍ଦ୍ରଗ୍ରହଣ ଯୋଗୁ ରବିବାର ଶ୍ରୀମନ୍ଦିରରେ ସଅଳ ନୀତିକାନ୍ତି ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ୧୨ଟା ୫୭ ମିନିଟ ୨୨ ସେକେଣ୍ଡରେ ପାକତ୍ୟାଗ ଓ ଦେବନୀତି ନିଷେଧ ଥିଲା। ସେହିପରି ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇଥିବାବେଳେ ସର୍ବମୋକ୍ଷ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଶନିବାର ରାତି ୨ଟାରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ହେବାକୁ ଛତିଶା ନିଯୋଗ ବୈଠକରେ ସ୍ଥିର କରାଯାଇଥିଲେ ମଧ୍ୟ ୨୦ ମିନିଟ୍ ବିଳମ୍ବରେ ଅର୍ଥାତ ରାତି ୨ଟା ୨୦ରେ ଦ୍ୱାରଫିଟା ନୀତି ହୋଇଥିଲା। ପରେ ରାତି ୨ଟା ୫୦ରେ ଭିତରଶୋଧ, ୩ଟାରେ ମଙ୍ଗଳ ଆଳତି, ମଇଲମ ୩ଟା ୫ ଓ ତଡ଼ପଲାଗି ୩ଟା ୩୦, ରୋଷହୋମ ରବିବାର ଭୋର ୪ଟା ୧୦ରେ କରାଯାଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସରିବା ପରେ ସକାଳ ୭ଟା ୧୦ରେ ସକାଳ ଧୂପ (କେବଳ କୋଠ ଭୋଗ), ୭ଟା ୧୮ରେ ଭୋଗମଣ୍ଡପ ସରି ଦକ୍ଷିଣୀଘର ଭୋଗ, ଦ୍ୱିତୀୟ ଭୋଗମଣ୍ଡପ, ମଇଲମ ହୋଇ ପୂର୍ବାହ୍ନ ୧୧ଟା ୩୦ରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା। ୧୧ଟା ୪୦ରେ ଦୋଳଗୋବିନ୍ଦ ସିଂହଦ୍ୱାର ନିକଟକୁ ବିଜେ ପରେ ସାଢ଼େ ୧୨ଟା ସୁଦ୍ଧା ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ନୀତି ସରିଥିଲା। ଏହାପରେ ଦୋଳଗୋବିନ୍ଦ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ମା' ପଞ୍ଚମୁଖୀ ଘାଟରେ ଭାର୍ଗବୀ ଆଳତି

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଭାଦ୍ରବ ପୂର୍ଣ୍ଣିମା ଅବସରରେ ରବିବାର ମା' ପଞ୍ଚମୁଖୀ ଘାଟରେ ଭାର୍ଗବୀ ଆଳତି ସମ୍ପାଦିତ ହୋଇଛି। ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ସନ୍ଧ୍ୟା ୬ଟା ପରିବର୍ତ୍ତେ ପୂର୍ବାହ୍ନ ୧୧ଟାରେ ଆଳତି କରାଯାଇଥିଲା। ଆଳତି କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଗ୍ରାମର ମହାଜନ ଯୁବସାଥୀ ଓ ଆଧ୍ୟାତ୍ମିକ ପ୍ରେମୀମାନେ ଯୋଗଦେଇଥିଲେ। ଘଣ୍ଟ ହରିବୋଲ ହୁଳହୁଳିରେ ଭାର୍ଗବୀ ନଦୀକୂଳକୁ ଭକ୍ତମାନେ ଯାଇ ଭାର୍ଗବୀ ମାଆଙ୍କୁ ମହାପ୍ରସାଦ, କ୍ଷୀର, ଜଗନ୍ନାଥଙ୍କ ଆଜ୍ଞାମାଳ ଦେଇ ଆଳତି କରିଥିଲେ। ପଣ୍ଡିତ ଶୁଭାଶିଷ କରଙ୍କ ମନ୍ତ୍ରଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀଧର କର, ଗଙ୍ଗାଧର କର, ଭବାନୀ ଶଙ୍କର ତ୍ରିପାଠୀ, ଗୋପାଳ ଚନ୍ଦ୍ର କର, ବାପିନା ପତି, ଶରତ ଦେଓ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଦ୍ୱାରିକାନାଥ ବିଶ୍ୱାଳ, ବାନାମ୍ବର ପରିଡ଼ା, କାର୍ତ୍ତିକ ବେହେରାଙ୍କ ସମେତ ଅନେକ ଭକ୍ତ ଉପସ୍ଥିତ ଥିଲେ।




୭।୯।୨୦୨୫

| | |
|---|---|
| ୫,୧୬,୪୪୬ ଟଙ୍କା | |
| ସୁନା | ୨.୪୦୦ ଗ୍ରାମ୍ |
| ରୁପା | ୧୭.୪୦୦ ଗ୍ରାମ୍ |

**ସଂକ୍ଷେପରେ**

## ଆଜିଠୁ ପିତୃପକ୍ଷ ଆରମ୍ଭ

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ତିଥି ସୋମବାରଠାରୁ ପିତୃପକ୍ଷ ଆରମ୍ଭ ହେବ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ ଦିନରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରାଯାଏ। ପିତୃପକ୍ଷ ଅବସରରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ କରିବେ। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ କୁହାଯାଏ। ଏହି ପିତୃପକ୍ଷ ତିଥିରେ ତାଙ୍କ ଉତ୍ତରପୁରୁଷମାନେ ତୀର୍ଥ ପୁଷ୍କରିଣୀରେ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି।

## ମଠ, ମନ୍ଦିରରେ ଭାଗବତ ଜନ୍ମ ପାଳିତ

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲାର ବିଭିନ୍ନ ଭାଗବତ ଟୁଙ୍ଗୀରେ ରବିବାର ଭାଗବତ ଜନ୍ମ ପାଳିତ ହୋଇଯାଇଛି। ଶ୍ରୀମନ୍ଦିରରେ ପ୍ରତିଦିନ ଧୂପ ସମୟରେ ପୁରାଣ ପଣ୍ଡା ଭାଗବତ ପାଠ କରିଥାନ୍ତି। ସେଥିପାଇଁ ବେହେରଣ ଦ୍ୱାର ନିକଟରେ ଏକ ଭାଗବତ ଟୁଙ୍ଗି ବା ମନ୍ଦିର ରହିଛି। ପୁରୀ ସହରର ବଡ଼ଓଡ଼ିଆ ମଠ, ସାନ ଓଡ଼ିଆ ମଠ, ସାତଲହଡ଼ି ମଠ, ଜଗନ୍ନାଥବଲ୍ଲଭ ମଠ ସମେତ ବିଭିନ୍ନ ମଠ ମନ୍ଦିର ସହିତ ଗ୍ରାମ କୋଠଘରେ ପୂଜା ପାଉଥିବା ଭାଗବତ ଟୁଙ୍ଗି ଘରେ ଭାଗବତ ଜନ୍ମ ପାଳନ କରାଯାଇଛି। ମଠ, ଅଶ୍ରମ ତଥା ଗୃହସ୍ଥମାନଙ୍କ ଘରେ ଭାଗବତ ଜନ୍ମ ପାଳନ କରାଯାଇଛି। ଏହି ଉପଲକ୍ଷେ ମନ୍ଦିର ସମେତ ଆଶ୍ରମ ଓ ମଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଭୋଗ ରାଗ କରାଯାଇଥିଲା। ଗାଁଗୁଡ଼ିକରେ ଭାଗବତ ଗୋସାଇଁଙ୍କୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ଅର୍ପଣ କରାଯାଇଥିଲା।

## ଅଖଣ୍ଡ ନାମଯଜ୍ଞର ୪୫ବର୍ଷ ପୂର୍ତ୍ତି

**ଯୋଗେଶ୍ୱରପୁର,୭।୯(ରଶ୍ମି ରଞ୍ଜନ ସାହୁ)**

ବିଶ୍ୱର ମଙ୍ଗଳ ପାଇଁ ଅଖଣ୍ଡ ନାମ ଯଜ୍ଞର ୪୫ ବର୍ଷ ପୂର୍ତ୍ତି ଉତ୍ସବ ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମ କ୍ଷେତ୍ର ପରିସରରେ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ୧୯୮୦ ମସିହା ଅନନ୍ତ ବ୍ରତ ତିଥିରେ ଏହି ବିପତ୍ତି ନାଶନ ମହାମନ୍ତ୍ର ସ୍ଥାପନ କରିଥିଲେ, ଯାହାକି ଅଦ୍ୟାବଧି ଭକ୍ତ, ଶ୍ରଦ୍ଧାଳୁଙ୍କ ଦ୍ୱାରା ଅଖଣ୍ଡ ନାମ ଯଜ୍ଞ ଚାଲୁ ରହିଛି। ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ସର୍ବଧର୍ମ ସମନ୍ୱୟ ପ୍ରଚାରକ ଥିଲେ। ଚାଲୁଥିବା ଏହି ମହାମାନବ ମନ୍ଦିରରେ ଅଖଣ୍ଡ ନାମଯଜ୍ଞରେ ସମସ୍ତ ମହାପୁରୁଷଙ୍କ ଫଟୋ ଚିତ୍ର ପୂଜା ପାଉଛନ୍ତି।

## ଭାଗବତ ପାଠ କଲେ ଭଲ ମଣିଷ ହୋଇପାରିବା

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଚକ୍ରତୀର୍ଥ ଚାରଣ ଶାଖା ପକ୍ଷରୁ ଭାଗବତ ଜନ୍ମଉତ୍ସବ ରବିବାର ଡେଲ୍ଟା କଲୋନୀ ମା' ମଙ୍ଗଳା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁ ସହସ୍ର ନାମ, ପଞ୍ଚଦଶ ଅଧ୍ୟାୟ ଗୀତାର ସଂପୁଟ ଆହୁତି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଧାକାନ୍ତ ଶତପଥୀ ପୌରୋହିତ୍ୟ ଓ ସୁଦିପ୍ତ କୁମାର ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରାୟ ୭୦ ଜଣ ସେମାନଙ୍କ ଶ୍ରୀମଦ୍ ଭାଗବତ ଗ୍ରନ୍ଥ ପୂଜା କରିଥିଲେ। ପ୍ରତିଦିନ ଭାଗବତ ପାଠ ପାଇଁ ସଂକଳ୍ପ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଭାଗବତର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚାରଣ ନୀହାର ରଞ୍ଜନ ଦାସ ପ୍ରତ୍ୟେକ ମଣିଷ ପ୍ରତିଦିନ ଭାଗବତ ପାଠ କରିବା ଦ୍ୱାରା ସମସ୍ତେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ଅଧ୍ୟାପିକା ରାଜଶ୍ରୀ ଦଳାଇ ଭାଗବତ ଜନ୍ମ ସମ୍ବନ୍ଧରେ ଆଲୋଚନା କରିଥିଲେ। ଚାରଣ ଗୋଷ୍ଠୀର ଦଳପତି ବ୍ରହ୍ମାନନ୍ଦ ସ୍ୱାଇଁ, ଜିଲା ସଂଗଠକ ଲକ୍ଷ୍ମୀଧର ପ୍ରଧାନ, ମଣ୍ଡଳ ସଂଗଠକ ରବୀନ୍ଦ୍ର କୁମାର ପ୍ରଧାନ, କାର୍ଯ୍ୟଗ୍ରାହୀ ଶ୍ରୀନାଥ ପଟ୍ଟନାୟକ, ପ୍ରିୟବ୍ରତ ଦାସ, ବଟକୃଷ୍ଣ ସାହୁ, ଫକୀର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଶଙ୍କରାଚାର୍ଯ୍ୟଙ୍କ ଚତୁର୍ମାସ୍ୟା ବ୍ରତ ସମାପନ

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଭାଦ୍ରବ ପୂର୍ଣ୍ଣିମା ଅବସରରେ ରବିବାର ପରମ୍ପରା ଅନୁଯାୟୀ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଚତୁର୍ମାସ୍ୟା ବ୍ରତ ସମାପନ କରିଛନ୍ତି। ଏହି ଅବସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠରୁ ବାହାରି ସୁରକ୍ଷା ବଳୟ ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରୁ ସିଂହଦ୍ୱାର ଗୁମୁଟ ପରିସରକୁ ଯାଇ ପତିତପାବନଙ୍କୁ ଦର୍ଶନ କରିଥିଲେ। ପରେ ପୁରୀର ସୀମା ସହ ତୁଳସୀ ଚଉଁରା ନିକଟକୁ ଯାଇ ଭୂମିସ୍ପର୍ଶ କରିଥିଲେ। ସେଠାରୁ ଫେରିବା ବେଳେ ମା' ବାଟମଙ୍ଗଳାଙ୍କୁ ବାହାରେ ଥାଇ ଦର୍ଶନ କରି ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ପରମ୍ପରା ଅନୁଯାୟୀ, ଏହି ଦିନ ଜଗଦ୍‌ଗୁରୁ ପୁରୀ ସୀମା ତୁଳସୀ ଚଉଁରା ନିକଟକୁ ଯାଇ ଭୂମି ପୂଜନ କରିଥାନ୍ତି। ପ୍ରତ୍ୟାବର୍ତ୍ତନ ସମୟରେ ବାଟମଙ୍ଗଳାଙ୍କୁ ଦର୍ଶନ ସହ ଆଳତି କରିଥାନ୍ତି। ସେହିପରି ସମୁଦ୍ର ଆଳି କରି ମଠକୁ ଫେରିଥାନ୍ତି। ମାତ୍ର ରବିବାର ଚନ୍ଦ୍ରଗ୍ରହଣ ହୋଇଥିବାରୁ ଦିନ ୧୨ଟା ୫୭ ମିନିଟ ପରେ ଦେବକାର୍ଯ୍ୟ ନିଷେଧ ଥିବାରୁ ଶଙ୍କରାଚାର୍ଯ୍ୟ ବାହାରୁ ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ଫେରିଥିଲେ। ସେହିପରି ମଠ ପକ୍ଷରୁ ଦିନରେ ସମୁଦ୍ର ଆଳତି କରାଯାଇଥିଲା। ଚତୁର୍ମାସ୍ୟା ବ୍ରତ ସମ୍ପର୍କରେ ଗୋବର୍ଦ୍ଧନ ପୀଠର ସୂଚନାନୁଯାୟୀ, ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଭାଦ୍ରବ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମୟକୁ ଚତୁର୍ମାସ୍ୟା କୁହାଯାଏ। ଏହି ସମୟରେ ସାଧୁସନ୍ଥମାନେ ଆଶ୍ରମ ଛାଡ଼ି ବାହାରକୁ ଯାଆନ୍ତିନାହିଁ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ପୁରୀ ସୀମା ପାର୍ ହୋଇ ନ ଥାନ୍ତି। ପୀଠରେ ରହି ଶିଷ୍ୟ, ସାଧକଙ୍କୁ ଅଦ୍ୱୈତ ବେଦାନ୍ତର ଶିକ୍ଷା ପ୍ରଦାନ କରିଥାନ୍ତି। ଚତୁର୍ମାସ୍ୟାର ଶେଷ ଦିନ ଭାଦ୍ରବ ପୂର୍ଣ୍ଣିମାରେ ଶଙ୍କରାଚାର୍ଯ୍ୟ ପୁରୀ ସୀମା ନିକଟକୁ ଯାଇ ମା' ବାଟମଙ୍ଗଳାଙ୍କୁ ଦର୍ଶନ କରି ପୀଠକୁ ଫେରନ୍ତି। ଏହାକୁ ସୀମାପାର୍ ବୋଲି କୁହାଯାଏ।




ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଚତୁର୍ମାସ୍ୟା ବ୍ରତ ସମାପନ କରି ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଶୀର୍ବାଦ



@ ବୁବୁ



@ ମହେଶ୍ୱେତା




@ ସୌମ୍ୟରଞ୍ଜନ



@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଭାଗବତ ଜନ୍ମ : ଅସ୍ତରଙ୍ଗ ଅଞ୍ଚଳରେ ଭକ୍ତିମୟ ପରିବେଶ

**କାକଟପୁର/ଅସ୍ତରଙ୍ଗ,୭।୯ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଇନ୍ଦୁ ପୂର୍ଣ୍ଣିମାକୁ ଭାଗବତ ଜନ୍ମ ରୂପେ ପାଳନ କରାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ପୂର୍ଣ୍ଣ ହୁଏ। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସୁଦିକେଶ୍ୱର, ଅସ୍ତରଙ୍ଗ ଓ ସରିପୁର ସମେତ ବିଭିନ୍ନ ସ୍ଥାନରେ ଭାଗବତ ଜନ୍ମ ଉତ୍ସବ ପାଳନ କରାଯାଇଛି। କେବଳ ଭାଦ୍ରବ ଶୁକ୍ଳ ନବମୀଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ସାତଦିନ ଯେ 'ଭାଗବତ ସପ୍ତାହ' ପାଳିତ ହେବ, ସେପରି କୌଣସି ବିଧି ନାହିଁ। ବର୍ଷର ଯେକୌଣସି ସମୟରେ ସପ୍ତାହବ୍ୟାପୀ ଭାଗବତ ପାଠ କରାଯିବା ପାଇଁ ଆମ ପୁରାଣ ପରମ୍ପରାରେ କୌଣସି ବାରଣ ନାହିଁ। ଏହି ଭାଗବତ ପାଠ ବା ଭାଗବତ ପାରାୟଣ ଦିନ ଅବା ରାତିରେ କରାଯିବ, ସେ ନେଇ ମଧ୍ୟ କୌଣସି ନିଷେଧ ନାହିଁ। ମୃତ୍ୟୁ ଭୟରୁ ରାଜା ପରିକ୍ଷିତଙ୍କୁ ଉଦ୍ଧାର କରିବାକୁ ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ୭ଦିନ ଧରି ଶୁଣାଇଥିଲେ, ତାହା ହେଉଛି 'ଶ୍ରୀମଦ୍‌ଭାଗବତ'। କିନ୍ତୁ କେଉଁ ୭ଦିନ ଶୁକଦେବ ତାହା ଶୁଣାଇଥିଲେ, ସେ ସମ୍ପର୍କରେ 'ଶ୍ରୀମଦ୍‌ଭାଗବତ'ରେ କୌଣସି ଉଲ୍ଲେଖ ନାହିଁ। କିନ୍ତୁ ବ୍ୟାଖ୍ୟାକାରଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି ଯେ, ରାଜା ପରିକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ଶେଷ ହୋଇଥିଲା। ଏଥିପାଇଁ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଭାଗବତ ଟୁଙ୍ଗିରେ ଭାଗବତ ଜନ୍ମ ଉତ୍ସବ ପାଳନ ହୋଇଛି।

## ଭାଗବତ ଶାନ୍ତି, ପ୍ରେମ, ମାନବବାଦର ବାର୍ତ୍ତାବହ

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶାର ଦ୍ୱାବିଂଶତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର 'ଶ୍ରୀମଦ୍ ଭାଗବତରେ ଜୀବନ ଦର୍ଶନ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଶ୍ରୀମଦ୍ ଭାଗବତ ଶାନ୍ତି, ପ୍ରେମ ଓ ମାନବବାଦର ବାର୍ତ୍ତାବହ। ବ୍ୟାସଦେବକୃତ ଶ୍ରୀମଦ୍ ଭାଗବତ୍ ମହାପୁରାଣର ବିଷୟବସ୍ତୁକୁ ଆଧାର କରି ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ ଏବଂ ଏହି ରଚନାରେ ଓଡ଼ିଶାର ସାଂସ୍କୃତିକ ପରମ୍ପରା, ଐତିହ୍ୟ, ସଂସ୍କୃତି ଓ ଜଗନ୍ନାଥ ତତ୍ତ୍ୱର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଛନ୍ତି, ଯାହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଅମୂଲ୍ୟ ରତ୍ନ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରପ୍ରିୟା ଦାଶ ଯୋଗଦେଇ କହିଲେ, ଶ୍ରୀମଦ୍ ଭାଗବତ ମାନବ ଜୀବନ ଦର୍ଶନକୁ ମହାନ୍ ଦିଗ୍ ଦର୍ଶନ ଦେଇଛି। ଷୋଡ଼ଶ ଶତାବ୍ଦୀରେ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗିର ପରମ୍ପରା ସୃଷ୍ଟି ହୋଇ ସପ୍ତାଙ୍ଗ ପାରାୟଣ ପଦ୍ଧତିକୁ କ୍ରିୟାଶୀଳ କରିଥିଲା। ସମ୍ମାନିତ ଅତିଥି ଭାବେ ଦ୍ରବ୍ୟ ଓ ସେବାକରର ଯୁଗ୍ମକମିଶନର ପ୍ରଦୀପ୍ତ କୁମାର ସୁବୁଦ୍ଧିରାୟ, ଐତିହାସିକ ମଦନ ମୋହନ ମହାପାତ୍ର, ଇଂ. ବ୍ରଜକିଶୋର ପରିଡ଼ା, ସାମାଜିକ କର୍ମୀ ରୁଚିମିତ୍ରା ଜଗଦ୍ଦେବ ମହାପାତ୍ର, ଟ୍ରଷ୍ଟ ଉପଦେଷ୍ଟା ପୁଷ୍କର ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, ପ୍ରତିଭା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟ ମୁଖପତ୍ର 'ଶ୍ରୀଗୁଣ୍ଡିଚା'ର ଶକ୍ତି ବିଶେଷାଙ୍କ ଉନ୍ମୋଚନ କରାଯାଇଥିଲା। ଅପରାହ୍ନରେ ପଣ୍ଡିତ ଦୟାନିଧି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବକ୍ତା ଭାବେ ପ୍ରଫେସର ଚନ୍ଦ୍ରଶେଖର ଦାଶ, ଗବେଷକ ନାରାୟଣ ନନ୍ଦ, ପ୍ରଫେସର ପ୍ରମୋଦ କୁମାର ପଣ୍ଡା, ଡ. ପ୍ରମୋଦ କୁମାର ଦଳାଇ, କୃଷ୍ଣଚନ୍ଦ୍ର ସୁଆର, ପଣ୍ଡିତ ସଦାଶିବ ମିଶ୍ର, ପ୍ରାଧ୍ୟାପକ ସାନ୍ଧ୍ୟରାଣୀ ବେହେରା, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଡ. ଦିଲ୍ଲୀପ ସେନାପତି, ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ ଏବଂ ଗୋଲକ ବିହାରୀ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜୟ କୁମାର ଦାଶ, ମାନସୀ ଦେବୀ, ତପନ କୁମାର ସେଠୀ, ଜୁପିଟର ଦାସ ପ୍ରମୁଖ ସହଯୋଗ କରିଥିଲେ। ଚୂନରା ସେବକ ଶରତ ମହାନ୍ତି, ଚନ୍ଦ୍ରଶେଖର ଦାଶ, ସନ୍ଧ୍ୟାରାଣୀ ବେହେରା, ମାନସୀ ରଥଙ୍କ ସମେତ ବିବିଧ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ବାର୍ଷିକୋତ୍ସବରେ ସମ୍ବର୍ଦ୍ଧିତ ବିଶିଷ୍ଟ ବ୍ୟକ୍ତିମାନେ।

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। –ଶ୍ରୀଅରବିନ୍ଦ



# କାଠଗୁଡ଼ା ଗଡ଼ିଗଲା

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପୂର୍ଣ୍ଣ ଭାବେ କିଭଳି ଅନୁଭୂତ ହେଲାଣି ତା'ର ସଦ୍ୟ ଟ୍ରେଲର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ଜମ୍ମୁ ଓ କଶ୍ମୀରରୁ ଦେଖିବାକୁ ମିଳିଛି। ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କେତେକ ସ୍ଥାନରେ ଗୋଟିଏ ଦିନରେ ଯେଭଳି ବର୍ଷା ହୋଇଛି, ତାହା ଗୋଟେ ମାସର ରେକର୍ଡ ସହ ସମାନ ବୋଲି କୁହାଗଲାଣି। ଚଳିତ ଋତୁରେ ହିମାଚଳ ପ୍ରଦେଶ ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟରେ ଯେଉଁଭଳି ବନ୍ୟା ସ୍ଥିତିର ଭିଡିଓ ଦେଖିବାକୁ ମିଳିଛି, ସେଥିରୁ ମନୁଷ୍ୟକୃତ ବିପର୍ଯ୍ୟୟ ଯୋଗୁ ପ୍ରକୃତିର ରୋଷ କିଭଳି ରୂପ ଧାରଣ କରିପାରେ ତାହା ଅନୁମେୟ। ନଦୀଜଳରେ ଅସଂଖ୍ୟ କାଠଗଣ୍ଡି ଭାସିଯିବାର ଦୃଶ୍ୟ ସୂଚାଇ ଦେଇଛି ଯେ କେତେ ମାତ୍ରାରେ ସେହି ସବୁ ଅଞ୍ଚଳରେ ଗଛ କଟାଯାଉଛି। ଏଥିରେ ସ୍ଥାନୀୟ ଅଧିବାସୀ ଓ ସରକାରୀ କର୍ମଚାରୀଙ୍କ ସହ କେଉଁ ଧରଣର ମଧୁର ସମ୍ପର୍କ କାଠ ମାଫିଆ ରଖିଛନ୍ତି, ତାହା ବୁଝି ହୋଇଯାଉଛି। ଗଛ କାଟି ତାହାକୁ ଗଦାଗଦା କରି ରଖିଥିବା ବେଳେ ସେଗୁଡ଼ିକ ବନ୍ୟା ଜଳରେ ଭାସିଯିବା ପରେ ସବୁ ବିଷୟ ପଦାକୁ ଆସିଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ କ୍ରମାଗତ ଭୂସ୍ଖଳନ ଓ ବନ୍ୟା ପାଇଁ ବେଆଇନ ଗଛକଟା ଦାୟୀ ବୋଲି ୪ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ କହିବା ସହ କେନ୍ଦ୍ର ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ଜବାବ ମାଗିଥିଲେ। ଏଥିସହିତ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସମେତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଓ କଶ୍ମୀର ଏବଂ ପଞ୍ଜାବ ସରକାରଙ୍କୁ ଏ ନେଇ ନୋଟିସ ଜାରି କରିଛନ୍ତି। ଭିତ୍ତିଭୂମି ବିକାଶ ଓ ପରିବେଶ ସୁରକ୍ଷା ଦିଗରେ ଏମାନେ କ'ଣସବୁ ପଦକ୍ଷେପ ନେଉଛନ୍ତି ସେହି ବିଷୟରେ କୋର୍ଟ ଜାଣିବାକୁ ଚାହିଁବା ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଆମ ସମସ୍ତଙ୍କ ସମ୍ମୁଖରେ ଦଣ୍ଡାୟମାନ।

**ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ପ୍ରକୃତିବିଗିଡ଼ା କାର୍ଯ୍ୟ ପ୍ରତି ବର୍ତ୍ତମାନ ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।**

ବିକାଶ ନାମରେ ପରିବେଶକୁ ଧ୍ୱଂସ କରାଗଲେ ତା'ର କୁଫଳ ଏହି ମଣିଷକୁ ଭୋଗ କରିବାକୁ ପଡ଼ୁଛି। ଅନାବଶ୍ୟକ ସ୍ଥଳେ ଓ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରା ନ ଯାଇ ଅବିଚାରିତ ଭାବେ ଗଛ କାଟି ଦିଆଯାଉଥିବାରୁ ତାହାର ସିଧାସଳଖ ପ୍ରଭାବ ପରିସଂସ୍ଥାନ ଉପରେ ପଡ଼ୁଛି। ହିମାଳୟ ସଂଲଗ୍ନ ରାଜ୍ୟଗୁଡ଼ିକରେ ବ୍ୟାପକ ଗଛକଟା, ନଦୀ ଅଞ୍ଚଳଗୁଡ଼ିକରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ଏବଂ ପର୍ଯ୍ୟଟନକୁ ବଢ଼ାଇବା ଲାଗି ହେଉଥିବା ନିର୍ମାଣ ଭୂସ୍ଖଳନ, ବାଦଲଫଟା ବର୍ଷା ଓ ବନ୍ୟା ସୃଷ୍ଟି କରୁଛି ବୋଲି ଅନେକ ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଉଛି। ହେଲେ କେହି ଏହାକୁ ଶୁଣିବା ସ୍ଥିତିରେ ଥିବା ଭଳି ମନେହେଉ ନାହିଁ। ମଣିଷର ଲୋଭ ଓ ସାମୟିକ ଲାଭ ପାଇଁ ସମ୍ପୃକ୍ତ ଅଞ୍ଚଳର ମାଟି ଦିନକୁ ଦିନ ଫମ୍ପା ହେବାରେ ଲାଗିଛି। ସମସ୍ତେ ଜାଣିଛେ ଯେ, ଗଛ ସଂଖ୍ୟା କମିଗଲେ ମାଟି ଧୋଇଯିବା ସହ ବର୍ଷା ଜଳ ନଦୀକୁ ଯାଇ ଅସମ୍ଭାଳ ବନ୍ୟାସ୍ଥିତି ସୃଷ୍ଟି କରିଥାଏ। ପୁଣି ବିକାଶ ନାମରେ ଯେଉଁଠାରେ ଗଛ କଟା ଚାଲୁଛି, ସେହି ସଂଖ୍ୟାକୁ ପୂରଣ କରିବା ଲାଗି ନିକଟ ଅଞ୍ଚଳରେ ବନୀକରଣକୁ ଗୁରୁତ୍ୱ ଦିଆଯିବା କଥା। ହେଲେ ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏସବୁକୁ ଦେଖି ସ୍ପଷ୍ଟ ଭାବେ କହିହେବ ଯେ, ମନୁଷ୍ୟକୃତ ଭୁଲ କାର୍ଯ୍ୟ ଯୋଗୁ ଜଳବାୟୁ ପରିବର୍ତ୍ତନ ଓ ତତ୍‌ଜନିତ ବିପଦ ବଢ଼ିଚାଲିଛି। କେବଳ ହିମାଳୟ ଅଞ୍ଚଳ ନୁହେଁ, ଓଡ଼ିଶାରେ ଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ସାତକୋଶିଆ, ଚିଲିକା, ଶିମିଳିପାଳ ଆଦି ମଣିଷର ଲୋଭାତୁର କାର୍ଯ୍ୟ ଯୋଗୁ ବିଗିଡ଼ି ଗଲାଣି। ଚିଲିକାରେ ସିପ୍ଲେନ୍ ଉଡ଼ିବା ନେଇ ନିକଟରେ ଆଲୋଚନା ହେବା ସହଜରେ ଭାଙ୍ଗିପାରୁଥିବା ପରିବେଶ ଭାରସାମ୍ୟ (ଫ୍ରାଜାଇଲ୍ ଇକୋଲୋଜିକାଲ ବାଲାନ୍ସ)କୁ କ୍ଷତି ପହଞ୍ଚାଇବା ଜଳ ଜଳ ଦିଶୁଛି। ଏମିତି ଦେଖିଲେ ଓଡ଼ିଶାର ଅନେକ ଇଲାକା ବନ୍ୟା ଓ ବାତ୍ୟା ପ୍ରବଣ ରହିଛି। ଯଦି ମଣିଷର ଗୋଟିଏ ଗୋଟିଏ ପ୍ରକୃତିବିଗିଡ଼ା କାମ ବଢ଼ି ଚାଲିବ, ତାହାର କୁପ୍ରଭାବ ଏହି ପ୍ରାଣୀଜଗତ ଭୋଗିବା ଥୟ।

ଏଠି ମନେପଡ଼େ ୨୦୨୨ ଫେବୃଆରୀରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ବ୍ରାଜିଲର ଆମାଜନ ଜଙ୍ଗଲରେ ବ୍ୟାପକ ଗଛ କଟାଯିବା ବିଷୟ। ଏଭଳି ଘଞ୍ଚ ଜଙ୍ଗଲ ଜଳବାୟୁ ସ୍ଥିର ରଖିବାରେ ସହାୟକ ହୋଇଥାଏ। ବିକାଶ ନାମରେ ଯେଉଁଭଳି ଭାବେ ଜଙ୍ଗଲ ଧ୍ୱଂସ କରାଗଲା ସେଥିଲାଗି ସେଠାକାର ତତ୍‌କାଳୀନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ଏପଟେ ଭାରତର ନଦୀରେ ଭାସି ଯାଉଥିବା କାଠଗଣ୍ଡିର ଦୃଶ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ବ୍ୟଥିତ କରିବା କଥା। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ପ୍ରକୃତି ବିରୋଧୀ କାର୍ଯ୍ୟରେ ଜଡ଼ିତ ଲୋକଗୁଡ଼ାକୁ ଠାବ କରି ଦଣ୍ଡିତ କରିବାର ସମୟ ଆସିଲାଣି। ଏ ଦିଗରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ବର୍ତ୍ତମାନ ଏସବୁ ପ୍ରତି ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।

# ଭୂପେନ୍‌ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୮ ତାରିଖ। ଭାରତୀୟ ସଂସ୍କୃତି ଏବଂ ସଙ୍ଗୀତ ପ୍ରତି ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆଉ ବିଶେଷ ଭାବେ ମୋର ଆସାମର ଭାଇଭଉଣୀମାନଙ୍କ ପାଇଁ ଆଜିର ଦିନ ଅଧିକ ସ୍ୱତନ୍ତ୍ର। ଆଜି ଭାରତରତ୍ନ ଡକ୍ଟର ଭୂପେନ୍ ହଜାରିକାଙ୍କ ଜୟନ୍ତୀ। ସେ ଭାରତର ସବୁଠୁ ଅସାଧାରଣ ଓ ସବୁଠୁ ପ୍ରଭାବଶାଳୀ ଗାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନର ଶୁଭାରମ୍ଭ ହେବା ଖୁସିର ବିଷୟ। ଏହା ଭାରତୀୟ କଳାଜଗତ ଓ ଜନଚେତନା ଦିଗରେ ତାଙ୍କର ମହାନ୍ ଅବଦାନକୁ ସ୍ମୃତିଚାରଣ କରିବାର ଏକ ଅବସର। ଭୂପେନ୍‌ଦା' ଆମକୁ ଯାହା ଦେଇଥିଲେ, ତାହା ସଙ୍ଗୀତଠାରୁ ଢେର ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ତାଙ୍କର କାର୍ଯ୍ୟଗୁଡ଼ିକ ସ୍ୱରକୁ ଅତିକ୍ରମ କରୁଥିବା ଭାବନାକୁ ମୂର୍ତ୍ତିମନ୍ତ କରିଥିଲା। କେବଳ ଏକ କଣ୍ଠସ୍ୱର ନୁହେଁ, ବରଂ ସେ ଲୋକମାନଙ୍କ ହୃଦୟର ସ୍ପନ୍ଦନ ଥିଲେ। ଅନେକ ପିଢ଼ି ତାଙ୍କ ଗୀତ ଶୁଣି ବଡ଼ ହୋଇଛନ୍ତି। ତାଙ୍କ ସଙ୍ଗୀତରେ ସବୁବେଳେ ଦୟା, ଅନୁକମ୍ପା, ସାମାଜିକ ନ୍ୟାୟ, ଏକତା ଏବଂ ଗଭୀର ସମ୍ପର୍କବୋଧର ବିଷୟବସ୍ତୁ ସହିତ ଗୁଞ୍ଜରିତ ହୋଇଥାଏ। ଭୂପେନ୍‌ଦା'ଙ୍କ ରୂପରେ ଆସାମରୁ ଉତ୍ପତ୍ତି ହୋଇଥିବା ଏହି ସ୍ୱର ଏକ କାଳଜୟୀ ନଦୀ ପରି ପ୍ରବାହିତ ହୋଇଥିଲା। ଭୂପେନ୍‌ଦା' ସଶରୀରରେ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କ ସ୍ୱର ଆଜି ବି ଆମେ ଶୁଣିପାରୁଛୁ। ସେ ସ୍ୱର ଆଜି ବି ସବୁ ସୀମା ଏବଂ ସଂସ୍କୃତିକୁ ଅତିକ୍ରମ କରିଛି। ସେଥିରେ ରହିଛି ମାନବୀୟ ଭାବନାର ସ୍ପର୍ଶ। ଭୂପେନ୍‌ଦା' ବିଶ୍ୱ ପରିଭ୍ରମଣ କରିଥିଲେ, ସମାଜର ସବୁବର୍ଗର ଲୋକଙ୍କ ସହ ମିଶିଥିଲେ। କିନ୍ତୁ ସେ ଆସାମ ସହିତ ଗଭୀର ଭାବରେ ଜଡ଼ିତ ଥିଲେ। ଆସାମର ସମୃଦ୍ଧ ମୌଖିକ ପରମ୍ପରା, ଲୋକସଙ୍ଗୀତ ଏବଂ ଲୋକକଥା କହିବାର ଧାରା ତାଙ୍କ ଶୈଶବକୁ ଗଭୀର ଭାବରେ ଗଢ଼ିତୋଳି ଥିଲା। ଏହି ଅଭିଜ୍ଞତା ତାଙ୍କର କଳାତ୍ମକ ଶବ୍ଦକୋଷର ମୂଳଦୁଆ ଥିଲା। ସେ ସବୁବେଳେ ଆସାମର ଜନଜାତିଙ୍କ ପରିଚୟ ଏବଂ ଏହାର ଲୋକଙ୍କ ନୀତିକୁ ସାଙ୍ଗରେ ନେଇ ଚାଲୁଥିଲେ। ଖୁବ୍‌କମ୍ ବୟସରେ ଭୂପେନ୍‌ଦା'ଙ୍କ ନିକଟରେ ଥିବା ପ୍ରତିଭାର ପରିପ୍ରକାଶ ଘଟିଥିଲା। ମାତ୍ର ପାଞ୍ଚ ବର୍ଷ ବୟସରେ ସେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଗୀତ ଗାଇଥିଲେ। ଖୁବ୍‌ଶୀଘ୍ର ସେ ଅନ୍ୟ କାହାର ନୁହେଁ ବରଂ ଅହମିୟା ସାହିତ୍ୟର ଅଗ୍ରଦୂତ ଲକ୍ଷ୍ମୀନାଥ ବେଜବରୁଆଙ୍କ ଧ୍ୟାନଆକର୍ଷଣ କରିଥିଲେ। କିଶୋର ବୟସ ବେଳକୁ ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ। କିନ୍ତୁ ସଙ୍ଗୀତ ତାଙ୍କ ବ୍ୟକ୍ତିତ୍ୱର କେବଳ ଗୋଟିଏ ଦିଗ ଥିଲା। ଭୂପେନ୍‌ଦା' ହୃଦୟରେ ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ ଥିଲେ। ସେ ଜିଜ୍ଞାସୁ, ସ୍ପଷ୍ଟବାଦୀ ଥିଲେ ଏବଂ ଦୁନିଆକୁ ଜାଣିବାର ଏକ ଅତୃପ୍ତ ଇଚ୍ଛା ତାଙ୍କ ଭିତରେ ରହିଥିଲା। ଜ୍ୟୋତି ପ୍ରସାଦ ଅଗ୍ରୱାଲା ଏବଂ ବିଷ୍ଣୁ ପ୍ରସାଦ ରଭାଙ୍କ ପରି ସାଂସ୍କୃତିକ କିମ୍ବଦନ୍ତୀଙ୍କ ବ୍ୟକ୍ତିତ୍ୱ ତାଙ୍କ ମନରେ ଗଭୀର ଛାପ ଛାଡ଼ିଥିଲା। ଏହା ତାଙ୍କର ଜିଜ୍ଞାସୁ ମନୋଭାବକୁ ମଧ୍ୟ ଗଭୀର କରିଥିଲା। ଶିଖିବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛା, ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଟନ କଲେଜ ପର୍ଯ୍ୟନ୍ତ ଟାଣିଆଣି ଥିଲା। ସେ ବିଏଚ୍‌ୟୁରେ ରାଜନୀତି ବିଜ୍ଞାନର ଛାତ୍ର ଥିଲେ, କିନ୍ତୁ ତାଙ୍କର ଅଧିକାଂଶ ସମୟ ସଙ୍ଗୀତ ସାଧନାରେ ବିତୁଥିଲା। ବନାରସ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସଙ୍ଗୀତମନସ୍କ କରିଥିଲା। କାଶୀର ସାଂସଦ ହୋଇଥିବା ଦୃଷ୍ଟିରୁ ତାଙ୍କ ଜୀବନଯାତ୍ରା ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼କୁ ଅନୁଭବ କରିପାରୁଛି ଏବଂ ଏହାକୁ ନେଇ ମୁଁ ଅତ୍ୟନ୍ତ ଗର୍ବିତ। କାଶୀଠାରୁ ଆଗକୁ ବଢ଼ିଥିବା ଜୀବନଯାତ୍ରାରେ ସେ କିଛି ସମୟ ଆମେରିକାରେ ବିତାଇଥିଲେ। ସେଠାରେ ସେ ତତ୍କାଳୀନ ସମୟର ଶ୍ରେଷ୍ଠ ବିଦ୍ୱାନ୍, ଚିନ୍ତାନାୟକ ଏବଂ ସଙ୍ଗୀତଜ୍ଞମାନଙ୍କ ସହ ବିଚାର ମନ୍ଥନ କରିବାର ସୁଯୋଗ ପାଇଥିଲେ। ସେ କିମ୍ବଦନ୍ତୀ କଳାକାର ଏବଂ ମାନବାଧିକାର ନେତା ପଲ୍ ରବସନଙ୍କୁ ଭେଟିଥିଲେ। ରବସନଙ୍କ ଗୀତ 'ଓଲ୍ଡ ମ୍ୟାନ ରିଭର' ଭୂପେନ୍‌ଦା'ଙ୍କ ପ୍ରତୀକାତ୍ମକ ରଚନା 'ବିସ୍ତୀର୍ଣ୍ଣୋ ଦୁପାରେରେ...'ପାଇଁ ପ୍ରେରଣା ପାଲଟିଥିଲା। ଆମେରିକାର ପୂର୍ବତନ ପ୍ରଥମ ମହିଳା ଏଲିନର ରୁଜଭେଲ୍ଟ ତାଙ୍କୁ ଭାରତୀୟ ଲୋକ ସଙ୍ଗୀତ ପରିବେଷଣ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଭୂପେନ୍ ହଜାରିକା ସଙ୍ଗୀତ ସହିତ ମା' ଭାରତୀଙ୍କର ଜଣେ ସଚ୍ଚା ଉପାସକ ଥିଲେ। ଭୂପେନ୍‌ଦା'ଙ୍କ ପାଖରେ ଆମେରିକାରେ ରହି ଉଚ୍ଚ ପଦପଦବୀ ହାସଲ କରିବାର ଅନେକ ବିକଳ୍ପ ଥିଲା, କିନ୍ତୁ ସେ ଭାରତ ଫେରିଆସିଲେ ଏବଂ ସଙ୍ଗୀତ ସାଧନାରେ ନିଜକୁ ନିମଗ୍ନ କରିଦେଲେ। ରେଡିଓରୁ ଆରମ୍ଭ କରି ରଙ୍ଗମଞ୍ଚ ପର୍ଯ୍ୟନ୍ତ, ଚଳଚ୍ଚିତ୍ରଠାରୁ ଆରମ୍ଭକରି ଶିକ୍ଷା ସମ୍ପର୍କିତ ଡକ୍ୟୁମେଣ୍ଟାରୀ ପର୍ଯ୍ୟନ୍ତ, ସେ ପ୍ରତ୍ୟେକ ମାଧ୍ୟମରେ ପାରଙ୍ଗମ ଥିଲେ। ସେ ଯେଉଁଠାକୁ ଯାଉଥିଲେ, ନୂଆ ପ୍ରତିଭାଙ୍କୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭୂପେନ୍‌ଦା'ଙ୍କର କୃତିରେ ଗୀତିକବିତାର ସୌନ୍ଦର୍ଯ୍ୟ ଭରିରହିଥିଲା। ସେ ଅବିସ୍ମରଣୀୟ ସାମାଜିକ ବାର୍ତ୍ତା ମଧ୍ୟ ଦେଇଥିଲେ। ଗରିବ ଓ ଅବହେଳିତଙ୍କ ପାଇଁ ନ୍ୟାୟ, ଗ୍ରାମୀଣ ବିକାଶ, ସାଧାରଣ ନାଗରିକଙ୍କ ଶକ୍ତି ଇତ୍ୟାଦି ପ୍ରସଙ୍ଗକୁ ସ୍ପର୍ଶକରିଥିଲା। ତାଙ୍କ ସଙ୍ଗୀତ ମାଧ୍ୟମରେ ସେ ଆସାମର ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ନଦୀମାନଙ୍କରେ ନୌକା ବାହିନେଉଥିବା ନାଉରିଆ, ଚା' ବଗିଚା ଶ୍ରମିକ, ମହିଳା, କୃଷକ ଆଦିଙ୍କ ଆଶା ଆକାଂକ୍ଷାକୁ ସ୍ୱର ଦେଇଥିଲେ। ତାଙ୍କ ରଚନା ଲୋକମାନଙ୍କର ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରୁଥିଲା। ଭୂପେନ୍‌ଦା'ଙ୍କ କୃତି ଆଧୁନିକତାକୁ ଦେଖିବା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣ ମଧ୍ୟ ପାଲଟିଥିଲା। ଅନେକ ଲୋକ, ବିଶେଷକରି ସାମାଜିକ ଭାବରେ ପଛୁଆବର୍ଗର ଲୋକମାନେ ତାଙ୍କ ସଙ୍ଗୀତରୁ ଶକ୍ତି ଏବଂ ଆଶା ପାଇଛନ୍ତି... ଆଜି ମଧ୍ୟ ପାଉଛନ୍ତି। ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିଥାଏ। ତାଙ୍କର କୃତି ଦେଶସାରା ଲୋକଙ୍କୁ ଏକତ୍ରିତ କରିବା ପାଇଁ ଭାଷାଗତ ଏବଂ ଆଞ୍ଚଳିକ ସୀମା ଅତିକ୍ରମ କରିଥିଲା। ସେ ଅହମିୟା, ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। ତାଙ୍କ ସ୍ୱରରେ ଯେଉଁ ପୀଡ଼ାର କାହାଣୀ ରହିଥିଲା, ତାହା ସବୁବେଳେ ଆମ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। 'ଦିଲ୍ ହୁମ୍ ହୁମ୍ କରେ'ରେ ଯେଉଁ ପୀଡ଼ାର ପ୍ରଭାବ ଦେଖିବାକୁ ମିଳିଥାଏ, ତାହା ସିଧା ହୃଦୟର ଗଭୀରତାକୁ ସ୍ପର୍ଶ କରିନିଏ। ଆଉ ଯେତେବେଳେ ସେ ପଚାରନ୍ତି, ଗଙ୍ଗା ବହତି ହେ କ୍ୟୁଁ', ଏମିତି ଲାଗେ ଯେମିତି ପ୍ରତ୍ୟେକ ଆତ୍ମାକୁ ବିଦାରିତ କରି ସେ ଜବାବ ମାଗୁଛନ୍ତି। ସେ ସାରା ଭାରତ ଆଗରେ ଆସାମର କଥା କହିଥିଲେ, ଦେଖାଇଥିଲେ ଏବଂ ଅନୁଭବ କରାଇଥିଲେ। ଏହା କହିବା ଆଦୌ ଅତିଶୟୋକ୍ତି ହେବ ନାହିଁ ଯେ ସେ ଆଧୁନିକ ଆସାମର ସାଂସ୍କୃତିକ ପରିଚୟ ଗଢ଼ିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆସାମ ଭିତରେ ଏବଂ ସାରା ଦୁନିଆରେ ଥିବା ପ୍ରବାସୀ ଆସାମୀଙ୍କ ପାଇଁ ସେ ଆସାମର ସ୍ୱର ପାଲଟିଥିଲେ। ଭୂପେନ୍‌ଦା' ଜଣେ ରାଜନୈତିକ ବ୍ୟକ୍ତି ନ ଥିଲେ, କିନ୍ତୁ ସେ ଜନସେବା ଜଗତ ସହିତ ନିବିଡ଼ ଭାବରେ ଜଡ଼ିତ ଥିଲେ। ୧୯୬୭ ମସିହାରେ ସେ ଆସାମର ନୌବୋଇଚା ନିର୍ବାଚନମଣ୍ଡଳୀରୁ ଜଣେ ନିର୍ଦ୍ଦଳୀୟ ବିଧାୟକ ଭାବରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ଦେଖାଇଥିଲା ଯେ ସାଧାରଣ ଲୋକଙ୍କର ତାଙ୍କ ଉପରେ କେତେ ବିଶ୍ୱାସ ଥିଲା। ସେ ରାଜନୀତିକୁ ନିଜ କ୍ୟାରିଅର ରୂପେ ବାଛି ନ ଥିଲେ, କିନ୍ତୁ ସବୁବେଳେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଭାରତବାସୀ ଏବଂ ଭାରତ ସରକାର ବର୍ଷ ବର୍ଷଧରି ତାଙ୍କର ବିପୁଳ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଆସିଛନ୍ତି। ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ଦାଦାସାହେବ ଫାଲ୍‌କେ ପୁରସ୍କାର ଏବଂ ଅନ୍ୟାନ୍ୟ ବହୁ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୯ରେ ଆମ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବା ମୋ ପାଇଁ ବ୍ୟକ୍ତିଗତ ଭାବରେ ଏବଂ ଏନ୍‌ଡିଏ ସରକାରଙ୍କ ଲାଗି ଏକ ଗୌରବର ମୁହୂର୍ତ୍ତ ଥିଲା। ସାରା ବିଶ୍ୱର ଲୋକମାନେ, ବିଶେଷକରି ଆସାମ ଏବଂ ଉତ୍ତର–ପୂର୍ବାଞ୍ଚଳର ଜନସାଧାରଣ ତାଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଥିବାରୁ ଅପାର ଆନନ୍ଦ ପ୍ରକାଶ କରିଥିଲେ। ଏହା ଥିଲା ଭୂପେନ୍‌ଦା'ଙ୍କ ହୃଦୟରେ ଥିବା ସିଦ୍ଧାନ୍ତ ପ୍ରତି ସମ୍ମାନ। ସେ କହୁଥିଲେ, ସତ୍ୟତାରୁ ନିଃସୃତ ହୋଇଥିବା ସଙ୍ଗୀତ କୌଣସି ଗୋଟିଏ ପରିଧି ମଧ୍ୟରେ ସୀମିତ ରହି ନ ଥାଏ। ଗୋଟିଏ ଗୀତ ଲୋକଙ୍କ ସ୍ୱପ୍ନରେ ଡେଣା ଯୋଡ଼ି ପାରେ ଏବଂ ସାରା ଦୁନିଆର ଲୋକଙ୍କ ହୃଦୟକୁ ଛୁଇଁ ପାରେ। ୨୦୧୧ରେ ଭୂପେନ୍‌ଦା'ଙ୍କ ବିୟୋଗ ସମୟ ମୋର ମନେଅଛି। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ଲକ୍ଷଲକ୍ଷ ଲୋକ ସାମିଲ ହେବା ମୁଁ ଟିଭିରେ ଦେଖିଛି। ସେହି ସମୟରେ ପ୍ରତ୍ୟେକ ଆଖି ଲୁହରେ ଛଳଛଳ ଥିଲା। ବଞ୍ଚିଥିବା ସମୟ ଭଳି ମୃତ୍ୟୁ ସମୟରେ ମଧ୍ୟ ଲୋକମାନେ ତାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମପୁତ୍ର ନଦୀ ଆଡ଼କୁ ମୁହଁ କରାଇ ଜଲୁକବାଡ଼ି ପାହାଡ଼ ଉପରେ ଅନ୍ତିମ ବିଦାୟ ଦିଆଯାଇଥିଲା। ବ୍ରହ୍ମପୁତ୍ର ହେଉଛି ସେହି ନଦୀ ଯାହା ତାଙ୍କର ସଙ୍ଗୀତ, ତାଙ୍କର ପ୍ରତୀକ ଏବଂ ସ୍ମୃତିଗୁଡ଼ିକର ଜୀବନରେଖା ସାଜିଥିଲା। ଆସାମ ସରକାର ଭୂପେନ୍ ହଜାରିକା ସାଂସ୍କୃତିକ ଟ୍ରଷ୍ଟର କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇଦେବା ଖୁସିର ବିଷୟ। ଏହି ଟ୍ରଷ୍ଟ ଯୁବପିଢ଼ିଙ୍କ ମଧ୍ୟରେ ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାକୁ ଯୋଡ଼ିବାରେ ନିୟୋଜିତ ରହିଛି। ଭୂପେନ୍‌ଦା'ଙ୍କ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦେବା ଲାଗି ଦେଶର ସବୁଠୁ ବଡ଼ ସେତୁକୁ ଭୂପେନ୍ ହଜାରିକା ସେତୁ ନାମରେ ନାମକରଣ କରାଯାଇଛି। ୨୦୧୭ରେ ଯେତେବେଳେ ମୋତେ ଏହି ସେତୁ ଉଦ୍‌ଘାଟନ କରିବାର ସୁଯୋଗ ମିଳିଲା, ସେତେବେଳେ ମୁଁ ଅନୁଭବ କରିଥିଲି ଯେ ଆସାମ ଏବଂ ଅରୁଣାଚଳ ପ୍ରଦେଶକୁ ଯୋଡ଼ିଥିବା ତଥା ଦୁଇ ରାଜ୍ୟ ମଧ୍ୟରେ ଦୂରତା ହ୍ରାସ କରୁଥିବା ଏହି ସେତୁର ନାମକରଣ ଭୂପେନ୍‌ଦା'ଙ୍କ ନାମରେ ହେବା ସବୁଠୁ ଉପଯୁକ୍ତ ହେବ। ଭୂପେନ୍ ହଜାରିକାଙ୍କ ଜୀବନ ଆମକୁ କରୁଣାର ଶକ୍ତି ବିଷୟରେ ଅନୁଭବ କରାଇଥାଏ। ଲୋକଙ୍କ କଥା ଶୁଣିବା ଏବଂ ନିଜ ମାଟି ସହ ଯୋଡ଼ି ହୋଇ ରହିବା ଶିଖାଇଥାଏ। ଆଜି ବି ପିଲାଠୁ ବୁଢ଼ା ଯାଏ ସମସ୍ତଙ୍କ କଣ୍ଠରେ ତାଙ୍କର ଗୀତ ଶୁଣିବାକୁ ମିଳିଥାଏ। ତାଙ୍କ ସଙ୍ଗୀତ ଆମକୁ ସ୍ୱାଭିମାନୀ ଏବଂ ସାହସୀ ହେବାକୁ ଶିଖାଏ। ଏହା ଆମକୁ ଆମ ନଦୀ, ଆମ ଶ୍ରମିକ, ଆମ ଚା' ବଗିଚା ଶ୍ରମିକ, ଆମ ନାରୀଶକ୍ତି ଏବଂ ଆମ ଯୁବଶକ୍ତିକୁ ମନେରଖିବାକୁ ଅନୁପ୍ରାଣିତ କରେ। ଏହା ଆମକୁ ବିବିଧତା ମଧ୍ୟରେ ଏକତାରେ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥାଏ। ଭୂପେନ୍ ହଜାରିକାଙ୍କ ଭଳି ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ପାଇ ଭାରତ ଧନ୍ୟ ହୋଇଛି। ଆମେ ତାଙ୍କ ଜନ୍ମଶତାବ୍ଦୀ ବର୍ଷ ପାଳନ ଆରମ୍ଭ କରୁଛୁ। ଆସନ୍ତୁ ଆମେ ତାଙ୍କ ବାର୍ତ୍ତାକୁ ଦୂରଦୂରାନ୍ତରରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଇବା। ଏହି ସଂକଳ୍ପ ଆମକୁ ସଙ୍ଗୀତ, କଳା ଏବଂ ସଂସ୍କୃତି ପାଇଁ ଅଧିକ କାମକରିବା ଲାଗି ପ୍ରେରଣା ଦେଉ, ନୂଆ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରୁ, ଭାରତରେ ସୃଜନଶୀଳତା ଏବଂ କଳାତ୍ମକ ଉତ୍କର୍ଷକୁ ଆଗକୁ ବଢ଼ାଉ। ମୋର ଅନେକ ଅନେକ ଶୁଭକାମନା।

# ଶାନ୍ତିର ସନ୍ଧାନ



ଅଲେଖ ଚନ୍ଦ୍ର ମିଶ୍ର

ଶାନ୍ତି କିଏ ନ ଚାହେଁ ? ହେଲେ ପାଆନ୍ତି କେତେଜଣ ? ଏ ପ୍ରଶ୍ନ ଯୁଗ ଯୁଗ ଧରି ଅସମାହିତ ରହିଆସିଛି ; କାରଣ ଶାନ୍ତିର ମାର୍ଗ ଅସ୍ପଷ୍ଟ ଯାହା ଏକ ବ୍ୟକ୍ତିଗତ ବ୍ୟାପାର ହେଲେ ବି ସାମଗ୍ରିକ ସ୍ଥିତି ଉପରେ ନିର୍ଭରଶୀଳ। ଅନେକଙ୍କର ଧାରଣା ସୁଖ ହିଁ ଶାନ୍ତିର ମୁଖ୍ୟ ଉତ୍ସ। କିନ୍ତୁ ସୁଖ ଓ ଶାନ୍ତି ଦୁଇଟି ଅଲଗା କଥା। ସୁଖରେ ଥିବା ଲୋକ ଅଶାନ୍ତିରୁ ମୁକ୍ତ ନୁହେଁ, ଶାନ୍ତିରେ ଥିବା ଲୋକ ସୁଖ ପଛରେ ଧାଏଁନା। ଏହାର ଏକ ବଳିଷ୍ଠ ଉଦାହରଣ ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଷ୍ଟିଭ ଜବ୍ସଙ୍କ ଜୀବନ କାହାଣୀ। ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ମାତ୍ର ୫୨ ବର୍ଷ ବୟସରେ ଦେହତ୍ୟାଗ କଲାବେଳେ (୨୦୧୩) ସେ କହିଥିଲେ, ''ଧନ ବଳରେ ମୁଁ ସବୁ କିଛି ପାଇଛି, ଏପରି କିଛି ଜିନିଷ ନାହିଁ ଯାହା ମୋର ଅପ୍ରାପ୍ୟ। କିନ୍ତୁ ଏ ରୋଗରୁ ମୁକ୍ତି ପାଇଁ କିମ୍ବା ଆସନ୍ନ ମୃତ୍ୟୁକୁ କିଛି ସମୟ ପାଇଁ ଘୁଞ୍ଚେଇ ଦେବା ପାଇଁ ମୋର ସକଳ ଧନ ସଂପତ୍ତି ଅସମର୍ଥ। ଅତଏବ ଧନ ଯେ ସବୁ କିଛି ଦେଇପାରେ ଏହା ଭୁଲ୍''।

କେହି କେହି ଭାବନ୍ତି ପ୍ରାପ୍ତି ହିଁ ଶାନ୍ତି ପ୍ରଦାନ କରେ। ନିଜର ଈପ୍ସିତ ବସ୍ତୁ ମିଳିଗଲେ ଶାନ୍ତି ଆପେ ମିଳିଯାଏ। କିନ୍ତୁ ରାଜା ମିଡାସ ଓ କୃଷକ ପୋହାମଙ୍କ କଥା (ଟଲଷ୍ଟୟଙ୍କ କାହାଣୀ ହାଓ ମଚ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ ନିଡ୍) ଟିକେ ମନେପକାନ୍ତୁ ତ! ଜଣେ ନିଜ ଇଚ୍ଛା ମୁତାବକ ସୁନା ତ ପାଇଥିଲେ ହେଲେ ହରେଇଥିଲେ ନିଜର ଏକମାତ୍ର ଅଲିଅଳି କନ୍ୟାକୁ। ଅନ୍ୟ ଜଣକ ଯେତେ ଇଚ୍ଛା ଜମି ସଂଗ୍ରହ କରୁ କରୁ ନିଜର ଜୀବନ ହରେଇଥିଲେ। ସେଥିପାଇଁ ପ୍ରଖ୍ୟାତ ରୁଷ ଦାର୍ଶନିକ କାଉଣ୍ଟ ଲିଓ ଟଲଷ୍ଟୟ କହି ଯାଇଛନ୍ତି, ''ଏଭ୍ରି ପଜେଶନ ଇଜ୍ ୱାନ ୱିଥ୍ ଲସ୍'' (ପ୍ରତ୍ୟେକ ପ୍ରାପ୍ତି ପଛରେ କିଛି ହରେଇବା ଥାଏ)। କାରଣ ପ୍ରାପ୍ତିର ପରିସର ଅସୀମ ଯାହାର ଆରମ୍ଭ ତ ଥାଏ କିନ୍ତୁ ଶେଷ ନ ଥାଏ। ତା' ପଛରେ ଧାଇଁଲେ କେବଳ ଧାଇଁବା ହିଁ ସାର ହୁଏ। ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ଧାଉଁଥିବା ଅବସ୍ଥାରେ ମୃତ୍ୟୁ ଆସିଯାଏ। ହେଲେ ତା' ପରେ ବି ଶାନ୍ତିର ସନ୍ଧାନ ଶେଷ ହୁଏନା ଏବଂ ପ୍ରେତକର୍ମ, ନୀରବ ପ୍ରାର୍ଥନା, ମହମବତି ପ୍ରଜ୍ୱଳନ, ଶୋଭାଯାତ୍ରା, ସମୂହ ଦୀପଦାନ, ସାମୂହିକ ତିଳତର୍ପଣ, ସ୍ମୃତିଚାରଣ, ପିଣ୍ଡ ଦାନ ଇତ୍ୟାଦି ମାଧ୍ୟମରେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ପ୍ରଚେଷ୍ଟା କରାଯାଏ।



ଶାନ୍ତି ପାଇବା ପାଇଁ କେବେ କେବେ ଭୌତିକ କ୍ରିୟାର ସାହାରା ନିଆଯାଏ ଯଥା ଗୁଣି ଗାରେଡ଼ି, ଗ୍ରହଶାନ୍ତି, ଦରିଦ୍ର ନାରାୟଣ ସେବା, ଶକ୍ତି ପୀଠରେ ବଳିଦାନ, ଓଷା, ବାର, ବ୍ରତ, ବିଭିନ୍ନ ପୂଜାର୍ଚ୍ଚନା, ଧର୍ମାନୁଷ୍ଠାନ, ଯଜ୍ଞ, ଦାନ, ପଶୁପକ୍ଷୀଙ୍କର ହେପାଜତ, ବର ଓସ୍ତ ବିବାହ ଇତ୍ୟାଦି। ସେହିପରି ସେବା ପ୍ରଦାନ ଶାନ୍ତିର ଏକ ମାର୍ଗ ବୋଲି କେହି କେହି ସେଥିରେ ମନୋନିବେଶ କରନ୍ତି, କିନ୍ତୁ ସେଥିରେ ପ୍ରଚ୍ଛନ୍ନ ଭାବରେ ନିହିତ ସ୍ୱାର୍ଥ ଓ ଅହଂଭାବ ଶାନ୍ତିକୁ ଅଶାନ୍ତିରେ ପରିଣତ କରିଦିଏ।

କେତେକଙ୍କର ବିଶ୍ୱାସ କ୍ଷମତା, ପ୍ରତିପତ୍ତି, ପ୍ରଭୁତ୍ୱ ଭଳି ପାର୍ଥିବ ବସ୍ତୁରେ ଶାନ୍ତି ଥାଏ ; କିନ୍ତୁ ତ୍ରିପୁର ବିଜୟୀ ରାବଣ କିମ୍ବା କ୍ଷମତାଲୋଭୀ ଦୁର୍ଯ୍ୟୋଧନ ଭଳି ଅନେକ ଦୃଷ୍ଟାନ୍ତ ଏହାର ବିରୋଧାଭାସ। ଏପରିକି ପାଶ୍ଚାତ୍ୟ ସାହିତ୍ୟର ଲୋକପ୍ରିୟ କବିତା ''ମିଲର୍ ଅଫ ଦ ଡି'' ର ବର୍ଣ୍ଣନା ଅନୁଯାୟୀ ନଦୀ କୂଳରେ ମନ ଉଲ୍ଲାସରେ ଗୀତ ଗାଉଥିବା ଏକ ଅଟାକଳର ମାଲିକକୁ ଦେଖି ସ୍ୱୟଂ ବ୍ରିଟିଶ ରାଜା ହଲ୍ ତାକୁ ପ୍ରଶଂସା କରି କହିଥିଲେ, ''ହେ ମିଲ୍ ବାଲା ତୁମର ଟୋପି ମୋର ରାଜ ମୁକୁଟ ଏବଂ ତୁମର କଳ ମୋର ରାଜ୍ୟଠାରୁ ମୂଲ୍ୟବାନ। ତୁମଭଳି ଲୋକ ଇଂଲଣ୍ଡର ଗୌରବ''। ଅତଏବ ଶାନ୍ତି ଏକ ଆପେକ୍ଷିକ ଶବ୍ଦ ଯାହା ଖୋଜିଲେ ମିଳେନା, ନ ଖୋଜିଲେ ଅଜାଣତରେ ଆପେ ଆସିଯାଏ, ଯେପରି କ୍ଷୁଧାର୍ତ୍ତଟିଏ ପେଟ ଭରି ଖାଇଲା ପରେ, ତୃଷାର୍ତ୍ତଟିଏ ମନ ଭରି ପାଣି ପିଇଲା ପରେ, ରୋଗୀଟିଏ ଆରୋଗ୍ୟ ହେଲା ପରେ, ଉପରିସ୍ଥ କର୍ମ ଚାପରୁ ମୁକ୍ତି ଯଥା ମଳ ମୂତ୍ର ତ୍ୟାଗଜନିତ ଆଶ୍ୱସ୍ତି, କ୍ଳାନ୍ତି ପରେ ବିଶ୍ରାମ ମିଳିଲେ ଯେଉଁ ମାନସିକ ଉପଲବ୍ଧି ଅନୁଭୂତ ହୁଏ ତାହା ହିଁ ଶାନ୍ତିର କ୍ଷଣିକ ରୂପ ଯାହା ସଙ୍ଗେ ସଙ୍ଗେ ଉଭେଇ ଯାଏ, କାରଣ ଶାନ୍ତିର ମୁଖ୍ୟ ନିଦର୍ଶନ ହେଉଛି ଏହା ଅଳିକ। ନିରବଚ୍ଛିନ୍ନ ଶାନ୍ତି ଅସମ୍ଭବ। ଅନ୍ୟ ପକ୍ଷରେ ଏହା ଏକ ଆଭ୍ୟନ୍ତରୀଣ ସୂକ୍ଷ୍ମ ବିଭାବ ଯାହା କେବଳ ସାମୟିକ ଭାବରେ ହୃଦୟଙ୍ଗମ କରିହୁଏ। ନିଜ ଗର୍ଭରେ ଥିବା କସ୍ତୁରୀର ସୁଗନ୍ଧକୁ ବାରି ନ ପାରି ତା'ର ସନ୍ଧାନରେ ଇତସ୍ତତଃ ଧାଉଁଥିବା କୃଷ୍ଣସାର ଭଳି ମଣିଷର ଶାନ୍ତି ପ୍ରଚେଷ୍ଟା।

**ସାରଦାଶ୍ରୀ ୯୦୪, ଶାସ୍ତ୍ରୀ ନଗର ୟୁନିଟ୍–୪
ଭୁବନେଶ୍ୱର, ମୋ:୯୪୩୮୬୭୩୮୯୮**

## ଏଇ ଭାରତରେ

ରୋଗ ହେଲେ ସମସ୍ତେ ଡାକ୍ତର ପାଖକୁ ଯାଆନ୍ତି। କିନ୍ତୁ ଏଥିପାଇଁ କେହି କ'ଣ ମନ୍ଦିର ଲୁଟିବାକୁ ଯିବା କଥା ଶୁଣିଛନ୍ତି! ଏଭଳି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଦୁର୍ଗ ଅଞ୍ଚଳରେ। ଏଠାରେ ୪୫ ବର୍ଷୀୟ ଜଣେ ବ୍ୟକ୍ତି ଏବେ ପୋଲିସ ହାତରେ ଧରାପଡିଛନ୍ତି, ଯିଏ କି ଗତ ୧୦ ବର୍ଷ ହେଲାଣି ବିଭିନ୍ନ ମନ୍ଦିରରୁ ଚୋରି କରୁଥିଲେ। ତାଙ୍କର ଏପରି କରିବା ପଛର ଉଦ୍ଦେଶ୍ୟ ଥିଲା ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବା। ପ୍ରକୃତ କଥା ହେଉଛି ଏହି ବ୍ୟକ୍ତି ଜଣକ ୨୦୧୨ରେ ଏକ ମାରପିଟ ଘଟଣାରେ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ସେ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଏହା ପରେ ସେ ଭାଙ୍ଗି ପଡିଥିଲେ। ଭଗବାନ୍‌ଙ୍କ ଉପରୁ ତାଙ୍କର ଭରସା ତୁଟି ଯାଇଥିଲା। ତାଙ୍କୁ ମନେହୋଇଥିଲା କି ଭଗବାନ୍ ହିଁ ତାଙ୍କୁ ଏଭଳି ଏକ ଭୟଙ୍କର ରୋଗ ଦେଇଛନ୍ତି। ତେଣୁ ସେ ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ କୌଣସି ସ୍ଥାନରେ ମନ୍ଦିର ଦେଖିଲେ ସେଠାରୁ ବିଭିନ୍ନ ଜିନିଷ ଚୋରି କରି ନେଇଯାଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୭୬

➲ ବିଖ୍ୟାତ ବିପ୍ଳବୀ ଓ ସ୍ୱାଧୀନତା ସଂଗ୍ରାମୀ ତଥା କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ପୂର୍ବତନ ଉପନେତା ସୁରେନ୍ଦ୍ର ମୋହନ ଘୋଷଙ୍କ ୮୩ ବର୍ଷ ବୟସରେ ପରଲୋକ।

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 8 | 3 | 6 | |
| | | | | | 4 | | 8 | 7 |
| 9 | | 2 | | | | | | |
| | | | | 4 | 7 | | | |
| | | | 5 | | | | 4 | |
| | 3 | 4 | | | 2 | | 1 | |
| | | 1 | | | 6 | 9 | | |
| 2 | | | 8 | | | | 7 | 6 |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 4 | 7 | 8 | 5 | 6 | 2 | 9 |
| 5 | 7 | 2 | 9 | 6 | 3 | 4 | 1 | 8 |
| 6 | 8 | 9 | 1 | 2 | 4 | 7 | 3 | 5 |
| 8 | 6 | 3 | 4 | 1 | 9 | 5 | 7 | 2 |
| 7 | 4 | 1 | 3 | 5 | 2 | 9 | 8 | 6 |
| 9 | 2 | 5 | 6 | 7 | 8 | 1 | 4 | 3 |
| 2 | 5 | 7 | 8 | 4 | 6 | 3 | 9 | 1 |
| 1 | 9 | 6 | 2 | 3 | 7 | 8 | 5 | 4 |
| 4 | 3 | 8 | 5 | 9 | 1 | 2 | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ବ୍ଲକରେ ୟୁରିଆ ଅଭାବ

ମହାଶୟ,

ଏବେ ସମଗ୍ର ଓଡ଼ିଶାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତର ଚାଷୀଙ୍କୁ ଆବଶ୍ୟକ ଅନୁସାରେ ଏହା ମିଳୁ ନ ଥିବାରୁ ଅନେକ ସ୍ଥାନରେ ଚଢ଼ାଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ କୃଷି ବିଭାଗ ତଥ୍ୟ ଅନୁସାରେ ଏବେ ରାଜ୍ୟରେ ୫୭% ୟୁରିଆ ଅଭାବ ରହିଛି। ସତ୍ୟବାଦୀ ବ୍ଲକକୁ କେତେ ସାର ଯୋଗାଣ ହୋଇଛି ତାହାର ସବିଶେଷ ତଥ୍ୟ କୃଷିବିଭାଗ ପାଖରେ ଉପଲବ୍ଧ ନାହିଁ। ବର୍ତ୍ତମାନ ସୁଦ୍ଧା ସାର କଳାବଜାର ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ସେହିଭଳି ଆଖିଦୃଶିଆ ଧରପଗଡ଼ ହେଉନାହିଁ। ଏ ନେଇ ବ୍ଲକ କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେହିଭଳି କିଛି ଅଭିଯୋଗ ଆସି ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ପୁରୀ ଜିଲା ପ୍ରଶାସନ ଘଟଣାର ତଦନ୍ତ କରି କଳାବଜାରକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସମ୍ଭୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା–ସହଚରୀ କିବା ଲେଖଇ ଅଳତା
ପକ୍ଷୀଙ୍କଠୁ ମୁଖରଇ କି ମଙ୍ଗଳ କଥା !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିନା ଅଣ୍ଡରଟେକିଂରେ ମିଳିବନି ବିଲ୍ଡିଂ ପ୍ଲାନ୍

## ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନଗର ଉନ୍ନୟନ ବିଭାଗ ଜାରିକଲା ବିଜ୍ଞପ୍ତି

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)

କୋଠାବାଡ଼ି ନିର୍ମାଣକାରୀ ସଂସ୍ଥାର ପ୍ଲାନ୍ ଅନୁମୋଦନ ପୂର୍ବରୁ ଏଣିକି ତାଙ୍କୁ ଅକୁପାନ୍ସି ସାର୍ଟିଫିକେଟ୍(ଓସି) ସଂକ୍ରାନ୍ତରେ ଅଣ୍ଡରଟେକିଂ ଦେବାକୁ ହେବ। ବିନା ଅଣ୍ଡରଟେକିଂରେ ପ୍ଲାନ୍ ଅନୁମୋଦନ ହୋଇପାରିବ ନାହିଁ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଗୃହ ନିର୍ମାଣ କ୍ଷେତ୍ରରେ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବିଭାଗ ପକ୍ଷରୁ ଚଳିତମାସ ୪ରେ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦର୍ଶାଇଛନ୍ତି, ଏସଂକ୍ରାନ୍ତରେ ସୁପ୍ରିମକୋର୍ଟ ଦୃଢ଼ ନିର୍ଦ୍ଦେଶ ଜାରି କରିଛନ୍ତି, ଯାହାଦ୍ୱାରା ଆଗାମୀ ଦିନରେ ବେଆଇନ ଭାବେ ନିର୍ମାଣ ତଥା ବିନା ଅନୁମୋଦନରେ ହେଉଥିବା କୋଠାବାଡ଼ିକୁ ପ୍ରତିହତ କରିପାରିବ।

ସେ ଉଲ୍ଲେଖ କରିଛନ୍ତି, ବେଆଇନ କୋଠାବାଡ଼ି ନିର୍ମାଣ ଯୋଗୁ ଅନେକ ସମୟରେ ସାଧାରଣ ଲୋକେ ସମସ୍ୟାରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଡେଭେଲପମେଣ୍ଟ ଅଥରିଟି ଆକ୍ଟ-୧୯୮୨ ଏବଂ ଓଡ଼ିଶା ଟାଉନ୍ ପ୍ଲାନିଂ ଆଣ୍ଡ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ଆକ୍ଟ-୧୯୫୬ ନିୟମ ଅନୁଯାୟୀ ଏଣିକି କୋଠାବାଡ଼ି ପ୍ଲାନ୍ ଅନୁମୋଦନ ପୂର୍ବରୁ ବିଲ୍ଡର୍ସ କିମ୍ବା ବ୍ୟକ୍ତିଗତଙ୍କଠାରୁ ଅକୁପାନ୍ସି ସାର୍ଟିଫିକେଟ୍ ଦେବା ସଂକ୍ରାନ୍ତରେ ଅଣ୍ଡରଟେକିଂ ରଖାଯିବା ବାଧ୍ୟତାମୂଳକ। ଏହାସହିତ ନିର୍ମାଣାଧୀନ ସ୍ଥାନରେ ଅନୁମୋଦିତ ଯୋଜନା ତଥା ନିର୍ମାଣ ନକ୍ସା ବିଲ୍ଡର୍ସ ପ୍ରଦର୍ଶନ କରିବେ। ନିର୍ମାଣ ସମାପ୍ତି/ଅଧିଗ୍ରହଣ ପ୍ରମାଣପତ୍ର କେବଳ ପରିଦର୍ଶନ ପରେ ପ୍ରାଧିକରଣ ଦ୍ୱାରା ଜାରି କରିବେ। ଯଦି ଏକ୍ଷେତ୍ରରେ କୌଣସି ତ୍ରୁଟି ବିଚ୍ୟୁତି ଦେଖାଯାଏ, ତେବେ ତାହା ସଂଶୋଧନ ନ ହେବା ପର୍ଯ୍ୟନ୍ତ ସମାପ୍ତି/ଅଧିଗ୍ରହଣ ପ୍ରମାଣପତ୍ର ସ୍ଥଗିତ ରହିବ। ସେହିପରି ବିଦ୍ୟୁତ୍, ପାଣି ନିଷ୍କାସନ(ଡ୍ରେନେଜ୍) ସଂଯୋଗ କେବଳ 'ଓସି ' ପରେ ହିଁ ପ୍ରଦାନ କରାଯିବା ବାଧ୍ୟତାମୂଳକ। ଯଦି ଓସି ପରେ ଏହି ସବୁ କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ଦେଖାଯାଏ ତେବେ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ପ୍ରମୁଖ ସଚିବ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

ସେହିପରି କୌଣସି ଅନଧିକୃତ ନିର୍ମାଣରେ ବ୍ୟାପାର ଲାଇସେନ୍ସ କିମ୍ବା ବ୍ୟବସାୟ/ବାଣିଜ୍ୟ ପାଇଁ ଅନୁମତି ଦିଆଯିବ ନାହିଁ। ଯେକୌଣସି ଉନ୍ନୟନ ଜୋନାଲ ଯୋଜନା ଅନୁଯାୟୀ ହେବା ଆବଶ୍ୟକ। ଅନ୍ୟ ବିଭାଗଗୁଡ଼ିକ ଅନଧିକୃତ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିଷୟରେ ଯୋଜନା ବିଭାଗକୁ (ଅନୁରୋଧ କଲେ) ତୁରନ୍ତ ସହାୟତା ପ୍ରଦାନ କରିବେ। ଯଦି ଏପରି ସହଯୋଗ ପ୍ରଦାନ ନ କରାଯାଏ, ତେବେ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେହିପରି ଏସଂକ୍ରାନ୍ତୀୟ ଆବେଦନଗୁଡ଼ିକ ୯୦ ଦିନ ମଧ୍ୟରେ ନିଷ୍ପତ୍ତି ହେବା ଆବଶ୍ୟକ। ଏନେଇ ରାଜ୍ୟ ସରକାରଙ୍କୁ ସର୍କୁଲାର ଜାରି କରିବାକୁ ହେବ, ଯେଉଁଥିରେ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୂର୍ବ ନିର୍ଦ୍ଦେଶ ଏବଂ ଏହି ଆଦେଶକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ। ଏହା ପାଳନ ନ କଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ବ୍ୟାଙ୍କଗୁଡ଼ିକ କେବଳ ଓସି ଥିବା ନିର୍ମାଣକୁ ବନ୍ଧକ(ସିକ୍ୟୁରିଟି) ପାଇଁ ଗ୍ରହଣ କରିପାରିବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କୁହାଯାଇଛି। ସୂଚନାଯୋଗ୍ୟ, ଏହି ବିଜ୍ଞପ୍ତି ଜାରି ନେଇ ରାଜ୍ୟ ସରକାର ସମୟ ଗଡ଼ାଇ ଚାଲୁଥିଲେ। ଏ ସଂକ୍ରାନ୍ତରେ ସାମାଜିକ କର୍ମୀ ବିମଳେନ୍ଦୁ ପ୍ରଧାନ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିବା ପରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ବୋଲି ପ୍ରଧାନ କହିଛନ୍ତି।



ରବିବାର ଛୁଟିଦିନ ଥିବା ସତ୍ତ୍ୱେ ଲୋକସେବା ଭବନରେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# କଂଗ୍ରେସ ଜନତାଙ୍କ ଏକମାତ୍ର ବିକଳ୍ପ: ଭକ୍ତ

## ସଂଗଠନ ସୃଜନ କଂଗ୍ରେସର ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)

କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଆସିଛି। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ଆଗାମୀ ଦିନରେ କଂଗ୍ରେସ ହିଁ ଲୋକଙ୍କ ଏକମାତ୍ର ବିକଳ୍ପ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ଭକ୍ତ ଗଣମାଧ୍ୟମକୁ କହିଛନ୍ତି, ଦେଶରେ ସମ୍ବିଧାନ, ଭୋଟ ଚୋରି, ନାରୀଙ୍କୁ ନ୍ୟାୟ ଆଦି ବିଷୟକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜନତାଙ୍କ ପାଖକୁ ଯାଉଛନ୍ତି। ଓଡ଼ିଶାରେ ମଧ୍ୟ ରାହୁଲଙ୍କ ବାର୍ତ୍ତା ଯେପରି ଅଧିକରୁ ଅଧିକ ଲୋକଙ୍କ



ଭକ୍ତ ଚରଣ ଦାସ

ପାଖରେ ପହଞ୍ଚିବ, ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରୟାସ କରୁଛୁ। ରାହୁଲଙ୍କ ପ୍ରୟାସ ବର୍ତ୍ତମାନ ଏକ ଜନ ଜାଗରଣର ରୂପ ନେବାକୁ ବସିଲାଣି। ସଙ୍ଗଠନ ସୃଜନ ଅଭିଯାନ ରାହୁଲଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳସ୍ତରରେ ଜିଲ୍ଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସର ୩୫ ଗୋଟି ସାଂଗଠନିକ ଜିଲ୍ଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତ୍ୟନ୍ତ ଶୁଭଙ୍କର। ଆଗାମୀ ୧୪ ତାରିଖରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ନିଯୁକ୍ତି ହେବ। ତୃଣମୂଳ ସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ ବୋଲି ଭକ୍ତ କହିଛନ୍ତି।

# ପିସିସି ସାମାଜିକ ଗଣମାଧ୍ୟମର ନୂଆ ଟିମ୍

ଭୁବନେଶ୍ୱର,୭।୯ (ରବିନାରାୟଣ ଜେନା)

ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜ୍ୟ ସୋସିଆଲ ମିଡିଆ କମିଟିକୁ କ୍ରିୟାଶୀଳ କରିବା ନିମନ୍ତେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନକ୍ରମେ ୩୮ ଜଣଙ୍କୁ ମନୋନୀତ କରାଯାଇଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ବିଧାୟକ ସୋଫିଆ ଫିରଦୌସ ଗମାଙ୍କୁ ନୂତନ ସଭ୍ୟ ଓ ସଭ୍ୟାଙ୍କ ନାମ ତାଲିକା ଘୋଷଣା କରିଛନ୍ତି। ଉକ୍ତ କମିଟିରେ ମାନସ ଆଚାର୍ଯ୍ୟଙ୍କ ସହିତ ମୁକେଶ ଅଗ୍ରୱାଲ, ଶ୍ୟାମ ଅଗ୍ରୱାଲ, ରିଶିରାଜ୍ ସାହୁ, ସୁବାସ ନାୟକ, କୈଳାଶ ସାହୁ, ଆଦିତ୍ୟ କିରଣ ନାଗ, ମାହେପରା ନିଖ୍, ମାନସ ପରିଡା, ଦିବ୍ୟଜ୍ୟୋତି ତ୍ରିପାଠୀ, ରମାକାନ୍ତ ମଙ୍ଗରାଜ,ଅଞ୍ଜନ କୁମାର ସିଂହ, ଓରିଆ ନାୟକ, ଅସଲମ ଖାନ୍, ସୁମନ୍ତ ସାହୁ, ମୁସ୍ତାଫିଜ ଆଲାମ, ମିହିର ରାୟ, ମନୀଷା ତୁଙ୍ଗ ତୁଙ୍ଗ, ଇମ୍ରାନ ଅଲି ଖାନ୍, ଶୁଭମ ରାଜ୍, ସୂର୍ଯ୍ୟକାନ୍ତ ଜେନା, କାମାକ୍ଷୀ ପ୍ରସାଦ ଦଳବେହେରା, ବିଭୂତି ଭୂଷଣ ଦଳବେହେରା, ଧ୍ରୁବ ଚରଣ ବେହେରା, ରମେଶ ଖୋରା, କାଶୀନାଥ ନାୟକ, ଜଗନ୍ନାଥ ହେନ୍ତାଳ, ଅଜିତ ସାହୁ, ସୁଶାନ୍ତ ସାହୁ (ବରଗଡ), କୁନୁ ମିଶ୍ର, ସନ୍ତୋଷ ପଣ୍ଡା, ସତ୍ୟରଞ୍ଜନ ମହାପାତ୍ର, ଶେକ୍ ହେଦାୟତ ଅଲି, ବିଶ୍ୱଜିତ ପ୍ରଧାନ, ତପନ କୁମାର ସାହୁ, ରାକେଶ ମହାନ୍ତି, ଲଲାଟେନ୍ଦୁ ପରିଡା ଓ ଦେବଦତ୍ତ ଦୀକ୍ଷିତ ପ୍ରମୁଖ ରହିଛନ୍ତି।

# ଅନୁସୂଚିତ ଜାତି ଓ ଜନଜାତି ଆଇନକୁ ଦୁର୍ବଳ ପାଇଁ ଭାଜପାର ଷଡ଼ଯନ୍ତ୍ର: କଂଗ୍ରେସ

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)

ଆଦିବାସୀ ଓ ଦଳିତବର୍ଗଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ କଂଗ୍ରେସ ସରକାର ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରାକରଣ ଆଇନ ପ୍ରଣୟନ କରିଥିଲେ। ମାତ୍ର ଭାଜପା ସରକାର ଏହି ଆଇନକୁ ଦୁର୍ବଳ କରି ଆଦିବାସୀ ଓ ଦଳିତବର୍ଗଙ୍କ ଅଧିକାର କ୍ଷୁଣ୍ଣ କରିବାକୁ ଷଡ଼ଯନ୍ତ୍ର ରଚିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ କହିଛନ୍ତି, ଭାରତୀୟ ସମ୍ବିଧାନର ଧାରା ୧୭ ଅନୁସାରେ ଏହି ବର୍ଗର ଲୋକମାନଙ୍କ ଉପରେ ଜାତିଗତ ବିଦ୍ୱେଷ ଯୋଗୁ କେହି ଆପରାଧିକ କାର୍ଯ୍ୟ କଲେ ଏହି ଆଇନ ଧାରା ୩ ଅନ୍ତର୍ଗତ ୨୯ ଟି ଏବଂ ଧାରା ୨ ଅନ୍ତର୍ଗତ ୮ ଗୋଟି ଉପଧାରା ଦ୍ୱାରା ସମ୍ପୃକ୍ତ ଆସାମୀକୁ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି।

ଆଇନର ସଂଶୋଧନ ବା ପରିବର୍ତ୍ତନ ପାଇଁ ଆମ ଦେଶର ସଂସଦ କେବଳ ଅଧିକାରପ୍ରାପ୍ତ। କିନ୍ତୁ ରାଜ୍ୟ ସରକାର ଅଗଷ୍ଟ ୩୦ରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ବେଆଇନ ଭାବେ ଏହି ନିୟମ ୭ର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଫଳରେ ନିୟମ ୭ରେ ଥିବା ଅନୁସନ୍ଧାନକାରୀ ଅଧିକାରୀ ଡିଏସ୍ପି ପରିବର୍ତ୍ତେ ଥାନାର ନିରୀକ୍ଷକ ଓ ଉପନିରୀକ୍ଷକଙ୍କୁ ଅନୁସନ୍ଧାନ ଦାୟିତ୍ୱ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଥାନାରେ ରହୁଥିବା ନିରୀକ୍ଷକ ଓ ଉପନିରୀକ୍ଷକମାନେ କ୍ଷତିଗ୍ରସ୍ତ ଏତଲାକାରୀମାନଙ୍କୁ ନ୍ୟାୟ ଦେବାରେ ବିଫଳ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟ ସରକାର ଏହି ସଂଶୋଧନ ଆଇନ ଅନ୍ତର୍ଗତ ଉପରୋକ୍ତ ନିୟମଗୁଡ଼ିକର ପ୍ରାୟୋଗିକ ସୁପରିଚାଳନା ନ କରି ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ରହିଥିବା ଅନୁସନ୍ଧାନ ନିୟମକୁ କୋହଳ କରି ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର କ୍ଷତିଗ୍ରସ୍ତ ଓ ଅତ୍ୟାଚାରିତ ଲୋକଙ୍କୁ ନ୍ୟାୟରୁ ବଞ୍ଚିତ କରିବାପାଇଁ ଷଡ଼ଯନ୍ତ୍ର କରିଛନ୍ତି ବୋଲି ସେ କହିଛନ୍ତି। ତେଣୁ ରାଜ୍ୟ ସରକାର ଅଗଷ୍ଟ ୩୦ରେ ଜାରି କରିଥିବା ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବାକୁ ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଦାବି କରୁଛି। ଏହି ସମ୍ମିଳନୀରେ ପୂର୍ବତନ ଅଧ୍ୟକ୍ଷ ବାଙ୍କନିଧି ବେହେରା, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଅନିମା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲା ସଭାପତି ଘୋଷଣା ପରେ ବିଜେଡିରେ ବଢ଼ିଲା ବିଦ୍ରୋହ

ରାୟଗଡ଼ା,୭।୯(ଆଶିଷ ରଞ୍ଜନ ପଣ୍ଡା)

**ବହୁ ନେତା, କର୍ମୀ ଦଳ ଛାଡ଼ିବା ନେଇ ଚର୍ଚ୍ଚା**

ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଗତ ୪ ତାରିଖରେ ରାୟଗଡ଼ା ଜିଲା ବିଜେଡି ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଦୁଇ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା କରିବା ପରେ ରାୟଗଡ଼ା ଜିଲା ବିଜେଡିରେ ବିଦ୍ରୋହ ବଢ଼ିବାରେ ଲାଗିଛି। ଜିଲାର କେତେଜଣ ନେତା ଓ ବହୁ କର୍ମୀ ଦଳ ଛାଡ଼ିବା ନିଷ୍ପତ୍ତିରେ ପହଞ୍ଚିଥିବା କର୍ମୀ ମହଲରେ ଆଲୋଚନା ଚାଲିଛି।

ଜିଲାରେ ଦୁଇ ଅସନ୍ତୁଷ୍ଟ ଗୋଷ୍ଠୀ ଭାସ୍କର ରାଓ ଓ ସୁଧୀର ଦାସଙ୍କୁ ବାଦ୍ ଦେଇ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଜିଲା ସଭାପତି ଭାବେ ଘୋଷଣା କରିଛନ୍ତି। ସେହିଭଳି ଜିଲାରେ ଦଳକୁ ସୁଦୃଢ଼ କରିବା ପାଇଁ ରାୟଗଡ଼ାରେ ଭାସ୍କରଙ୍କ ସମର୍ଥକ ତଥା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଓ ଗୁଣପୁର ନିର୍ବାଚନମଣ୍ଡଳୀରୁ ରଞ୍ଜିତ ପାଣିଗ୍ରାହୀଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ଦିଆଯାଇଛି। ଜଗନ୍ନାଥଙ୍କ ନେତୃତ୍ୱରେ ଦୁଇ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ଆଶା ରଖିଥିବା ରାଜ୍ୟ ନେତୃବୃନ୍ଦ ଭୁଲ ନିଷ୍ପତ୍ତି ନେଇଥିବା କର୍ମୀ ମହଲରେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷେ ଜିଲା ସଭାପତି ନାମ ଘୋଷଣା ପରେ ଭାସ୍କର ରାଓଙ୍କ ଜାଗାରେ ପୂର୍ବରୁ ରହିଥିବା ଜିଲା ବିଜେଡି କାର୍ଯ୍ୟାଳୟ ନାମଫଳକକୁ ଲିଭାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ଉଭୟ ରାଜ୍ୟସ୍ତରୀୟ କମିଟି ଓ ଜିଲାସ୍ତରୀୟ କମିଟିରେ ଭାସ୍କର ରାଓଙ୍କୁ ଅଣଦେଖା ଏବେ ଜିଲାରେ ନେତା ଓ କର୍ମୀ ମହଲରେ ଦଳ ଛାଡ଼ିବା ଭଳି ନିଷ୍ପତ୍ତିରେ ପହଞ୍ଚିଥିବା ଚର୍ଚ୍ଚା ହେଉଛି। ଆଗାମୀ ଦୁଇ ଦିନ ମଧ୍ୟରେ ଭାସ୍କର ରାଓଙ୍କ ସମେତ ରାୟଗଡ଼ା ପୌର ପରିଷଦ ଅଧ୍ୟକ୍ଷ, ସମସ୍ତ ବିଜେଡି କାଉନସିଲର ଓ ବ୍ଲକସ୍ତରରେ ବହୁ ନେତା ଓ କର୍ମୀ ଦଳ ଛାଡ଼ିବେ ବୋଲି ଚର୍ଚ୍ଚା ଜୋର ଧରିଲାଣି।

ଏକଦା କଂଗ୍ରେସର ଅଭେଦ୍ୟ ଗଡ଼ ଥିବା ଅବିଭକ୍ତ କୋରାପୁଟ ଜିଲାରେ ଭାସ୍କରଙ୍କ ଗୋଟିଚାଳନାରେ ବିଜେଡି ବାଜିମାତ୍ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଦଳରେ ଭାସ୍କରଙ୍କୁ ଅଣଦେଖା ଏବଂ କଂଗ୍ରେସ ଏମ୍ପି ସପ୍ତଗିରି ଉଲାକାଙ୍କ ବିଚକ୍ଷଣତା ଯୋଗୁ ୨୦୧୯ ଓ ୨୦୨୪ରେ କୋରାପୁଟ ଲୋକ ସଭା ଆସନ ସମେତ ୨୦୨୪ରେ ଜିଲାର ୩ ବିଧାନସଭା ଆସନ ବିଜେଡି ହାତରୁ ଚାଲିଯାଇଥିବା ଜିଲାରେ ଦଳୀୟ କର୍ମୀ କହିବୁଲୁଛନ୍ତି। ଏ ନେଇ ଭାସ୍କର ରାଓଙ୍କ ସହ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରି ନ ଥିଲା। ତେବେ ନୂତନ ଜିଲା ସଭାପତି ଜଗନ୍ନାଥ ସାରକାଙ୍କୁ ପଚାରିବାରୁ ତାଙ୍କ ନିକଟରେ ଏ ସମ୍ବନ୍ଧୀୟ କୌଣସି ସୂଚନା ନାହିଁ ଏବଂ ରାଜ୍ୟ ନେତୃବୃନ୍ଦ ଯାହା ନିର୍ଦ୍ଦେଶ ଦେବେ ସେହି ଆଧାରରେ କାର୍ଯ୍ୟ ହେବ ବୋଲି କହିଛନ୍ତି।

# ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ କଲେ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ

ଯାଜପୁର/କାଏମା,୭।୯ (ହର୍ଷବର୍ଦ୍ଧନ ବେହେରା/ ଶିବପ୍ରସାଦ ମହାନ୍ତି)

**ଲିକୁଙ୍କୁ ହରାଇବାକୁ ସମାନ ନାମଧାରୀଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଜନା ହୋଇଥିଲା**

ଗତ ସାଧାରଣ ନିର୍ବାଚନରେ ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଜଣେ ସ୍ୱାଧୀନ ପ୍ରାର୍ଥୀ ଏକ ଚାଞ୍ଚଲ୍ୟକର ଭିଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଜାରି କରିଛନ୍ତି, ଯାହାକି ଚର୍ଚ୍ଚାର ବିଷୟ ହୋଇଛି। ଭିଡିଓ ବାର୍ତ୍ତା ଅନୁସାରେ ରସୁଲପୁର ବ୍ଲକ କୁଣ୍ଡପାଟଣା ପଞ୍ଚାୟତ ବଡ଼ତ୍ରିଲୋଚନପୁରର ହିମାଂଶୁ ଶେଖର ସାହୁ ୨୦୨୪ରେ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ବର୍ତ୍ତମାନର ବିଧାୟକ ହିମାଂଶୁଶେଖର ସାହୁ(ଲିକୁ)ଙ୍କ ନାମ ସହିତ ତାଙ୍କ ନାମ ସମାନ। ତେଣୁ ଭୋଟରମାନଙ୍କୁ ଭ୍ରମିତ କରି ଲିକୁଙ୍କୁ ହରାଇବା ପାଇଁ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ତାଙ୍କ ଭାଇ ପ୍ରଭାତ ବଳବନ୍ତରାୟ ଓ ଠିକାଦାର ଅକ୍ଷୟ କୁମାର ନାୟକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିବା ସେ ଭିଡିଓରେ ଉଲ୍ଲେଖ କରିଛନ୍ତି। ଏଥିରେ ବଡ଼ତ୍ରିଲୋଚନପୁରର ହିମାଂଶୁଙ୍କୁ ଆର୍ଥିକ ଲୋଭ ଓ ତାଙ୍କ ପରିବାରବର୍ଗଙ୍କୁ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଥିଲା ବୋଲି ସେ ଭିଡିଓରେ କହିଛନ୍ତି। ଏପରି ଭୁଲ ପାଇଁ ସେ ଧର୍ମଶାଳାବାସୀ ଓ ବିଧାୟକ ଲିକୁଙ୍କୁ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି।

ସୂଚନା ଅନୁସାରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ ମାତ୍ର ୬୦୮ ଖଣ୍ଡ ଭୋଟ ପାଇଥିଲେ। ଅନ୍ୟପକ୍ଷେ ଭାଜପା ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ଲଢ଼ି ଲିକୁ ବିଜେଡିର ବରିଷ୍ଠ ନେତା ପ୍ରଣବ ବଳବନ୍ତରାୟଙ୍କୁ ହରାଇ ରେକର୍ଡ ସୃଷ୍ଟି କରିଥିଲେ। ଲିକୁ ୭୯,୭୫୯ ଭୋଟ ଏବଂ ପ୍ରଣବ ବଳବନ୍ତରାୟ ୭୫,୬୦୯ ଭୋଟ ପାଇଥିଲେ। ବଡ଼ତ୍ରିଲୋଚନପୁରର ହିମାଂଶୁଙ୍କ ଏହି ଭିଡିଓ ବାର୍ତ୍ତା ସମ୍ପର୍କରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ପଚରାଯିବାରୁ ସେ କହିଛନ୍ତି, ତାଙ୍କୁ ସେ ଚିହ୍ନିନାହାନ୍ତି। ନିର୍ବାଚନ ସରିବାର ୧୫ ମାସ ପର୍ଯ୍ୟନ୍ତ ସେ କେଉଁଠି ଥିଲେ ଏବଂ ଏବେ କାହିଁକି ଏହି କଥା କହୁଛନ୍ତି।

CNR: MHLC01-002532-2021
No. 4138/2025

**OFFICE OF THE LABOUR COURT,**

New Administrative Bldg. Gr. Floor, Govt. Colony, Bandra (East), Mumbai - 400 051, Date : 22/8/2025

**IN THE 10th LABOUR COURT AT MUMBAI BEFORE SMT. J.R.RAUT, JUDGE**

**APPLICATION (ECA) No. 61/A-8/2025**

1. Shri. Rajendra Raghu Samal
2. Mrs. Bini Rajendra Samal

At : Bantha Palli Antei, Banthapalli, Ganjam, Odisha 760 002 ...Applicants

V/s

**Aalok Infra Contractor & Developers**
At: 1102, Siwah Building, Skylines Oasis, Premier Road, Ghatkopar West, Mumbai 400 086. ... Opponents

**PUBLICATION NOTICE**

Please take notice that, **Late Uma Rajendra Samal** has died on 25/09/2024 due to accident, while working with **Aalok Infra Contractor & Developers** and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation **Rs.14,20,325/- (Rs. Fourteen Lakhs Twenty Thousand Three Hundred Twenty Five Only)** deposited by Aalok Infra Contractor & Developer.

Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on 11/09/2025. Please take note that, the objection received after the above date will not be entertained by this Court.

By Order
Sd./- I/c Secretary
Labour Court, Mumbai

**NOTICE BY JD CONSTRUCTIONS**

It is for information to all concerned that the Partnership Firm M/s **JD CONSTRUCTIONS** bearing Regd. No.-**1820202200202 / 2022** having its principal place of business at –**Office No-104, 1st Floor, Arihant Plaza, Plot No-B-15, PO/PS:- Saheed Nagar, Dist:- Khordha, City: Bhubaneswar, Odisha-751007** has been reconstituted with effect from **14/08/2025** vide reconstitution deed dated **14/08/2025** as follows:

**1. Before Reconstitution, Partners were:**
1) RONAK DUGAR (PAN: ANLPD9105H)
2) SWAYAM PRAKASH JENA (PAN: AJIPJ6037H)

**2. Incoming Partner:**
1) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)

**3. Outgoing Partner:**
1) SWAYAM PRAKASH JENA (PAN: AJIPJ6037H)

**4. After Reconstitution, Partners are:**
1) RONAK DUGAR (PAN: ANLPD9105H)
2) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)

Government of Odisha, "e"-Procurement Notice

**WORKS DEPARTMENT**

**Bid Identification No. CCEKC-09/2025-26**

e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com

No.B-445 Letter No. 4213 dt. 22.08.2025

1. No. of the work : 2 number of Building Works and 3 number of Road Works
2. Eastimated cost : Rs.114.43 Lakhs to Rs.765.85 Lakhs
3. Class of contractor : "B", "A" & "Special" Class
4. Period of completion : 03 (Three) Calendar Months to 09 (Nine) Calendar Months
5. Date and Time of availability of bid document in the portal : From 11.00 Hours of 09.09.2025 to 16.00 Hours of 23.09.2025
6. Last date / Time for receipt of bids in the portal : 16.00 Hours of 23.09.2025
7. Date of opening of bid from portal : 11.30 Hours on 24.09.2025
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

OIPR-34033/11/0089/2526
Sd./- Chief Construction Engineer
Keonjhar (R&B) Circle, Keonjhar

GOVERNMENT OF ODISHA
OFFICE OF THE SUPERINTENDING ENGINEER
BOLANGIR (R&B) DIVISION, BOLANGIR
Mail ID: eepwd.bgr@rediffmail.com, eepwd.bgr@gmail.com,
Ph.No.- 06652-232374
BID IDENTIFICATION No.: BGR R&B / 15/ 2025-26
No.B-491 No.5724/ Dtd.26.08.2025

| | | | |
|---|---|---|---|
| 1 | The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work and road work detailed in the table below from eligible contractors. | | |
| 2 | Nature of work | : | Building work and road work |
| 3 | No. of tender | : | 2 Nos. Building work and 6 Nos. Road work |
| 4 | Tender cost | : | Rs.600/-, Rs.4000/- and Rs.6000/- (Tender paper cost) |
| 5 | Class of contractor | : | 'D', 'C' and 'B' class contractor (Registered in CDMS) |
| 6 | Date & time of sale & receipt of bids | : | From Dt.09.09.2025, 11.00 A.M. Dt.15.09.2025 upto 5.00 P.M. |
| 7 | Date of opening bid | : | Dt.16.09.2025 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersodisha.gov.in | | |

Sd./- Superintending Engineer, Bolangir (R&B) Division
OIPR-34028/11/0036/2526

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର
Office of the Superintending Engineer,
Bhubaneswar (R&B) Division No.IV, Nirman Soudha,
Unit-V, Bhubaneswar
E-mail ID : eernb4bbsr@gmail.com, Tel - (0674) - 2390245

INVITATIONS FOR BIDS THROUGH e-Procurement
No.8275 Date - 30.08.2025
Bid Identification No. - C.C. (R&B) - 04
No.B-474 e-Procurement Notice No. 16 of 2025-26

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs. 80,88,291.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.09.09.2025 to Dt.24.09.2025 up to 17.30 hours |
| 8 | Last Date & Time for Receipt of bids in the Portal | Dt.24.09.2025 at 17.30 hours |
| 9 | Opening of Bid through online | Dt.25.09.2025 at 11.30 hours |
| 10 | Name & Adderss of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

OIPR-34090/11/0023/2526
Sd./- Additional Chief Engineer
BBSR (R&B) Division No.IV, BBSR

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, CUTTACK
No.O-644
e-mail : serw_ctc@yahoo.com
No. Tender Online RWC-17/2025 Letter No. 2949 Date : 22.08.2025

e-Procurement NOTICE

1. **Name of the work** : Construction of **Building and Road** works.
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-17/25 | 08.09.2025 at 11.30 A.M. | 23.09.2025 up to 05.00 P.M. | 23.09.2025 up to 02.00 P.M. | 24.09.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

OIPR-25097/11/0029/2526
Sd./- Chief Construction Engineer
Rural Works Circle, Cuttack

SUNDARAM HOME — Sundaram Finance Group —
ପଞ୍ଜୀକୃତ କାର୍ଯ୍ୟାଳୟ: ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦୦୦୨। କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ-୬୦୦୦୧୪। ଫୋନ୍-୦୪୪-୨୮୫୧୫୨୬୭
ଶାଖା କାର୍ଯ୍ୟାଳୟ: ମାର୍ଫତ୍ ସୁନ୍ଦରମ୍ ଫାଇନାନ୍ସ ଲିମିଟେଡ୍, ପ୍ଲଟ୍ ନଂ.ଏ/୧୬୭, ମେଟ୍ରୋପଲିସ୍, ପ୍ରଥମ ମହଲା, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭, ଓଡ଼ିଶା

**ବିକ୍ରୟ ନୋଟିସ**

ଯେହେତୁ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍**ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩(୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ଋଣଗ୍ରହୀତାଙ୍କୁ ତା୦୧।୧୦।୨୦୧୯ରିଖରେ ଏକ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩(୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ବାସ୍ତବିକ ଭାବେ ନିଜ ଦଖଲକୁ ନେଇଛନ୍ତି।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **"ଯେପରି ଅଛି ଯେଉଁଠି ଅଛି"** ଏବଂ **"ଯେପରି ଅଛି ଯାହା ଅଛି"** ଓ **"ସେଠାରେ ଯାହା ବି ଅଛି"** ସ୍ଥିତିରେ, ଅନନ୍ୟୋପାୟ ବିନା ଭିତ୍ତିରେ ବିକ୍ରୟ କରାଯିବ। ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ। **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ। ଆର୍ପିଏଡି ଦ୍ୱାରା **ତା୨୩।୧୦।୨୦୨୫ରିଖ** ୧୬.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୨୩।୧୦।୨୦୨୫ରିଖ** ୧୬.୩୦ ଘଟିକାରେ ନିମ୍ନଦର୍ଶିତ ସ୍ଥାନରେ ଖୋଲାଯିବ। ସଫଳ ବିଡରଙ୍କୁ ଅବଶିଷ୍ଟ ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ। ଉପରେ ଦର୍ଶାଯାଇଥିବା ଅନୁଯାୟୀ ଅବଶିଷ୍ଟ ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ।

| ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତିଯୁକ୍ତ ଋଣ (ଟ.) | ସମ୍ପତ୍ତି ପାଇଁ ସ୍ଥିର ହୋଇଥିବା ସଂରକ୍ଷିତ ମୂଲ୍ୟ | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|
| **ପ୍ରଶାନ୍ତ କୁମାର ଗୁରୁ (ଋଣଗ୍ରହୀତା),** ସ୍ଥାନ- ଅରୁଦ୍ୟ ମାର୍କେଟ୍, ପିସି ସରକାର ଲେନ୍, ତାରିଣି ଭେରାଇଟି ଷ୍ଟୋର୍ ପାଖ, ମଧୁପାଟଣା, କଟକ-୭୫୩୦୧୨ । **ଆହୁରି ମଧ୍ୟ ସ୍ଥାନ:** ମା ସି ଫିଶ୍ ଟ୍ରେଡିଂ ଆଣ୍ଡ ସପ୍ଲାୟର୍ସ, ରାଣୀ ମହଲ, ଏଲ୍ଆଇସି କଲୋନୀ, ପୋଷ୍ଟ- ଅରୁଣୋଦୟ ମାର୍କେଟ୍, ବାଦାମବାଡ଼ି, କଟକ-୭୫୩୦୧୨ । **ଆହୁରି ମଧ୍ୟ ସ୍ଥାନ:** ପ୍ଲଟ୍ ନଂ.-୩୯୯/୧୧୧୩, ମୌଜା- କଟକ ସହର, ୟୁନିଟ୍-୩୮, ଥାନା- ମଧୁପାଟଣା, ମଧୁପାଟଣା, କଟକ, ୭୫୩୦୧୨ । **ସୁଷମା ରାଣୀ ଗୁରୁ (ସହ-ଋଣଗ୍ରହୀତା),** ସ୍ଥାନ- ଅରୁଦ୍ୟ ମାର୍କେଟ୍, ପିସି ସରକାର ଲେନ୍, ତାରିଣି ଭେରାଇଟି ଷ୍ଟୋର୍ ପାଖ, ମଧୁପାଟଣା, କଟକ-୭୫୩୦୧୨ । **ଆହୁରି ମଧ୍ୟ ସ୍ଥାନ:** ପ୍ଲଟ୍ ନଂ.-୩୯୯/୧୧୧୩, ମୌଜା- କଟକ ସହର, ୟୁନିଟ୍-୩୮, ଥାନା- ମଧୁପାଟଣା, କଟକ, ୭୫୩୦୧୨ । | **ଟ. ୨୭,୫୨,୪୦୬/-** (ସତେଇଶ ଲକ୍ଷ ବାଉନ ହଜାର ଚାରିଶହ ଛଅ ଟଙ୍କା ମାତ୍ର), ତା୦୮।୦୯।୨୦୨୫ରିଖ ସୁଦ୍ଧା + ପରିଶୋଧର ବାସ୍ତବ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ସୁଧ ତଥା ଅନ୍ୟାନ୍ୟ ଶୁଳ୍କ ଆଦି, ଯଦି ଥାଏ । | **ଟ. ୬୭,୦୭,୦୦୦/-** (ସତଷଠି ଲକ୍ଷ ସାତ ହଜାର ଟଙ୍କା ମାତ୍ର) | **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ପ୍ଲଟ୍ ନଂ. ଏ/୧୬୭, ମେଟ୍ରୋପଲିସ୍, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ |
| | | **ଅମାନତ ଜମା ରାଶି** | **ବିଡ୍ ଖୋଲାଯିବା ସ୍ଥାନ** |
| | | ବିଡ୍ ପରିମାଣର ୨୫% | **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍,** ନଂ. ୨୩, କ୍ୟାଥେଡ୍ରାଲ ଗାର୍ଡେନ ରୋଡ୍, ୨ୟ ମହଲା, ନୁଙ୍ଗାମବକ୍କମ୍, ଚେନ୍ନାଇ-୬୦୦୦୩୪ |
| | | | **ବିଡ୍ ଖୋଲାଯିବାର ତାରିଖ** |
| | | | **୨୩।୧୦।୨୦୨୫ @ ୧୬.୩୦** |

**ସମ୍ପତ୍ତିର ବର୍ଣ୍ଣନା:** ଏ.୦.୦୪୬ ଡିସିମିଲ, ପରିମାପର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, କିସମ: ଘରବାରି-୨ (ହୋମଷ୍ଟିଡ୍) । ଖାତା ନଂ.୬୭ ଓ ପ୍ଲଟ୍ ନଂ. ୩୯୯/୧୧୧୩୪ରେ ସମ୍ବଳିତ । ଅବସ୍ଥିତି ସ୍ଥାନ- ୟୁନିଟ୍ ନଂ.୩୮, ମୌଜା: ଅରୁଣୋଦୟ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା ରାଜ୍ୟ । **ଚଉହଦୀ:** ଉତ୍ତର: ଅଶୋକ ସାହୁଙ୍କ ସମ୍ପତ୍ତି, ଦକ୍ଷିଣ: ସଡ଼କ, ପୂର୍ବ: ବୀର ଗୁରୁ ଓ ଭଗୀ ଗୁରୁଙ୍କ ସମ୍ପତ୍ତି, ପଶ୍ଚିମ: ନାରାୟଣ ଗୁରୁଙ୍କ ସମ୍ପତ୍ତି ।

**ଦ୍ରଷ୍ଟବ୍ୟ: ଆଗ୍ରହୀ କ୍ରେତାମାନଙ୍କୁ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଦଲିଲଗୁଡ଼ିକୁ ଯାଞ୍ଚ କରିବା ଓ ସମ୍ପତ୍ତିର ନିରୀକ୍ଷଣ କରିବା ତଥା ସମ୍ପତ୍ତିର ମାଲିକାନା, ପ୍ରକୃତି ଏବଂ ସର୍ତ୍ତ ସମ୍ବନ୍ଧରେ ସନ୍ତୁଷ୍ଟ ହେବା ପରେ ହିଁ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଯାଉଛି । କ୍ରୟ ନିଶ୍ଚିତ ହେବା ପରେ, ଯଦି ସମ୍ପତ୍ତିର ମାଲିକାନାକୁ ନେଇ କୌଣସି ବିବାଦ ଉପୁଜେ, ତେବେ ଅର୍ଥରାଶି ଫେରସ୍ତ କରାଯିବ ନାହିଁ ।**

**ଶ୍ରୀ ପ୍ରଶାନ୍ତ କୁମାର ଗୁରୁ, ଋଣ ଖାତା ନଂ. ୬୬୨୦୦୦୭୩ର ସମ୍ପତ୍ତି ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି** www.sundaramhome.in/uploads/files/sale_notice/66200073.pdf ଦେଖନ୍ତୁ ।

**ଯୋଗାଯୋଗ ନମ୍ବର: ଶ୍ରୀ ଗୁର୍ଦୀପ ସିଂହ (+୯୧ ୮୫୮୫୦୦୫୪୯୯)**

**ତାରିଖ: ୦୮।୦୯।୨୦୨୫**
**ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ**
**ପ୍ରାଧିକୃତ ଅଧିକାରୀ**

# ରାଜଧାନୀରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା

**ରେଳଡବା କାରଖାନା ନିକଟ ପଡ଼ିଆରୁ ଗଳିତ ମୃତଦେହ ଜବତ**

- ଫୁଲ୍ ପ୍ୟାଣ୍ଟ ସହ ଦାମୀ ଘଣ୍ଟା, ବୁଟ୍ ପିନ୍ଧିଛନ୍ତି
- ତଦନ୍ତ ଆରମ୍ଭ ସହ ପରିଚୟ ଖୋଜୁଛି ପୋଲିସ

ଭୁବନେଶ୍ୱର,୭।୯(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନା ନିକଟ ଖେଳପଡ଼ିଆ ପାଚେରି କଡ଼ରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହକୁ କମିଶନରେଟ୍ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମଞ୍ଚେଶ୍ୱର ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଟି ପଚିଯାଇ ଦୁର୍ଗନ୍ଧ ବାହାରୁ ଥିବାରୁ ଏହି ଘଟଣା ୩ରୁ ୪ଦିନ ତଳର ବୋଲି ପୋଲିସ ଅନୁମାନ କରୁଛି। ପ୍ରଦୀପ ସେବା ଟ୍ରଷ୍ଟ ପକ୍ଷରୁ ମୃତଦେହକୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ଶବ ସଂରକ୍ଷଣ ଗୃହରେ ମୃତଦେହକୁ ରଖି ତାଙ୍କ ପରିଚୟ ପାଇବାକୁ ପୋଲିସ ଅଧିକ ଅନୁସନ୍ଧାନ ଚଳାଇଛି। ଯୁବକ ଜଣକ ଏକ ଫୁଲ୍‌ପ୍ୟାଣ୍ଟ ପିନ୍ଧିଥିବା ବେଳେ ହାତରେ ଦାମୀ ଘଣ୍ଟା ଓ ବୁଟ୍ ପିନ୍ଧିଛନ୍ତି। ତାଙ୍କ ବୟସ ୩୫ରୁ ୪୫ ବର୍ଷ ମଧ୍ୟରେ ହେବ ଓ ସେ ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତି ବୋଲି ଅନୁମାନ କରାଯାଉଛି। ତାଙ୍କ ମୁହଁଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ପୋକ ହୋଇଯାଇଥିବା ଦେଖିବାକୁ ମିଳୁଛି। ମୁହଁକୁ ପଥରରେ ଛେଚି ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଥିବା ବେଳେ ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ପୋଲିସ ଆଶଙ୍କା କରୁଛି। ରାତି ହୋଇଯିବାରୁ ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ନମୁନା ସଂଗ୍ରହ କରିପାରିନାହିଁ। ପଡିଆ ଗେଟ୍‌କୁ ତାଲା ପକାଇ ପୋଲିସ କର୍ମୀ ଜଗି ରହିଛନ୍ତି। ସୋମବାର ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ସେଠାକୁ ଯାଇ ତଦନ୍ତ କରି ଅଧିକ ଖୋଳତାଡ଼ କରିବ ବୋଲି ସୂଚନା ଦିଆଯାଇଛି। ପଡ଼ିଆ ନିକଟରେ ଥିବା ଅସ୍ଥାୟୀ କ୍ୟାବିନ ଶୌଚାଳୟ ପାଖକୁ ଲାଗି ପାଚେରି କଡରେ ମୃତଦେହଟି ପଡ଼ିରହିଥିଲା। ରେଲ୍‌ୱେ କଲୋନୀ ବାସିନ୍ଦା ଓ ପଡ଼ିଆରେ ଖେଳୁଥିବା ଯୁବକମାନେ କିଛି ଗନ୍ଧ ବାରିଥିଲେ। ଅତ୍ୟଧିକ ଗନ୍ଧ ହେବାରୁ ଅପରାହ୍ଣ ପ୍ରାୟ ୫ଟା ୩୦ ବେଳେ ସିକ୍ୟୁରିଟି ସୁପରଭାଇଜର ପଡ଼ିଆ ଚତୁଃପାର୍ଶ୍ୱରେ ବୁଲାବୁଲି କରିବା ପରେ ମୃତଦେହଟି ତାଙ୍କ ନଜରକୁ ଆସିଥିଲା। ସେ ପୋଲିସକୁ ଖବର ଦେଇଥିଲେ। ମୃତଦେହ ମୁହଁରେ କଣ୍ଟାଲତା ଆଦି ଘୋଡ଼ାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ମୃତଦେହଟି ସ୍ଥାନୀୟ ଅଞ୍ଚଳର ନୁହେଁ ବୋଲି ଲୋକମାନେ କହିଛନ୍ତି। ଅନ୍ୟଆଡ଼ୁ ହତ୍ୟା କରାଯାଇ ସେଠାରେ ଫିଙ୍ଗାଯାଇଥିବା ଚର୍ଚ୍ଚା ହେଉଛି। ଏନେଇ ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରୁଛୁ। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଧିକ ତଦନ୍ତ କରାଯାଉଛି। ହତ୍ୟାର ପ୍ରକୃତ କାରଣ ବର୍ତ୍ତମାନ କହିହେବ ନାହିଁ। ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ଏସିପି କହିଛନ୍ତି।



ଘଟଣାସ୍ଥଳରୁ ପୋଲିସ ଗଳିତ ମୃତଦେହ ଜବତ କରି ହସ୍ପିଟାଲ ପଠାଉଛି।

# ପଠାଣିସାମନ୍ତ ପ୍ଲାନେଟୋରିୟମ ପାଚେରି ଭୁଶୁଡ଼ିଲା

**୪ ବାଇକ୍, ସ୍କୁଟି, ବସ୍‌ଷ୍ଟପ୍ ଶେଡ୍ କ୍ଷତିଗ୍ରସ୍ତ: ବର୍ତ୍ତିଲେ ଅପେକ୍ଷାରତ ଯାତ୍ରୀ**



ପାଚେରି ଭୁଶୁଡି ପଡିବାରୁ ବସ୍‌ଷ୍ଟପ୍ ଶେଡ୍ ଓ ବାଇକ୍ କ୍ଷତିଗ୍ରସ୍ତ ହୋଇଛି।

ଭୁବନେଶ୍ୱର,୭।୯(ସତ୍ୟଜିତ୍ ରାଉତ)

ଆଚାର୍ଯ୍ୟବିହାରସ୍ଥିତ ପଠାଣିସାମନ୍ତ ପ୍ଲାନେଟୋରିୟମର ପାଚେରି ରବିବାର ଅପରାହ୍ଣରେ ଭୁଶୁଡ଼ି ପଡ଼ିଛି। ତେବେ ଏହାକୁ ଲାଗି ରହିଥିବା ବସ୍‌ଷ୍ଟପ୍ ଶେଡ୍ ସହ ପ୍ରାୟ ୪ଟି ବାଇକ୍ ଓ ସ୍କୁଟି କ୍ଷତିଗ୍ରସ୍ତ ହୋଇଛି। ହେଲେ ବସ୍‌ଷ୍ଟପ୍‌ଆଖପାଖରେ ଅପେକ୍ଷାରତ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାକୁ ନେଇ ଯାତ୍ରୀ ଓ କ୍ଷତିଗ୍ରସ୍ତ ଗାଡି ମାଲିକମାନେ ଅସନ୍ତୋଷ ପ୍ରକାଶ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ଏ ନେଇ ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି, ବସ୍‌ଷ୍ଟପ୍ ପାର୍ଶ୍ୱର ପ୍ଲାନେଟୋରିୟମ୍‌ର ଉକ୍ତ ପାଚେରିଟି ୨ବର୍ଷ ହେଲା ରାସ୍ତା ଆଡ଼କୁ ଢଳି ରହିଥିଲା। ପାଚେରିଟି ଭୁଶୁଡ଼ିବା ସମୟରେ ଠିଆ ହେବାରୁ ବସ୍‌ଷ୍ଟପ୍ ଓ ପାଖରେ ଛିଡା ହୋଇଥିବା ଲୋକମାନେ ଭୟରେ ଦୌଡି ପଳାଇଥିଲେ। ତେବେ ଉକ୍ତ ପାଚେରିଟି ଦୀର୍ଘଦିନ ହେବ ବିପଦସଙ୍କୁଳ ଅବସ୍ଥାରେ ରହିଥିଲେ ମଧ୍ୟ ପ୍ଲାନେଟୋରିୟମ କର୍ତ୍ତୃପକ୍ଷ କାହିଁକି ଭାଙ୍ଗି ନ ଥିଲେ କିମ୍ବା ମରାମତି କରି ନ ଥିଲେ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। କ୍ଷତିଗ୍ରସ୍ତ ଗାଡି ମାଲିକଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଭୁବନେଶ୍ୱର ଟ୍ରେଜେରି ଓ ଆକାଉଣ୍ଟସ ଭବନ ପାଚେରି ଭୁଶୁଡି ପଡିବାରୁ ୪ଟି କାର୍ କ୍ଷତିଗ୍ରସ୍ତ ହୋଇଥିଲା।

# ନାରୀ ନିରାପତ୍ତା, ମର୍ଯ୍ୟାଦା ନେଇ ସ୍ୱର ଉଠିଲା

ଭୁବନେଶ୍ୱର, ୭।୯(ସୌମ୍ୟରଞ୍ଜନ ରାଉତ)

ରାଜ୍ୟରେ ନାରୀ ନିର୍ଯାତନା, ବଳାତ୍କାର ଓ ହତ୍ୟା ଆଦି ଘଟଣା ଭୟଙ୍କର ଭାବେ ବଢ଼ି ଚାଲିଛି। ଏସବୁର କାରଣ ଓ ନିରାକରଣ ସହ ନାରୀଙ୍କ ନିରାପତ୍ତା ଓ ମର୍ଯ୍ୟାଦା ପାଇଁ ନାଗରିକ ସମ୍ମିଳନୀରେ ମିଳିତ ସ୍ୱର ଉଠିଛି। ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଓଡିଶା ରାଜ୍ୟ କମିଟି ଆନୁକୂଲ୍ୟରେ ରବିବାର ଲୋହିଆ ଏକାଡେମୀରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ରିତା ରାୟ, ପୂର୍ବତନ ବିଚାରପତି ମନୋରଞ୍ଜନ ମହାନ୍ତି, ଏଆଇଏମ୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦିକା ଛବି ମହାନ୍ତି, କୋଲକାତା ଆରଜିକର ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତୃତ୍ୱ ଡା. ମିଥୁଲ ସରକାର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଉତ୍କଳ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ଗଣିତ ପ୍ରାଧ୍ୟାପକ ପ୍ରଫେସର ବୀରେନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ବାସନ୍ତୀ ମହାରି, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ମୋହିନୀ ସିହ୍ନା ପ୍ରମୁଖ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବକ୍ତାମାନେ ଦାବି କରିଥିଲେ ଯେ, ଫକିରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ, ବଳଙ୍ଗା ପୀଡିତା, ସୁଭଦ୍ରାଙ୍କ ସମେତ ସମ୍ପ୍ରତି ରାଜ୍ୟରେ ଘଟିଥିବା ବହୁ ବେଦନାଦାୟକ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଶାସ୍ତି ପ୍ରଦାନ କରାଯାଉ। ଏଥିସହ ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ର ସମେତ ସର୍ବତ୍ର ନାରୀ, ଛାତ୍ରୀ ଓ ଶିଶୁଙ୍କ ନିରାପତ୍ତା ତଥା ମର୍ଯ୍ୟାଦା ସୁନିଶ୍ଚିତ କରାଯାଉ। ମଦ୍ୟ, ଡ୍ରଗ୍ସ ଓ ମାଦକଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଇଣ୍ଟରନେଟ ଓ ଗଣମାଧ୍ୟମରେ ଅଶ୍ଳୀଳତା, ନଗ୍ନତା, ହିଂସା ଓ ଯୌନ ଉଦ୍ଦୀପକ ତଥା ଅପରାଧ ପ୍ରବଣତାର ପ୍ରଚାର ବନ୍ଦ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଲିଙ୍ଗଗତ ବୈଷମ୍ୟ ଦୂର କରିବା, ପାଠ୍ୟ ପୁସ୍ତକରେ ମହାପୁରୁଷଙ୍କ ଜୀବନ ସଂଗ୍ରାମକୁ ସ୍ଥାନିତ କରିବା, ସ୍କୁଲ କଲେଜରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦେବା ଆଦି ଦାବି ସରକାରୀ ସ୍ତରରେ ଉପସ୍ଥାପନ କରିବା ସହିତ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରିଥିଲେ। ସଂଗଠନର ରାଜ୍ୟ ସଭାନେତ୍ରୀ ସ୍ୱପ୍ନପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ ସମ୍ମିଳନୀର ଭିତ୍ତିପତ୍ର ଉପସ୍ଥାପନ କରିଥିଲେ।




ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଅନୁଷ୍ଠିତ ନାଗରିକ ସମ୍ମିଳନୀ।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସହଯୋଗରେ ସିପ୍ ଆବାକସ୍ ଦ୍ୱାରା ଆୟୋଜିତ ଭାରତର ସର୍ବବୃହତ୍ ଏରିଥମେଟିକ କମ୍ପିଟେଶନର ରାଉଣ୍ଡ-୨ ସ୍ଥାନୀୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ୟୁନିଟ୍-୮ ଡିଏଭି, ଚନ୍ଦ୍ରଶେଖରପୁର ଡିଏଭି, ଏମ୍‌ବିଏସ୍ ପବ୍ଲିକ ସ୍କୁଲ ଏବଂ ଲୟୋଲା ସ୍କୁଲର ପ୍ରାୟ ୧୧ଶହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ

**ବାଇ-ସାଇକେଲ ରାଲି ମାଧ୍ୟମରେ ସଚେତନତା ବାର୍ତ୍ତା**

ଭୁବନେଶ୍ୱର, ୭।୯(ବନ୍ଦନା ସେଠୀ)

ନୀଳ ଆକାଶ ପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ଅବସରରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶ ଅଧ୍ୟୟନ କେନ୍ଦ୍ର ସହଯୋଗରେ ବାଇ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ରବିବାର ଫରେଷ୍ଟ ପାର୍କ ନିକଟରେ ଆୟୋଜିତ ଏହି ରାଲିରେ ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ଜୀବନଶୈଳୀର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆମେ ନିଶ୍ୱାସ ନେଉଥିବା ବାୟୁକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ସହ ଭବିଷ୍ୟତ ପିଢ଼ିକୁ ଏକ ନିର୍ମଳ, ସୁସ୍ଥ ଏବଂ ସ୍ଥାୟୀ ପରିବେଶ ପ୍ରଦାନ କରିବା ପାଇଁ ଏହି ଦିବସ ସ୍ମରଣ କରାଇଦିଏ। ଆମ ଆକାଶକୁ ନୀଳ ଏବଂ ବାୟୁକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଦିଗରେ ପ୍ରତ୍ୟେକ ବ୍ୟକ୍ତି, ଗୋଷ୍ଠୀ ଏବଂ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ରାଲି ବାର୍ତ୍ତା ପ୍ରଦାନ କରୁଥିବା ସତ୍ୟବ୍ରତ କହିଥିଲେ। ଜନସାଧାରଣଙ୍କୁ ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନର ବର୍ଦ୍ଧିତ ବିପଦର ମୁକାବିଲା କରିବା ପାଇଁ ସାଇକେଲ, ସାର୍ବଜନୀନ ପରିବହନ ଏବଂ ନବୀକରଣୀୟ ଶକ୍ତି ଉତ୍ସ ଗ୍ରହଣ କରିବାକୁ ସେ ଆହ୍ୱାନ କରିଥିଲେ। ୫କି.ମି ବ୍ୟାପୀ ଅନୁଷ୍ଠିତ ଏହି ସାଇକେଲ ରାଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଏହି ଅବସରରେ ଇ-ରିକ୍ସାଗୁଡ଼ିକରେ ସାରା ସହରରେ ସଚେତନତା ବାର୍ତ୍ତା ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନାନ୍ଦୁରୀ, ମୁଖ୍ୟ ପରିବେଶ ଇଞ୍ଜିନିୟର ଡ. ନିହାର ରଞ୍ଜନ ସାହୁ, ବରିଷ୍ଠ ପରିବେଶ ଇଞ୍ଜିନିୟର ଦିଲୀପ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରେମ କୁମାର ଝାଙ୍କ ସହ ଅନ୍ୟମାନେ ସାଇକେଲ ରାଲିକୁ ଶୁଭାରମ୍ଭ କରୁଛନ୍ତି।

# ୪ ଦିନ ପରେ ନିଖୋଜ ନାବାଳକ ଠାବ

**ମୋବାଇଲ, ସ୍କୁଟି ନ ଦେବାରୁ ଘରୁ ରାଗି ପଳାଇଥିଲେ**

ଭୁବନେଶ୍ୱର,୭।୯(ସତ୍ୟଜିତ୍ ରାଉତ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ୪ ଦିନ ତଳେ ନିଖୋଜ ହୋଇଯାଇଥିବା ଜଣେ ନାବାଳକଙ୍କୁ କମିଶନରେଟ୍ ପୋଲିସ ରବିବାର ଠାବ କରିଛି। ସେ ହେଲେ ଶୈଳଶ୍ରୀ ବିହାରର ଓମ୍ ମୁଖିଆ (୧୬)। ପୋଲିସ ୨୦୦ଟି ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ କରି ସଫଳତା ପାଇଛି। ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଓମ୍। ପୋଲିସ ସୂଚନା ଅନୁଯାୟୀ, ଓମ୍ ଘରୁ ରାଗି ପଳାଇ ଯାଇଥିଲେ। କରାଟେ କ୍ଲାସ୍ ଯିବାକୁ କହି ବୁଧବାର ଘରୁ ବାହାରି ଆଉ ଫେରି ନ ଥିଲେ। ସେ ପଟିଆ ଅଞ୍ଚଳରେ ରାତିରେ ରହିଥିଲେ। କୌଣସି କାରଣରୁ ହାତରେ କ୍ଷତ ଚିହ୍ନ ଦେଖି ଗୁରୁବାର ଲୋକମାନେ ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଏପଟେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଓମ୍‌କୁ ଠାବ କରିଥିଲା। ତେବେ ଓମ୍‌ଙ୍କ ମା' ତାଙ୍କଠାରୁ ମୋବାଇଲ ନେଇଯାଇଥିବାବେଳେ ସ୍କୁଟି ଚାହାନ୍ତି କରିବାକୁ ନ ଦେବାରୁ ସେ ରାଗି ପଳାଇ ଯାଇଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ବାଲିଅନ୍ତା, ୭।୯ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର କାକଟ୍‌ପୁରପୁର ପଞ୍ଚାୟତ ଅଧୀନ ଜଗନ୍ନାଥପୁର ଓଡାସାହିରେ ରବିବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦାମୋଦର ଭୋଇଙ୍କ ୨ ବଖରା ଚାଳଘର ଜଳିଯାଇଛି। ନିଆଁରେ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ଓ ଲୁଗାପଟା ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଘରେ କେହି ନ ଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଛି। ଏହାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଖବରପାଇ ବାଲିପାଟଣା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ସ୍ଥାନୀୟ ସରପଞ୍ଚ ସସ୍ମିତା ମଲ୍ଲିକ ଓ ନାଏବ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମୁଖୀ ସେଠାରେ ପହଞ୍ଚି ବିପନ୍ନ ପରିବାରକୁ ଭେଟିଛନ୍ତି। ଜଗନ୍ନାଥପୁର ରାଜସ୍ୱ ନିରୀକ୍ଷକ ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ଜରିପାଲ ପ୍ରଦାନ କରିଛନ୍ତି।

# ହାଉସିଂ ହିତାଧିକାରୀଙ୍କୁ ଋଣ ସୁବିଧା ଯୋଗାଇ ଦେଲା ବିଏମ୍‌ସି

ଭୁବନେଶ୍ୱର,୭।୯(ବନ୍ଦନା ସେଠୀ): ଆପଣବେଲ୍ ହାଉସିଂ ଯୋଜନାରେ ଗୃହ ପାଉଥିବା ଲୋକମାନଙ୍କୁ ଗୋଟିଏ ଛାତ ତଳେ ସମସ୍ତ ସୁବିଧା ଯୋଗାଇ ଦେଉଛି ବିଏମ୍‌ସି। ବୁଦ୍ଧ ବିହାର ହାଉସିଂ ପ୍ରକଳ୍ପରେ ଗୃହ ପାଇଥିବା ୪୪ ପରିବାରକୁ ଗୋଟିଏ ସ୍ଥାନରେ ସମସ୍ତ ଦସ୍ତାବିଜ୍ ସହ ବ୍ୟାଙ୍କରୁ ଋଣ ସୁବିଧା କରାଯାଇଛି। ଆପଣବେଲ୍ ହାଉସିଂ ପ୍ରକଳ୍ପରେ ଅନେକ ହିତାଧିକାରୀ ଘର ପାଇବାକୁ ଯୋଗ୍ୟ ହୋଇଥିଲେ ହେଁ ବର୍ତ୍ତମାନ ନିଜ ଅଂଶ ରାଶି ଦେବାକୁ ସକ୍ଷମ ହୋଇପାରୁ ନାହାନ୍ତି। ସେଣ୍ଟୁ ଋଣସୂତ୍ରରେ ହିତାଧିକାରୀ କିପରି ଏହି ଦେୟ ପାଇଁ ଅର୍ଥ ଯୋଗାଡ଼ କରିପାରିବେ ଏବଂ ଏହି ରାଶି ଦେଇ ମିଳିଥିବା ସ୍ୱପ୍ନର ଘରେ ଶୀଘ୍ର ରହିବେ, ସେନେଇ ଫାଇନାନ୍ସ ସଂସ୍ଥା ସହିତ ଆଲୋଚନା ହୋଇଛି। ଏହି କ୍ରମରେ ରବିବାର ରାଜସ୍ୱ ଡେପୁଟି କମିଶନର ଅଜୟ କୁମାର ମହନ୍ତି ଏଡ଼ିଏଫ୍‌ସି ବ୍ୟାଙ୍କ ଓ ସ୍ୱତନ୍ତ୍ର ଫାଇନାନ୍ସ ଅଧିକାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ପରେ ଯେଉଁ ଯେଉଁ ହିତାଧିକାରୀମାନେ ସେମାନଙ୍କ ଅର୍ଥ ଦେଇ କରିପାରୁ ନ ଥିଲେ, ସେମାନଙ୍କୁ ବ୍ୟାଙ୍କ ଋଣ ସୁବିଧା ଯୋଗାଇ ଦିଆଯାଇଛି। ଏଡ଼ିଏଫ୍‌ସି ବ୍ୟାଙ୍କ ୩୩ଜଣ ହିତାଧିକାରୀଙ୍କୁ ଓ ସ୍ୱତନ୍ତ୍ର ଫାଇନାନ୍ସ ୧୦ଜଣ ହିତାଧିକାରୀଙ୍କୁ ଋଣ ଯୋଗାଇ ଦେଇଛନ୍ତି। ସୂଚନାଯୋଗ୍ୟ, ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ଉଦ୍ୟମ କ୍ରମେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବଶ୍ୟକ କାଗଜପତ୍ର ସହ ଋଣ ଦେବାର ବ୍ୟବସ୍ଥା କରାଯାଇଥିଲା। ହିତାଧିକାରୀମାନେ ଏହାକୁ ନେଇ ବେଶ୍ ଖୁସି ପ୍ରକଟ କରିଛନ୍ତି।



**ଧରାବତରଣ କରିବେ ମା'**

ପାଖେଇ ଆସୁଛି ଦୁର୍ଗାପୂଜା। ଶରତ ଋତୁର ଆଶ୍ୱିନ ଶୁକ୍ଳ ପକ୍ଷରେ ଧରାବତରଣ କରିବେ ମା' ଦଶଭୁଜା। ଏଥିପାଇଁ ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ସବୁଠି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଆବାହନ ପାଇଁ ପ୍ରସ୍ତୁତି ଚାଲିଛି। ତେବେ ପାର୍ବଣର ନିଆରା ଆୟୋଜନ ପାଇଁ ରାଜଧାନୀ ପ୍ରସ୍ତୁତ ହେଉଥିବାବେଳେ ଏଥିପାଇଁ ରାଜଧାନୀବାସୀଙ୍କ ମନରେ ଏବେଠୁ ଉତ୍କଣ୍ଠା ବାରିହୋଇପଡ଼ିଲାଣି।


-ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର

# ତୋରଣରେ ଝଲସିବ ଦକ୍ଷିଣ ଭାରତୀୟ କଳା ସଂସ୍କୃତି



**୮୦ଲକ୍ଷ ଟଙ୍କାର ବଜେଟ, ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ**

ଚଳିତବର୍ଷ ଦୁର୍ଗାପୂଜାକୁ ଧୁମଧାମରେ ପାଳନ କରିବାକୁ ପାଖାପାଖି ୭୦ରୁ ୮୦ ଲକ୍ଷ ଟଙ୍କାର ବଜେଟ କରାଯାଇଛି। ସମସ୍ତ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ, ମେଢ଼, ତୋରଣ ଏବଂ ଭସାଣି ଉତ୍ସବ ପାଇଁ ଖର୍ଚ୍ଚର ବିବରଣୀ ପ୍ରସ୍ତୁତ କରାଯାଇଛି। ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଉଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୭୦ଟି ସିସି କ୍ୟାମେରା ସହ ବଡ଼ବଡ଼ ଡିଜିଟାଲ ଏଲଇଡି ପରଦା ମାଧ୍ୟମରେ ଲାଇଭ୍ ପ୍ରଦର୍ଶନ ହେବ। ୨ଶହରୁ ଅଧିକ ସୁରକ୍ଷାକର୍ମୀ, ଆଖପାଖର ଏସ୍‌ଏଚ୍‌ଜି ଗ୍ରୁପ୍ ଓ ପୋଲିସ ମିତ୍ର ମଧ୍ୟ ସହଯୋଗ କରିବେ। ରାବଣପୋଡ଼ି ପଡ଼ିଆରେ ପାର୍କିଂ ବ୍ୟବସ୍ଥା ରହିଛି। ଭସାଣି ଉତ୍ସବରେ ସମସ୍ତ ମେଢ଼ ଗଙ୍ଗନଗରଠାରେ ଏକତ୍ରିତ ହେବେ। ସେଠାରେ ଦେବୀଙ୍କ ପୂଜାର୍ଚ୍ଚନା ସରିବା ପରେ ମେଢ଼ସବୁ ଆଗପଛ ହୋଇ ପାରମ୍ପରିକ ବାଦ୍ୟ, ନୃତ୍ୟ ମଧ୍ୟରେ କୁଆଖାଇ ନଦୀକୂଳକୁ ଯିବେ। ସେଠାରେ ନିର୍ମିତ ଅସ୍ଥାୟୀ ପୁଷ୍କରିଣୀରେ ମା'ଙ୍କ ମେଲାଣି ଦିଆଯିବ।



-ସନାତନ ବେହେରା, ପ୍ରତିଷ୍ଠାତା, ନୟାପଲ୍ଲୀ ଦୁର୍ଗାପୂଜା କମିଟି

**୩୮ ବର୍ଷରେ ନୂଆପଲ୍ଲୀ ଦୁର୍ଗାପୂଜା**

ନୂଆପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ଆୟୋଜିତ ହେଉଥିବା ମା'ଙ୍କ ପୂଜା ଏଥର ୩୮ ବର୍ଷରେ ପଦାର୍ପଣ କରୁଛି। ପ୍ରତିବର୍ଷ ଭଳି ସ୍ୱତନ୍ତ୍ରତା ବହନ କରୁଥିବା ଏହି ଅନୁଷ୍ଠାନ ଏବର୍ଷ ମଧ୍ୟ ନିଆରା ଆୟୋଜନ କରୁଛି। ତୋରଣରେ ଝଲସିବ ଦକ୍ଷିଣ ଭାରତର କଳା ସଂସ୍କୃତି। ପ୍ରସିଦ୍ଧ ତଥା ଅନନ୍ୟ ଲୋକ ନୃତ୍ୟର ବିଭିନ୍ନ ଦୃଶ୍ୟପଟକୁ ଜୀବନ୍ତ ରୂପ ଦେବାକୁ ପ୍ରୟାସ କରାଯାଉଥିବାବେଳେ ଏହାକୁ ଶ୍ରଦ୍ଧାଳୁମାନେ ଅତି ପାଖରେ ଅନୁଭବ କରିବେ। ୭୫ ଫୁଟ ଉଚ୍ଚତା ଓ ୧୨୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ୧୭ ଫୁଟ ଉଚ୍ଚତାର ଦଶଭୁଜାଙ୍କ ମୂର୍ତ୍ତି ପୂଜା ପାଇବା ସହ ପାର୍ଶ୍ୱଦେବୀ ଦେବାଦେବୀଙ୍କୁ ଦେଖିବାକୁ ମିଳିବ। ସେହିପରି ୨୨ଫୁଟ ଜରିର ତାରକସି ମେଢ଼ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ତୋରଣ ନିର୍ମାଣରେ ରାଜ୍ୟ ବାହାରୁ ଆସିଥିବା ପାଖାପାଖି ୪୦ରୁ ଅଧିକ କାରିଗର ଲାଗିପଡ଼ିଛନ୍ତି। ସେହିପରି ମା'ଙ୍କ ମୂର୍ତ୍ତି ଗଙ୍ଗା ମାଟିରେ ନିର୍ମାଣ କରାଯାଉଥିବାବେଳେ ଏଥିରେ ମଧ୍ୟ ବଙ୍ଗଳାର କାରିଗରମାନେ ନିୟୋଜିତ ଅଛନ୍ତି। ଏଥିସହ ମଣ୍ଡପକୁ ସୁସଜ୍ଜିତ ଓ ଆକର୍ଷଣ କରିବା ପାଇଁ ୧୦ଟି ବଡ଼ ରଙ୍ଗୀନ ଲାଇଟ୍ ଗେଟ୍ ସହ ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ଡିଜାଇନ୍‌ର ଆଲୋକମାଳା ଶୋଭାବର୍ଦ୍ଧନ କରିବ। ଇନ୍ଦ୍ରଧନୁ ମାର୍କେଟଠାରୁ ଜୟଦେବ ବିହାର ରୋଡ୍ ଓ ରାସ୍ତାର ଆରପଟେ କଳିଙ୍ଗ ଷ୍ଟାଡିୟମଠାରୁ ନୟାପଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟନ୍ତ ଆକର୍ଷଣୀୟ ଆଲୋକମାଳାର ବ୍ୟବସ୍ଥା କରାଯାଇଛି। ସେହିପରି ପୂଜାକୁ ଆହୁରି ମନୋରମ କରିବା ପାଇଁ ମୀନା ବଜାରର ବ୍ୟବସ୍ଥା ରହିଛି। ଏଥିରେ ୧୨୦ ଷ୍ଟଲ ରହିଥିବାବେଳେ ହସ୍ତତନ୍ତକୁ ସମୃଦ୍ଧ କରିବା ଲାଗି ନାବାର୍ଡ ପକ୍ଷରୁ ୯ଟି ଷ୍ଟଲ ଖୋଲିବ। ସେହିପରି ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ମେଲୋଡି, ଭଜନ ସନ୍ଧ୍ୟା, ରେକର୍ଡ ଡ୍ୟାନ୍ସ ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଏହାସହ ପ୍ରତିଦିନ ୫ହଜାର ଭକ୍ତଙ୍କ ଲାଗି ପ୍ରସାଦ ବ୍ୟବସ୍ଥା ରହିଛି।



ଜଟଣୀ ଗଣେଶ ଭସାଣି କମିଟି ପକ୍ଷରୁ ରବିବାର ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।



ଭସାଣି ଶୋଭାଯାତ୍ରାରେ ପରିବେଷିତ ଆଧୁନିକ ନୃତ୍ୟ।



ବୁଢ଼ାବୁଢ଼ୀ ବେଶରେ କଣ୍ଢେଇ ନାଚ ପରିବେଷଣ କରୁଛନ୍ତି।



ଭସାଣି ଶୋଭାଯାତ୍ରାରେ ପରିବେଷିତ ଅଘୋରୀ ନୃତ୍ୟ।

# ମେଲାଣି ନେଲେ ଗଣପତି

■ ଭସାଣିରେ ସାମିଲ ହେଲେ ୪୦ରୁ ଊର୍ଦ୍ଧ୍ୱ ମଣ୍ଡପର ଠାକୁର
■ ପାରମ୍ପରିକ ବାଦ୍ୟ, ନୃତ୍ୟରେ କମ୍ପିଲା ଜଟଣୀ ସହର

ଜଟଣୀ,୭।୯(ରବୀନ୍ଦ୍ରନାଥ ମହାକୁଡ଼)

ଆନନ୍ଦ ଉଲ୍ଲାସର ଅନ୍ତ ଘଟାଇ ଭକ୍ତଙ୍କ ମେଳରୁ ବିଦାୟ ନେଇଛନ୍ତି ପ୍ରଭୁ ଗଜାନନ। ଦୀର୍ଘ ୧୧ଦିନର ଅଭ୍ୟର୍ଥନା ପରେ ଆତସବାଜି, ଢୋଲ, ମର୍ଦ୍ଦଳ, ଘଣ୍ଟ ଘଣ୍ଟା ସହ ନାଚଗୀତର ରୋଶଣିରେ ଗଜାନନଙ୍କୁ ମେଲାଣି ଦେଇଛନ୍ତି ଭକ୍ତ। ରବିବାର ଜଟଣୀରେ ଧୁମ୍‌ଧାମରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଏଥର ମଧ୍ୟ ୪୦ରୁ ଊର୍ଦ୍ଧ୍ୱ ମଣ୍ଡପର ଠାକୁର ଭସାଣିରେ ସାମିଲ ହୋଇଥିଲେ। ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ପୂଜା ମଣ୍ଡପର ଠାକୁର ବିଭିନ୍ନ ପାରମ୍ପରିକ ବାଦ୍ୟରେ ରୋଶଣି କରି ସ୍ଥାନୀୟ ସୀତାରାମଛକ ମେଳଣ ସ୍ଥଳରେ ଏକତ୍ରିତ ହୋଇଥିଲେ। ପରେ ଠାକୁରଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ପରେ ବିସର୍ଜନ ପାଇଁ ଭସାଣି ଆରମ୍ଭ ହୋଇଥିଲା। ଆନ୍ଧ୍ରା ବ୍ୟାଙ୍କ ଛକଠାରେ ଜଟଣୀ ନଗର ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ମଞ୍ଚ କରାଯାଇଥିଲା। ଜଟଣୀ ନଗରପାଳ ଅନନ୍ତ ବେହେରାଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଶୋଭାଯାତ୍ରାରେ ସାମିଲ ଠାକୁରଙ୍କୁ ସ୍ୱାଗତ କରିବା ସହିତ ପୂଜା ମଣ୍ଡପ ସଭାପତି ଏବଂ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ମହୁଲଗଡ଼ିଆ ଛକଠାରେ କର୍ମ ମନ୍ଦିର ଜଟଣୀ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହୁଲଗଡ଼ିଆ ଛକଠାରେ ମାରୱାଡି ଯୁବ ମଞ୍ଚ ଜଟଣୀ ସିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ଓ ପାନୀୟ ବିତରଣ କରାଯାଇଥିଲା। ସ୍ଥାନୀୟ ଥାନା ଛକଠାରେ ଜଟଣୀ ନାଗରିକ କମିଟି ପକ୍ଷରୁ ବିଜେଡି ନେତା ମନ୍ମଥ ରାଉତରାୟଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହ ମେଲୋଡି ଆୟୋଜନ କରାଯାଇଥିଲା। ମା' ଡମଣେଇ ମନ୍ଦିର ନିକଟରେ ହରିଭାଇନା ଛକ ବ୍ୟବସାୟୀ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ସହିତ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ଏବଂ ପାନୀୟ ପ୍ରଦାନ କରାଯାଇଥିଲା। ହରିଭାଇନା ଛକଠାରେ ଉତ୍କଳ ଦଳିତ ମହାସଂଘ ପକ୍ଷରୁ ବିଜେଡି ଯୁବନେତା ବିରଞ୍ଚି ନାରାୟଣ ସେଠୀଙ୍କ ପକ୍ଷରୁ ଲୋକଙ୍କୁ ଖାଦ୍ୟ ପ୍ରଦାନ ସହ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା। ମ୍ୟୁନିସିପାଲିଟି ଛକଠାରେ ଜଟଣୀ ନଗର ଭାଜପା ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଭାବେ ଭାଜପା ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସମେତ ବହୁ ନେତା ଯୋଗଦେଇଥିଲେ। ସେହିପରି ବାଲାଜୀ ଶୋ'ରୁମଠାରେ ଜଟଣୀ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗଦେଇ ଭସାଣି ଯାତ୍ରାରେ ସାମିଲ ବିଗ୍ରହଙ୍କୁ ସ୍ୱାଗତ ଏବଂ କମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭସାଣି ଉତ୍ସବ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। କଣ୍ଢେଇ ନାଚ, ବୁଢ଼ାବୁଢ଼ୀ ନାଚ, ଘୋଡ଼ା ନାଚ, ଝାଞ୍ଜ କୀର୍ତ୍ତନ, ଘଣ୍ଟମର୍ଦ୍ଦଳ, ଢୋଲ ମହୁରୀ, ସମ୍ବଲପୁରୀ ଏବଂ ଆଧୁନିକ ଗୀତର ତାଳେତାଳେ ଶ୍ରଦ୍ଧାଳୁଙ୍କ ନାଚ ସାଜିଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। ମୂର୍ତ୍ତି ବିସର୍ଜନ ପାଇଁ ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଷଣ୍ଢପୁରଠାରେ ୪ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିବା ବେଳେ ଲାଇଟ୍ ବ୍ୟବସ୍ଥା କରାଯାଇଥିଲା। ପୌର ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ତଦାରଖ ପାଇଁ ବହୁ ପୌର କର୍ମଚାରୀ ନିୟୋଜିତ ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସ୍ଥାନୀୟ ଖୁଦୁପୁର ଛକ, ହନୁମାନ ବାଟିକା ଛକ ଏବଂ କୁଦିଆରୀଠାରେ ଟ୍ରାଫିକ କଣ୍ଟ୍ରୋଲ ରହିଥିବା ବେଳେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ୧୨ ପ୍ଲାଟୁନ ଫୋର୍ସ, ୨୦ ମହିଳା କନ୍‌ଷ୍ଟେବଲ, ୫୦ଜଣ ଅଧିକାରୀଙ୍କ ସହ ଏସିପି, ଆଡିସିନାଲ ଡିସିପି ଉପସ୍ଥିତ ଥିଲେ।



ଭସାଣି ଶୋଭାଯାତ୍ରାରେ ମହିଳାମାନେ ସଂକୀର୍ତ୍ତନ କରୁଛନ୍ତି।



ଭସାଣି ଶୋଭାଯାତ୍ରାରେ ପରିବେଷିତ ଘୋଡ଼ାନାଚ।



ଶୋଭାଯାତ୍ରାରେ ନାଗା ନୃତ୍ୟ ପରିବେଷଣ କରାଯାଉଛି।

## ଶାନ୍ତି, ମୈତ୍ରୀ, ଭାଇଚାରାର ପ୍ରତୀକ ଭାଗବତ



ତଳଗଡ଼ ଗ୍ରାମସ୍ଥିତ ଭାଗବତ ଦେବଙ୍କ ଟୁଙ୍ଗିରେ ଜନ୍ମୋତ୍ସବ ପାଳିତ ହେଉଛି।

ବେଗୁନିଆ,୭।୯(ହର ପ୍ରସନ୍ନ ପଣ୍ଡା)

ଭାଗବତ ଦେବଙ୍କ ଜନ୍ମୋତ୍ସବ ରବିବାର ପାଳିତ ହୋଇଯାଇଛି। ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ଭାଗବତ ଟୁଙ୍ଗି, ମଠ ଓ ମନ୍ଦିର ପରିସରରେ ଧାର୍ମିକ ଭାବଧାରାକୁ ମନେପକାଇବାକୁ ଯାଇ ତାଳପତ୍ରରେ ବର୍ଣ୍ଣିତ ପୋଥି ପାଠ କରାଯାଇଥିଲା। ପୁରପଲ୍ଲୀର ହିନ୍ଦୁଧର୍ମର ଶ୍ରଦ୍ଧାଳୁମାନେ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେତାଳେ ଶ୍ଳୋକ ଉଚ୍ଚାରଣ କରିଥିଲେ। ଏହି ବ୍ଲକର ଭୁଆସୁଣୀ ପାଟଣା, ବେଗୁନିଆ, ବାଘମାରୀ, କୋଲୁହାପାଟଣା, ତଳଗଡ, ଛତ୍ରପଡ଼ା, ବଡ଼ବେରଣା, କୁଶପଲ୍ଲା, ଡିଙ୍ଗର, ଚକାପଦା ଆଦି ଅନେକ ଗ୍ରାମରେ ଥିବା ଭାଗବତ ଦେବଙ୍କ ପୀଠ ପରିସରରେ 'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପହୁଁଗଲୁଛି ମକରନ୍ଦ' ଛାନ୍ଦ ପଠନ ହୋଇଥିଲା। ଟୁଙ୍ଗି ପରିସରରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ଅଷ୍ଟାଦଶ ମହାପୁରାଣର ଶ୍ରେଷ୍ଠ ଗ୍ରନ୍ଥ ଭାଗବତ ପଠନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ଛାନ୍ଦ ବୋଲିବା ଦ୍ୱାରା ଶାନ୍ତି, ମୈତ୍ରୀ ଓ ଭାଇଚାରାର ପ୍ରତୀକାତ୍ମକ ସ୍ମୃତିକୁ ଉଜ୍ଜୀବିତ କରୁଛି ବୋଲି ପଣ୍ଡିତ ବିଦ୍ୱାନ୍ ବ୍ୟକ୍ତିମାନେ ଆଲୋକପାତ କରିଥିଲେ।

**ଟାଙ୍ଗୀ,(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅଧୀନ ବାଲିପାଟପୁର ପଞ୍ଚାୟତର ଚନ୍ଦନ ସାହିରେ ଅବସ୍ଥିତ ଭାଗବତ ଗୃହରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ପ୍ରଭୁ ଶ୍ରୀଭାଗବତଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଭାଦ୍ରବ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଇନ୍ଦ୍ରୋତ୍ସବ, ଭାଗବତ ଜନ୍ମ, ଭାଗବତ ପୂର୍ଣ୍ଣିମା ସହିତ ଚଳିତବର୍ଷ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ହେତୁ ଯଥା ଶୀଘ୍ର ଗ୍ରହଣ କଟକଣା ପୂର୍ବରୁ ଭାଗବତଙ୍କ ସମସ୍ତ ପୂଜାବିଧି ସମ୍ପନ୍ନ ହୋଇଥିଲା। ବୈଦିକ ବ୍ରାହ୍ମଣ ନିରଞ୍ଜନ ବାହିନୀପତିଙ୍କ ଦ୍ୱାରା ସମସ୍ତ ପୂଜାବିଧି ହୋମ ଯଜ୍ଞ କରାଯାଇ ସମାଜର କଲ୍ୟାଣ ନିମିତ୍ତ ଆହୁତି ପ୍ରଦାନ କରାଯାଇଥିଲା। କର୍ତ୍ତା ଭାବେ ଭାଗବତ ଗୃହର ସଭାପତି ଗୋଲକ ବିହାରୀ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସାହିର ବିଭୂତି ବରାଳ, ଦେବେନ୍ଦ୍ର ନାୟକ, ବସନ୍ତ ବେହେରା, ସୁଦର୍ଶନ ବରାଳ ପ୍ରମୁଖ ସହଯୋଗ କରିଥିଲେ।

## ବୋଲଗଡ଼ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଆଜି

ବୋଲଗଡ଼,୭।୯(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଜନସଚେତନତା ଓ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବ। ଏଥିରେ ବ୍ଲକର ୧୯ଟି ପଞ୍ଚାୟତ ପାଇଁ ବିଭିନ୍ନ ଦିବସରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦିନଧାର୍ଯ୍ୟ ହୋଇଥିବା ବେଳେ ସୋମବାର ସଦର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଏହି ପଞ୍ଚାୟତର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଡିଓ, ତହସିଲଦାରଙ୍କ ନେତୃତ୍ୱରେ ସମସ୍ତ ବ୍ଲକ ପଦାଧିକାରୀ ଉପସ୍ଥିତ ରହି ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ସହ ସମାଧାନ ପାଇଁ ତ୍ୱରିତ ବ୍ୟବସ୍ଥା କରିବେ। ସ୍ଥାନୀୟ ପଞ୍ଚାୟତ ଅଧୀନ ସମସ୍ତ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ପାଇଁ ସହଜରେ ରେସିଡେନ୍ସ, ଇନ୍‌କମ୍, ଏସ୍‌ଇବିସି, ଓବିସି, ଏସ୍‌ସି ଓ ଏସ୍‌ଟି ଆଦି ପ୍ରମାଣପତ୍ର ଶୀଘ୍ର ମିଳିବା ବ୍ୟବସ୍ଥା ହୋଇଥିବା ନେଇ ସୂଚନା ମିଳିଛି। ତହସିଲଦାର ବିଜୟ କୁମାର ସେଠୀଙ୍କ ସହ ପରାମର୍ଶ କରି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ ବିଦ୍ୟାଳୟଗୁଡ଼ିକ ସୁଯୋଗର ସଦୁପଯୋଗ ପାଇଁ ଚିଠି କରିଛନ୍ତି। ଏଥିପାଇଁ ଆବଶ୍ୟକ କାଗଜପତ୍ର ସହ ଫର୍ମପୂରଣ କରି ଦାଖଲ କରିବା ପାଇଁ ବିଦ୍ୟାର୍ଥୀ କିମ୍ବା ଅଭିଭାବକ ଉପସ୍ଥିତ ରହିବାକୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେବ।

## ଗଣେଶ ଭସାଣି ପାଇଁ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ

ନିରାକାରପୁର,୭।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ପ୍ରଭୁ ଗଜାନନଙ୍କ ଭସାଣି ଶୋଭାଯାତ୍ରା ପାଇଁ ନିରାକାରପୁର, ଡିଆ ଓ ଗଡ଼ଖାର୍ଦ୍ଦ ଆଦି ୩ ପଞ୍ଚାୟତର ପ୍ରାୟ ୨୭ରୁ ଊର୍ଦ୍ଧ୍ୱ ଗ୍ରାମରେ ଶୁକ୍ରବାର ଅପରାହ୍ନ ୩ଟାରୁ ରାତି ସାଢ଼େ ୯ଟା ଏବଂ ରବିବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରାବରହ ବନ୍ଦ ରହିଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ପ୍ରଧାନ କୁହନ୍ତି, ଯେଉଁ ଅଞ୍ଚଳରେ ଭସାଣି ହେଉଛି, ଯଦି ଆବଶ୍ୟକ ପଡୁଛି ବିଦ୍ୟୁତ୍ କଟାଯାଉ। ହେଲେ ଅନ୍ୟ ଅଞ୍ଚଳର ବିଦ୍ୟୁତ୍ କାଟିବା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ଗୋଟିଏ ଦିନ ଯଦି ଭସାଣି ହୁଅନ୍ତା ଏଭଳି ସମସ୍ୟା ହୁଅନ୍ତା ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ନିରାକାରପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରିତେଶ ସିଂ କହିଛନ୍ତି ଯେ, ଏଇଟା ଯେହେତୁ ଏହା ଗୋଟିଏ ଫେଜ୍, ତେଣୁ କାଟିଲେ ସବୁ କଟିଯାଉଛି।

# ଅବହେଳିତ ଅବସ୍ଥାରେ ଭାଗବତ ଟୁଙ୍ଗି

■ ସହାୟତା କିସ୍ତି ଅଧାରୁ ବନ୍ଦ
■ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ବେଗୁନିଆ,୭।୯(ହର ପ୍ରସନ୍ନ ପଣ୍ଡା)

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମାରେ ଶ୍ରୀମଦ ଭାଗବତ ଦେବଙ୍କ ଜନ୍ମ। ହିନ୍ଦୁ ଧର୍ମର ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ ଗ୍ରନ୍ଥ ବୋଲାଉଥିବା ଶ୍ରୀମଦ ଭାଗବତ ଅବହେଳିତ ଅବସ୍ଥାରେ। ତାଳପତ୍ର ପୋଥିରେ ବର୍ଣ୍ଣିତ ହୋଇଥିବା ଗ୍ରନ୍ଥାବଳୀକୁ ଟୁଙ୍ଗି ପରିସରରେ ପୂଜାର୍ଚ୍ଚନା ଓ ପାଠ କରାଯାଉଥିଲା। ସଞ୍ଜ ନଇଁଲେ ଗାଁ ଗହଳିରେ ରହିଥିବା ଭାଗବତ ଟୁଙ୍ଗିରେ ଭାଗବତର ପ୍ରଥମ ଛନ୍ଦ 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ପଦ ଗୁଞ୍ଜରିତ ହେଉଥିଲା। ଶ୍ରଦ୍ଧାଳୁମାନେ ଏକାଠି ହେବା ସହ ଗ୍ରାମୀଣ ସଂସ୍କୃତି, ପରମ୍ପରା ଓ ଭାଇଚାରାକୁ ବାନ୍ଧି ରଖୁଥିଲେ' ଏଥିସହ ଭାଗବତ ପଦ ଶୁଣି ଶ୍ରଦ୍ଧାଳୁମାନେ କ୍ଳାନ୍ତ ଦୂର କରୁଥିଲେ। ହେଲେ ଆନ୍ତରିକତା ଓ ରକ୍ଷଣାବେକ୍ଷଣ ଅଭାବରୁ ଗାଁ ଗହଳିରେ ରହିଥିବା ଏହି ଭାଗବତ ଟୁଙ୍ଗି ଅବହେଳିତ ହୋଇ ରହିଛି। ଅନ୍ୟପଟେ ସରକାରଙ୍କ ପୁନରୁଦ୍ଧାର ଯୋଜନାର ସହାୟତା ଅଧାରୁ ବନ୍ଦ କରିଦିଆଯାଇଛି। ଫଳରେ ବେଗୁନିଆ ବ୍ଲକ ଅଞ୍ଚଳରେ କେତୋଟି ଟୁଙ୍ଗି ପୁନରୁଦ୍ଧାର କରାଯାଇଥିଲା। ପରେ ବ୍ଲକ ପ୍ରଶାସନ ଓ ବିଭାଗ ଏହି ଯୋଜନାକୁ ଫୁ କରି ଉଡାଇଦେଇଛି। ଆନ୍ତରିକତା ଅଭାବରୁ ସରକାରଙ୍କ ମହତ ଉଦ୍ଦେଶ୍ୟଟି ସାଧିତ ହୋଇପାରିଲା ନାହିଁ।

ପ୍ରକାଶ ଯେ, ୨୦୧୪-୧୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଯୋଜନା ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୫ହଜାର ଟଙ୍କା



କୋଲୁହାପାଟଣା ଗ୍ରାମରେ ଥିବା ଭାଗବତ ଟୁଙ୍ଗି।

ସହାୟତା ରାଶି ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିବା ପାଇଁ ସହାୟତା ରାଶି ୫୦ ହଜାର ଟଙ୍କାକୁ ବଢ଼ାଯାଇଥିଲା। ପ୍ରତି ଭାଗବତ ଟୁଙ୍ଗିକୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ଭାଗବତ ବହି ଯୋଗାଇ ଦିଆଯିବ। ଅନ୍ୟାନ୍ୟ ଆନୁଷଙ୍ଗିକ ସହ ମାଇକ୍ ସେଟ କିଣାଯିବ ବୋଲି ନିର୍ଦ୍ଦେଶାବଳୀ ଲାଗୁ କରାଯାଇଥିଲା। ଏହାର ଦାୟିତ୍ୱ ଜିଲା ସଂସ୍କୃତି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ୧୬୨ଟି ଟୁଙ୍ଗି ମଧ୍ୟରୁ ୧୧୭ଟି ଟୁଙ୍ଗିର ପୁନରୁଦ୍ଧାର ପାଇଁ ଶ୍ରଦ୍ଧାଳୁମାନେ ଆବେଦନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧାନ ପରେ ପ୍ରଥମ ପର୍ଯ୍ୟାୟରେ ୬ଟି, ଦ୍ୱିତୀୟ ପର୍ଯ୍ୟାୟରେ ୭ଟି ଏବଂ ୩ୟ ପର୍ଯ୍ୟାୟରେ ଆଉ ୧୨ଟି ଟୁଙ୍ଗି ଚୟନ କରାଯାଇଥିଲା। ଟୁଙ୍ଗିର ସଭାପତି, ସମ୍ପାଦକ ଚୟନ କରାଯାଇ ବିଡିଓଙ୍କ ସହିତ ମିଳିତ ବ୍ୟାଙ୍କ ପାସବୁକ ଖୋଲିବାରେ ପ୍ରଶାସନ ପକ୍ଷରୁ ବହୁ ବିଳମ୍ବ କରାଯାଇଥିଲା। ପରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦୧୬ରେ ୬ଟି, ୨୦୧୭ରେ ୭ଟି ଏବଂ ୨୦୧୮ରେ ୧୨ଟି ଟୁଙ୍ଗିକୁ ସହାୟତା ପ୍ରଦାନ କରାଯାଇଥିଲା ବୋଲି ବ୍ଲକ କାର୍ଯ୍ୟାଳୟରୁ ସୂଚନା ମିଳିଛି। ପରବର୍ତ୍ତୀ ସମୟରେ ଉକ୍ତ ଯୋଜନାକୁ ଅଧାରୁ ବନ୍ଦ କରିଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫ହଜାର ଟଙ୍କା ଦେବା ପରେ ୫୦ ହଜାର ଟଙ୍କା ସହାୟତା ରାଶି ମିଳିବାରେ ବିଳମ୍ବ ହେଉଥିବା ଶ୍ରଦ୍ଧାଳୁ ବନବିହାରୀ ପଣ୍ଡା, ଭାଗୀରଥି ଦଳସିଂହରାୟ, ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ କହିଛନ୍ତି।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ବ୍ୟବସାୟୀଙ୍କୁ ଲୁଟିଲେ ଦୁର୍ବୃତ୍ତ

ଯୋଗେଶ୍ୱରପୁର, ୭।୯ (ରଶ୍ମି ରଞ୍ଜନ ସାହୁ)

ସ୍ଥାନୀୟ ପୋଲିସର ପାଟ୍ରୋଲିଂ ଅଭାବରୁ ନୟାହାଟ-କାକଟପୁର ମୁଖ୍ୟରାସ୍ତାରେ ଚୋରି, ଲୁଟ୍ ଓ ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ନୟାହାଟ ଅଞ୍ଚଳର ସାର ଡିଲର୍ ସର୍ବେଶ୍ୱର ସାହୁଙ୍କର ସୋମନାଥପୁର ନିକଟରେ ସାର ଗୋଦାମ ରହିଛି। ତାଙ୍କ ପୁଅ ସନ୍ତୋଷ କୁମାର ସାହୁ ରାତି ୯ଟାରେ ଘରକୁ ଫେରିବା ବାଟରେ ଗୋପୀକାନ୍ତପୁର ଶାସନ ନିକଟରେ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ବନ୍ଧୁକ ମୁଣ୍ଡରେ ଲଗାଇ ତାଙ୍କଠାରୁ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏଥିସହ ତାଙ୍କ ମୁଣ୍ଡକୁ ବନ୍ଧୁକରେ ବାଡ଼େଇ ଫଟାଇ ଦେଇଥିବା ଜଣାପଡ଼ିଛି। ବ୍ୟାଗ୍‌ରେ ୨ଲକ୍ଷ ୧୨ହଜାର ଟଙ୍କା ଓ ଏକ ଲାପ୍‌ଟପ ଥିବା ନେଇ କାକଟପୁର ଥାନାରେ ସନ୍ତୋଷ ଅଭିଯୋଗ କରିଛନ୍ତି। ଅଦ୍ୟାବଧି କାହାରିକୁ ଧରାଯାଇ ନ ଥିବା ଜଣାପଡ଼ିଛି।

### ଜଳିଗଲା ବ୍ୟାଟେରିଚାଳିତ ସ୍କୁଟି

ଅସ୍ତରଙ୍ଗ, ୭।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ତହସିଲ ଅଧୀନ ପାଟଳଦା ପଞ୍ଚାୟତ କୁଆଁରପୁର ଗ୍ରାମରେ ଏକ ବ୍ୟାଟେରିଚାଳିତ ସ୍କୁଟି ଚାର୍ଜ ବେଳେ ଜଳିଯାଇଛି। ରତ୍ନଭୂଷଣ ପଢ଼ିଆରୀ ନାମକ ଜଣେ ବ୍ୟକ୍ତି ନିଜ କାମକୁ ଯିବାପାଇଁ ରବିବାର ସନ୍ଧ୍ୟାରେ ଘର ନିକଟରେ ସ୍କୁଟିକୁ ଚାର୍ଜ କରିଥିଲେ। କିଛି ସମୟ ପରେ ଗାଡ଼ିରେ ଅଚାନକ ନିଆଁ ଲାଗିଥିଲା। ଏହା ଜାଣି ପରିବାର ସଦସ୍ୟ କୌଶଳକ୍ରମେ ଗାଁର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ଫଳରେ ଏକ ବଡ଼ ଅଘଟଣରୁ ପରିବାର ଲୋକେ ବର୍ତ୍ତି ଯାଇଥିଲେ। ଏହା ପରେ ଗାଡ଼ିଟି ପ୍ରଚଣ୍ଡ ଶବ୍ଦ କରି ଫୁଟିବା ସହ ଜଳି ଯାଇଥିଲା। ଖବରପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଖବର ପ୍ରକାଶ ପରେ କୋଣାର୍କ-ଗୋପ ମୁଖ୍ୟ ରାସ୍ତାରେ ପଡ଼ିଲା ପିଚୁ

ଗୋପ, ୭।୯ (ଭାରତୀ ଭୂଷଣ ଉପାଧ୍ୟାୟ)

'ଧରିତ୍ରୀ' ଖବରକାଗଜରେ ଖବର ପ୍ରକାଶ ପରେ ରବିବାର ମଧ୍ୟାହ୍ନରେ ପୂର୍ତ୍ତ ବିଭାଗ ପକ୍ଷରୁ ତରବରିଆ ଭାବେ କେତେକ ଖାଲଖମା ଉପରେ ପିଚୁ ପକାଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଖାଲଖମା ରହିଛି। ପୂର୍ବରୁ ପର୍ଯ୍ୟଟକ, ଯାତ୍ରୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅଧାପନ୍ତରିଆ କାର୍ଯ୍ୟ କାହିଁକି ହେଉଛି ବୋଲି ଆଲୋଚନା ହେଉଛି। ପ୍ରକାଶ ଯେ, କିଛିଦିନ ଧରି ଗୋପ-କୋଣାର୍କ ମୁଖ୍ୟ ରାସ୍ତାର ଗୋପ ବଜାର ଛକଠାରେ ଖାଲଖମାପୂର୍ଣ୍ଣ ରାସ୍ତା ରହିଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଚୁପ୍ ରହିଥିଲେ। କୁସୁପୁର ଯୁବ ପରିଷଦ ସଦସ୍ୟମାନେ ଏହି ଖାଲରେ ଡଷ୍ଟଗୁଣ୍ଡ ପକାଇ ରାସ୍ତା ମରାମତି କରିଥିଲେ। କିନ୍ତୁ ବର୍ଷାରେ ଏହି ଡଷ୍ଟଗୁଣ୍ଡ ଭାସିଯିବା ପରେ ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ୬ଥର ଏହି ଡଷ୍ଟଗୁଣ୍ଡ ମଧ୍ୟ ପକାଯାଇଥିଲା, ହେଲେ ଅବସ୍ଥା ସୁଧୁରି ନ ଥିଲା। ଦୈନନ୍ଦିନ ପୁରୀ-କୋଣାର୍କ ବୁଲି ଯାଉଥିବା ଦେଶବିଦେଶର ପର୍ଯ୍ୟଟକମାନେ ମୁହଁ ମୋଡ଼ିବା, ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟିବା ଭଳି ଅଭିଯୋଗକୁ ନେଇ ରବିବାର 'ଧରିତ୍ରୀ' ଖବରକାଗଜରେ ତଥ୍ୟଭିତ୍ତିକ ଖବର ପ୍ରକାଶିତ ହେବା ପରେ ତରବରିଆ ଭାବେ ଖାଲଗୁଡ଼ିକରେ ବିଭାଗ ପକ୍ଷରୁ ପିଚୁ ପକାଯାଇ ରାସ୍ତା ମରାମତି କରାଯାଇଥିବାବେଳେ ଆଉ କେତେକ ସ୍ଥାନରେ ଖାଲ ରହିଛି। ତୁରନ୍ତ ଅନ୍ୟ ଖାଲଖମାଗୁଡ଼ିକୁ ମରାମତି କରିବାକୁ ଦାବି କରାଯାଇଛି।

# ଶିକ୍ଷାକୁ ପ୍ରାଥମିକତା ଦେଉଛନ୍ତି ସରକାର

ନିମାପଡ଼ା, ୭।୯ (ବିଚିତ୍ରାନନ୍ଦ ସାହୁ)




ସମାରୋହରେ ମଞ୍ଚାସୀନ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥି ବୃନ୍ଦ।

ଶିକ୍ଷାକୁ ପ୍ରାଥମିକତା ଦେଉଥିବା ସରକାର ହିଁ ଆମ ସରକାର। ଶିକ୍ଷା ଓ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ଆମ ସରକାରଙ୍କର ମୁଖ୍ୟ ଲକ୍ଷ୍ୟ। ଶିକ୍ଷାର ମାନ ବୃଦ୍ଧି ଓ ଗୁଣାତ୍ମକ ଶିକ୍ଷାର ବିକାଶ ହିଁ ଆମ ସରକାରଙ୍କର ମୂଳମନ୍ତ୍ର ବୋଲି ନିମାପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ସେକେଣ୍ଡାରୀ ହାଇସ୍କୁଲ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କର ଏକ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମତବ୍ୟକ୍ତ କରିଛନ୍ତି। ଛାତ୍ରୀଛାତ୍ରମାନେ ସରକାରୀ ବିଦ୍ୟାଳୟମୁହାଁ ହୁଅନ୍ତୁ ଓ ସରକାରୀ ବିଦ୍ୟାଳୟରେ ପଢ଼ନ୍ତୁ। ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଷ୍ଠାର ସହ ଶିକ୍ଷାଦାନ ପ୍ରତି ଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଧାନଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିମାପଡ଼ା ଓ ଗୋପ ବ୍ଲକର ୭୭ଟି ସେକେଣ୍ଡାରୀ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି, ପାନୀୟଜଳ, ପାଇଖାନା, ପରିସ୍ରାଗାର, ଖେଳପଡ଼ିଆ, ଆବଶ୍ୟକ ଶ୍ରେଣୀଗୃହ, ବିଦ୍ୟାଳୟର ସମସ୍ୟା ଓ ତା'ର ପ୍ରତିକାର ସମ୍ପର୍କରେ ବିଶଦ୍ ଭାବେ ସମୀକ୍ଷା କରିବା ସହ ଖୁବ୍‌ଶୀଘ୍ର ପ୍ରତିକାର କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ।

ବୈଠକରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ନିମାପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଗୋପ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ନିମାପଡ଼ା ଓ ଗୋପ ବ୍ଲକର ୭୭ଟି ସେକେଣ୍ଡାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ନିମାପଡ଼ା ଶିକ୍ଷାମଣ୍ଡଳ ପକ୍ଷରୁ ନିମାପଡ଼ା କଲେଜଠାରେ ଏକ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ନିମାପଡ଼ା ଓ ଗୋପ ବ୍ଲକର ପ୍ରାୟ ୨୫୦ଜଣ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୂଜ୍ୟପୂଜା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ତହସିଲଦାର, ବିଡିଓ ପ୍ରମୁଖ ଯୋଗଦେଇଥିଲେ।


# ମହାପ୍ରଭୁଙ୍କ ଜମିରେ ବେଆଇନ ଗୃହ ନିର୍ମାଣ

## ଜିଲ୍ଲାପାଳ ଦୃଷ୍ଟିଦେଇ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଦାବି

କୋଣାର୍କ, ୭।୯ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ ଜୁଣେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ନୂଆଗାଁ ମୌଜାରେ ଥିବା ମହାପ୍ରଭୁଙ୍କ ସମ୍ପତ୍ତିକୁ ଜବରଦଖଲ କରି ବେଆଇନ ଭାବେ ଗୃହ ନିର୍ମାଣ କରିବା ଘଟଣାରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ନାଗରିକ ଓ ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ହେଉଛି।

ପ୍ରକାଶ ଯେ, କୋଣାର୍କ ଥାନା ଅଧୀନସ୍ଥ ଜୁଣେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ସିମିଳି ପଞ୍ଚାୟତର ନୂଆଗାଁ ମୌଜାରେ ଖାତା ନଂ. ୨୪୯/୧୨, ପ୍ଲଟ୍ ନଂ.-୭୯୭ରେ ୪୮ ଡିସିମିଲ ଜମି ମହାପ୍ରଭୁଙ୍କ ନାମରେ ରହିଛି। ଉକ୍ତ ଜମିକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ବେଆଇନ ଭାବେ ଗୃହ ନିର୍ମାଣ କରୁଥିବା ଜଣାପଡ଼ିଛି। ଏହି ଜମି ମହାପ୍ରଭୁଙ୍କ ନାମରେ ଥିବାବେଳେ ପରିଚାଳନା କମିଟି ଶ୍ରୀମନ୍ଦିର, ପୁରୀ ନାମରେ ରହିଛି। ମହାପ୍ରଭୁଙ୍କ ନାମରେ ଥିବା ସମ୍ପତ୍ତିକୁ ଜଣେ ବ୍ୟକ୍ତି କେଉଁ ନିୟମ ଆଧାରରେ ଜବରଦଖଲ କରି ଗୃହ ନିର୍ମାଣ କରୁଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ନୂଆଗାଁଠାରେ ଥିବା ମହାପ୍ରଭୁଙ୍କ ସମ୍ପତ୍ତି ଜବରଦଖଲ କରି ବେଆଇନ ଗୃହ ନିର୍ମାଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲାପାଳ ଓ ଗୋପ ତହସିଲଦାର ଦୃଷ୍ଟି ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କୁ ପଚାରିବାରେ ସେ କୁହନ୍ତି, ମୁଁ ଏ ସମ୍ପର୍କରେ ଅବଗତ ଅଛି, ତୁରନ୍ତ ତହସିଲଦାରଙ୍କୁ ଜଣାଇ ସେହି ଜମିର ତଦାରଖ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବି ବୋଲି ପ୍ରକାଶ କରିଥିଲେ।



ପୁରୀ ଆକାଶରେ ରାତି ୧୧ଟା ୧୨ ମିନିଟରେ ଚନ୍ଦ୍ର ଗ୍ରହଣର ଦୃଶ୍ୟ।




ଅଭିଜିତ ମଜୁମ୍‌ଦାରଙ୍କ ସୁସ୍ଥତା ପାଇଁ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଶବ୍ଦ ପ୍ରଦୂଷଣ ଅଭିଯୋଗରେ ଡିଜେ ଗାଡ଼ି ଅଟକ

- ଥାନା ଅଧିକାରୀଙ୍କ ତଦନ୍ତ ସନ୍ଦେହଘେରରେ

ଅସ୍ତରଙ୍ଗ, ୭।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗଣେଶ ପୂଜା ପୂର୍ବରୁ ଡିଜେ ସାଉଣ୍ଡକୁ ନେଇ ଅସ୍ତରଙ୍ଗ ଥାନାରେ ବୈଠକ ପରେ ଲୋକଦେଖାଣିଆ ପାଟ୍ରୋଲିଂ ସହ ଶେଷରେ ଶନିବାର ରାତିରେ ଡିଜେ ଗାଡ଼ିକୁ ଥାନାରେ ଅଟକ ରଖି ରବିବାର ଛାଡ଼ିଦେବା ଅସ୍ତରଙ୍ଗ ପୋଲିସ ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣେଶ ପୂଜା ପରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଭସାଣି ପାଇଁ ବିଭିନ୍ନ ଗାଁରେ ବିକଟାଳ ଶବ୍ଦରେ ଡିଜେ ବାଜୁଥିଲେ ମଧ୍ୟ ଲୋକ ଦେଖାଣିଆ ଅସ୍ତରଙ୍ଗ ପୋଲିସ ପାଟ୍ରୋଲିଂ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖୁଲମ୍‌ଖୁଲା ଉଲ୍ଲଂଘନ କରି ଉକ୍ତ ଡିଜେ ଶବ୍ଦ ପ୍ରଦୂଷଣ କରୁଥିବା ଅଭିଯୋଗରେ ଅସ୍ତରଙ୍ଗ ଥାନାରେ ଡିଜେ ଗାଡ଼ି ଅଟକ ରଖାଯାଇଥିଲା। ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣ ନେଇ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହେବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଉଣ୍ଡ ଲିମିଟ୍‌ର ମେଶିନ ଲଗାଇବା ବାଧ୍ୟତାମୂଳକ। ମେଶିନ ସିରିଅଲ୍ ନଂ. ସାଉଣ୍ଡ ସଂସ୍ଥାର ବୁକିଂ ରସିଦ୍‌ରେ ଉଲ୍ଲେଖ ରହିବ। ସର୍ବାଧିକ ୬୦ରୁ ୬୫ଡେସିବେଲ ସାଉଣ୍ଡ ବାଜିପାରିବ। ପୋଲିସ ଶୋଭାଯାତ୍ରାରେ ଲାଇସେନ୍ସ ଦେବା ବେଳେ ଏହି ନିୟମ କଡ଼ାକଡ଼ି ଯାଞ୍ଚ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ରହିଛି। ଏନେଇ ଅସ୍ତରଙ୍ଗ ଥାନାଧିକାରୀ ସୂଚନା ଦେଇଛନ୍ତି, ଶବ୍ଦ ପ୍ରଦୂଷଣ ଅଭିଯୋଗରେ ଏକ ପି.ଆର୍. କେସ୍ କରିଛୁ। ଉକ୍ତ ଗାଡ଼ି କୋର୍ଟରେ ଜରିମାନା ଦେବେ। ଏଭଳି ସ୍ଥିତିରେ ସାଉଣ୍ଡ ଉପରେ କଟକଣା କିଭଳି ରହିବ ସମସ୍ତଙ୍କୁ ଚିନ୍ତା ଘାରିଛି।

# ଯୁବକଙ୍କୁ ହତ୍ୟା ଉଦ୍ୟମ, ୨ ଗିରଫ

ପୁରୀ, ୭।୯ (ଅଜିତ୍ କୁମାର ମହାନ୍ତି)

ସଦର ଥାନା ଅଧୀନ ଖଣ୍ଡିଆବନ୍ଧ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଲୋକ କୁମାର ପ୍ରଧାନ(୨୭) ଏବଂ ଗଗନ ଭୋଇ(୨୩) ଓରଫ ଗଗୁ। ସୂଚନାଯୋଗ୍ୟ, ଆଲୋକ ଏବଂ ଗଗନ ଖଣ୍ଡା ଧରି ଖଣ୍ଡିଆବନ୍ଧ ଗ୍ରାମରେ ଗାଳିଗୁଲଜ କରୁଥିଲେ। ଅଭିଯୋଗକାରୀ ବିଦ୍ୟାଧର ପ୍ରଧାନ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ବଳପୂର୍ବକ ଅଟକାଇ ଖଣ୍ଡାରେ ମୁଣ୍ଡକୁ ହାଣିବାକୁ ଚେଷ୍ଟା କରିଥିଲେ। ହେଲେ ବିଦ୍ୟାଧର ସୌଭାଗ୍ୟବଶତଃ ଖଣ୍ଡା ଚୋଟରୁ ବର୍ତ୍ତି ଯାଇଥିଲେ। ଏନେଇ ଅଭିଯୁକ୍ତ ଦ୍ୱୟ ଗାଳିଗୁଲଜ କରିବା ସହ କୌଣସି ଲୋକ ସାମ୍ନାକୁ ଆସିଲେ ତାଙ୍କୁ ହାଣିଦେବୁ ବୋଲି ଧମକ ଦେଇଥିଲେ। ହେଲେ ଗ୍ରାମର ଲୋକେ ଏକାଠି ହୋଇ ଆଲୋକଙ୍କୁ କାବୁ କରିଥିଲେ। ହେଲେ ଗଗନ ଭୋଇ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ। ଏନେଇ ବିଦ୍ୟାଧର ସଦର ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ରବିବାର ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

# ବିଭିନ୍ନ ମଠ, ଭାଗବତ ଟୁଙ୍ଗିରେ ଭାଗବତ ଜନ୍ମ

ସାକ୍ଷୀଗୋପାଳ, ୭।୯ (ଭରତ ରାଉତ)

ପବିତ୍ର ଭାଦ୍ରବ ପୂର୍ଣ୍ଣିମା ତିଥିରେ ବା ଇନ୍ଦ୍ର ପୂର୍ଣ୍ଣିମା ତିଥିରେ ଭାଗବତ ଜନ୍ମ ସତ୍ୟବାଦୀର ପୁରପଲ୍ଲୀରେ ପାଳିତ ହୋଇଯାଇଛି। ଚଳିତବର୍ଷ ଚନ୍ଦ୍ରଗ୍ରହଣ ପାଇଁ ପୂଜା ନୀତିକାନ୍ତିରେ ପରିବର୍ତ୍ତନ ହୋଇଛି। ପ୍ରତ୍ୟୁଷରେ ଶ୍ରୀମଦ୍ ଭାଗବତର ଶେଷ ଅଧ୍ୟାୟ ପାଠ ପୋଥି ଓ ବାଳ ଭୋଗ ଅନୁଷ୍ଠିତ ହୋଇଥିଲା। ବାଳ ଭୋଗ ପରେ ଶଙ୍ଖୁଡ଼ି ଭୋଗ ଅର୍ପଣ କରାଯାଇ ପୁନର୍ବାର ଶ୍ରୀମଦ୍ ଭାଗବତ ପାଠ କରାଯାଇଥିଲା। ମଧ୍ୟାହ୍ନରୁ ପାକ ନିଷେଧ ଓ ଦେବନୀତି ବନ୍ଦ କାରଣରୁ ଚଳିତ ବର୍ଷ ସଂକୀର୍ଣ୍ଣତା ମଧ୍ୟରେ ଭାଗବତ ଜନ୍ମ ନୀତିକାନ୍ତି ସମାପନ କରାଯାଇ ପ୍ରସାଦ ସେବନ କରାଯାଇଥିଲା। ସକାଳୁ ସକାଳୁ ଭାଗବତ ଟୁଙ୍ଗିଗୁଡ଼ିକରେ ଫୁଲ, ଆମ୍ବଡ଼ାଳ ଓ କଦଳୀ ଗଛ ବନ୍ଧା ଯାଇଥିଲା। ଭାଗବତ ପୁରାଣ ପୋଥିକୁ ନୂତନ ବସ୍ତ୍ର ପରିଧାନ କରାଯିବା ସହ ହୋମ ଓ ବିଭିନ୍ନ ଫଳମୂଳ ସହିତ ଖଇକୋରା, ଚୁଡ଼ାଘଷା ଆଦି କରାଯାଇ ଭୋଗ କରାଯାଇଥିଲା। ସତ୍ୟବାଦୀର ବିଭିନ୍ନ ମଠ ମନ୍ଦିର, ଭାଗବତ ଟୁଙ୍ଗି ସହିତ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ହରଚଣ୍ଡୀପୁରସ୍ଥିତ ସର୍ବପୁରାତନ ପତିତପାବନ ଦେବଙ୍କ ମନ୍ଦିରରେ ଭାଗବତ ଜନ୍ମ ଓ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଗହଣରେ ପବିତ୍ର ଭାଗବତ ଗ୍ରନ୍ଥର ପୂଜନ, ଭାଗବତ ଗ୍ରନ୍ଥ ପଠନ, ଭଜନ, କୀର୍ତ୍ତନ, ଆଲୋଚନାଚକ୍ର ଓ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ମାଧ୍ୟମରେ ଭାଗବତ ଜନ୍ମ ପାଳିତ ହୋଇଥିଲା। ସେହିପରି ଅଳଗୁମ ଐଶାନ୍ୟପଡ଼ା ଗ୍ରାମ ଭାଗବତ ଟୁଙ୍ଗିରେ ଗ୍ରାମର ଆବାଳ ବୃଦ୍ଧବନିତା ଯୋଗଦେଇ ଭାଗବତ ଶ୍ରବଣ କରିଥିଲେ। ପ୍ରଥମେ ଭାଗବତ ପୁରାଣ ପୂଜାର୍ଚ୍ଚନା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ବୟୋଜ୍ୟେଷ୍ଠ ଶ୍ରଦ୍ଧାଳୁମାନେ ଭାଗବତ ପାଠ କରିଥିଲେ। ଅନୁରୂପ ଭାବେ ସାଣ୍ଡରା ଶାସନ ପଞ୍ଚାୟତର ଉତ୍ତରପଡ଼ା ଗ୍ରାମରେ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାଧୁସନ୍ଥମାନଙ୍କୁ ନେଇ ଏକ ଧର୍ମଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା।

# ନିମାପଡ଼ା-ବଳଙ୍ଗା ପୂର୍ତ୍ତ ସଡ଼କ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର

ନିମାପଡ଼ା, ୭।୯ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ୩୭କୋଟି ଟଙ୍କା ବ୍ୟୟରେ ବହୁ ପ୍ରତୀକ୍ଷିତ ନିମାପଡ଼ା-ବଳଙ୍ଗା ମୁଖ୍ୟ ପୂର୍ତ୍ତସଡ଼କ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ନିମାପଡ଼ାଠାରୁ ବଳଙ୍ଗା ପର୍ଯ୍ୟନ୍ତ ଦୀର୍ଘ ୧୪ କି.ମି. ବିଶିଷ୍ଟ ଏହି ପୂର୍ତ୍ତ ସଡ଼କର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ଆସନ୍ତା ଏକ ବର୍ଷ ମଧ୍ୟରେ ସମାପନ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ନିର୍ମାଣକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଏହି ନୂତନ ରାସ୍ତା ନିର୍ମାଣ ହେଲେ ନିମାପଡ଼ା, ନୂଆରକିରୀ, ତରଡ଼ାପଡା, କୁଆଁସ, ଗୋପାଳପୁର, ନହନ୍ତରା, ବୋଧେଇ ଧନୁଆଁ, ବେରବୋଇ, ବାୟାବର, ସମେତ ବଳଙ୍ଗା, ନିମାପଡ଼ା ଅଞ୍ଚଳର ହଜାର ହଜାର ଜନସାଧାରଣ ଦୈନିକ ଗମନାଗମନ ସୁବିଧା ଓ ଯାନବାହନ ଚଳାଚଳରେ ବହୁଳଭାବେ ଉପକୃତ ହୋଇପାରିବେ ବୋଲି ନିମାପଡ଼ା ବ୍ଲକ ଛକଠାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ତ୍ତ ବିଭାଗର ଏସ୍‌ଇ ସୌମ୍ୟରଞ୍ଜନ ତ୍ରିପାଠୀ, ନିର୍ବାହୀଯନ୍ତ୍ରୀ କୁଶାଳ ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ଦିଲ୍ଲୀପ ବିଶ୍ୱାଳ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ଦିନ ହେଲା ଏହି ନିମାପଡ଼ା-ବଳଙ୍ଗା ରାସ୍ତାଟି ଅତି ଶୋଚନୀୟ ହୋଇପଡ଼ିଥିବାରୁ ଗମନାଗମନ କ୍ଷେତ୍ରରେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାସ୍ତା ଉନ୍ନତୀକରଣ କାର୍ଯ୍ୟର ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ନିମାପଡ଼ା ଓ ବଳଙ୍ଗାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାଧୁବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ଦୟାନଦୀରେ ପହଞ୍ଚିଲା ବନ୍ୟାଜଳ



କଣାସରେ ବନ୍ୟା ଜଳ।

କଣାସ, ୭।୯ (ବିଭୂତି ଭୂଷଣ ତ୍ରିପାଠୀ)

ଦୟା ଓ ଏହାର ଶାଖା ନଦୀଗୁଡ଼ିକରେ ହୀରାକୁଦରୁ ଖୋଲିଥିବା ୨୪ଟି ଗେଟ୍‌ର ବନ୍ୟାଜଳ ଶନିବାରଠାରୁ ପହଞ୍ଚିଛି। ଦୟାନଦୀରେ ବିପଦ ସଙ୍କେତ ୩.୯୯ ମି.ମି. ଥିବାବେଳେ ୩ ମି.ମି. ବନ୍ୟାଜଳ ରବିବାର ସନ୍ଧ୍ୟାରେ ପ୍ରବାହିତ ହେଉଛି। ଫଳରେ ଦୟା ଓ ରାଜୁଆନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡ଼ବଳଭଦ୍ରପୁର, ଅଠରବାଟିଆ ଗ୍ରାମର ଧାନ ଓ ପରିବା ଫସଲ ଜମି ଦୀର୍ଘ ଏକମାସ ହେଲା ବନ୍ୟା ଜଳରେ ବୁଡ଼ି ରହିଛି। କଣାସ ଅଞ୍ଚଳରେ ହେଉଥିବା ବାଇଗଣ, ପୋଟଳ, କଲରା, କଖାରୁ, ଜହ୍ନି, କଞ୍ଚାଲଙ୍କା, ଭେଣ୍ଡି ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ ପରିବା ଦର ଆକାଶଛୁଆଁ ହୋଇଛି।

# ହାଟରେ ଧାନତଳି ରୋଇ ପ୍ରତିବାଦ

କାକଟପୁର/ଅସ୍ତରଙ୍ଗ, ୭।୯ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

**ବର୍ଷାରେ ବେହାଲ ପରିବା ହାଟ**

କାକଟପୁର ବ୍ଲକ ଓଥକା ହାଟ ଉନ୍ନତୀକରଣ ହେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ହାଟରେ ହଳ କରି ଧାନ ତଳି ରୋଇ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। କିଛି ସମୟ ପରେ ଓଥକା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ତଥା ଭାଜପା କର୍ମୀ ନିରଞ୍ଜନ ପ୍ରସାଦ କାଣ୍ଡି ପହଞ୍ଚି ତୀବ୍ର ବିରୋଧ କରିଥିଲେ। ଭାଜପା କର୍ମୀଙ୍କ ମଧ୍ୟରେ କିଛି ସମୟ କଥା କଟାକଟି ହୋଇଥିବା ବେଳେ ସର୍ବସମ୍ମୁଖରେ ପରସ୍ପର ପରସ୍ପରକୁ ଆକ୍ଷେପ କରିଥିଲେ।

ଖବର ମୁତାବକ, କାକଟପୁର ସମେତ ସନ୍ନିକଟ ଅଞ୍ଚଳର ଶତାଧିକ ପରିବାର ଓଥକା ସାପ୍ତାହିକ ପରିବା ହାଟ ଓ ପରିବା ବଜାର ଉପରେ ନିର୍ଭର କରିଥାନ୍ତି। କିଛି ଦିନ ହେବ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବର୍ଷା ଯୋଗୁ ପରିବା ବଜାର ସମେତ ସାପ୍ତାହିକ ହାଟକୁ ଥିବା ରାସ୍ତା କାଦୁଅରେ ପରିପୂର୍ଣ୍ଣ। ପ୍ରବେଶ ବାଟରେ ପାଣି ଜମୁଥିବା ବେଳେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ ହାଟର ବିଭିନ୍ନ ପାର୍ଶ୍ୱରେ ପଚା ପରିବା ସାଙ୍ଗକୁ କାଦୁଅ ପଚ ପଚ ହୋଇ ଗ୍ରାହକମାନେ ପରିବା କିଣିବାକୁ ବଜାରରେ ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ବେପାରୀ, ଚାଷୀ ଓ ଖାଉଟି ସମସ୍ତେ ପୂତିଗନ୍ଧମୟ ପରିବେଶରେ ପ୍ରବେଶ କରୁଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ କେହି ପଦକ୍ଷେପ ନେଉନାହାନ୍ତି। ଏନେଇ ଯାତାୟାତ କରୁଥିବା ଚାଷୀ, ବ୍ୟବସାୟୀ ଓ କ୍ରେତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷ ବର୍ଷ ଧରି ଏପରି ସମସ୍ୟା ରହିଛି, କିନ୍ତୁ କୌଣସି ସମାଧାନ ହେଉନାହିଁ। ଏହି ସ୍ଥାନଟି ଗାଈ, ଷଣ୍ଢଙ୍କ ଚରାଭୂଇଁ ପାଲଟିଛି। ଜିଲ୍ଲା ପ୍ରଶାସନ ଚାଷୀ, ବ୍ୟବସାୟୀ ଓ ଖାଉଟିଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ଶେଡ୍ ସହ ହାଟର ଉନ୍ନତୀକରଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଚନ୍ଦ୍ରଗ୍ରହଣର ପ୍ରଭାବ ସଂକ୍ରାନ୍ତ ଆଲୋଚନାଚକ୍ର

ପୁରୀ, ୭।୯ (ଅଜିତ୍ କୁମାର ମହାନ୍ତି)




ଅଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଚନ୍ଦ୍ରର ରହସ୍ୟ ଉନ୍ମୋଚନ ସଂକ୍ରାନ୍ତ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ରବିବାର ୟୁଥ୍ ହଷ୍ଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ଜ୍ୟୋତିଷ ବିଭାଗ ମୁଖ୍ୟ ଡ. ବିଶ୍ୱରଞ୍ଜନ ପତି, ସମ୍ମାନିତ ଅତିଥି ଭାବେ ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ଅନୁଷ୍ଠାନର ସଭାପତି ପ୍ରତିଭା ଦାଶ ଏବଂ ସମ୍ପାଦିକା ଡ. ସସ୍ମିତା ମିଶ୍ର ଯୋଗଦେଇଥିଲେ। ପ୍ରଥମ ସଂସ୍କରଣରେ 'ଚନ୍ଦ୍ରଗ୍ରହଣ ଏବଂ ମାନବ ଜୀବନ, ଆୟୁର୍ବେଦ, ଧର୍ମ ଓ ଜ୍ୟୋତିଷ ଶାସ୍ତ୍ରରେ ତା'ର ପ୍ରଭାବ, ଭାଦ୍ରପଦୀୟ ଚନ୍ଦ୍ର ଗ୍ରହଣରେ ପୌରାଣିକ ଏବଂ ସାଂସ୍କୃତିକ ମହତ୍ତ୍ୱ, ଗ୍ରହଣକାଳୀନ ଆଚାର ବିଚାର ବୈଦିକ ପରମ୍ପରାରୁ ଆଧୁନିକ ଦୃଷ୍ଟିକୋଣ ଉପରେ ଆଲୋଚନା କରାଯାଇଥିଲା। ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଦାଶିବ ପରିସର ଏବଂ ଶ୍ରୀବିହାର ଜ୍ୟୋତିଷ ବିଭାଗର ଅଧ୍ୟାପକଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ସଦାଶିବ କଲେଜର ଅଧ୍ୟାପକ ଡ. ନୀଳମାଧବ ଦାସ ସମୀକ୍ଷା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ବିନୟ ନୃସିଂହ ମହାପାତ୍ର, ହରିଶଙ୍କର ମିଶ୍ର, ପ୍ରଭାତ ରଞ୍ଜନ ମହାପାତ୍ର, ଜ୍ୟୋର୍ତିର୍ବିଦ୍ ଦୀପ୍ତିରଞ୍ଜନ ପଣ୍ଡା, ଗୀତା ଜେନା, ଅଧ୍ୟାପିକା ରାଜଶ୍ରୀ ପାଢୀ, ସୂର୍ଯ୍ୟନାରାୟଣ ରଥ, ଶରତ ମିଶ୍ର, ନୃସିଂହ ମହାନ୍ତି, ଦେବଦତ୍ତ ମିଶ୍ର ଯୋଗଦେଇଥିଲେ। ଚନ୍ଦ୍ରଗ୍ରହଣରେ ବୈଜ୍ଞାନିକ ବିଶ୍ଳେଷଣ ଏବଂ ଜ୍ୟୋତିଷ ଶାସ୍ତ୍ର ମଧ୍ୟରେ ମାନ୍ୟତା ଓ ସାମଞ୍ଜସ୍ୟ, ଚନ୍ଦ୍ରଗ୍ରହଣ ପର୍ଯ୍ୟାବରଣ ଓ ଜୈବିକ ଜୀବନ, ଭାଦ୍ରପଦ ପୂର୍ଣ୍ଣିମାରେ ଗ୍ରହଣର ଧାର୍ମିକ ପର୍ବରେ ପ୍ରବାହ ଉପରେ ଆଲୋଚନା କରାଯାଇଥିଲା। ରମେଶ ଚନ୍ଦ୍ର ପଣ୍ଡା, ରୋମାଳିନ ମହାପାତ୍ର, ଜଗଦୀଶ ଆଚାର୍ଯ୍ୟ, ଶ୍ରୀନିବାସ ପଣ୍ଡା, ଦେବୀ ପ୍ରସାଦ ମହାପାତ୍ର, ଅମୃତା ପ୍ରିୟଦର୍ଶିନୀ, ଜ୍ୟୋତିଷ ଆଚାର୍ଯ୍ୟ, ମନୋରଞ୍ଜନ ଦାସ, ପଣ୍ଡିତ ଦୟାନିଧି ପଣ୍ଡା, ଜ୍ୟୋତିଷାଚାର୍ଯ୍ୟ ରଞ୍ଜିତା ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୀପ୍ତିରାଣୀ ଦାଶ, ଦୀପ୍ତି ମିଶ୍ର, ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମିନତି ମିଶ୍ର ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଦୁର୍ଗାପୂଜା ଅନୁମତି ଆବେଦନ ଦିନଟିଏ ବଢ଼ିଲା

କଟକ,୭।୯(କାର୍ତ୍ତିକ ସାହୁ)

ଆସନ୍ତା ଦୁର୍ଗାପୂଜା ଅନୁମତି ଆବେଦନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ଅବଧିକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ପୂଜା କମିଟିଗୁଡ଼ିକର ଅନୁରୋଧ ଅନୁଯାୟୀ, ଅବଧିକୁ ଗୋଟିଏ ଦିନ ବଢ଼ାଯାଇଛି। ତେଣୁ ପୂଜା ପେଣ୍ଡାଲ ଏବଂ ଗେଟ୍ ନିର୍ମାଣ ଅନୁମତି ନିମନ୍ତେ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସୋମବାର ୮ ତାରିଖ ମଧ୍ୟ କାର୍ଯ୍ୟକ୍ଷମ ରହିବ। ବାରବାଟୀ ପ୍ୟାଲେସ୍‌ରେ ପୂର୍ବଭଳି ଏହି ସିଙ୍ଗଲ ୱିଣ୍ଡୋ ଜାରି ରହିବ। ଏହାପରେ ଆଉ କୌଣସି ପ୍ରକାରର ସମୟ ଅବଧି ବୃଦ୍ଧିକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୧୩.୭୨ ଲକ୍ଷ ସାଇବର ଠକେଇ, ରାଉରକେଲାରୁ ଅଭିଯୁକ୍ତ ଗିରଫ

କଟକ,୭।୯(କାର୍ତ୍ତିକ ସାହୁ)

କଟକ ସାଇବର ଥାନା ପୋଲିସ କ୍ରିପ୍ଟୋ କରେନ୍ସି ଆପ୍‌ର ଏକ ସାଇବର ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ରାଉରକେଲାରୁ ଗିରଫ କରିଛି। ୧୪ ଦିନ ମଧ୍ୟରେ ଏତଲାକାରୀଙ୍କଠାରୁ ୧୩.୭୨ ଲକ୍ଷ ଟଙ୍କା



ଠକେଇ ହୋଇଛି। ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲ୍ଲା। ବେଲପାହାଡ଼ ଥାନା ଅନ୍ତର୍ଗତ ଗୁମଡେରା ବାସିନ୍ଦା ଅନୁରାଗ ପଟ୍ଟନାୟକ(୨୧)। ଅଭିଯୁକ୍ତଙ୍କ ନିକଟରୁ ଚେକ୍‌ବହି, ପାନ୍‌କାର୍ଡ, ଆଧାର କାର୍ଡ ଓ ମୋବାଇଲ ଫୋନ୍ ଆଦି ଜବତ କରାଯାଇଛି।

ସୂଚନାନୁସାରେ, ଜଗତପୁର ଥାନା ଅନ୍ତର୍ଗତ ବହୁଗ୍ରାମର ସୁବାସ ଚନ୍ଦ୍ର ବେହେରା ଠକାମିର ଶିକାର ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏକ କେସ୍ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏସିପି ସତ୍ୟଜିତ ଦାସଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଦଳ ସାଇବର ଠକମାନେ ବ୍ୟବହାର କରିଥିବା ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ ନମ୍ବର ଆଧାରରେ ଅଭିଯୁକ୍ତ ଜଣକୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏହି ମାମଲାରେ ସାମିଲ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଚଳାଇଛି।

## କଟକ ନଗର କଂଗ୍ରେସ ସଭାପତି ଦୌଡ଼ରେ ୬

**୧୬ ସୁଦ୍ଧା ଏଆଇସିସି ନିକଟରେ ଦାଖଲ ହେବ ମତାମତ: ମୁଖ୍ୟ ସଚେତକ**

କଟକ,୭।୯(ଶିଳ୍ପା ପ୍ରିୟଦର୍ଶିନୀ)

ସଂଗଠନ ଶ୍ରୀଜନ ଅଭିଯାନ ଅଧୀନରେ କଟକ ନଗର କଂଗ୍ରେସ ସଭାପତି ଚୟନର ଶେଷ ଦିନରେ ମତାମତ ସଂଗ୍ରହ କରାଯାଇଛି। ରବିବାର ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ତଥା କର୍ଣ୍ଣାଟକ ଶାସକ ଦଳର ମୁଖ୍ୟ ସଚେତକ ସଲିମ ଅହମ୍ମଦ ବିଭିନ୍ନ ସେଲ୍ ଓ ବିଭାଗର ଅଧ୍ୟକ୍ଷମାନଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅହମ୍ମଦ କହିଛନ୍ତି, ସଂଗଠନ ଶ୍ରୀଜନ ଅଭିଯାନ ଅଧୀନରେ ବ୍ଲକ ଓ ୱାର୍ଡରେ ସମସ୍ତ ବରିଷ୍ଠ କଂଗ୍ରେସ ନେତା, କର୍ମକର୍ତ୍ତା, କର୍ପୋରେଟର, ପୂର୍ବତନ କର୍ପୋରେଟର, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ୱାର୍ଡ ସଭାପତି, ପୂର୍ବତନ ୱାର୍ଡ ସଭାପତି, ୱାର୍ଡ ମହିଳା କଂଗ୍ରେସ ସଭାନେତ୍ରୀ, ୱାର୍ଡ ଯୁବ କଂଗ୍ରେସ ସଭାପତି, ୱାର୍ଡ ଛାତ୍ର ସଭାପତିଙ୍କ ସମେତ ବିଭିନ୍ନ ପୂଜା କମିଟି ସଦସ୍ୟଙ୍କୁ ଭେଟି ମତାମତ ସଂଗ୍ରହ କରିଛୁ। ଏହି ଦୌଡ଼ରେ ୬ ଜଣଙ୍କ ନାମ ଆଗରେ ରହିଛି। ନାମଗୁଡ଼ିକୁ ଏବେ ଗୋପନୀୟ ରଖାଯାଇଛି। ସେପ୍ଟେମ୍ବର ୧୬ ତାରିଖ ସୁଦ୍ଧା ସମସ୍ତ ମତାମତ ଏଆଇସିସି କାର୍ଯ୍ୟାଳୟରେ ଦାଖଲ କରାଯିବ। ପରେ ଏହାର ସମୀକ୍ଷା କରାଯାଇ କଟକ ନଗର କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ଅହମ୍ମଦ କହିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଉଚ୍ଛବ ସାହୁ ଓ ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଖିଲାପି ଯୋଗୁ ଫେରସ୍ତ ମିଳୁନାହିଁ ସୁଧ ଅର୍ଥ

କଟକ ସଦର,୭।୯(ସୁଶାନ୍ତ କୁମାର ଜେନା)

**ଏସ୍‌ଏଚ୍‌ଜି ଋଣ ନେବା ପ୍ରସଙ୍ଗ**

ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ବ୍ୟାଙ୍କ ଜରିଆରେ ବିଭିନ୍ନ ବ୍ୟବସାୟ ପାଇଁ ଋଣ ପ୍ରଦାନ କରୁଛନ୍ତି। ଯେଉଁ ଗୋଷ୍ଠୀ ଧାର୍ଯ୍ୟ ସମୟରେ କିସ୍ତି ପୈଠ କରି ଋଣମୁକ୍ତ ହେଉଛନ୍ତି, ସେମାନଙ୍କ ସୁଧ ବାବଦ ଅର୍ଥକୁ ସରକାର ଫେରସ୍ତ କରିଥାନ୍ତି। ତେବେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ୧୬୫ଟି ଗୋଷ୍ଠୀ ଅଦ୍ୟାବଧି ମାସିକ କିସ୍ତି ପରିଶୋଧ କରିନାହାନ୍ତି। ସେଥିପାଇଁ ସେମାନେ ଖିଲାପି ତାଲିକାକୁ ଆସିଯାଇଛନ୍ତି। ଫଳରେ ସେମାନଙ୍କୁ ଆଉ ସୁଧ ବାବଦ ଅର୍ଥ ସରକାର ଫେରସ୍ତ କରିବେ ନାହିଁ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ୫୫ଟି ଗୋଷ୍ଠୀ ଭାଙ୍ଗିଯାଇଛି। ସେହି ଗୋଷ୍ଠୀରେ ଥିବା ମହିଳାମାନେ ନୂଆ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିଛନ୍ତି। ମାତ୍ର ପୁରୁଣା ଋଣ ଶୁଝି ନ ଥିବାରୁ ନୂଆ ଋଣ ମିଳିପାରୁନାହିଁ। ଗୋପାଳନ, କୁକୁଡ଼ା ଓ ଛତୁ ଚାଷ ପାଇଁ ଋଣ ନେଇ ଅଧାରୁ କିପରି ଗୋଷ୍ଠୀକୁ ଭାଙ୍ଗିଲ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପଚାରିବାରୁ କୌଣସି ସଭ୍ୟାଙ୍କ ପାଖରେ ତା'ର ଉତ୍ତର ନ ଥିଲା। ସେହିପରି ଅନେକ ଗୋଷ୍ଠୀର ୨/୩ ଜଣ ସଭ୍ୟା ସମୁଦାୟ ଋଣ ଅର୍ଥକୁ ନେଇ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଇଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ସେହି ଗୋଷ୍ଠୀର ସଭ୍ୟାମାନେ ଋଣ ପରିଶୋଧ ନ କରିବା ଯୋଗୁ ଅନ୍ୟ ମହିଳାମାନେ ନୂଆ ଋଣ ପାଇପାରୁନାହାନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଧାର୍ଯ୍ୟ ସମୟରେ ଋଣ ପରିଶୋଧ କରିବା ଯୋଗୁ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଗ୍ରାମ୍ୟ ବ୍ୟାଙ୍କ ୪୦୨ଟି ଗୋଷ୍ଠୀର ସଭ୍ୟାଙ୍କୁ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ୨୯ କୋଟି ୬୪ ଲକ୍ଷ ୧୩ହଜାର ଟଙ୍କା ଋଣ ପ୍ରଦାନ କରିଥିବା ସୂଚନା ଅଧିକାର ଆଇନ ବଳରେ କଟକ ସଦର ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏମାନଙ୍କୁ ବର୍ଦ୍ଧିତ ହାରରେ ଋଣ ମିଳିଛି। ଋଣ ଅର୍ଥର ଦୁରୁପଯୋଗ କରିଥିବା ଗୋଷ୍ଠୀ ବିରୋଧରେ ବ୍ୟାଙ୍କ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳାମାନଙ୍କ ପକ୍ଷରୁ ଦାବି ହେଉଛି। ଜଣେ କିମ୍ବା ଦୁଇଜଣଙ୍କ ପାଇଁ ଅନ୍ୟ ସଦସ୍ୟାମାନେ ବ୍ୟାଙ୍କର ଖିଲାପି ତାଲିକାକୁ ଚାଲିଯାଇଛନ୍ତି। ସେମାନଙ୍କର ଆଧାରକାର୍ଡ ଥିବାରୁ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆଉ ନୂଆ ଋଣ ଦେବ ନାହିଁ। ଏଭଳି ସମସ୍ୟା ସମ୍ପର୍କରେ କଟକ ସଦର ବ୍ଲକ ଜୀବିକା ମିଶନର ପରିଚାଳିକା ସରୋଜିନୀ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ଋଣ ଆଦାୟ ବ୍ୟାଙ୍କର ଦାୟିତ୍ୱ। ଆମେ କେବଳ ଆଦାୟ ସମୟରେ ସହଯୋଗ କରିଥାଉ ବୋଲି ସେ ପ୍ରକାଶ କରିଛନ୍ତି।



ବିସର୍ଜନ ପାଇଁ ତୁଳସୀମଠ ସାହି ଦେଇ ଶୋଭାଯାତ୍ରାରେ ଗଣେଶମେଢ଼ ନିଆଯାଉଛି।

## ସରିଲା ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି

କଟକ,୭।୯(ଶିଳ୍ପା ପ୍ରିୟଦର୍ଶିନୀ)

ଧୁମ୍‌ଧାମରେ ସରିଲା ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି। ରବିବାର ବିଘ୍ନବିନାଶନଙ୍କୁ ମେଲାଣି ଦିଆଯାଇଛି। ପ୍ରାୟ ୩୧୦ ମେଢ଼ ବିସର୍ଜନ କରାଯାଇଥିବା ଜଣାପଡ଼ିଛି। କଟକ ମହାନଗର ନିଗମ ପକ୍ଷରୁ ମୂର୍ତ୍ତି ବିସର୍ଜନ ପାଇଁ ଦେବୀଗଡ଼ା ସମେତ ବିଭିନ୍ନ ସ୍ଥାନରେ ୧୫ଟି ଅସ୍ଥାୟୀ ପୋଖରୀ ବ୍ୟବସ୍ଥା କରାଯାଇଥିଲା। ଭସାଣି ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ହୁଏ, ସେଥିପାଇଁ ପୋଲିସ ପ୍ରଶାସନ ସଜାଗ ରହିଥିଲା। ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଲାଗି ସହରରେ ପୋଲିସ ମୁତୟନ ରହିଥିଲେ। ଜୋନ୍ ଏସିପିଙ୍କ ନେତୃତ୍ୱରେ ଥାନା ଅଧିକାରୀମାନେ ନିଜ ଅଞ୍ଚଳରେ ଭସାଣି ତଦାରଖ କରିଥିଲେ। ସମସ୍ତ ଅସ୍ଥାୟୀ ପୋଖରୀ ନିକଟରେ ଜଣେ ଅଧିକାରୀ ଏବଂ ଏକ ସେକ୍ସନ ଫୋର୍ସ ଲେଖାଏ ମୁତୟନ କରାଯାଇଥିଲା। ଏଥିସହ ପ୍ରତି ମେଢ଼ରେ ଦୁଇଜଣ ପୋଲିସ କର୍ମଚାରୀ ନିୟୋଜିତ ରହିଥିଲେ। ସେହିପରି ଡିସିପି ଋଷିକେଶ ଖିଲାରୀଙ୍କ ସମେତ ୩ ଅତିରିକ୍ତ ଡିସିପି ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଭସାଣିରେ ହାଇକୋର୍ଟ ନିର୍ଦ୍ଦେଶ ପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ କ୍ଲବ ପକ୍ଷରୁ ହାତବାଜାକୁ ଗୁରୁତ୍ୱ ଦିଆଯାଇଛି। ଚାଙ୍ଗୁବାଜା, ଦୁଲ୍‌ଦୁଲି ବାଜା, ସିଂହବାଜା ଓ ଢୋଲବାଜା ମୁଖ୍ୟ ଆକର୍ଷଣ ଥିଲା।




ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ 'ଅସ୍ମିତା ଖେଲୋ ଇଣ୍ଡିଆ ଓମେନ୍ସ ଲିଗ୍' ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ। (ଫଟୋ: ରାଜକିଶୋର ମହାନ୍ତି)

## କେନ୍ଦ୍ରୀୟ ଶୈଳୀରେ ହେବ ସ୍ୱତନ୍ତ୍ର ଓଟିଇଟି

ଭୁବନେଶ୍ୱର,୭।୯(ସୁଚିସ୍ମିତା ସାହୁ)

ସିବିଏସ୍‌ଇ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ପରୀକ୍ଷା ପରିଚାଳନା ଶୈଳୀରେ ସ୍ୱତନ୍ତ୍ର ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) କରାଯିବ। ଓଟିଇଟି ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଓ ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ଦୃଢ଼ ବିକଳ୍ପ ପଦକ୍ଷେପ ସ୍ୱରୂପ ଏହି ଦୁଇ ଅନୁଷ୍ଠାନର ପରୀକ୍ଷା ପରିଚାଳନା ଢାଞ୍ଚାକୁ ବୋର୍ଡ ପକ୍ଷରୁ ଅନୁଧ୍ୟାନ କରାଯାଇଛି। ଆସନ୍ତା ୨୭ ତାରିଖରେ ହେବାକୁଥିବା ସ୍ୱତନ୍ତ୍ର ଓଟିଇଟିରେ ଏହି ଟେକ୍ନିକ୍‌କୁ ବ୍ୟବହାର କରାଯିବ। ସେହିପରି ଡିଜି ଲକର ସହିତ ବକ୍ସ, ଟ୍ରଙ୍କ ମାଧ୍ୟମରେ ପ୍ରଶ୍ନପତ୍ର ପଠାଯିବ। ପ୍ରଶ୍ନପତ୍ରକୁ ପୋଲିସ ସହାୟତାରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଯିବ। ଏଥିସହ ଜିଲାପାଳ, ଏସ୍‌ପି ଓ ଡିଇଓଙ୍କ ସହାୟତାରେ ପରୀକ୍ଷା ହେବ ବୋଲି ବିଏସ୍‌ଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ସେ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ ୧୯୩ଟି କେନ୍ଦ୍ରରେ ପରୀକ୍ଷା କରାଯିବ। ପରୀକ୍ଷାର୍ଥୀଙ୍କ ପାଇଁ ୧୭ ତାରିଖରୁ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ www.bseodisha.ac.in ରେ ଉପଲବ୍ଧ ହେବ। ବିଦ୍ୟାର୍ଥୀମାନେ ୨୭ତାରିଖ ସକାଳ ଯାଏ ଆଡ୍‌ମିଟ କାର୍ଡ ନେଇପାରିବେ। ସେହିପରି ଗୋଟିଏ ଦିନରେ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପ୍ରଥମ ସିଟିଂ ସକାଳ ୯ରୁ ଆରମ୍ଭ ହେବ। ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ୪ଟା ଯାଏ ଚାଲିବ। ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ ଯୋଗୁ ଜୁଲାଇ ୨୦ରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ବାତିଲ ହୋଇଥିଲା।

## ୧୯ରେ ଜିଲାପାଳ କାର୍ଯ୍ୟାଳୟ ଘେରିବ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ

କଟକ,୭।୯(ଶିଳ୍ପା ପ୍ରିୟଦର୍ଶିନୀ)

ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ କଟକ ମହାନଗର ନିଗମ (ସିଏମ୍‌ସି) ଅନ୍ତର୍ଭୁକ୍ତ ବସ୍ତିବାସିନ୍ଦା ଓ ଶ୍ରମଜୀବୀଙ୍କ ଏକ ଜନସଭା ସ୍ଥାନୀୟ ଗାନ୍ଧୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଅଧ୍ୟକ୍ଷତା କରି କହିଛନ୍ତି, ଜାତିସଂଘର ଘୋଷଣାପତ୍ର ଏବଂ ଆମ ସମ୍ବିଧାନ ତଥା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ନାଗରିକଙ୍କ ବାସଗୃହ ଅଧିକାର ରହିଛି। ସରକାରଙ୍କ କର୍ତ୍ତବ୍ୟ ହେଉଛି, ନାଗରିକଙ୍କୁ ବାସଗୃହ ଯୋଗାଇବା। ବାସଗୃହରେ ଆଲୋକ, ପାଣି ଓ ଅନ୍ୟାନ୍ୟ ବ୍ୟବସ୍ଥା ରହିବା ଆବଶ୍ୟକ। ଗ୍ରାମାଞ୍ଚଳରେ କର୍ମସଂସ୍ଥାନ କମିଯାଉଥିବାରୁ ଲୋକେ ସହରକୁ ପଳାୟନ କରୁଛନ୍ତି। ପୌର କର୍ତ୍ତୃପକ୍ଷ ବିଭିନ୍ନ ବାହାନା ଦେଖାଇ ସରକାରଙ୍କ ଯୋଜନାଠାରୁ ଲୋକଙ୍କୁ ଦୂରେଇ ଦେଉଛନ୍ତି। ଏଥିଲାଗି ଐକ୍ୟବଦ୍ଧ ସଂଗ୍ରାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେପ୍ଟେମ୍ବର ୧୯ରେ ମଞ୍ଚ ଆହ୍ୱାନରେ ବସ୍ତି ବାସିନ୍ଦାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି। ସଭାରେ ବସ୍ତିନେତା ଦିପକ ଦାସ, ସୁକାନ୍ତ ନାୟକ, ଶ୍ରମିକ ନେତା ସୌଭାଗ୍ୟ ସାମଲ, ସଜନୀ ଦାସ, ବିଷ୍ଣୁ ନାୟକ, ନୟନା ନାୟକ, ଗଙ୍ଗାଧର ପୋଲାଇ, ବାପି ମୁର୍ମୁ, ରିତା ଦଳାଇ, ଦୀନବନ୍ଧୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ପାଠପଢ଼ା ସହ ଗୁରୁ-ଶିଷ୍ୟ ସମ୍ପର୍କ ସୁଦୃଢ଼ କରନ୍ତୁ ଶିକ୍ଷକ



ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟ ଅତିଥି।

ମଙ୍ଗୁଳି-ଜଗତପୁର,୭।୯(ମାନସ ସାମଲ)

ଶଙ୍କରପୁର ଗ୍ରାମସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଗୀତାଞ୍ଜଳି ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନେ ଉତ୍ତମ ପାଠପଢ଼ା ସହ ଗୁରୁ-ଶିଷ୍ୟ ସମ୍ପର୍କ ସୁଦୃଢ଼ କରନ୍ତୁ ବୋଲି କହିଛନ୍ତି। ସମ୍ମାନିତ ଅତିଥିଭାବେ ଟାଙ୍ଗୀ- ଚୌଦ୍ୱାରର ପୂର୍ବତନ ବିଧାୟକ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ଧର୍ମାନନ୍ଦ ବେହେରା, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଦାମୋଦର ସାହୁ, ଅନ୍ୟତମ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ, ସମିତିସଭ୍ୟ ସୁକାନ୍ତ ରାଉତ, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁରେଶ ଚନ୍ଦ୍ର କର, ବଡ଼ସାମନ୍ତରାପୁର ଓ ମଙ୍ଗରାଜପୁର ସରପଞ୍ଚ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁନୀଲ କୁମାର ରାଉତ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ଅଜୟ କୁମାର ପତି ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୈତ୍ରୀ ଭଟ୍ଟାଚାର୍ଯ୍ୟ, ସୁବାସ ସାହୁ, ଅମିର ନାଥ ଶର୍ମା, ସେକ ସାହାଜାଦ, ସାଧନା ନାୟକ, ବୈଷ୍ଣବ ଚରଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ପାଲା ମହୋତ୍ସବ ଉଦ୍‌ଯାପିତ



କ୍ରୀଡ଼ାବିତ୍ ରଶ୍ମିତା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଚୌଦ୍ୱାର,୭।୯(ଆଶୁତୋଷ ଦାସ)

ଅଗଷ୍ଟ ୧୬ରୁ ଆରମ୍ଭ ହୋଇଥିବା ଚୌଦ୍ୱାର ଐତିହାସିକ ପାଲା ମହୋତ୍ସବ ବଡ଼ବଜାରସ୍ଥିତ ଶ୍ରୀଶ୍ରୀ ସତ୍ୟନାରାୟଣ ପୂଜା ମଣ୍ଡପରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ସତ୍ୟନାରାୟଣ ପାଲା ସମିତି ସଭାପତି ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସାମାଜିକ କର୍ମୀ ଦାମୋଦର ସାହୁ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ନାଗରିକ ବୈକୁଣ୍ଠନାଥ ପୃଷ୍ଟି, ଡ.ଉତ୍ତମ ଚରଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ପୌରାଣିକ, ସାମାଜିକ ତଥା ସାଂସ୍କୃତିକ କଥା ଓ ପରମ୍ପରାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଦିଗରେ ପାରମ୍ପରିକ ପାଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେମାନେ ମତବ୍ୟକ୍ତ କରିବା ସହ ପାଲା ସମିତି କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଥିଲେ। ପାଲା ପରିବେଷଣ କରିଥିବା ସମସ୍ତ ପାଲାକାରମାନଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜାତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ଚୌଦ୍ୱାରକୁ ଗୌରବାନ୍ୱିତ କରିଥିବା ୱାଟରସ୍ପୋର୍ଟ୍ସ ଖେଳାଳି ରଶ୍ମିତା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ମଙ୍ଗରାଜ ବେହେରା, ଅଜୟ ବେହେରା, ମୁରଲୀଧର ବେହେରା, ଦାଶରଥି ବେଉରା, ମଧୁ ନାୟକ, ହରିହର ସାହୁ, ଅଶୋକ ବେହେରା, ମାନସ କୁମାର ସାହୁ, ପ୍ରଭାସ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।


## ବୀଣାପାଣି ସିଂହଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ

କଟକ,୭।୯(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସାଧିକା କୁନ୍ତଳା କୁମାରୀ ସାବତ୍‌ଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ସାରଳା ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲେଖିକା ଡ. ବୀଣାପାଣି ସିଂହଙ୍କୁ ମର୍ଯ୍ୟାଦାଜନକ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଇଷ୍ଟର୍ନ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଡ. ସୁଲୋଚନା ଦାସ ଏବଂ ଡ. ବନ୍ଦିତା ଦାଶ ଯୋଗଦେଇ କୁନ୍ତଳା କୁମାରୀଙ୍କ କବିତା ଓ ତାଙ୍କ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ କହିଲେ, କୁନ୍ତଳା କୁମାରୀଙ୍କ କାବ୍ୟଗ୍ରନ୍ଥଗୁଡ଼ିକରେ ମାନବିକ ସଂପ୍ରୀତି ଓ ଭକ୍ତିଭାବନା ନିଚ୍ଛକ ଭାବେ ପରିସ୍ଫୁଟ ହୋଇଛି। ସଭାପତି ଡ. ସ୍ୱାଇଁ କହିଲେ, କୁନ୍ତଳା କୁମାରୀଙ୍କ କବିତାରାଜି ସମୂହ ପ୍ରକୃତିପ୍ରୀତି ଓ ଦେଶାତ୍ମବୋଧରେ ଉଦ୍‌ବେଳିତ। ସଂସଦର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସଂଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋପା ଦାସ ମାନପତ୍ର ପାଠ କରିଥିଲେ। ସରୋଜିନୀ ରାଉତରାୟ, ଚିନ୍ମୟୀ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୀଣାପାଣି ସିଂହଙ୍କୁ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।



**ବିରାଜିବେ ମା'**

## ମଣ୍ଡପରେ ପରିବେଶ ସୁରକ୍ଷା ବାର୍ତ୍ତା

**ଟାଉନହଲ୍ ରୋଡ ପୂଜା କମିଟି**

କଟକ,୭।୯(ଶିଳ୍ପା ପ୍ରିୟଦର୍ଶିନୀ)

ଧରାବତରଣ କରିବେ ମା' ଜଗଜ୍ଜନନୀ ଦୁର୍ଗା। ଏଥିପାଇଁ ସମସ୍ତ ପୂଜାମଣ୍ଡପରେ ଚାଲିଛି ପ୍ରସ୍ତୁତି। ପୂଜାଦୌଡ଼ରେ ସାମିଲ ହୋଇଛି ଟାଉନହଲ ରୋଡ଼ ପୂଜା କମିଟି। ଏହି କମିଟି ପକ୍ଷରୁ ୧୯୮୪ ମସିହାରୁ ହରପାର୍ବତୀ ପୂଜା କରାଯାଇଆସୁଛି। ମଣ୍ଡପରେ ମହାଦେବଙ୍କ ପଞ୍ଚମ ଅବତାର ଦଣ୍ଡପାଣିଙ୍କ ସହ ଭୈରବୀ ରୂପରେ ପାର୍ବତୀ ପୂଜା ପାଇବେ। ଚଳିତବର୍ଷ ୨ଲକ୍ଷ ଟଙ୍କାର ବଜେଟ ରହିଛି। ମୂର୍ତ୍ତି ଉଚ୍ଚତା ୯ ଫୁଟ ରହିବ। ୧୩ ଫୁଟ ଉଚ୍ଚର ପ୍ଲାଏରେ ପ୍ରସ୍ତୁତ ମେଢ଼କୁ କୁମ୍ଭାରସାହି ଅଞ୍ଚଳର କାରିଗର ତିଆରି କରୁଛନ୍ତି। ମଣ୍ଡପରେ ତୋରଣ ସମେତ ସମଗ୍ର ଅଞ୍ଚଳକୁ ଆଲୋକରେ ସଜାଯିବ। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଶ୍ରଦ୍ଧାଳୁଙ୍କୁ ସଚେତନତା ବାର୍ତ୍ତା ଦିଆଯିବ। କମିଟି ପରିସରରେ ସ୍କ୍ରାପ୍ ମାଟେରିଆଲ୍ସରେ ତିଆରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମୂର୍ତ୍ତି ଶୋଭାପାଇବ। ପୂଜାରେ ୨ କୁଇଣ୍ଟାଲ ଖେଚୁଡ଼ି ଭୋଗ ବଣ୍ଟାଯିବ। ଦ୍ୱାଦଶୀରେ ପାରମ୍ପରିକ ବାଦ୍ୟରେ ଭସାଣି ଯାତ୍ରା ହେବ।



**ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ**



ଭସାଣି ବା ଏକାଦଶୀରେ ଭସାଣି ଯାତ୍ରା କରାଯାଏ ନାହିଁ। ଭସାଣିରେ ପୂଜା କମିଟି ଦେଇ ଅତିକ୍ରମ କରୁଥିବା ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରେ ଦ୍ୱାଦଶୀରେ ମୂର୍ତ୍ତି ବିସର୍ଜନ କରାଯିବ।

ଅଭୟ କୁମାର ଶତପଥୀ, ସଭାପତି

**ପୂଜାରେ ୨ କୁଇଣ୍ଟାଲ ଖେଚୁଡ଼ି ଭୋଗ ବଣ୍ଟାଯିବ**



ମଣ୍ଡପରେ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯିବ। ପୂଜା ଅବସରରେ ୨କୁଇଣ୍ଟାଲ ଖେଚୁଡ଼ି ଭୋଗ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟାଯିବ। ଶ୍ରଦ୍ଧାଳୁମାନେ ଯେପରି ସୁରକ୍ଷିତ ଭାବେ ଠାକୁର ଦର୍ଶନ କରିବେ, ସେଥିପାଇଁ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ୱେଚ୍ଛାସେବୀମାନେ ସୁରକ୍ଷିତ ଓ ଶୃଙ୍ଖଳିତ ଭସାଣି ଉପରେ ମଧ୍ୟ ଗୁରୁତ୍ୱ ଦେବେ।

ଦୀପାୟନ ପଟ୍ଟନାୟକ, ସମ୍ପାଦକ

# ଅପହରଣରୁ ଧରାପଡ଼ିଲା ବଡ଼ ସାଇବର ଠକେଇ

## ବିହାରୀ ଠକଙ୍କୁ ୨୫ ଲକ୍ଷର ମୁଣ୍ଡଜାମିନ

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ବାରଙ୍ଗ, ୭।୯(ଲିଙ୍ଗରାଜ ରାଉତ)



ଗିରଫ ଅପହରଣକାରୀ ଅଭିଯୁକ୍ତମାନେ।



ଅପହୃତ ତଥା ସାଇବର ଠକେଇ ଅଭିଯୁକ୍ତ।

**ମ୍ୟୁଲ ଆକାଉଣ୍ଟ ଦେଇ ସାଇବର ଠକେଇ**

- ଅପହରଣକାରୀ ମହିଳାଙ୍କ ସମେତ ୪ ଗିରଫ
- ବିହାରୀ ସାଇବର ଠକ ମଧ ଗିରଫ ହେଲେ

ବିହାର ସାଇବର ଠକଙ୍କୁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଦେଇ କମିଶନ ପାଉଥିଲେ ଭୁବନେଶ୍ୱରର ମହିଳା। ଅଧିକ ଟଙ୍କା ଲୋଭରେ ସମ୍ପୃକ୍ତ ଠକଙ୍କୁ ଡାକି ଅପହରଣ କରିବା ପରେ ମୁଣ୍ଡ ଜାମିନ ରଖି ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗ ପରେ ଚନ୍ଦକା ଥାନା ପୋଲିସ ଅପହୃତଙ୍କୁ ଉଦ୍ଧାର କରି ଅପହର୍ତ୍ତାମାନଙ୍କୁ ଧରିବା ପରେ ବଡ଼ଧରଣର ଠକେଇ ର୍ୟାକେଟ ପଦାକୁ ଆସିଛି। ଅପହରଣକାରୀ ମହିଳା ଓ ତାଙ୍କ ପୁଅ, ଝିଅଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ସଂଘର୍ଷ ବିହାରର ଅମିତାରାଣୀ ରାଉତ (୫୦), ତାଙ୍କ ପୁଅ ଚିରଞ୍ଜୀବ ରାଉତ (୨୧), ଝିଅ ଆକାଂକ୍ଷା ରାଉତ (୨୧) ଏବଂ ସହଯୋଗୀ ମୈତ୍ରୀ ବିହାର ଥାନା ବିଡିଏ କଲୋନୀର ଭଗବାନ ସାହୁ (୨୧)। ଅପରପକ୍ଷରେ ଅପହୃତ ବିହାରୀ ସାଇବର ଠକଙ୍କୁ ମଧ ପୋଲିସ ଗିରଫ କରିଛି। ସେ ହେଲେ ବିହାର ନାଳନ୍ଦା ଜିଲା ବିହାର ସରିଫ୍ ଥାନା ଅଞ୍ଚଳର ସମୀର କୁମାର ଭୁଭେ (୩୫)। ଏହି ଘଟଣାରେ ଚନ୍ଦକା ଥାନା ପକ୍ଷରୁ ଏକ ମାମଲା (ନଂ.୩୫୬/୨୦୨୫) ରୁଜୁ କରାଯାଇ ସମସ୍ତଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ବିହାରୀ ଠକ ସମୀରଙ୍କ ପକ୍ଷରୁ ଅପହରଣ ନେଇ ଅଭିଯୋଗ ପରେ ଥାନା ପକ୍ଷରୁ ମାମଲା (ନଂ.୩୫୫/୨୦୨୫)ରୁଜୁ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଠକେଇ ନେଟୱର୍କର ଅଧିକ ଖୋଳତାଡ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମୀରଙ୍କ ସହ ଅମିତାରାଣୀ ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭେଟ ହୋଇଥିଲେ। ଏହାପରେ ସମୀର ୪ ମାସ ତଳେ ଓଡ଼ିଶା ଆସି ଅମିତାରାଣୀଙ୍କୁ ନେଇ ଭୁବନେଶ୍ୱରର ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ସୂର୍ଯ୍ୟୋଦୋୟ ବ୍ୟାଙ୍କରେ ତାଙ୍କ ନାଁରେ ୩ଟି ଆକାଉଣ୍ଟ ଖୋଲିଥିଲେ। ସମୀର ଉକ୍ତ ଆକାଉଣ୍ଟଗୁଡ଼ିକର ଚେକବୁକ୍, ବ୍ୟାଙ୍କିଙ୍ଗ୍ ଆଇଡି ଓ ପାସ୍‌ୱାର୍ଡ ଏବଂ ଲିଙ୍କ୍ ସିମକାର୍ଡକୁ ନେଇଯାଇଥିଲେ। ଏହି ଆକାଉଣ୍ଟଗୁଡିକରେ ବହୁ କୋଟି ଟଙ୍କା ସାଇବର ଠକେଇ ହୋଇଥିଲା। ପ୍ରତି ଟ୍ରାଞ୍ଜାକ୍ସନ ପିଛା ୧.୪% କମିଶନରେ ସମୀର ତାଙ୍କୁ ଟଙ୍କା ଦେଉଥିଲେ। ତେବେ ଉକ୍ତ ଆକାଉଣ୍ଟରେ ବହୁ ସାଇବର ଠକେଇ ହୋଇଥିବାରୁ ବିଭିନ୍ନ ତଦନ୍ତ ଏଜେନ୍ସି ଦ୍ୱାରା ବହୁ ଟଙ୍କା ଫ୍ରିଜ୍ ହୋଇଥିଲା। ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରେ ୧.୫ କୋଟି ଟଙ୍କା ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ୧୫ ଲକ୍ଷ ଫ୍ରିଜ୍ ହୋଇଥିଲା। ସୂର୍ଯ୍ୟୋଦୋୟ ବ୍ୟାଙ୍କ ଆକାଉଣ୍ଟରେ ୩ କୋଟି ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ୧୦ ଲକ୍ଷ ଫ୍ରିଜ୍ ଏବଂ ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟରେ ୫ କୋଟି ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ୬ ଲକ୍ଷ ଫ୍ରିଜ୍ ହୋଇଥିଲା। ସନ୍ଦେହଜନକ କାରବାର ହେଉଥିବାରୁ ବ୍ୟାଙ୍କଗୁଡ଼ିକରୁ ଅମିତାରାଣୀଙ୍କୁ ଡକାଯାଇ ସତର୍କ କରାଯାଇଥିଲା। ଏହାସତ୍ତ୍ୱେ ସେ ଅଧିକ ଟଙ୍କା ପାଇବା ଲୋଭରେ ପଡିଥିଲେ। ସେ ଆଉ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ କହି ସମୀରଙ୍କୁ କଲ୍ କରି ଭୁବନେଶ୍ୱର ଡାକିଥିଲେ। ସମୀର ଶୁକ୍ରବାର ରାତିରେ ଭୁବନେଶ୍ୱରରେ ପହଞ୍ଚି ହୋଟେଲରେ ରହିବା ସହ ପଥରଗାଡିଆରେ ଅଭିଯୁକ୍ତମାନଙ୍କୁ ଭେଟିଥିଲେ। ଅମିତାରାଣୀ ଓ ଅନ୍ୟମାନେ ତାଙ୍କୁ ଅପହରଣ କରି ସଂଘର୍ଷବିହାରସ୍ଥିତ ଘରେ ଅଟକ ରଖି ମାଡ଼ ମାରିବା ସହ ଛୁରି ଦେଖାଇ ମୋବାଇଲ ଫୋନ୍, କାର୍ ଚାବି, ଏଟିଏମ୍ କାର୍ଡ ଆଦି ନେଇ ୨୫ ଲକ୍ଷ ଟଙ୍କା ମାଗିଥିଲେ। ତେବେ ଟଙ୍କା ଆଣିବାର ବାହାନା କରି ସମୀର ଅଭିଯୁକ୍ତଙ୍କଠାରୁ ମୋବାଇଲ ଆଣି ଶନିବାର ସକାଳେ ହୋଟେଲ ମ୍ୟାନେଜରଙ୍କୁ ସବୁକଥା କହିଥିଲେ। ମ୍ୟାନେଜର ଚନ୍ଦକା ଥାନାକୁ ଜଣାଇବା ପରେ ପୋଲିସ ଟିମ୍ ତାଙ୍କୁ ଉଦ୍ଧାର କରିବା ପରେ ସବୁ ରହସ୍ୟ ଜଣାପଡିଥିଲା।

# କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର

ଦାରିଙ୍ଗବାଡ଼ି, ୭।୯ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକେ ଶନିବାର ଅଭିଯୋଗ କରିଛନ୍ତି। ନାବାଳିକା ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ହେଉଥିବା ଶୋଭାଯାତ୍ରା ଦେଖିବାକୁ ନାବାଳିକା ଯାଇଥିଲେ। ଭସାଣି ବେଳେ ସେ ତାଙ୍କ ଡ୍ରେସ୍ ଜ୍ୟାକେଟ୍ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ବଣ୍ଟନ ହେଉଥିବା ପ୍ରସାଦ ଖାଇସାରି ସେଠାକୁ ଯାଇ ଜ୍ୟାକେଟ ଧରି ଫେରୁଥିବା ବେଳେ ଜଣେ ଯୁବକ କାରରେ ଆସି ନାବାଳିକାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ଦାରିଙ୍ଗବାଡ଼ି ସହର ବାହାରକୁ ନେଇ କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନାବାଳିକା ସେଠାରୁ ଖସି ଆସିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ ବୋଲି କହିଛନ୍ତି। ତେବେ ଏ କଥା କାହାକୁ କହିଲେ ଜୀବନରେ ମାରିଦେବାକୁ ସମ୍ପୃକ୍ତ ଯୁବକ ତାଙ୍କୁ ଧମକ ଦେଇଛନ୍ତି। ଏନେଇ ୧୮୨/୨୫ ନଂ.ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ଦାରିଙ୍ଗବାଡି ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜନ୍ମଦିନ ପାଳନ ବେଳେ ଯୁବତୀଙ୍କୁ ଗଣବଳାତ୍କାର

କୋଲକାତା, ୭।୯



ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ।

ପଶ୍ଚିମବଙ୍ଗର ହରିଦେବପୁରରେ ଶୁକ୍ରବାର ଜଣେ ୨୦ ବର୍ଷୀୟା ଯୁବତୀ ଏକ ଜନ୍ମଦିନ ଉତ୍ସବରେ ଯୋଗ ଦେଇଥିବାବେଳେ ୨ ଜଣ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ ଫେରାର ହୋଇଯାଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ କିଛିମାସ ପୂର୍ବରୁ ଚନ୍ଦନଙ୍କୁ ଭେଟିଥିଲେ। ଚନ୍ଦନ ନିଜକୁ ଦକ୍ଷିଣ କୋଲକାତା ପୂଜା କମିଟି ମୁଖ୍ୟ ବୋଲି ପରିଚୟ ଦେବା ସହ ପରେ ଯୁବତୀଙ୍କୁ ଦୀପଙ୍କ ସହ ପରିଚିତ କରାଇଥିଲେ। ଉଭୟେ ଯୁବତୀଙ୍କୁ କମିଟିରେ ସାମିଲ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନେକ ସମୟରେ ୩ ଜଣ ପରସ୍ପର ସହ କଥା ହେଉଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ଯୁବତୀଙ୍କୁ ରେଗେଣ୍ଟ ପାର୍କ ଅଞ୍ଚଳରେ ଥିବା ଏକ ଫ୍ଲାଟ୍‌କୁ ନେଇ ଏକାଠି ଖାଇଥିଲେ। ଯୁବତୀ ଜଣକ ସେଠାରୁ ବାହାରିବାକୁ ଉଦ୍ୟମ କଲାବେଳେ ଅଭିଯୁକ୍ତମାନେ ଡୋର୍‌କୁ ଲକ୍ କରିଦେଇ ତାଙ୍କୁ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ପରଦିନ ସକାଳେ ଯୁବତୀ କୌଣସି ପ୍ରକାରେ ସେଠାରୁ ଖସି ପଳାଇଆସି ହରିଦେବପୁର ଥାନାରେ ଏତଲା ଦେଇଥିଲେ।

# ଜମି ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର (ସତ୍ୟବାଦୀ ପରିଡ଼ା)/ମୋରଡ଼ା(ସ୍ମାରକ ମାଜୀ),୭।୯

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମରେ ଜମି ବିବାଦରୁ ଗୁଳି ଫୁଟିଛି। ଶନିବାର ରାତି ୧୦ଟା ୩୦ରେ ଦିଲୀପ କୁମାର ଗିରି(କାଳିଆ)ଙ୍କ ଘର ଉପରକୁ ସେହି ଗ୍ରାମର ବେଣୁଧର ଗିରିଙ୍କ ପୁଅ ଦୀପା ୩ ସହଯୋଗୀଙ୍କ ସହିତ ବାଇକ୍ ଯୋଗେ ଆସି ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ପୋଲିସ ଏକ ଅଫୁଟା ଗୁଳି ଓ ଖୋକା ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୫୦/୨୫) ରୁଜୁ ହୋଇଛି। ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଦୀପାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ରେଲୱେ କଲୋନିରେ ଘର ଉପରକୁ ଗୁଳିମାଡ଼



ଝାରସୁଗୁଡ଼ା, ୭।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ରେଲୱେ କଲୋନିର ଏକ ଘର ଉପରକୁ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ଏଥିରେ କାହାରି ଜୀବନ ହାନି ଘଟି ନାହିଁ। ରବିବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଶନିବାର ରାତିରେ ରେଲୱେ କଲୋନିରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲାବେଳେ ସୋହନ ସୁନା, ସୁଶାନ୍ତ ସୁନାଙ୍କ ସହିତ ନିକଟସ୍ଥ ଡବଲିଙ୍ଗ କଲୋନିର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୩ଟାରେ ଡବଲିଙ୍ଗ କଲୋନିର କେତେଜଣ ଯୁବକ ସୋହନ ଓ ସୁଶାନ୍ତ ରହୁଥିବା ଘରର କବାଟ ବାଡ଼େଇଥିଲେ। ସୋହନଙ୍କ ମା’ କବାଟ ଖୋଲିବା ପରେ ଘରେ କେହି ନ ଥିବା ଦେଖିବାକୁ ପାଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ଘର ଉପରକୁ ୮ ରାଉଣ୍ଡ ଗୁଳିଚାଳନା କରି ଫେରାର ହୋଇଯାଇଛନ୍ତି। ଗୁଳିଗୁଡ଼ିକ ସୋହନଙ୍କ ଘରର କବାଟ ଭେଦକରି ଭିତରେ ଥିବା କୁଲର ଓ କାନ୍ଥରେ ମାଡ଼ ହୋଇଛି। ଘଟଣା ରେଲୱେ କଲୋନିରେ ଘଟିଥିବାରୁ ଜିଆର୍‌ପି ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି।

# ୪୬.୫୦ଗ୍ରାମ୍ ବ୍ରାଉନସୁଗାର, ୧.୧୧୪ କିଗ୍ରା ଗଞ୍ଜେଇ ଜବତ

**ମହିଳାଙ୍କ ସମେତ ୪ ବେପାରୀ ଗିରଫ**

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ)

ନିଶା କାରବାର ରୋକିବା ପାଇଁ ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ ‘ପ୍ରହାର’ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଓ ଗଞ୍ଜେଇ ବେପାର କରୁଥିବା ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୬.୫୦ଗ୍ରାମ୍ ଓଜନର ବ୍ରାଉନସୁଗାର ଓ ୧.୧୧୪ କିଲୋଗ୍ରାମ ଗଞ୍ଜେଇ, ନଗଦ ୧୧ହଜାର ୭୬୫ଟଙ୍କା, ୧୨ଟି ଚିଲମ, ୨ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ଲକ୍ଷ ୬୫ହଜାର ଟଙ୍କା ଓ ଗଞ୍ଜେଇର ମୂଲ୍ୟ ୧୧ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ: ମାଓବାଦୀ ଜୋନାଲ କମାଣ୍ଡର ନିହତ

ରାଉରକେଲା,୭।୯(ସଙ୍ଗୀତା ଜେନା)

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଏହି କ୍ରମରେ ରବିବାର ସକାଳ ୮ଟାରେ ଚାଇଁବାସା ପୋଲିସ ଏବଂ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନ୍‌ର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓବାଦୀ ଜୋନାଲ କମାଣ୍ଡର ଅମିତ ହାଂସଦାଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ଅତ୍ୟାଧୁନିକ ମାରଣାସ୍ତ୍ର ଏସ୍‌ଏଲ୍‌ଆର୍, କାର୍ତ୍ତୁଜ୍ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ ହୋଇଛି। ପୂର୍ବରୁ ଅମିତଙ୍କ ମୁଣ୍ଡ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ପଶ୍ଚିମ ସିଂଭୂମ ଚାଇଁବାସା ଏସ୍‌ପି ରାକେଶ ରଞ୍ଜନ ସୂଚନା ଦେଇଛନ୍ତି।

# ୧.୪୨କୋଟିର ମାଦକଦ୍ରବ୍ୟ ଜବତ: ୧୮୩ ଗିରଫ

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)

ଅବକାରୀ ବିଭାଗ ପକ୍ଷରୁ ଶନିବାର ସାରା ରାଜ୍ୟରେ ଚଢ଼ାଉ ଅଭିଯାନ ବେଳେ ୧.୪୨କୋଟି ଟଙ୍କାର ମଦ ଓ ମାଦକଦ୍ରବ୍ୟ ଜବତ ହୋଇଛି। ଏହି ସମୟ ମଧ୍ୟରେ ୨୬୪ଟି ମାମଲା ପଞ୍ଜୀକରଣ ହୋଇଥିବାବେଳେ ୧୮୩ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗର ସୂଚନା ଅନୁଯାୟୀ, ଚଢ଼ାଉ ବେଳେ ୧୭ଟି ଏନ୍‌ଡିପିଏସ୍ ମାମଲା ପଞ୍ଜୀକରଣ ହୋଇଛି ଏବଂ ୨୫୧ କିଲୋଗ୍ରାମ ଗଞ୍ଜେଇ, ୩୧୭ ଗ୍ରାମ ବ୍ରାଉନ ସୁଗାର, ୯ କିଲୋଗ୍ରାମ ଭାଙ୍ଗ ଜବତ ହୋଇଛି। ଏହାସହିତ ୯୭୨୩ ବ୍ୟାରେଲ-ଆଇଡି ଲିକର, ୬୦୬୩୦ ବ୍ୟାରେଲ୍ ଫର୍ମେଣ୍ଟେଡ୍ ୱାଶ୍ ସହିତ ବିପୁଳ ପରିମାଣର ମଦ ଓ ମଦ-ତିଆରି ଉପକରଣକୁ ସ୍ଥାଡ ଜବତ କରି ପରେ ତାହାକୁ ନଷ୍ଟ କରିଦେଇଛି। ତେବେ ରାଜ୍ୟରେ ବଢ଼ି ଚାଲିଥିବା ଅବାଧ ମଦ ଓ ମାଦକଦ୍ରବ୍ୟ କାରବାରକୁ ରୋକିବା ପାଇଁ ଏଣିକି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ କହିଛି।

# ପୁଅ ମାଡ଼ରେ ମା’ ମୃତ

ସୁନ୍ଦରଗଡ଼/ ହେମଗିରି, ୭।୯ (ଜୟ ନାରାୟଣ ମେଣ୍ଡୁଲି/ ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ଡୁଡୁକାସ୍ଥିତ ବନ୍ଧପାଲି ଗ୍ରାମରେ ରବିବାର ସକାଳେ ଘରୋଇ କଳିକୁ କେନ୍ଦ୍ରକରି ପୁଅର ମୁଥମାଡ଼ରେ ମା’ର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଶୈଳ ଧୁରୁଆ(୬୦)। ଏନେଇ ହେମଗିରି ପୋଲିସ ଥାନାରେ ଏକ ହତ୍ୟା ମାମଲା (ନଂ. ୪୧୬/୨୫) ରୁଜୁ କରି ଅଭିଯୁକ୍ତ ପୁଅ ବଳିନ୍ଦ୍ର ଧୁରୁଆ(୪୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଘରୋଇ କଳହକୁ ନେଇ ଶୈଳ ଏବଂ ପୁଅ ବଳିନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳିନ୍ଦ୍ର ମୁଥ ମାରିଥିଲେ। ଶୈଳ ତଳେ ପଡ଼ିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବଳିନ୍ଦ୍ର ତୁରନ୍ତ ତାଙ୍କୁ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଖେଳ ଖବର

# ତେଲୁଗୁ ଟାଇଟନ୍ସର ଦ୍ୱିତୀୟ ବିଜୟ

ବିଶାଖାପାଟଣା, ୭।୯ (ପି.ଟି.)

ପ୍ରୋ କବାଡ଼ି ଲିଗ୍ ସିଜନ ୧୨ର ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ତେଲୁଗୁ ଟାଇଟନ୍ସ ୪୪-୩୪ରେ ବେଙ୍ଗଲ ୱାରିଅର୍ସକୁ ପରାସ୍ତ କରିଛି। ଚଳିତ ବର୍ଷ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ। ଦଳକୁ ଜିତାଇବାରେ ବିଜୟ ମଲିକ ଓ ଭରତ ହୁଡା ବିଶେଷ ଭୂମିକା ଗ୍ରହଣ କରିଥିଲେ। ଉଭୟେ ସୁପର ୧୦ କରିଥିଲେ। ଏହାଛଡ଼ା ଡିଫେନ୍ସ ଦାୟିତ୍ୱରେ ଥିବା ଅଙ୍କିତ ଏକ ହାଇ ଫାଇଭ୍ ବଳରେ ତେଲୁଗୁ ଟାଇଟନ୍ସ ବିଜୟ ଲାଭ କରିଥିଲା। ସ୍ଥାନୀୟ ରାଜୀବ ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଦବଙ୍ଗ ଦିଲ୍ଲୀ ୩୬-୩୫ରେ ପରାସ୍ତ କରି ଏକ ରୋମାଞ୍ଚକ ବିଜୟ ହାସଲ କରିଛି।

# ଇଂଲଣ୍ଡର ସର୍ବବୃହତ୍ ବିଜୟ

**ସାଉଥାମ୍ପଟନ,୭।୯:** ଜେକବ ବେଥେଲ (୧୧୦) ଓ ଜୋ ରୁଟ୍ (୧୦୦)ଙ୍କ ଶତକ ଓ ପରେ ଜୋଫ୍ରା ଆର୍ଚ୍ଚରଙ୍କ ୪ ଉଇକେଟ ସଫଳତା ବଳରେ ଇଂଲଣ୍ଡ ଏଠାରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୩୪୨ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଦିନିକିଆ କ୍ରିକେଟ ଇତିହାସରେ ଯେକୌଣସି ଦଳ ପାଇଁ ଏହା ସବୁଠୁ ବଡ଼ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫୦ ଓଭରରେ ୫ ଉଇକେଟ ହରାଇ ୪୧୪ ରନ କରିଥିଲା। ଦଳ ପାଇଁ ଜୋଶ ବଟଲର ଓ ଜେମି ସ୍ମିଥ ୬୨ ଲେଖାଏ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ଲାଗି କର୍ବିନ ବୋଶ୍ଚ ଓ କେଶବ ମହାରାଜ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୦.୫ ଓଭରରେ ୭୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ଦକ୍ଷିଣ ଆଫ୍ରିକା ପାଇଁ ଦିନିକିଆରେ ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର। ଇଂଲଣ୍ଡ ପକ୍ଷରୁ ଆର୍ଚ୍ଚର ୪, ଆଦିଲ ରଶିଦ ୩ ଓ ବ୍ରାଇଡନ କାର୍ସ ୨ ଉଇକେଟ ନେଇଥିଲେ। ଏହି ପରାଜୟ ସତ୍ତ୍ୱେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌କୁ ୨-୧ ବ୍ୟବଧାନରେ ଜିତି ନେଇଛି।

# ବୌଦ୍ଧିକ ଭିନ୍ନକ୍ଷମ ଶକ୍ତି ଉତ୍ତୋଳନ ଚୟନ ଶିବିର

ଭୁବନେଶ୍ୱର, ୭।୯ (ବିଜୟ ରଣା)

ଟିଟିଲାଗଡ଼ ହାଇସ୍କୁଲ ପଡ଼ିଆରେ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ, ଓଡ଼ିଶା ଓ ସହିଦ ଜିମ୍ନାସିୟମ ମିଳିତ ଆନୁକୂଲ୍ୟରେ ବୌଦ୍ଧିକ ଭିନ୍ନକ୍ଷମ ଏକଦିବସୀୟ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଓ ଚୟନଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭ ଖେଳାଳି, ୯ ଜଣ କୋଚ୍ ଏବଂ ୧୨ଜଣ ଅଫିସିଆଲ ଭାଗ ନେଇଥିଲେ। ଏଥିରୁ ପୁରୁଷ ବର୍ଗରେ ୪ ଓ ମହିଳା ବର୍ଗରେ ୨ଜଣ ଖେଳାଳି ଜାତୀୟ ସ୍ତରରେ ଭାଗ ନେବା ଲାଗି ମନୋନୀତ ହୋଇଛନ୍ତି। ଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚୟନଶିବିରର ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସହିଦ ଜିମ୍ନାସିୟମର ପ୍ରତିଷ୍ଠାତା କମ୍ପୁ ପାଣି, ଶିକ୍ଷାବିତ୍ ଜ୍ୟୋତି ପ୍ରକାଶ ଗଡ଼ତିଆ, ସାମାଜିକ କର୍ମୀ ମୋହନ ଗୁପ୍ତା, ରେଡକ୍ରସ୍ ବୌଦ୍ଧିକ ବିଦ୍ୟାଳୟର ଅଧକ୍ଷ ଦେବାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଅନୁଗୋଳ, ବଲାଙ୍ଗୀର ରିଜିଓନାଲ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

**ଇଶା ଗ୍ରାମୋତ୍ସବମ**

ଭୁବନେଶ୍ୱର, ୭।୯(ଅନାଦି କର)

ଅନୁଗୋଳର ଏସ୍‌ବିଭିଟି ଓ ବଲାଙ୍ଗୀରର କୁସ୍କେଲା ୧୭ତମ ଇଶା ଗ୍ରାମୋତ୍ସବମର ଓଡ଼ିଶା ରିଜିଓନାଲ ଫାଇନାଲ୍ସରେ ଯଥାକ୍ରମେ ପୁରୁଷ ଭଲିବଲ ଓ ମହିଳା ଥ୍ରୋବଲରେ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଭଲିବଲ ଫାଇନାଲରେ ଏସ୍‌ବିଭିଟି ଖୋର୍ଦ୍ଧାର କୁଶମତି ବ୍ଲକରଙ୍କୁ ହରାଇ ଥିବା ବେଳେ କୁସ୍କେଲା ବରଗଡ଼ର ବକ୍ସି ଜଗବନ୍ଧୁ କ୍ଲବଙ୍କୁ ମହିଳା ଥ୍ରୋବଲ ଫାଇନାଲରେ ହରାଇଛି। ଚାମ୍ପିୟନ ଓ ରନରଅପ ଦଳକୁ ଯଥାକ୍ରମେ ୧୨ ଓ ୮ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ଉଭୟ ଦଳ କୋଏମ୍ବାଟୋରଠାରେ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ନ୍ୟାଶନାଲ ଫାଇନାଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଓଡ଼ିଶାରେ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ୧୯ ଜିଲାର ୧,୮୦୦ ଖେଳାଳି ଭାଗ ନେଇଥିଲେ। ଉଭୟ ପୁରୁଷ ଭଲିବଲ ଓ ମହିଳା ଥ୍ରୋ ବଲ ରିଜିଓନାଲ ଫାଇନାଲ୍ସରେ ୮ ଲେଖାଏ ଦଳ ଭାଗ ନେଇଥିଲେ।

# ଓଡ଼ିଶାକୁ ୯ ପଦକ

**ଭୁବନେଶ୍ୱର, ୭।୯ (ଅନାଦି କର):** ତାମିଲନାଡୁସ୍ଥିତ ମଣ୍ଟଫୋର୍ଟ ଇନ୍‌ଡୋର ହଲଠାରେ ୨୦ତମ ଦକ୍ଷିଣ-ପଶ୍ଚିମ ଭାରତ ଆଇଟିଏଫ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟ କୋଚ୍ ତୃତୀୟ ଡାନ ବ୍ଲାକବେଲ୍ଟ ଲକ୍ଷ୍ମୀ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ୧୩ ଜଣ ଖେଳାଳି ଭାଗ ନେଇ ଗୋଟିଏ ସ୍ୱର୍ଣ୍ଣ ଓ ୩ ରୌପ୍ୟ ସହିତ ମୋଟ୍ ୯ ପଦକ ଜିତିଛନ୍ତି। ବ୍ୟକ୍ତିଗତ ସ୍ପାଇରିଂ ଯୁନିୟର ବିଭାଗରେ ଆକାଶ କୁମାର ସ୍ୱର୍ଣ୍ଣ ପଦକ ଏବଂ ଜିନେଶ ମିରାନି, ଆରିୟନ କୁମାର ବେହେରା ଓ ଛନ୍ଦିତା ପାତ୍ର ଗୋଟିଏ ଲେଖାଏ ରୌପ୍ୟ ପଦକ ହାତେଇଛନ୍ତି। ଓମ୍ ପ୍ରିୟାଂଶୁ ଓ ଅମ୍ରିତା ଆଚାର୍ଯ୍ୟ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ବ୍ୟକ୍ତିଗତ ତୁଲସ୍ ଇଭେଣ୍ଟରେ ଜାଗୃତୀ ପ୍ରିୟଦର୍ଶନୀ ନାୟକ ଓ ଓମ୍ ପ୍ରିୟାଂଶୁ ଏବଂ ବ୍ୟକ୍ତିଗତ ପ୍ରତିରକ୍ଷା କୌଶଳ ମହିଳା ବିଭାଗରେ ଦେବାଙ୍ଗୀ ମଣ୍ଡଳ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ

ଭଞ୍ଜନଗର,୭।୯(ବାବୁଲା ପ୍ରଧାନ)

ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୨୦ ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଶାଖାର ମଧ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଭଞ୍ଜନଗର ଶାଖା ପରିଚାଳକ ଏସ. ମୋହିତ ରଞ୍ଜନ ପାତ୍ର ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ବ୍ୟାଙ୍କ ସର୍ବଦା ତା'ର ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ୧ କୋଟି ୨୦ ଲକ୍ଷ ଟଙ୍କାର ବିଭିନ୍ନ ଋଣ ଗ୍ରାହକଙ୍କୁ ପ୍ରଦାନ କରାଯାଇଥିଲା । ସହ ଶାଖା ପରିଚାଳକ ସୁପ୍ରିୟା ବାଗେ, କର୍ମଚାରୀ ସୁଶାନ୍ତ ନାୟକ, ପ୍ରିୟମ୍ବଦା ଆଚାର୍ଯ୍ୟ, ଶୈଳଜା ପଟ୍ଟନାୟକ, ବସନ୍ତ ଦାସ, ଗୌରହରି ନାଇକ, ଅରୁଣ ଜେନା, ଦୁର୍ଗା ମାଧବ ଆଚାରୀ, ବିନୋଦ ଗୌଡ଼ ଏହି ଅବସରରେ ଉପସ୍ଥିତ ଥିଲେ।



ଉତ୍ସବରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ।

# ଆଗେଇବ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ

■ନିର୍ମାଣ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ

■ଅର୍ଦ୍ଧସହରୀ, ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସମ୍ଭାବନା

■ଏମ୍‌ଏସ୍‌ଏମ୍‌ଇରେ କମିବ ପୁଞ୍ଜି ଆବଶ୍ୟକତା

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ପ୍ରମୁଖ ନିର୍ମାଣ ସାମଗ୍ରୀ ଉପରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ହାର ହ୍ରାସ ପାଇଛି। ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ଏନେଇ କହିଛି ଯେ, ଏହି ପଦକ୍ଷେପ ସରକାରଙ୍କର ସମସ୍ତଙ୍କ ପାଇଁ ଗୃହ ମିଶନ ସହିତ ସମ୍ପୂର୍ଣ୍ଣ ସମନ୍ୱିତ ଏବଂ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପଦକ୍ଷେପକୁ ମଧ ସମର୍ଥନ କରିବ। ସିମେଣ୍ଟ ଉପରେ ଜିଏସ୍‌ଟି ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ନିର୍ମାଣ କ୍ଷେତ୍ରରେ ସିମେଣ୍ଟ ବାବଦରେ ହେଉଥିବା ଖର୍ଚ୍ଚ ନିର୍ମାଣ ଖର୍ଚ୍ଚର ୧୫-୨୦% ଏବଂ ମୋଟ ପ୍ରକଳ୍ପ ଖର୍ଚ୍ଚର ପ୍ରାୟ ୧୧% ଅଟେ। ଏହି ହ୍ରାସ ଦ୍ୱାରା ସରକାରୀ ଏବଂ ବେସରକାରୀ ପ୍ରକଳ୍ପର ମୂଲ୍ୟ ହ୍ରାସ ପାଇବ, ସରକାରୀ ଖର୍ଚ୍ଚର ଦକ୍ଷତା ବୃଦ୍ଧି ହେବ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଭଳି ସୁଲଭ ଗୃହ ଯୋଜନାକୁ ପ୍ରୋତ୍ସାହନ ମିଳିବ। ସିମେଣ୍ଟ ଶିଳ୍ପ ଖଣି, ଲଜିଷ୍ଟିକ୍ସ, ଉତ୍ପାଦନ ଏବଂ ବଣ୍ଟନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅନ୍ୟପଟେ ସିମେଣ୍ଟ-ବଣ୍ଡେଡ ପାର୍ଟିକିଲ ବୋର୍ଡ, ଝୋଟ ପାର୍ଟିକିଲ ବୋର୍ଡ ଏବଂ ଅନ୍ୟାନ୍ୟ ଏପରି ସାମଗ୍ରୀ ଉପରେ ଜିଏସଟି ୧୨% ରୁ ୫%କୁ ହ୍ରାସ କରାଯାଇଛି। ଗୃହ, ପ୍ରିଫାବ ଗଠନ ଏବଂ ଫର୍ନିଚରରେ ବ୍ୟାପକ ଭାବରେ ବ୍ୟବହୃତ, ପାର୍ଟିକିଲ ବୋର୍ଡ କମ୍ ମୂଲ୍ୟର ନିର୍ମାଣ ପାଇଁ ଅତ୍ୟାବଶ୍ୟକ। ଏହା ଗ୍ରାମୀଣ ଏବଂ ସହରାଞ୍ଚଳ ଗୃହ ପ୍ରକଳ୍ପର ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି। ଅଧିକାଂଶ ଶିଳ୍ପ ଏମ୍‌ଏସ୍‌ଏମ୍‌ଇ ଚାଳିତ ଏବଂ ଟିକସ ହ୍ରାସ ଅର୍ଦ୍ଧ ସହରୀ ତଥା ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିପରି ମାର୍ବଲ ଏବଂ ଗ୍ରାନାଇଟ ବ୍ଲକ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଏହା ଫ୍ଲୋରିଂ ଏବଂ ଟାଇଲିଂ ଖର୍ଚ୍ଚ ହ୍ରାସ କରିବ। ରାଜସ୍ଥାନ, ଗୁଜରାଟ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଲକ୍ଷ ଲକ୍ଷ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା ପ୍ରାକୃତିକ ପଥର କ୍ଷେତ୍ରରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଦ୍ୱାରା ଉପକୃତ ହେବାର ଆଶା କରାଯାଉଛି। ବାଲି-ଲାଇମ ଇଟା ଏବଂ ଇଟା ନିର୍ମାଣ ସହିତ ଜଡିତ କାର୍ଯ୍ୟ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଇଟାଭାଟିଗୁଡ଼ିକ ମୁଖ୍ୟତଃ ଏମ୍‌ଏସ୍‌ଏମ୍‌ଇ ଦ୍ୱାରା ପରିଚାଳିତ ହେଉଥିବାରୁ ଏହା ପୁଞ୍ଜି ଆବଶ୍ୟକତାକୁ ହ୍ରାସ କରିବ। ଗୃହ ନିର୍ମାଣ ବ୍ୟତୀତ ସରକାର କମନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ସିଇଟିପି) ଦ୍ୱାରା ସେବା ଉପରେ ଜିଏସ୍‌ଟି ୧୨%ରୁ ୫%କୁ ହ୍ରାସ କରିଛନ୍ତି। ଏହା ଶିଳ୍ପ ଏବଂ ପୌରପାଳିକାକୁ କେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଦୂଷଣ ହ୍ରାସ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରି ପ୍ଲାଣ୍ଟ ପରିଚାଳନା, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ରକ୍ଷଣାବେକ୍ଷଣରେ 'ସବୁଜ ଚାକିରି' ସୃଷ୍ଟି କରିବ।

ନିର୍ମାଣ ସାମଗ୍ରୀ ଜିଏସଟି ହ୍ରାସ ମଧ୍ୟବିତ୍ତଙ୍କ ପାଇଁ ଖୁବ୍ ସହାୟକ ହେବ। ଏହା ଆଗାମୀ ଦିନରେ ଦେଶର ଅର୍ଥନୀତି ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୂର୍ବରୁ ଦେଖାଯାଇଛି କେତେକ ନିର୍ମାଣ ସାମଗ୍ରୀ ବ୍ୟବସାୟୀ ଟିକସ ଫାଙ୍କୁଥିଲେ ସେମାନେ ଟିକସ ଫାଙ୍କିବେନି ବରଂ ସାଧୁତା ଉପାୟରେ ବ୍ୟବସାୟ କରିବେ। ରିଅଲ ଇଷ୍ଟେଟ ଡେଭେଲପରମାନେ ଜିଏସଟି ହାର ହ୍ରାସ ଦ୍ୱାରା ଗୃହ ମୂଲ୍ୟ କିପରି କମୁଛି ତାହା ପ୍ରଚାର କରି ଗ୍ରାହକଙ୍କ ଆସ୍ଥା ବଢ଼ାଇବା ପାଇଁ ସକାରାତ୍ମକ ବିପଣନ ଅଭିଯାନ ଆରମ୍ଭ କରିବା ଦରକାର। ଘର କିଣିବା ସମୟରେ ଗ୍ରାକହମାନେ ମଧ ସତର୍କତା ସହ କିଣିବା ଉଚିତ। ଗୃହ କିଣିବା ପୂର୍ବରୁ ଏହା ରେରା ପଞ୍ଜୀକୃତ କି ନୁହେଁ ଯାଞ୍ଚ କରିବା ଉଚିତ।



ଅସିତ୍ କୁମାର ମହାପାତ୍ର, ଚେୟାରମ୍ୟାନ, ଓରେରା

# ମୋବାଇଲ ଆପ୍‌ରେ ଆଇଟିଆର୍ ଦାଖଲ

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ଆୟକର ରିଟର୍ନ(ଆଇଟିଆର୍) ଦାଖଲ କରିବାର ଅନ୍ତିମ ତାରିଖ ନିକଟତର ହେଉଛି। ସେପ୍ଟେମ୍ବର ୧୫ ସୁଦ୍ଧା ଆଇଟିଆର୍ ଦାଖଲ କରିବାକୁ ହେବ। ଏହି ସମୟରେ ଆୟକର ବିଭାଗ କରଦାତାଙ୍କ ସୁବିଧା ପାଇଁ ଦୁଇଟି ମୋବାଇଲ ଆପ୍ ଜାରି କରିଛି। ଏହା ସାହାଯ୍ୟରେ କରଦାତା ସହଜ ଓ ନିରାପଦରେ ନିଜର ରିଟର୍ନ ଦାଖଲ କରିପାରିବେ। ଏହି ଆପ୍‌ଗୁଡ଼ିକ ହେଉଛି 'ଏଆଇଏସ୍ ଫର୍ ଟ୍ୟାକ୍ସ ପେୟର୍' ଏବଂ 'ଇନକମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟ'। ଏହା ଆଣ୍ଡ୍ରଏଡ ଓ ଆଇଓଏସ ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ବିଶେଷକରି ବେତନଭୋଗୀ ବ୍ୟକ୍ତି, ପେନ୍‌ସନଭୋଗୀ ଏବଂ ସରଳ ଆୟ ପ୍ରୋଫାଇଲ ଥିବା ସ୍ୱଳ୍ପ କରଦାତାଙ୍କ ପାଇଁ ଏହି ଆପ୍ ଗୁଡ଼ିକୁ ଡିଜାଇନ କରାଯାଇଛି। ରିଟର୍ନ ଦାଖଲ ପାଇଁ କରଦାତା ଏହି ଆପ୍‌ରେ ନିଜର ପ୍ୟାନ, ଆଧାର କିମ୍ବା ରେଜିଷ୍ଟର୍ଡ ବ୍ୟବହାରକାରୀ ଆଇଡି ଓ ପାସୱାର୍ଡ ଦ୍ୱାରା ଲଗ୍‌ଇନ୍ କରିପାରିବେ। ଲଗ୍‌ଇନ୍ ପରେ କରଦାତାଙ୍କୁ ବାର୍ଷିକ ତଥ୍ୟ ରିପୋର୍ଟ (ଏଆଇଏସ୍) ଓ କରଦାତା ତଥ୍ୟ ସାରାଂଶ (ଟିଆଇଏସ) ମିଳିବ। ଏଥିରେ କମ୍ପାନୀ, ବ୍ୟାଙ୍କ, ମ୍ୟୁଚୁଆଲ ଫଣ୍ଡ ଆଦିରୁ ପୂର୍ବରୁ ତଥ୍ୟ ପୂରଣ ହୋଇଥାଏ, ତେଣୁ କରଦାତାଙ୍କୁ ସୂଚନା ପୂରଣ କରିବାକୁ ପଡ଼ିବ ନାହିଁ। ଏହି ଆପ୍ ବେତନ, ପେନସନ, ପୁଞ୍ଜି ଲାଭ କିମ୍ବା ଅନ୍ୟ ଆୟର ଆଧାରରେ ଉପଯୁକ୍ତ ଆଇଟିଆର ଫର୍ମ ବାଛିବାରେ ସାହାଯ୍ୟ କରିଥାଏ।

# ପାର୍ବଣ ଋତୁରେ ସୁନା ଦର ଉପରେ ନଜର

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା): ପାର୍ବଣରେ ଗହଣା କିଣିବାକୁ ଭାରତୀୟ ଆଗ୍ରହ ଦେଖାଉଥିବାବେଳେ ସୁନା ଓ ରୁପା ଦର ଉପରେ ନଜର ରହିଛି। ରବିବାର ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୮,୪୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୯,୪୫୦ ଟଙ୍କା ଛୁଇଁଛି । ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୮,୪୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୯୯,୪୫୦ ଟଙ୍କାକୁ ପହଞ୍ଚିଛି । ଅନ୍ୟପଟେ ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୮,୪୯୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୦୮,୬୨୦ ଟଙ୍କା ଓ ୨୨ କ୍ୟାରେଟ ୯୯,୬୦୦ ଟଙ୍କା ରହିଛି । ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୯,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୦,୦୫୦ ଟଙ୍କା ରହିଛି କୋଲକାତାରେ ୨୪ କ୍ୟାରେଟ ୧, ୦୮,୪୯୦ ଓ ୨୨ କ୍ୟାରେଟ ୯୯, ୪୫୦ ଟଙ୍କା ରହିଛି ।

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫୁଲ୍ଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ-୦୫।୦୯।୧୯୪୩
ତିରୋଧାନ- ୨୯।୦୮।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-ଶୋକସନ୍ତପ୍ତ-
ପ୍ରକାଶ, ପ୍ରବୀଣ, ପ୍ରଶାନ୍ତ, ନମିତା, ଜ୍ୟୋତିର୍ମୟୀ, ଆନନ୍ଦିତା, ରିନା, ତୃପ୍ତି,ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୮୯୯

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ନମିତା ମଲିକ
ଭାଟପଡ଼ା, କଣାସ, ପୁରୀ
ଆବିର୍ଭାବ: ୧୦।୦୪।୧୯୭୬
ତିରୋଧାନ: ୦୮।୦୯।୨୦୨୨
ଚାହିଁ ଚାହିଁ ୩ ବର୍ଷ ବିତିଗଲାଣି, ଏ ଜୀବନ ଯାତ୍ରାରେ ତୁମ ବିନା ଆମେ ଯେ କେତେ କଷ୍ଟ ପାଉଛୁ, କେତେ ଅସହାୟ ଅନୁଭବ କରୁଛୁ ତାହା ଆମେ ଶବ୍ଦରେ ପ୍ରକାଶ କରିପାରୁନାହୁଁ। ଆମେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୮୯୮



## REAL ESTATE SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/- . 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

## LOST

By the virtue of affidavit at Bhubaneswar, No.- 576425 on dated- 04.09.2025 and Delanga P.S. Diary No.-13/25 dtd - 06.09.25. I, Biswaranjan Pani S/o Chandra Sekhar Pani, resident of Deypur, Deypursasan, Delanga, Puri, 752046, lost sale deed document No. - 631/1992 dtd- 08.04.1992, somewhere in between Maunimatha to Delanga while travelling. If anyone find can contact 9583085079. D-1897

# Classified Everyday 0674-2580101, 9692975378

## LEGAL NOTICE

Letter No.- 1481
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୯/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଜଗଦୀଶ ପ୍ରଶାଦ ସାମନ୍ତରାୟ .....ବାଦୀ/ଦରଖାସ୍ତକାରୀ

ବନାମ

ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ

ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ ଏ ୦.୦୯୧.୮୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ହାଲ

ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଯନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୦

Letter No.- 1482
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୭/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ

ବନାମ

ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ

ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୩.୬୧୨ ଡେସିମିଲ ରୁ ଏ ୧.୨୦୦ ଡେସିମିଲ ରୁ , ଏ ୦.୦୬୮.୮୭ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।

ହାଲ

ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୬୮.୮୭ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଯନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୧

Letter No.- 1483
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୮/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ

ବନାମ

ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ

ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ , ଏ ୦.୦୯୧.୮୨ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।

ହାଲ

ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଯନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୨

# ଚାଲିବା ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟକୁ ନେଇ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି।''



ଆମ ଭାରତୀୟ ଐତିହ୍ୟ ଓ ପରମ୍ପରା ଅତି ମହାନ। ଆମର ପୂର୍ବ ପିଢ଼ିମାନେ ଜୀବନକୁ ସୁସ୍ଥ ସତେଜ ତଥା ନୀରୋଗ ରଖିବା ପାଇଁ ଦୈନନ୍ଦିନ ଜୀବନଶୈଳୀ ଏବଂ ଖାଦ୍ୟପେୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ହେଲେ ଆଜିର ଯୁବପିଢ଼ିଙ୍କ ଜୀବନଶୈଳୀ ସମ୍ପୂର୍ଣ୍ଣ ଅଲଗା କହିଲେ ଆଦୌ ଭୁଲ ହେବ ନାହିଁ। ଆମରି ପୂର୍ବଜମାନେ ସକାଳୁ ବ୍ରହ୍ମ ମୁହୂର୍ତ୍ତରୁ ଉଠି ନିତ୍ୟକର୍ମ ସାରି ନିଜର ଭିନ୍ନ ଭିନ୍ନ କର୍ମସ୍ଥଳୀ ହେଉ କିମ୍ବା କ୍ଷେତକୁ ଯାଇ ନିଜର କାମରେ ଲାଗିପଡୁଥିଲେ। କିଛି ଲୋକ ଭୋର ସକାଳୁ ଉଠି କ୍ଷେତକୁ ଚାଲି ଚାଲି ଯାଇ ନିଜର କର୍ମ କରୁଥିଲେ। ଅପରାହ୍ନରେ ମଧ କ୍ଷେତରେ କାମ କରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହାଦ୍ୱାରା ଶାରୀରିକ ପରିଶ୍ରମ ହେଉଥିଲା। ରାତ୍ରରେ ଭଲ ନିଦ ହେବା ହେତୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରାୟ ନୀରୋଗ ରହୁଥିଲା। ସେମାନଙ୍କର ଏଭଳି ଜୀବନଶୈଳୀ ପାଇଁ କେତେକେ ଦୀର୍ଘାୟୁ ଜୀବନ କଟାଉଥିଲେ। ସେମାନଙ୍କୁ ଡାଇବେଟିସ୍ ବା ମଧୁମେହ, ଉଚ୍ଚ ରକ୍ତଚାପ, କ୍ୟାନ୍ସର ଭଳି ମାରାତ୍ମକ ରୋଗ ପ୍ରାୟ ପାଖ ମାଡିପାରୁନଥିଲା। ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଆମେ ଖାଦ୍ୟ ଖାଇବା ଅଳ୍ପ କିଛି ସମୟ ପରେ ଅତିକମ୍‌ରେ ୧୦୦ପାଦ ଚାଲିବା ଉଚିତ। ଏହାଦ୍ୱାରା ଶରୀରରେ ଜମୁଥିବା ଚର୍ବିର ମାତ୍ରା କେତେକାଂଶରେ କମିଯାଇଥାଏ। ମୋଟାପଣ ହ୍ରାସ ପାଏ। ମଧୁମେହ ଓ ଉଚ୍ଚରକ୍ତଚାପ ସନ୍ତୁଳିତ ରହିଥାଏ।

ଖାଇବା ପ୍ରକ୍ରିୟାକୁ ନେଇ ଆମ ସାମାଜିକ ପ୍ରଥାରେ ଗୋଟିଏ ଢଗ ରହିଛି, 'ଖାଇ ଚାଲିଲେ ବଢ଼ଇ ଆୟୁ, ଖାଇ ବସିଲେ ବଢ଼ଇ ବାୟୁ, ଖାଇ ଶୋଇଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ଅର୍ଥାତ ଆମେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ପ୍ରାୟତଃ ୧ରୁ ୧୦ମିନିଟ୍ ଠିକ୍ ସମୟ ଠିକ୍ ପ୍ରକାରେ ଚାଲିବା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ତା'ସହ ଉଚ୍ଚ ରକ୍ତଚାପ, ମଧୁମେହ, ବାହ୍ୟ ଚର୍ମର କୁଞ୍ଚନ ଦୂର ହେବା ସହ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ପ୍ରତିରୋଧ କରିବା ସାମର୍ଥ୍ୟ ଶରୀରରେ ସୃଷ୍ଟି ହୋଇଥାଏ। ଆମ ସ୍ୱାସ୍ଥ୍ୟର ବହୁତ ସମସ୍ୟାର ସମାଧାନ ହୋଇ ଯାଇଥାଏ। ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ବହୁ ପରୀକ୍ଷା କରି ଏଥିରେ ସହମତି ପ୍ରକାଶ କରିଛନ୍ତି। ଖାଇବା ପରେ ପରେ ଖଟ କିମ୍ବା ଚୌକିରେ ବସି ରହିବା ଦ୍ୱାରା ଶରୀର ସ୍ଥୂଳତା ଆସିବା ସହ ଖାଦ୍ୟ ଠିକ ଭାବରେ ପରିପକ୍ୱ ହୋଇପାରି ନ ଥାଏ। ଏହାଦ୍ୱାରା ପେଟରେ ଅମ୍ଳ ଓ ବାୟୁ ସୃଷ୍ଟି ହୋଇଥାଏ, ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଖାଇବା ପରେ ପରେ ଖଟ କିମ୍ବା ଆରାମ ଚେୟାରରେ ଶୋଇପଡିବା ଦ୍ୱାରା ପେଟରେ ଚର୍ବି ବଢ଼ିବା ସହ, ପେଟ ବାହାରିବା, ଶରୀରରେ ସ୍ଥୂଳତା ଆସିଥାଏ। ଶରୀରରେ ଓଜନ ବୃଦ୍ଧି ହୋଇଥାଏ। ଶରୀରର ଆକୃତି ଅସ୍ୱାଭାବିକ ବୃଦ୍ଧି ହୋଇଥାଏ। ଖାଦ୍ୟ ଖାଇ ଅଳ୍ପ ସମୟ ପରେ ପୁଣି ଖାଦ୍ୟ ଖାଇବା ଦ୍ୱାରା ପେଟରେ ଖାଦ୍ୟ ଠିକ୍ ଭାବେ ଜୀର୍ଣ୍ଣ ହୋଇ ନ ଥାଏ। ଫଳରେ ଖାଇଥିବା ଏହି ଖାଦ୍ୟ ବିଷାକ୍ତ ହୋଇ ଝାଡ଼ାବାନ୍ତି ସମସ୍ୟା ସୃଷ୍ଟି କରିଥାଏ।

ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟ ଉପରେ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ପକ୍ଷରୁ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି। ଏସବୁ ତଥ୍ୟକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପଠାଯାଇଥିଲା। ଉକ୍ତ ସଂଗଠନ ଏଥିରେ ସହମତି ମଧ ପ୍ରକାଶ କରିଛି। ଏହା ଆମ ପାଇଁ ନିଶ୍ଚୟ ଏକ ସୁଖଦ ବାର୍ତ୍ତା।

ସ୍ୱାସ୍ଥ୍ୟ ବିଶେଷଜ୍ଞ ମତରେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ୧-୧୦ ମିନିଟ ଚାଲିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ତା'ସହ ଜୀବନଶୈଳୀ ପରିବର୍ତ୍ତନ ଆସିଥାଏ। ବିଶେଷଭାବରେ ରାତ୍ରଭୋଜନ ପରେ ନିଜର ସକ୍ଷମ ଅନୁଯାୟୀ କିଛି ସମୟ ଚାଲିବା ଦ୍ୱାରା ଆମ ଶରୀରରେ ରକ୍ତ ସର୍କରା ସନ୍ତୁଳିତ ରହିଥାଏ। ପେଟରେ ଚର୍ବି ନ ଜମି ଏହା ଶକ୍ତିରେ ପରିଣତ ହୋଇଥାଏ। ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିବା ସହ କେତେକ ଜଟିଳ ରୋଗକୁ ନିୟନ୍ତ୍ରିତ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସକାଳେ ଓ ରାତ୍ର ବେଳା ଖାଦ୍ୟ ଖାଇବାର ଅଳ୍ପ ସମୟ ପରେ ଯଦି ୧ରୁ ୧୦ ମିନିଟ ଆମେ ଚାଲି ଚାଲି ଆସି ଅଳ୍ପ ସମୟ ବିଶ୍ରାମ ନେବା ଏହାଦ୍ୱାରା ମନ ଖୁସି ରହିବା ସହ ମାନସିକ ଚାପ କେତେକାଂଶରେ କମିଥାଏ। ଚିଡ଼ିଚିଡ଼ା ସ୍ୱଭାବ ହ୍ରାସ ପାଇବା ସହ ଭଲ ନିଦ ହୋଇଥାଏ। ତା' ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ରକ୍ତଚାପ, ମଧୁମେହ, କର୍କଟ ଭଳି ରୋଗ ମଧ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

ସଦ୍ୟତମ ଗବେଷଣାରୁ ଜଣାଯାଇଛି ଯେ, ଉପରୋକ୍ତ ତଥ୍ୟ ଆମ ଶରୀର ଉପରେ ଶତପ୍ରତିଶତ ଅନୁକୂଳ ପ୍ରଭାବ ପକାଇଥାଏ। ଯେଉଁମାନେ ଖାଇସାରିବା ପରେ କିଛି ସମୟ ଚାଲିଥାନ୍ତି ତାଙ୍କ ସ୍ୱାସ୍ଥ୍ୟ ଅନେକାଂଶରେ ଫିଟ୍ ରହିବା ସହ ବର୍ଷ ବର୍ଷ ଧରି ଜ୍ୱର ଓ ଥଣ୍ଡା ଭଳି ରୋଗ ହୋଇନଥାଏ। ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ବିଜ୍ଞାନର ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଦ୍ୱାରା ବହୁ ଜଟିଳ ରୋଗ ନିୟନ୍ତ୍ରିତ ହେଉଥିବା ଗବେଷଣା ତଥ୍ୟରୁ ଜଣାପଡିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଥିରେ ସହମତି ପ୍ରକାଶ କରିଥିବା ହେତୁ, ସଦ୍ୟତମ ଏହି ସ୍ୱାସ୍ଥ୍ୟ ବାର୍ତ୍ତା ଆମ ମନୁଷ୍ୟ ସମାଜ ପାଇଁ ବହୁ ହିତକର ହୋଇପାରିବ।

ଉପରୋକ୍ତ ସମସ୍ତ ତଥ୍ୟକୁ ଆମେ ଅନୁଶୀଳନ କରି ପ୍ରତିଦିନ ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଆବଶ୍ୟକ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ବହୁ ଜଟିଳ ରୋଗକୁ ପ୍ରତିରୋଧ କରିବା ସମ୍ଭବ ହୋଇଥାଏ। ତା' ସହ ଆମେ ଅନେକାଂଶରେ ନୀରୋଗ ରହିବା ସହ ଦୀର୍ଘାୟୁ ଭାବେ ବଞ୍ଚି ରହିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ପ୍ଲାଷ୍ଟିକ ସାମଗ୍ରୀ ଓ ଜଳ ପ୍ରଦୂଷଣ



ଜଳ ପ୍ରଦୂଷଣର ଅନ୍ୟତମ କାରଣ ହେଉଛି ପ୍ଲାଷ୍ଟିକ ସାମଗ୍ରୀ। ଏଗୁଡ଼ିକୁ ବ୍ୟବହାର କରାଯିବା ପରେ ଯେତେବେଳେ ଫିଙ୍ଗି ଦିଆଯାଉଛି ତାହା ପରିବେଶକୁ ପ୍ରଦୂଷଣ କରୁଛି। ଜଳରେ ମିଶିବା ପରେ ମଧ ନଦୀ, ସମୁଦ୍ର, ହ୍ରଦ ଆଦିର ଜଳ ବିଷାକ୍ତ ହେଉଛି। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ର ତଟବର୍ତ୍ତୀ ଅଧିବାସୀଙ୍କ ବ୍ୟବହାର ଯୋଗୁ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ। ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି। ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ,ଡଲଫିନ୍, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଂଚାରିତ ହୁଏ। ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସମାନଙ୍କ ମୃତ୍ୟୁ ଘଟେ। ପ୍ଲାଷ୍ଟିକ ଜାତ କିଛି ପଦାର୍ଥ (ଯଥା ମାଛ ଧରିବା ପାଇଁ ସମୁଦ୍ରରେ ବିଛା ଯାଉଥିବା ଜାଲ) ସାମୁଦ୍ରିକ ଜୀବଙ୍କ ଶରୀରରେ ଗୁଡ଼ାଇ ହୋଇଯିବା ଦ୍ୱାରା ସେମାନଙ୍କ ଚଳପ୍ରଚଳ କ୍ଷମତା ଓ ଗତିଶୀଳତା ଯଥେଷ୍ଟ ହ୍ରାସ ପାଇ ପରିଶେଷରେ ସେମାନେ ଶିକାରୀ ଜୀବ ଦ୍ୱାରା ଶିକାର ହୋଇଥାନ୍ତି। ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି। ଏକ ଆକଳନରୁ ଜଣାଯାଏ ଯେ, ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ବିସର୍ଜିତ ମୋଟ ପ୍ଲାଷ୍ଟିକର ଓଜନ ସମୁଦାୟ ମାଛଙ୍କ ଓଜନକୁ ମଧ ଟପିଯିବ।

## ଜୀବନଶୈଳୀ ଅସନ୍ତୁଳିତ ରହିଲେ...



ଆଜିକାଲି ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ଏକ ସହଜ କଥା ନୁହେଁ। ଏହାର ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ତେଣୁ ଜଣେ ବ୍ୟକ୍ତି ଏ ନେଇ ସଚେତନ ରହିବା ନିହାତି ଦରକାର। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତିଙ୍କର ଜୀବନଶୈଳୀ ଦୀର୍ଘ ମାସ ଧରି ଅସନ୍ତୁଳିତ ରହିଲା ତେବେ ତାହା ଡାଇବେଟିସ୍ ବା ମଧୁମେହର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ଜୀବନଶୈଳୀକୁ ସନ୍ତୁଳିତ ରଖିବା ଲାଗି ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜକୁ ଟେନସନ୍ ଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର ଅନେକାଂଶରେ ସୁସ୍ଥ ରହେ ଏବଂ ଏହାର ଭଲ ପ୍ରଭାବ ମାନସିକତା ଉପରେ ପଡିଥାଏ।

## ସ୍କିଜୋଫ୍ରେନିୟା: କିଛି କଥା



ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇ ଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖି ପାରୁଛନ୍ତି ବୋଲି ମଧ କହିଥାନ୍ତି। ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟ ଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ କରିଥାନ୍ତି। ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ ଏହାର ଚିକିତ୍ସା ଅତି ସହଜରେ କରିହେବ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ନିହାତି ଜରୁରୀ।

## ସ୍ମରଣ ଶକ୍ତି ବୃଦ୍ଧି ଅନ୍ତରାଳେ...



ସ୍ମରଣ ଶକ୍ତିକୁ ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ଏହାର କେତୋଟି ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ପ୍ରଥମ କଥା ହେଲା ସକାରାତ୍ମକ ମାନସିକତା। ଏହଦ୍ୱାରା ଜଣେ ନିଜ ସ୍ମରଣ ଶକ୍ତିକୁ ପୂର୍ବାପେକ୍ଷା ବୃଦ୍ଧି କରିପାରିବ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତା'ସହ ସଙ୍ଗୀତ ମାଧ୍ୟମରେ ଜଣେ ନିଜର ସ୍ମରଣ ଶକ୍ତି ବଢ଼ାଇପାରେ। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଜଦି ଜଣେ ନିଜର ମନ ପସନ୍ଦର ଗୀତକୁ ଶୁଣନ୍ତି ତେବେ ଏହା ତାଙ୍କର ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ପୂର୍ବାପେକ୍ଷା ସକ୍ରିୟ ରହିଥାଆନ୍ତି। ତା'ସହ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ ଏବଂ ନିଷ୍ପତ୍ତି ନେବାର କ୍ଷମତାକୁ ବି ବଢ଼ାଏ।

## ସ୍ୱାସ୍ଥ୍ୟ ସୂଚନା

➔ଖାଇ ସାରିବା ପରେ ପରେ ଚା', କଫି କିମ୍ବା ମୃଦୁ ଥଣ୍ଡା ପାନୀୟ ପିଇବା ଅଭ୍ୟାସ ଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ଏପରିକି ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ପ୍ରଭାବିତ ହେବାର ଆଶଙ୍କା ରହିଛି।

➔ମେଦ ବୃଦ୍ଧିର ଏକ କାରଣ ବିଷୟରେ ଆପଣ ଜାଣନ୍ତି ? କେତେକଙ୍କର ଅଭ୍ୟାସ ଥାଏ ଯେ ସେମାନେ ଖାଇବା ସମୟରେ ହେଉ ଅବା ଠିକ୍ ଖାଇ ସାରିବା ପରେ ପରେ ପାଣି ପିଇଥାଆନ୍ତି। ଏହାଦ୍ୱାରା ଓଜନ ବଢ଼ିଥାଏ। ତେଣୁ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପୂର୍ବରୁ କିମ୍ବା ପରେ ପାଣି ପିଅନ୍ତୁ।

➔ଦାନ୍ତମୂଳ ଯେପରି ପରିଷ୍କାର ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଖାଦ୍ୟର ଅବଶିଷ୍ଟାଂଶ ଦାନ୍ତ ମୂଳରେ ରହିଗଲେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଖାଇ ସାରିବା ପରେ ଭଲ ଭାବରେ କୁଳି କରନ୍ତୁ। କେବଳ ସକାଳେ ନୁହେଁ, ରାତ୍ରଭୋଜନ ପରେ ଭଲ ଭାବରେ ଦାନ୍ତ ଘଷନ୍ତୁ।

➔ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍‌ର ଭଲ ପ୍ରଭାବ ଶରୀର ଉପରେ ପଡ଼ିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ। ତା' ସହ ଅଣ୍ଟାଜନିତ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ମିଳିଥାଏ।

➔ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। ତା' ସହ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➔ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ ରକ୍ଷା କରିଥାଏ।

➔ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରି ପାରିବେ।



## ବାଦଲ ଫଟା ବର୍ଷା

(ଶେଷ ଭାଗ)

ତେବେ ପ୍ରଶ୍ନ ଉଠେ ଯେ ଆମର ହିମାଳୟ ଅଞ୍ଚଳ ଏତେ ବାଦଲଫଟା ପ୍ରବଣ କାହିଁକି? ପ୍ରକୃତରେ ହିମାଳୟ ପର୍ବତମାଳାରେ ସମୁଦ୍ର ପତ୍ତନଠାରୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ। କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥଠାରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ। ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର। ଏଠାକାର ଉତ୍ତୁଙ୍ଗ ପର୍ବତମାଳାରେ ବାଧାପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରେ।

ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣକୁ ସାଧାରଣତଃ ମିଲିମିଟର (ମି.ମି.) ଏକକରେ ପ୍ରକାଶ କରାଯାଏ। ଏହି ଏକକରେ, ବୃଷ୍ଟିପାତ ସମୟରେ ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ। ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତାହାକୁ ସ୍ୱଳ୍ପ ବର୍ଷା, ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ସୀମିତ ରହିଲେ ମଧ୍ୟମ ବର୍ଷା, ୧୦ ମି.ମି.ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା ଏବଂ ୫୦ ମି.ମି.ରୁ ଅଧିକ ହେଲେ ପ୍ରବଳ ବର୍ଷା ବୋଲି କୁହାଯାଏ। ମାତ୍ର କୌଣସି ସ୍ଥାନରେ ଏକ ଘଣ୍ଟା ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ପାଣିପାଗ ବିଜ୍ଞାନର ପରିଭାଷା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ। ଅର୍ଥାତ କୌଣସି ସ୍ଥାନରେ ବୃଷ୍ଟିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା ପରିସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ। ଏଭଳି ଅଚାନକ ଓ ପ୍ରବଳ ବୃଷ୍ଟିପାତ କାରଣରୁ କୌଣସି ସୀମିତ ଓ ଆବଦ୍ଧ ସ୍ଥାନରେ ଜଳର ନିଷ୍କାସନ ଘଟି ନ ପାରି ବନ୍ୟା ଆସିବା ସ୍ୱାଭାବିକ।

ଏବେ ବିଶ୍ୱରେ ବାଦଲ ଫାଟିବା ଘଟଣାର ପ୍ରବଳତା ତଥା ବାରମ୍ବାରତା ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ପ୍ରକୃତିର ଏହି ବିଗିଡା ମିଜାଜକୁ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟ ବିଶ୍ୱ ତାପନ ପ୍ରକ୍ରିୟା ସହିତ ସଂଶ୍ଳିଷ୍ଟ କରାଯାଉଛି। ବାୟୁମଣ୍ଡଳ ଓ ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁ ଜଳର ବାଷ୍ପିଭବନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ଏବଂ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଜମାହୋଇ ବାଦଲ ଫାଟିବା ଘଟଣାର କାରଣ ହେଉଛି।



ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇପାରିବ ନାହିଁ ଏବଂ ଏଥି ନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ। କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏକମାତ୍ର ପ୍ରତିକାର ବ୍ୟବସ୍ଥା। ସରକାରଙ୍କ ତରଫରୁ ବାଦଲଫଟା ପ୍ରବଣ ସ୍ଥାନଗୁଡିକରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ଏହି ବିପର୍ଯ୍ୟୟର ତୀବ୍ରତା ଓ ପ୍ରକୋପତାକୁ ପ୍ରଶମନ କରାଯାଇ ପାରିବ।

-ନିକୁଞ୍ଜ ବିହାରୀ ସାହୁ,
ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୮/୨୦୨୫ Bhubaneswar, Monday, September 8/ 2025

# ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ଚାମ୍ପିୟନ ଟ୍ରଫି ସହ ଭାରତୀୟ ହକି ଦଳ।

## ହକି ଏସିଆ କପ୍
### ଭାରତର ଚତୁର୍ଥ ଟାଇଟଲ

ରାଜଗିର(ବିହାର),୭।୯

ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକିଏସିଆ କପ୍‌ର ୧୨ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚାମ୍ପିୟନ ହୋଇଛି। ଭାରତୀୟ ଦଳ ଚତୁର୍ଥ ଥର ପାଇଁ ଏହି ଟ୍ରଫି ଉଠାଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତାବର୍ଷ ହେବାକୁ ଥିବା ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ଭାରତ ପାଇଁ ଡବଲ ଗୋଲ୍ କରିଥିବା ଦିଲ୍‌ପ୍ରୀତ୍ ସିଂଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ତେବେ ଟୁର୍ନାମେଣ୍ଟରେ ସର୍ବାଧିକ ୫ ଥର ଟାଇଟଲ ଜିତିବାର ରେକର୍ଡ କୋରିଆ ନାମରେ ରହିଛି। ସର୍ବାଧିକ ଥର ଟାଇଟଲ ଜିତିବାରେ କୋରିଆ ପଛକୁ ୪ ଟାଇଟଲ ସହ ଭାରତ ଦ୍ୱିତୀୟ ସ୍ଥାନରେ ଓ ପାକିସ୍ତାନ ୩ ଟାଇଟଲ ସହ ତୃତୀୟ ସ୍ଥାନରେ ରହିଛି। ଅନ୍ତିମ ଥର ଭାରତ ୨୦୧୭ରେ ଢାକାରେ ଅନୁଷ୍ଠିତ ସଂସ୍କରଣରେ ଟ୍ରଫି ଉଠାଇଥିଲା।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣେଇଥିଲା। ଫଳରେ ପ୍ରଥମ ମିନିଟ୍‌ରେ ହରମନପ୍ରୀତ ସିଂଙ୍କଠାରୁ ପାଇଥିବା ପାସ୍‌କୁ ସୁଖଜିତ ସିଂ ଗୋଲରେ ପରିଣତ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହେଲେ ଜୁଗରାଜ ସିଂ ଏହାକୁ ଗୋଲ୍‌ରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦିଲପ୍ରୀତ ସିଂ ଚମତ୍କାର ଢଙ୍ଗରେ ଏକ ଫିଲ୍ଡ ଗୋଲ୍ କରିଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତୀୟ ଦଳ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଦିଲପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତୀୟ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ଚତୁର୍ଥ କ୍ୱାର୍ଟରରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଓଡ଼ିଶାର ଅମିତ ରୋହିଦାଶ ଗୋଲରେ ପରିଣତ କରିଥିଲେ। ଏହାର ଏକ ମିନିଟ୍ ପରେ କୋରିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ସନ ଡେନ ଗୋଲରେ ପରିଣତ କରି ଏକମାତ୍ର ଗୋଲ ପରିଶୋଧ କରିଥିଲେ।


ଭୁବନେଶ୍ୱର: ଦୁଇ ଥର ବିଶ୍ୱ କରାଟେ ସେନସେଇ ଅମିର ମେହଦି ଜେଦେ ରବିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କଳିଙ୍ଗ ଷ୍ଟାଡିୟମଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ନିକଟରେ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ଓ ରାଜ୍ୟ କରାଟେ ସଂଘର ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

# ନେମାରଙ୍କ ପାଇଁ ଛାଡ଼ିଗଲେ ୧୦ ହଜାର କୋଟି

ବ୍ରାସିଲ,୭।୯

ନିକଟରେ ପ୍ରାଣ ହରାଇଥିବା ବ୍ରାଜିଲର ଜଣେ ଧନୀ ବ୍ୟକ୍ତି ଫୁଟବଲ ସୁପରଷ୍ଟାର ନେମାରଙ୍କ ଲାଗି ୧୦ ହଜାରରୁ ଅଧିକ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ, ବ୍ରାଜିଲର ଜଣେ କୋଟିପତି ତାଙ୍କ ୱିଲ୍‌ରେ ନେମାରଙ୍କ ଲାଗି ୮୪୬ ମିଲିଅନ୍ ପାଉଣ୍ଡ୍ସ ବା ୧୦,୦୭୭ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ନେମାରଙ୍କ ଭଳି ଉକ୍ତ କୋଟିପତିଙ୍କ ଦେଶ ବ୍ରାଜିଲ ହୋଇଥିଲେ ବି ଦୁହେଁ କଦାପି ପରସ୍ପରକୁ ଭେଟି ନ ଥିଲେ। ଉକ୍ତ ଅଜ୍ଞାତ କୋଟିପତିଙ୍କ ପତ୍ନୀ କିମ୍ବା କୌଣସି ଛୁଆ ନ ଥିଲେ। ତାଙ୍କର ୱିଲ ପୋର୍ଟୋ ଆଲେଗ୍ରେ କାର୍ଯ୍ୟାଳୟରେ ଚୂଡ଼ାନ୍ତ ହୋଇଛି ଏବଂ ସେଥିରେ ଜୁନ ୧୨ ତାରିଖରେ ଦୁଇ ସାକ୍ଷୀଙ୍କ ହସ୍ତାକ୍ଷର ରହିଛି। ତେବେ ଏ ସଂକ୍ରାନ୍ତରେ ନେମାର କୌଣସି ପ୍ରତିକ୍ରିୟା ରଖି ନାହାନ୍ତି।

# ଭର୍ଷ୍ଟାପେନ୍ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

ମୋଞ୍ଜା (ଇଟାଲି), ୭।୯ (ଏପି)



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଚମତ୍କାର ଡ୍ରାଇଭିଂ କରି ଟାଇଟଲ ଦାବିଦାର ମ୍ୟାକଲରେନର ଦୁଇ ଡ୍ରାଇଭର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଏଠାରେ ରବିବାର ଅନୁଷ୍ଠିତ ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ମେ ମାସ ପରେ ଏହା ତାଙ୍କର ପ୍ରଥମ ଏବଂ ସିଜନରେ ତୃତୀୟ ଟାଇଟଲ। ଏହି ୪ଥର ବିଶ୍ୱ ଚାମ୍ପିୟନ ଶନିବାର ଫର୍ମୁଲା-୧ ଇତିହାସରେ ଦ୍ରୁତତମ ଲାପ୍ ସହ ପୋଲ୍ ପୋଜିସନ ହାସଲ କରିଥିଲେ। ରବିବାର ଫଳାଫଳ ପରେ ଟାଇଟଲ ଦୌଡ଼ରେ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ତାଙ୍କ ଟିମ୍‌ମେଟ୍ ନୋରିସଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୩୧କୁ ହ୍ରାସ ପାଇଛି। ରେସ୍ ଆରମ୍ଭ ପୂର୍ବରୁ ନୋରିସ ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କଠାରୁ ୩୪ ପଏଣ୍ଟ ପଛରେ ଥିଲେ। ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍ଲେର୍କ (ଫେରାରି), ଜର୍ଜ ରସେଲ (ମର୍ସିଡିଜ୍), ଲୁଇସ୍ ହାମିଲଟନ (ଫେରାରି), ଆଲେକ୍‌ଜାଣ୍ଡର ଆଲବନ୍ (ୱିଲିୟମ୍ସ), ଗାବ୍ରିଏଲ୍ ବୋର୍ଟୋଲେଟୋ (ସୌବେର), କିମି ଆଣ୍ଟୋନେଲି (ମର୍ସିଡିଜ୍) ଓ ଆଇଜାକ୍ ହାଜାର।

## ଜଷ୍ଟିସ ରାଓଙ୍କ ନେତୃତ୍ୱରେ ୩ ଜଣିଆ କମିଟି ଗଠିତ

ନୂଆଦିଲ୍ଲୀ,୭।୯(ପି.ଟି.): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ନୂଆ କମିସିଆଲ ପାର୍ଟନର ଖୋଜିବା ପାଇଁ ପୂରା ଟେଣ୍ଡର ପ୍ରକ୍ରିୟାର ତଦାରଖ ଲାଗି ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ପୂର୍ବତନ ଜଷ୍ଟିସ ଏଲ୍ ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଏକ ୩ ଜଣିଆ କମିଟି ଗଠନ କରିଛି। କମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ଏସିଆନ ଫୁଟବଲ କନ୍‌ଫେଡେରେଶନ (ଏଏଫ୍‌ସି) ଅଡିଟ୍ ଓ କମ୍ପ୍ଲାଏନ୍ସ କମିଟି ସଦସ୍ୟ କେଶବରନ ମୁରୁଗାସୁ ଓ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଦ୍ୱିତୀୟ ରାଜ୍ୟ ସ୍କୁଲ୍ ଓପନ ଚେସ୍: ସତ୍ୟମ୍ ସ୍ୱରୂପ ଚାମ୍ପିୟନ

ଭୁବନେଶ୍ୱର, ୭।୯ (ବିଜୟ ରଣା)

ଡିଏଭି ସ୍କୁଲ ପୋଖରିପୁଟ୍ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟ ସ୍କୁଲ୍ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଗୁରୁନାନକ ପବ୍ଲିକ ସ୍କୁଲ, କଟକର ସତ୍ୟମ୍ ସ୍ୱରୂପ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱରର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ନାରାୟଣ -ଇ- ଟେକ୍ନୋ ସ୍କୁଲର ଆୟାବ୍ରତ ମହାନ୍ତି, ଆପିଜେ ସ୍କୁଲର ପ୍ରାଞ୍ଜୁ ଦାଶ ଓ ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍-୮ର ଆକର୍ଷ ପ୍ରକାଶ ପ୍ରତ୍ୟେକ ୪ ପଏଣ୍ଟ ସହ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଶ୍ରେୟାଂଶୀ ଛୋଟରାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ମିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ହୋଇଥିଲେ। ୧୪ବର୍ଷରୁ କମ୍, ୧୨ବର୍ଷରୁ କମ୍, ୧୦ବର୍ଷରୁ କମ୍ ଓ ୮ ବର୍ଷରୁ କମ୍ ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଭି ପବ୍ଲିକ ସ୍କୁଲ, ପୋଖରିପୁଟର ପ୍ରିନ୍ସିପାଲ ବିପିନ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର ସିନିୟର ସୁପରଭାଇଜର ଶଶିକାନ୍ତ ପତି, ଟୁର୍ନାମେଣ୍ଟ ଡାଇରେକ୍ଟର ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।




# ସାବାଲେଙ୍କାଙ୍କୁ ଚତୁର୍ଥ ଗ୍ରାଣ୍ଡସ୍ଲାମ


ଟ୍ରଫି ସହ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଆରିନା ସାବାଲେଙ୍କା।

## ୟୁଏସ୍ ଓପନ

ନ୍ୟୁୟର୍କ, ୭।୯

ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ସଫଳତାର ସହ ତାଙ୍କର ୟୁଏସ୍ ଓପନ ଟାଇଟଲ ବଜାୟ ରଖିଛନ୍ତି। ଏଥିସହିତ ସେ ଟେନିସ ଲିଜେଣ୍ଡ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳି ଭାବେ ସାବାଲେଙ୍କା ୟୁଏସ୍ ଓପନରେ ଟାଇଟଲ ବଜାୟ ରଖିଛନ୍ତି। ସେରେନା ୨୦୧୪ରେ ପ୍ରଥମ ମହିଳା ଭାବେ ୟୁଏସ୍ ଓପନରେ ଲଗାତର ତୃତୀୟ ଥର ଟାଇଟଲ ଜିତିଥିଲେ। ଚଳିତ ୟୁଏସ୍ ଓପନରେ ଟାଇଟଲ ଜିତିବା ପୂର୍ବରୁ ୨୭ ବର୍ଷୀୟ ସାବାଲେଙ୍କା ସେମିଫାଇନାଲରେ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଏବଂ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ଓ ମୋଟ ଉପରେ ୨୧ତମ ଟାଇଟଲ। ଅନ୍ୟପକ୍ଷରେ ୨୪ ବର୍ଷୀୟା ଆନିସିମୋଭାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅପେକ୍ଷା ଜାରି ରହିଛି। ସେ ଏଥିପୂର୍ବରୁ ୱିମ୍ବଲଡନ ଫାଇନାଲରେ ଇଗା ସ୍ୱିଟେକଙ୍କଠାରୁ ପରାସ୍ତ ହୋଇଥିଲେ। ପରାଜୟ ସତ୍ତ୍ୱେ ସେ ଡବ୍ଲ୍ୟୁଟିଏ ର‍୍ୟାଙ୍କିଙ୍ଗରେ ଚତୁର୍ଥ ସ୍ଥାନକୁ ଉଠିବା ସ୍ପଷ୍ଟ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ସାବାଲେଙ୍କା ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ (୭/୩) ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ଏକ ଘଣ୍ଟା ୩୪ ମିନିଟ୍ ଧରି ଚାଲିଥିବା ମୁକାବିଲାରେ ସାବାଲେଙ୍କା ପ୍ରଥମ ସେଟ୍‌କୁ ଅପେକ୍ଷାକୃତ ସହଜରେ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ତାଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରିକି ଦ୍ୱିତୀୟ ସେଟ୍‌ର ଫଳାଫଳ ପାଇଁ ଟାଇବ୍ରେକର ସହାୟତା ନିଆଯାଇଥିଲା। ହେଲେ ଏଥିରେ ବେଲାରୁଷର ସାବାଲେଙ୍କା ବାଜି ମାରି ନେଇଥିଲେ।

## ଗ୍ରାନୋଲର୍ସ-ଜେବାଲସଙ୍କୁ ପୁରୁଷ ଡବଲ୍ସ ଟାଇଟଲ

ପଞ୍ଚମ ସିଡ୍ ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ ୟୁଏସ୍ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଚଳିତ ସିଜନରେ ଏହା ସେମାନଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହି ସ୍ପାନିଶ-ଆର୍ଜେଣ୍ଟିଲନ ଯୋଡ଼ି ରବିବାର ଅନୁଷ୍ଠିତ ଫାଇନାଲରେ ୩-୬, ୭-୬ (୭/୪), ୭-୫ ସେଟ୍‌ରେ ବ୍ରିଟିଶ ଯୋଡ଼ି ଜୋ ସାଲିସବରୀ ଓ ନିଲ ସ୍କୁପସ୍କିଙ୍କୁ ପରାସ୍ତ କରିଛନ୍ତି। ଏହା ଗ୍ରାନୋଲର୍ସ ଓ ଜେବାଲ୍ସଙ୍କ ଦ୍ୱିତୀୟ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେମାନେ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଫାଇନାଲରେ ହରାଇ ଫ୍ରେଞ୍ଚ ଓପନ ଜିତିଥିଲେ। ଗ୍ରାନୋଲର୍ସ ଓ ଜେବାଲସ ୨୦୧୯ ୟୁଏସ୍ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ।


ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ।

# ପୁରୁଷ କମ୍ପାଉଣ୍ଡ ଟିମ୍‌କୁ ସ୍ୱର୍ଣ୍ଣ ପଦକ

## ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍

ଗ୍ୱାଙ୍ଗଜୁ, ୭।୯ (ପି.ଟି.)

ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳ କମ୍ପାଉଣ୍ଡ ଇଭେଣ୍ଟରେ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ୮ବର୍ଷରେ ପ୍ରଥମ ଥର ପୋଡିୟମ ଫିନିଶ କରିପାରିନାହିଁ। ଭାରତର ଟପ୍ କ୍ୱାଲିଫାୟର ଋଷଭ ଯାଦବ ମଧ୍ୟ ଏକ ଡବଲ୍ ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଜ୍ୟୋତି ସୁରେଖାଙ୍କ ସହ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିପାରିଛନ୍ତି। ୨୦୧୭ରୁ ସ୍ଥିର ପ୍ରଦର୍ଶନ କରି ପଦକ ଜିତିଆସୁଥିବା ମହିଳା ଦଳ କିନ୍ତୁ ଏଥର ପ୍ରି-କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛି। ଦ୍ୱିତୀୟ ସିଡ୍ ଯାଦବ ବ୍ୟକ୍ତିଗତ କ୍ୱାଲିଫାୟରରେ ୮ମ ସ୍ଥାନ ଅଧିକାର କରିଥିଲେ। ତେବେ ଭାରତୀୟ ପୁରୁଷ ତ୍ରୟ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଫାଇନାଲରେ ଫ୍ରାନ୍ସ ଦଳକୁ ୨୩୫-୨୩୩ରେ ହରାଇ ଦେଇଥିଲେ। ଫ୍ରାନ୍ସ ତରଫରୁ ନିକୋଲାସ ଜିରାର୍ଡ, ଜିନ୍ ଫିଲିପ ବୋଲଚ ଓ ଫ୍ରାଙ୍କୋଇସ୍ ଡୁବୋଇସ୍ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କିନ୍ତୁ ଭାରତୀୟ ୟୁନିଟ୍ ଚାପରେ ଥାଇ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତୀୟ ଦଳର ଏହି ବିଜୟ ପଛରେ ଅଧିକ ଶ୍ରେୟ ଫୁଗେଙ୍କୁ ଯିବ। କାରଣ ଭାରତ ସର୍ବନିମ୍ନ କ୍ୱାଲିଫାୟର ଭାବେ ୧୯ତମ ସ୍ଥାନରେ ରହିଥିଲା। ଦଳର ଆରମ୍ଭ ତ୍ରୁଟିପୂର୍ଣ୍ଣ ଥିଲା। ୯-ଏସ୍ ସହ ମଧ୍ୟ ଉତ୍ସାହଜନକ ନ ଥିଲା। ମାତ୍ର ଏହି ୨୨ ବର୍ଷୀୟଙ୍କ ଏକ ଡିସିସିଭ ଫାଇନାଲ ଆରୋ ସମେତ କ୍ରମାଗତ ସିକ୍ସ ୧୦ଏସ୍ ଯୋଗୁ ଭାରତ ଐତିହାସିକ ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଥିଲା। କେବଳ ଫୁଗେ ନୁହନ୍ତି ଏହି ୩ ତୀରନ୍ଦାଜଙ୍କ ମଧ୍ୟରୁ ପ୍ରତ୍ୟେକ ସଦସ୍ୟ ଚାପକୁ ଠିକଣା ରୂପେ ହାତେଇ ପାରିଥିଲେ ବୋଲି ଭାରତର ମୁଖ୍ୟ କମ୍ପାଉଣ୍ଡ କୋଚ୍ ଜୀବନଜ୍ୟୋତ ସିଂ ତେଜା ପ୍ରକାଶ କରିଛନ୍ତି।



ଅମନ ସଇନି, ଋଷଭ ଯାଦବ ଓ ପ୍ରଥମେଶ ଫୁଗେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ